# ଧରିତ୍ରୀ
DHARITRI

ଢେଙ୍କାନାଳ, ଶନିବାର, ଫେବୃୟାରୀ ୧୩/୨୦୨୧ (୧୬ ପୃଷ୍ଠା) | Dhenkanal, Saturday, February 13/2021 | ★★★★★

୧୬ଶ ଭାଗ ୨୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଚତୁର୍ଥ ରାଉଣ୍ଡରେ ଓସାକା**

ଅଷ୍ଟ୍ରେଲିଆନ ଓପନ୍ ଟେନିସ ମହିଳା ସିଙ୍ଗଲ୍ସରେ ଜାପାନର ତୃତୀୟ ସିଡ୍ ଖେଳାଳି ନାଓମି ଓସାକା ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୬

୧୪

**ଇ-ରିକ୍ସା ଚଲାଇଲେ ଜାହ୍ନବୀ**

ସୋସିଆଲ୍ ମିଡିଆରେ ଖୁବ୍ ଆକ୍ଟିଭ ଜାହ୍ନବୀ କପୁର ଫିଲ୍ମ 'ଗୁଡ୍ ଲକ୍ ଜେରି' ଶୁଟିଂରେ ବ୍ୟସ୍ତ ଥିବାବେଳେ ଇ-ରିକ୍ସା ଚଲାଉଥିବା ଭିଡିଓ ଶେୟାର କରିଛନ୍ତି।



# ୧୯କୁ ଘୁଞ୍ଚିଲା ଶୁଣାଣି

**ନୂଆଦିଲ୍ଲୀ,୧୨।୨(ପି.ଟି.)**



**କୋଟିଆ ଲଢ଼େଇ**

- ମତଦାନ ସ୍ଥଗିତ କଲେନି ସୁପ୍ରିମକୋର୍ଟ
- ସପ୍ତାହେ ଭିତରେ ଜବାବ ଦେବାକୁ ଆନ୍ଧ୍ରକୁ ନିର୍ଦ୍ଦେଶ
- ଅଦାଲତ ଅବମାନନା ନେଇ ଦ୍ୱାରସ୍ଥ ହୋଇଛି ଓଡ଼ିଶା

କୋଟିଆ ସୀମା ବିବାଦକୁ ନେଇ ଓଡ଼ିଶା ପକ୍ଷରୁ ଦାଏର ଅଦାଲତ ଅବମାନନା ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ଆନ୍ଧ୍ର ପ୍ରଦେଶକୁ ଜବାବ ତଲବ କରିଛନ୍ତି। ତେବେ ଶନିବାର ଆନ୍ଧ୍ର ପକ୍ଷରୁ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଜାରି କରିନାହାନ୍ତି। ଆନ୍ଧ୍ରର ଜବାବ ମିଳିବା ପରେ ଆସନ୍ତା ୧୯ରେ ଏହି ପ୍ରସଙ୍ଗରେ ବିଚାର କରାଯିବ ବୋଲି ଦୁଇଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଆନ୍ତଃ ରାଜ୍ୟ ସୀମା ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। କୋରାପୁଟ ସୀମାନ୍ତ ୨୮ ଗ୍ରାମକୁ ଆନ୍ଧ୍ର ମାଡ଼ିବସିଛି। କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତରେ ଥିବା ତଳଗଞ୍ଜେଇପଦର, ଫଗୁଣସେନେରି ଓ ଫାଟୁସିନେରି ଗ୍ରାମକୁ ଆନ୍ଧ୍ର ନିଜ ସାଲୁର ବ୍ଲକ୍‌ର ଦର୍ଶାଇ ସେଠାରେ ପଞ୍ଚାୟତ ନିର୍ବାଚନ କରାଉଛି। ପୂର୍ବରୁ ତଳଗଞ୍ଜେଇପଦର ଓ ଫଗୁଣସେନେରିରେ ନିର୍ଦ୍ୱନ୍ଦ୍ୱରେ ୨ ଜଣ ପ୍ରାର୍ଥୀ ନିର୍ବାଚିତ ହୋଇଥିବାବେଳେ ଫେବୃୟାରୀ ୧୩ ତାରିଖରେ ଫାଟୁସେନେରି ଗ୍ରାମରେ ଭୋଟଗ୍ରହଣ ହେବ। ଏହାକୁ ଚ୍ୟାଲେଞ୍ଜ କରି ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୫୦ ବର୍ଷ ପୂର୍ବେ ଦୁଇ ରାଜ୍ୟ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ଆନ୍ଧ୍ର ସରକାର ଉଲ୍ଲଂଘନ କରିଥିବା ଓଡ଼ିଶା ପକ୍ଷରୁ ପିଟିଶନରେ ଦର୍ଶାଯାଇଛି। କୋଟିଆ ସୀମା ବିବାଦ ବିଚାରାଧୀନ ଥିବାରୁ ବିବାଦୀୟ ଅଞ୍ଚଳରେ ସ୍ଥିତାବସ୍ଥା ବଜାୟ ରଖିବାକୁ ୧୯୬୮ ଡିସେମ୍ବର ୨ରେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରାଇବା ପାଇଁ ଏକତରଫା ନିଷ୍ପତ୍ତି ନେଇ ଉକ୍ତ ନିର୍ଦ୍ଦେଶନାମାର ଉଲ୍ଲଂଘନ କରିଥିବା ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂ ଓ ଶିବୁ ଶଙ୍କର ମିଶ୍ର ଗୁରୁବାର ଅଦାଲତ ଅବମାନନା ପିଟିଶନରେ ଦର୍ଶାଇଥିଲେ। ଉକ୍ତ ଆବେଦନର ଜରୁରୀ ଶୁଣାଣି ପାଇଁ ଉଭୟେ ଅନୁରୋଧ କରିଥିଲେ। ଓଡ଼ିଶାର ଆବେଦନ ଉପରେ ଶୁକ୍ରବାର ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଓ ଅନିରୁଦ୍ଧ ବୋଷଙ୍କ ଖଣ୍ଡପୀଠରେ ଶୁଣାଣି ହୋଇଛି। ସଂକ୍ଷିପ୍ତ ଶୁଣାଣି ବେଳେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବିକାଶ ସିଂ କହିଥିଲେ, ୨୦୦୬ ମାର୍ଚ୍ଚ ୩୦ ରାୟ ଅନୁସାରେ ସମ୍ପୃକ୍ତ ଅଞ୍ଚଳରେ ଦୁଇରାଜ୍ୟ ସ୍ଥିତାବସ୍ଥା ବଜାୟ ରଖିବା ଉଚିତ। କିନ୍ତୁ ଓଡ଼ିଶା ନିୟନ୍ତ୍ରଣରେ ☞ପୃଷ୍ଠା-୧୩

## ଆଜି ଫାଟୁସିନେରିରେ ଆନ୍ଧ୍ରର ଭୋଟ

### ମଇଦାନରେ ୨ ସରପଞ୍ଚ,୧୬ ୱାର୍ଡସଭ୍ୟ ପ୍ରାର୍ଥୀ

**ପଟ୍ଟାଙ୍ଗୀ,୧୨।୨(ଡି.ଏନ୍.ଏ.)**

ଆନ୍ଧ୍ର ସରକାର ଓଡ଼ିଶାର କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତର ୩ ଗ୍ରାମକୁ ପଞ୍ଚାୟତ ମାନ୍ୟତା ଦେଇ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରୁଥିବା ଜଣାପଡ଼ିବା ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବ୍ଲକଠାରୁ ଆରମ୍ଭକରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ସଜାଗ ରହିଛନ୍ତି। ଏହାକୁ ନେଇ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥଲେ ମଧ୍ୟ ଏହାର କୌଣସି ପ୍ରଭାବ ଆନ୍ଧ୍ର ସରକାରଙ୍କ ଉପରେ ପଡିନାହିଁ। ଖବରରୁ ଜଣାପଡିଛି ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତର ୨୮ଟି ଗ୍ରାମ ମଧ୍ୟରୁ ୨୧ଟି ଗ୍ରାମ ବିବାଦରେ ରହିଛି। ଏହି ବିବାଦ ଆନ୍ଧ୍ର ସରକାରଙ୍କ ସହ ଚାଲିଛି। ବିବାଦୀୟ ଗ୍ରାମଗୁଡିକ ମଧ୍ୟରୁ ତଳ ଗଞ୍ଜେଇପଦର, ଫଗୁଣସିନେରି ଓ ଫାଟୁସିନେରି ଆଦି ତିନି ଗ୍ରାମକୁ ଆନ୍ଧ୍ର ସରକାର ପଞ୍ଚାୟତର ମାନ୍ୟତା ଦେଇ ଏବେ ସେଠାରେ ନିର୍ବାଚନ କରୁଛନ୍ତି। ଏନେଇ ଆନ୍ଧ୍ର ସରକାର ☞ପୃଷ୍ଠା-୧୩

## ବାଣ କାରଖାନାରେ ବିସ୍ଫୋରଣ

### ୧୫ ଦଗ୍ଧ, ୧୮ ଗୁରୁତର



ବିସ୍ଫୋରଣରେ ଧ୍ୱସ୍ତବିଧ୍ୱସ୍ତ ବାଣ କାରଖାନା।

**ବିରୁଧୁନଗର,୧୨।୨(ପି.ଟି.)**

ତାମିଲନାଡୁସ୍ଥିତ ବିରୁଧୁନଗର ଜିଲାର ଏକ ବାଣ କାରଖାନାରେ ଶୁକ୍ରବାର ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୧୫ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ୧୮ ଜଣ ଗୁରୁତର ହୋଇଛନ୍ତି।

ଭେମ୍ବାକୋଟ୍ଟାଇସ୍ଥିତ କୋଟ୍ଟାଇପଟ୍ଟି ନିକଟ ଅଚାନକୁଲମର ବାଣ ତିଆରି କାରଖାନାରେ ପ୍ରାୟ ୫୦ ଶ୍ରମିକ କାମ କରୁଥିବାବେଳେ ଅପରାହ୍ନରେ ହଠାତ୍ ବିସ୍ଫୋରଣ ହୋଇଥିଲା। ଚାହୁଁ ଚାହୁଁ ଚତୁର୍ଦ୍ଦିଗକୁ ନିଆଁ ବ୍ୟାପିଯାଇଥିଲା। ଖବରପାଇ ଡିଷ୍ଟ୍ରିକ୍ଟ ଫାୟାର ଅଫିସର ଗେଣଶନ୍‌ଙ୍କ ନେତୃତ୍ୱରେ ଭେମ୍ବାକୋଟ୍ଟାଇ, ସଟ୍ଟୁର ଓ ବିରୁଧୁନଗରର ୩ଟି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ୩୦ ଉଦ୍ଧାରକାରୀ ଏବଂ ୫ ଅଧିକାରୀ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲେ। ୧୧ ଶ୍ରମିକଙ୍କ ପୋଡ଼ା ମୃତଦେହ କଢ଼ାଯାଇଥିବାବେଳେ ସଟ୍ଟୁର ସରକାରୀ ହସ୍ପିଟାଲରେ ଅନ୍ୟ ୪ ଜଣ ଆଖି ବୁଜିଦେଇଥିଲେ। ☞ପୃଷ୍ଠା-୧୩

## ପେଟ୍ରୋଲ ୨୯, ଡିଜେଲ ୩୮ ପଇସା ବଢ଼ିଲା

**ନୂଆଦିଲ୍ଲୀ,୧୨।୨**

ଚଳିତ ବର୍ଷ ଆରମ୍ଭରୁ ତେଲ ଦର କ୍ରମାଗତ ଭାବରେ ବଢ଼ିଚାଲିଛି। ବର୍ଷ ଆରମ୍ଭରୁ ଶୁକ୍ରବାର ସୁଦ୍ଧା ମୋଟ ୧୬ ଥର ତେଲ ଦର ବଢ଼ିଲାଣି। ଜାନୁୟାରୀରେ ୧୦ଥର ଏବଂ ଫେବୃୟାରୀ ୧୨ ସୁଦ୍ଧା ୬ ଥର ଦର ବଢ଼ିସାରିଛି। ଏହି ସମୟ ମଧ୍ୟରେ ପେଟ୍ରୋଲ ୪.୪୩ ଟଙ୍କା ଓ ଡିଜେଲ ୪.୫୪ ଟଙ୍କା ମହଙ୍ଗା ହୋଇଛି।

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୯ ପଇସା ଏବଂ ଡିଜେଲ ୩୮ ପଇସା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଦର ୮୮.୮୩ ଟଙ୍କା ଏବଂ ଡିଜେଲ ଦର ୮୫.୪୦ ଟଙ୍କାକୁ ବୃଦ୍ଧି ଘଟିଛି। ସେହିପରି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୯ ପଇସା ଏବଂ ଡିଜେଲ ଉପରେ ୩୫ ପଇସା ବଢ଼ିଥିବା ସୂଚନା ମିଳିଛି। ଏହି ମୂଲ୍ୟ ବୃଦ୍ଧି ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୮୮.୧୪ ଟଙ୍କା ଓ ଡିଜେଲ ଦର ଲିଟର ପିଛା ୭୮.୩୮ ଟଙ୍କାରେ ପହଞ୍ଚିଛି। ସେହିଭଳି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ଯଥାକ୍ରମେ ୯୦.୪୪ ଟଙ୍କା, ୮୯.୪୪ ଟଙ୍କା ଏବଂ ୯୪.୬୪ ଟଙ୍କା ରହିଥିବା ଜଣାପଡ଼ିଛି। ଅନୁରୂପ ଭାବେ ☞ପୃଷ୍ଠା-୪





**ଆଜିର ସମ୍ପାଦକୀୟ**

**ଆଉ ଏକ ଅଭିଯାନ**

## ଆୟୋଜକ କମିଟି ଅଧ୍ୟକ୍ଷ ମୋରିଙ୍କ ଇସ୍ତଫା

**ଟୋକିଓ, ୧୨।୨(ଏପି)**

**ଟୋକିଓ ଅଲିମ୍ପିକ୍ସ**



ୟୋଶିରୋ ମୋରି

ଟୋକିଓ ଅଲିମ୍ପିକ୍ସ ଆୟୋଜକ କମିଟି ମୁଖ୍ୟ ୟୋଶିରୋ ମୋରି ଶୁକ୍ରବାର ପଦବୀରୁ ଇସ୍ତଫା ଦେଇଛନ୍ତି। 'ମହିଳାମାନେ ଅଧିକ କଥାବାର୍ତ୍ତା କରିଥାନ୍ତି'। ଏଭଳି ମହିଳା ବିରୋଧୀ ମନ୍ତବ୍ୟ ଦେଇ ସେ ବିବାଦୀୟ ହୋଇପଡ଼ିଥିଲେ। ମୋରିଙ୍କ ଉତ୍ତରାଧିକାରୀ ବାଛିବା ପାଇଁ ଶୁକ୍ରବାର ଆୟୋଜକ କମିଟିର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ବସିଥିଲା। ମାତ୍ର ଏଥିରେ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା। ମୋରିଙ୍କ ଉତ୍ତରାଧିକାରୀ ଭାବେ ଜଣେ ମହିଳାଙ୍କୁ ମନୋନୀତ କରାଯିବ କି ନା ସେ ସମ୍ପର୍କରେ କିଛି ସ୍ପଷ୍ଟ କରି ନ ଥିଲେ ସିଇଓ ତୋଶିରୋ ମୁତୋ। ଚଳିତ ସପ୍ତାହ ପ୍ରଥମ ଭାଗରେ ବିବାଦୀୟ ମନ୍ତବ୍ୟ ଦେବା ପରେ ଏକ ସପ୍ତାହ ହେଲା ମୋରି ସମାଲୋଚିତ ହୋଇ ଆସୁଥିଲେ। ପ୍ରଥମାବସ୍ଥାରେ ସେ କ୍ଷମାପ୍ରାର୍ଥନା କରିବା ସହ ଇସ୍ତଫା ଦେବାକୁ ରୋକ୍‌ଠୋକ୍ ମନା କରିଦେଇଥିଲେ। ମାତ୍ର ଟେଲିଭିଜନ ସମୀକ୍ଷକ ଓ ପ୍ରାୟୋଜକଙ୍କ ପକ୍ଷରୁ ଇସ୍ତଫା ପାଇଁ ☞ପୃଷ୍ଠା-୪

## ବାଇ-ଲ'କୁ ତୁରନ୍ତ ହଟାଅ: ନବୀନ

**ଭୁବନେଶ୍ୱର,୧୨।୨(ବ୍ୟୁରୋ)**

ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷ(ଏନ୍‌ଏମ୍‌ଏ)ଙ୍କ ଚିଠା ବାଇ-ଲ'କୁ ନେଇ ବିବାଦ, ପ୍ରତିବାଦ ଓ କ୍ଷୋଭ ବଢ଼ିଚାଲିଛି। ତୀବ୍ର ପ୍ରତିବାଦ ଓ ବିରୋଧକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ପୁରୀ ଶ୍ରୀମନ୍ଦିର ବାଇ-ଲ'କୁ ପ୍ରତ୍ୟାହାର କରିନେଇଥିଲେ। କିନ୍ତୁ ଏକାମ୍ର କ୍ଷେତ୍ରର ମନ୍ଦିର ନିମନ୍ତେ ଉକ୍ତ ବାଇ-ଲ ଉଚ୍ଛେଦ ହୋଇନାହିଁ, ଯାହାକୁ ନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଉକ୍ତ ବାଇ-ଲ'କୁ ତୁରନ୍ତ ହଟାଇବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ବାଇ-ଲ'କୁ ବିରୋଧ କରି ଶୁକ୍ରବାର ସନ୍ଧ୍ୟାରେ ଏକାମ୍ର କ୍ଷେତ୍ରର ସେବାୟତ ଓ ସ୍ଥାନୀୟ ବାସିନ୍ଦା ସମୂହ ଦୀପଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ଏମ୍‌ପିମାନଙ୍କର ଏକ ପ୍ରତିନିଧି ☞ପୃଷ୍ଠା-୧୩







## ଚାଷୀ ଦେଶ ଅର୍ଥନୀତିର ସଞ୍ଜୀବନୀ





ଶୁକ୍ରବାର କାଳିଆ ଯୋଜନାର କିସ୍ତି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।

**କାଳିଆ ଯୋଜନା**

- ୫୩ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଦିଆଗଲା ୧୨୭୨ କୋଟି

**ଭୁବନେଶ୍ୱର, ୧୨।୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନଫରେନ୍ସ ଜରିଆରେ ୫୩ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏ କାଳିଆ ଯୋଜନା ବାବଦ ସହାୟତା ପ୍ରଦାନ କରିଛନ୍ତି। ଏ ବାବଦରେ ସମୁଦାୟ ୧୨୭୨ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ଏହି ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଯାଇଛି।

ସୂଚନାଯୋଗ୍ୟ, ନାମମାତ୍ର ଏବଂ ଭୂମିହୀନ ଚାଷୀଙ୍କୁ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟରେ ସହାୟତା କରିବା ପାଇଁ ୨୦୧୯ରେ କାଳିଆ ଯୋଜନା ଆରମ୍ଭ ହୋଇଥିଲା। ଏହା ଆଜି ଜାତୀୟସ୍ତରରେ ଏକ ଆଦର୍ଶ ଯୋଜନା ହୋଇପାରିଛି। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ କାଳିଆ ଯୋଜନା କାର୍ଯ୍ୟକାରୀ ହେବାପରେ ପୂର୍ବବର୍ଷ ଅପେକ୍ଷା ଚାଷୀମାନଙ୍କ ଋଣଭାର ଅପେକ୍ଷାକୃତ କମିପାରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ଚାଷୀ ସେମାନଙ୍କ ଉତ୍ପାଦିତ ଜିନିଷର ଉଚିତ ମୂଲ୍ୟ ପାଆନ୍ତୁ। ଚାଷୀଙ୍କ ରୋଜଗାର ବଢ଼ିବା ସହିତ ସେମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆସୁ। ଏହାସହ ରାଜ୍ୟର ଚାଷୀ କିଭଳି ସମ୍ମାନର ସହିତ ବଞ୍ଚିବେ ତା'ର ଲକ୍ଷ୍ୟ ନେଇ ସେ କାମ କରୁଥିବା କହିଛନ୍ତି। ☞ପୃଷ୍ଠା-୪

# ଶ୍ରୀକ୍ଷେତ୍ରରେ ପୁଣି ପର୍ଯ୍ୟଟକଙ୍କୁ ମାଡ଼

**ପୁରୀ ଅଫିସ,୧୨।୨**

ଶ୍ରୀକ୍ଷେତ୍ରରେ ପୁଣି ଥରେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ମାଡ଼ ମରାଯାଇଛି। ଏଥର କିନ୍ତୁ ସ୍ଥାନୀୟ ଲୋକ ନୁହେଁ ବରଂ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଶ୍ରୀମନ୍ଦିର ପଶ୍ଚିମଦ୍ୱାର ନିକଟରେ ଏହି ଘଟଣା ଘଟିଛି। ତେବେ ଏନେଇ ସମ୍ପୃକ୍ତ ପର୍ଯ୍ୟଟକଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇନାହିଁ। ଏହି ଘଟଣାର ତଦନ୍ତ ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲାରୁ ଏକ ବଙ୍ଗୀୟ ପରିବାରର ୯ ଜଣ ସଦସ୍ୟ ପୁରୀ ବୁଲି ଆସିଥିଲେ। ଶୁକ୍ରବାର ସକାଳେ ସେମାନେ ଶ୍ରୀମନ୍ଦିର ଆସି ଦାରୁଦିଅଁଙ୍କ ଦର୍ଶନ କରିଥିଲେ। ଦର୍ଶନ ସାରି ପଶ୍ଚିମଦ୍ୱାର ଦେଇ ବାହାରକୁ ବାହାରିଥିଲେ। ପରିବାର ସହ ଥିବା ଜଣେ ବୃଦ୍ଧାଙ୍କୁ ପଶ୍ଚିମ ଘର ଗୁମୁଟ ପାଖରେ ବସାଇ ଅଟୋ ଡାକିବା ପାଇଁ କେତେଜଣ ସଦସ୍ୟ ଚାଲିଯାଇଥିଲେ। କିଛି ସମୟ ପରେ ସେମାନେ ଫେରି ପଶ୍ଚିମ ଦ୍ୱାର ସମ୍ମୁଖକୁ ଅଟୋ ଡକାଇ ବୃଦ୍ଧାଙ୍କୁ ମନ୍ଦିର ଭିତରୁ ଆଣିବାକୁ ଉଦ୍ୟମ କରିବାବେଳେ ସେଠାରେ ଦାୟିତ୍ୱରତ ପୋଲିସ କର୍ମଚାରୀ ବାରଣ କରିଥିଲେ। ନୂଆ ଏସ୍‌ଓପି ଅନୁଯାୟୀ କେବଳ ସିଂହଦ୍ୱାର ଦେଇ ପ୍ରବେଶ ଅନୁମତି ରହିଛି। ତେଣୁ ସମ୍ପୃକ୍ତ ବଙ୍ଗୀୟ ପରିବାର ସଦସ୍ୟଙ୍କୁ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶକୁ ପୋଲିସ କର୍ମଚାରୀ ବିରୋଧ କରିଥିଲେ। ବଙ୍ଗୀୟ ପରିବାରର ସଦସ୍ୟମାନେ ଘଟଣା ସମ୍ପର୍କରେ ବୁଝାଇଥିଲେ ମଧ୍ୟ ପୋଲିସ କର୍ମଚାରୀ କିଛି ଶୁଣି ନ ଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇ ବଚସା ବଢ଼ିଥିଲା। ଏହି ସମୟରେ ପୋଲିସ କର୍ମଚାରୀ ସମ୍ପୃକ୍ତ ବଙ୍ଗୀୟ ପରିବାରର ଜଣେ ବରିଷ୍ଠ ସଦସ୍ୟ ପ୍ରିୟବ୍ରତ ସାହୁଙ୍କୁ ଠେଲାପେଲା କରିବା ସହ ମାଡ଼ ମାରିଥିଲେ। ଏହାକୁ ପରିବାର ଲୋକେ ପ୍ରଥମେ ବିରୋଧ କରିଥିଲେ ମଧ୍ୟ ପରେ ବୃଦ୍ଧାଙ୍କୁ ଛାଡ଼ିଦେବା ପାଇଁ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ହାତଯୋଡ଼ି ନେହୁରା ହୋଇଥିଲେ। ମାତ୍ର ଏଥିରେ ବି ପୋଲିସ କର୍ମଚାରୀଙ୍କ ହୃଦୟ ତରଳି ନ ଥିଲା। କେତେଜଣ ବରିଷ୍ଠ ସେବାୟତ ଓ ସ୍ଥାନୀୟ ଲୋକ ଏହା ଦେଖି ଘଟଣାରେ ହସ୍ତକ୍ଷେପ କରିବା ପରେ ବୃଦ୍ଧାଙ୍କୁ ଛଡ଼ାଯାଇଥିଲା। ସୂଚନାଯୋଗ୍ୟ, ଗତ ଫେବୃଆରୀ ୧ରେ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ପୁରୀରେ ମାଡ଼ ମରାଯାଇଥିଲା।



ପୋଲିସକୁ ବଙ୍ଗୀୟ ପର୍ଯ୍ୟଟକ ଜଣକ ହାତ ଯୋଡ଼ି ନେହୁରା ହେଉଛନ୍ତି।

### 'ପୋଲିସ ମୋ ସହ ଗୁଣ୍ଡା ଭଳି ବ୍ୟବହାର କରିଛି'

ପୋଲିସର ଏଭଳି ବ୍ୟବହାରକୁ ସମ୍ପୃକ୍ତ ପର୍ଯ୍ୟଟକ ତଥା ବଙ୍ଗୀୟ ପରିବାର ନାପସନ୍ଦ କରିଛନ୍ତି। ଗଣମାଧ୍ୟମ ଆଗରେ ସତ୍ୟବ୍ରତ କହିଛନ୍ତି, ଶ୍ରୀମନ୍ଦିର ପ୍ରବେଶ ନେଇ ଯାହା ନିୟମ ହୋଇଛି ସେସବୁକୁ ମାନିବାରେ କୌଣସି ସମସ୍ୟା ନାହିଁ। ଶୃଙ୍ଖଳିତ ଭାବେ ଦର୍ଶନ ହେବା ନିହାତି ଆବଶ୍ୟକ। ମାତ୍ର ପୋଲିସ ଆମ କଥା ନ ଶୁଣି ଏଭଳି ଭାବେ ଆକ୍ରମଣ କରିବା ଉଚିତ ହୋଇନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଉଚିତ୍। ପୋଲିସ ମୋ' ସହ ଗୁଣ୍ଡା ଭଳି ବ୍ୟବହାର କରିଛି। କର୍ମଚାରୀ ତାଙ୍କ ସାର୍ଟକୁ ଚିରିଦେବା ସହ ମାଡ଼ ମାରିଥିବା ସତ୍ୟବ୍ରତ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି।

### ସମ୍ପୃକ୍ତ ପର୍ଯ୍ୟଟକଙ୍କ ବିରୋଧରେ ମାମଲା

ଅନ୍ୟପକ୍ଷରେ ଏହି ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଥାନାରେ ଏକ ମାମଲା (ନଂ. ୧୧/୨୧) ରୁଜୁ କରାଯାଇଛି। ଅଜଣା ପର୍ଯ୍ୟଟକଙ୍କ ବିରୋଧରେ ପୋଲିସ ଆଇପିସି ଧାରା ୨୯୪, ୩୨୩, ୩୫୩ ଓ ୩୪ ସମେତ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ସେକ୍ସନ ୩୦ଏ (୪)(ବି) ଆଧାରରେ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ପଶ୍ଚିମ ଦ୍ୱାର ଦେଇ ସମ୍ପୃକ୍ତ ପର୍ଯ୍ୟଟକ ଜୋର ଜବରଦସ୍ତ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ସେଠାରେ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ଏହାକୁ ବିରୋଧ କରିବା ପରେ ସମ୍ପୃକ୍ତ ପର୍ଯ୍ୟଟକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଅଣସ୍ୱୀକୃତି ପ୍ରବେଶ ପାଇଁ ପୋଲିସ କର୍ମଚାରୀଙ୍କୁ ବାଧ୍ୟ କରିଥିଲେ। ଏ ନେଇ ୨୪ ଘଣ୍ଟା ମଧ୍ୟରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଅତିରିକ୍ତ ଏସ୍‌ପି ପି.ସି.ବଡଜେନାଙ୍କୁ ଏସ୍‌ପି କନୱର ବିଶାଲ ସିଂ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତରେ ଯେକୌଣସି ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି।

## ବିଧାୟକଙ୍କ ହେବ କରୋନା ଟେଷ୍ଟ

**ଭୁବନେଶ୍ୱର, ୧୨।୨(ବ୍ୟୁରୋ)**

ଆସନ୍ତା ୧୮ରୁ ବିଧାନସଭା ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। କୋଭିଡ୍ ସ୍ଥିତିରେ ସୁଧାର ଆସିଥିଲେ ହେଁ ଚଳିତଥର ମଧ୍ୟ ଅଧିବେଶନକାଳରେ ସମସ୍ତ ନିୟମାବଳୀକୁ ପାଳନ କରାଯିବ। ପୂର୍ବରୁ ଦୁଇଟି ଅଧିବେଶନ ଭଳି ଚଳିତ ଅଧିବେଶନ ଲାଗି ମଧ୍ୟ କୋଭିଡ୍ ଟେଷ୍ଟ କରାଯିବ। ଯାହାର ଟେଷ୍ଟ ରିପୋର୍ଟ ନେଗେଟିଭ୍ ଥିବ, ତାଙ୍କୁ ବିଧାନସଭାକୁ ପ୍ରବେଶ ଅନୁମତି ମିଳିବ। ସମସ୍ତ ବିଧାୟକ, ସେମାନଙ୍କ ସୁରକ୍ଷାକର୍ମୀ ଓ ଡ୍ରାଇଭରଙ୍କ କରୋନା ଟେଷ୍ଟ କରାଯିବ। ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ବିଧାନସଭା ପରିସରରେ ଏହି ଟେଷ୍ଟ ହେବ। ଏଥିସହ ଅଧିବେଶନ ସରିଲା ପରେ ବି ସମସ୍ତଙ୍କ ଆରଟି-ପିସିଆର ଟେଷ୍ଟ କରାଯିବ। ଅଧିବେଶନବେଳେ କେହି ସଦସ୍ୟ ଅସୁସ୍ଥ ହେଲେ ଟେଷ୍ଟ କରିବେ। ବିଧାନସଭା ସଚିବାଳୟ କର୍ମଚାରୀ ଓ ସିଏମ୍‌ଓ ଷ୍ଟାଫ୍‌ଙ୍କର ମଧ୍ୟ ଟେଷ୍ଟ ହେବ। ଏନେଇ ସ୍ୱାସ୍ଥ୍ୟ ବିଭାଗ ଗାଇଡ୍‌ଲାଇନ୍ ଜାରି କରିଛି।







**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୮୪,୬୫,୪୪୪ | ୨୩,୮୩,୩୨୦ | ୮,୦୪,୭୯,୭୩୪ |
| ଭାରତ | ୧,୦୮,୮୦,୭୯୪ | ୧,୫୫,୪୮୯ | ୧,୦୫,୮୯,୨୩୦ |
| ଓଡ଼ିଶା | ୩,୩୭,୦୪୨ | ୧୯୧୦(+୫୩) | ୩,୩୩,୨୮୦ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ଆରମ୍ଭ ହେଲା ଅନ୍‌ଲାଇନ୍ ବିଲ୍ଡିଂ ପ୍ଲାନ୍ ଅନୁମୋଦନ ବ୍ୟବସ୍ଥା

ଭୁବନେଶ୍ୱର,୧୨।୨(ବ୍ୟୁରୋ): ଅନ୍‌ଲାଇନ ବିଲ୍ଡିଂ ପ୍ଲାନ୍ ଅନୁମୋଦନ ବ୍ୟବସ୍ଥା(ଓବିପିଏଏସ୍)କୁ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଶୁକ୍ରବାର ଶୁଭାରମ୍ଭ କରିଛନ୍ତି। ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ନାଗରିକମାନଙ୍କୁ ଅତ୍ୟାଧୁନିକ ଆଇସିଟି ସୁବିଧା ସେବା ଯୋଗାଇବା ପାଇଁ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଛି। ଓବିପିଏଏସ୍ ଦ୍ୱାରା ସ୍ୱୟଂଚାଳିତ କୋଠାବାଡି ନକ୍ସାର ଅନୁମତି, ଦେୟ ପ୍ରଦାନ, ବିଲ୍ଡିଂ ଅନୁମତି ଆବେଦନ ପ୍ରକ୍ରିୟା, ପ୍ଲିନ୍ଥଠାରୁ ଛାତ ଯାଏ ଯାଞ୍ଚ ତଦାରଖ ପ୍ରମାଣପତ୍ର ଆଦି ହୋଇପାରିବ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ ଓବିପିଏଏସ ନାଗରିକ, ସ୍ଥପତି ଏବଂ ବୈଷୟିକ ବ୍ୟକ୍ତିଙ୍କ ଆବଶ୍ୟକତାକୁ ପୂରଣ କରିବ। ଏହା ବିଲ୍ଡିଂ ଅନୁମୋଦନ ସହିତ ସ୍ୱୟଂଚାଳିତ ଫି' ହିସାବ, ଆଦାୟ ଏବଂ ଉପଭୋକ୍ତା-ଅନୁକୂଳ ବ୍ୟବସ୍ଥା ସହିତ ଅନ୍‌ଲାଇନ ଦେୟକୁ ସହଜ କରିବ। ଉତ୍ତମ ସେବା ଯୋଗାଇବା କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ଲୋକଙ୍କ ଆବଶ୍ୟକତା ପୂରଣ କରିବା ମୁଖ୍ୟମନ୍ତ୍ରୀଙ୍କର ଲକ୍ଷ୍ୟ ରହିଥିବା ଜେନା କହିଛନ୍ତି।

# ଗଙ୍ଗାବାଡ଼ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ହେଉ

- ଆନ୍ଧ୍ର ପ୍ରଶାସନିକ ଅଧିକାରୀଙ୍କ ସହ ଭାଜପା ଟିମ୍‌ର ଯୁକ୍ତିତର୍କ
- ଆଜି ଆନ୍ଧ୍ରରେ ପଞ୍ଚାୟତ ନିର୍ବାଚନ

ପାରଳାଖେମୁଣ୍ଡି,୧୨।୨(ଡି.ଏନ୍.ଏ.)

ରାଜ୍ୟ ଭାଜପାର ଏକ ଟିମ୍ ଶୁକ୍ରବାର ଗଜପତି ଜିଲା ଗସ୍ତରେ ଆସି ଆନ୍ଧ୍ରପ୍ରଦେଶ ନିର୍ବାଚନ କରୁଥିବା ଗଙ୍ଗାବାଡ଼ ପଞ୍ଚାୟତ ଗସ୍ତ କରିଥିଲେ। ସେଠାରେ ଓଡ଼ିଶା ଲୋକଙ୍କୁ ଭୋଟଦାନ ପାଇଁ ମନାଉଥିବା ଆନ୍ଧ୍ରର ପ୍ରଶାସନିକ ଅଧିକାରୀଙ୍କ ସହ ଯୁକ୍ତିତର୍କ ହେବା ପରେ ସେମାନେ ଫେରି ଯାଇଥିଲେ। ଏହି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସମସ୍ୟା ରହିଥିବାରୁ ତୁରନ୍ତ ରାଜ୍ୟ ସରକାର କୋଟିଆ ଭଳି ଗଙ୍ଗାବାଡ଼ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରନ୍ତୁ ବୋଲି ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଓ ଭୃଗୁ ବକ୍ସିପାତ୍ର ପ୍ରମୁଖ ଦାବି କରିଛନ୍ତି।

ଶନିବାର ଆନ୍ଧ୍ରରେ ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ଗଙ୍ଗାବାଡ଼ ପଞ୍ଚାୟତର କେତେକ ଗାଁ ଏଥିରେ ଭାଗ ନେଉଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ବିରୋଧୀ ଦଳ ନେତା ନାୟକଙ୍କ ନେତୃତ୍ୱରେ ଭାଜପାର ରାଜ୍ୟସ୍ତରୀୟ ଟିମ୍ ଶୁକ୍ରବାର ଗଙ୍ଗାବାଡ଼


ଭାଜପା ପ୍ରତିନିଧି ଦଳ ମାଣିକପାଟଣା ଗ୍ରାମ ପରିଦର୍ଶନ କରୁଛନ୍ତି।

ମାଣିକପାଟଣାରେ ପହଞ୍ଚିଥିଲେ। ସେତେବେଳେ ଆନ୍ଧ୍ରର ପ୍ରଶାସନିକ ଅଧିକାରୀମାନେ ଗାଁରେ ପଶି ଲୋକଙ୍କୁ ଭୋଟଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ମନାଉଥିଲେ। ଭାଜପା ଟିମ୍ ସେମାନଙ୍କୁ ଏହି ଅଞ୍ଚଳ ଆନ୍ଧ୍ରର ବୋଲି କ'ଣ ତଥ୍ୟପ୍ରମାଣ ଅଛି ମାଗିବା ସହ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ମାତ୍ର ସେମାନେ ଉତ୍ତର ଦେଇ ନ ପାରିବାରୁ ଯୁକ୍ତିତର୍କ ହୋଇଥିଲା। ପରେ ସମ୍ପୃକ୍ତ ଅଧିକାରୀ ଚାଲି ଯାଇଥିଲେ। ଏହାପରେ ଗଜପତି ଉପଜିଲାପାଳ ଓ ରାୟଗଡ଼ ତହସିଲଦାର ପହଞ୍ଚିଥିଲେ।

ଆନ୍ଧ୍ରର ଏଭଳି ଅନୁପ୍ରବେଶ ଓ ଓଡ଼ିଶା ଲୋକଙ୍କୁ ପ୍ରଲୋଭିତ କରି ନିର୍ବାଚନରେ ସାମିଲ ପ୍ରୟାସକୁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନର ସ୍ଥାଣୁତା ବୋଲି ରାଜ୍ୟ ଭାଜପା ସଭାପତି ମହାନ୍ତି କହିଥିଲେ। ଏଠାରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ସ୍କୁଲ ଥିବାବେଳେ ଷଷ୍ଠ ପଢ଼ିବାକୁ ୧୨ କିଲୋମିଟର ଦୂର ଆନ୍ଧ୍ର ମଞ୍ଜୁସା ଯାଉଛନ୍ତି ଓଡ଼ିଆ ପିଲା। ଡାକ୍ତରଖାନା ନାହିଁ, ବିଦ୍ୟୁତ୍ ନାହିଁ, ଯଦ୍ୱାରା ସେମାନଙ୍କୁ ଏହିସବୁ ସୁବିଧା ଦେଇ ଆନ୍ଧ୍ର ସରକାର ପ୍ରଲୋଭିତ କରୁଛି ବୋଲି ବକ୍ସିପାତ୍ର ଓ ମହାନ୍ତି କହିଥିଲେ। ଗଜପତି ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ପହଞ୍ଚି ଭାଜପା ଟିମ୍ ସହ ଆଲୋଚନା କରିଥିଲେ। ସପ୍ତାହେ ହେଲା ଲୋକଙ୍କ ସହ ଏନେଇ ଆଲୋଚନା ଚାଲିଛି, ଲୋକମାନେ ନିଜଆଡୁ ନିର୍ବାଚନରେ ସାମିଲ ହେବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା ସେ ବିରୋଧୀ ଦଳ ନେତାଙ୍କୁ ଅବଗତ କରାଇଥିଲେ। ଭାଜପା ଟିମ୍ ସହ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ସୁନୀଲ ମିଶ୍ର, ଭୁଲୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧ଟଙ୍କା ଫି'ରେ ଡାକ୍ତର ଦମ୍ପତିଙ୍କ ଚିକିତ୍ସା

- ପ୍ରଥମ ଦିନରେ ୩୩ ଜଣ ରୋଗୀ
- ଭଡ଼ାଘରେ ଆରମ୍ଭ ହେଲା କ୍ଲିନିକ


ବୁର୍ଲା ଭଡ଼ାଘରେ ଡାକ୍ତର ରାମଚନ୍ଦାନି ଚିକିତ୍ସା କରୁଛନ୍ତି।

ସମ୍ବଲପୁର,୧୨।୨(ବ୍ୟୁରୋ)

ସମ୍ବଲପୁର ଜିଲା ଭିମସାର ମେଡିକାଲର ସହକାରୀ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନି ଶୁକ୍ରବାରଠାରୁ ୧ ଟଙ୍କା ଫି ନେଇ ଚିକିତ୍ସା ସେବା ଆରମ୍ଭ କରିଛନ୍ତି। ତାଙ୍କ ସ୍ତ୍ରୀ ଡାକ୍ତର ଶିଖା ମଧ୍ୟ ଚିକିତ୍ସା କରିବେ ବୋଲି ଡାକ୍ତର ଚନ୍ଦାନି କହିଛନ୍ତି। ସେ ଆହୁରି କହିଛନ୍ତି, ଡାକ୍ତରଖାନାରେ କାର୍ଯ୍ୟ ସାରିବା ପରେ ଘରେ ମାଗଣାରେ ଗରିବ ନିରିହ ଲୋକଙ୍କୁ ଚିକିତ୍ସା ଦେବା ପାଇଁ ବହୁଦିନରୁ ଅଭିଳାଷ ରହିଥିଲା। ମୋର ମାଆ ଲାଜବତି ମଧ୍ୟ ଏଭଳି ମାଗଣା ସେବା ଦେବାକୁ କହିଥିଲେ। ତେଣୁ ଭଡ଼ାଘରେ ଶୁକ୍ରବାରଠାରୁ ଏହା ଆରମ୍ଭ କରିଛି। ସବୁ କାମର ପାରିଶ୍ରମିକ ରହିବା ଦରକାର। ମାଗଣା ହେଲେ ମୂଲ୍ୟ ବୁଝାପଡେ ନାହିଁ। ତେଣୁ ୧ ଟଙ୍କା ଫି ରଖାଯାଇଛି। ଅତି ଗରିବ ରୋଗୀଙ୍କ ରକ୍ତ, ମଳ, ମୂତ୍ର ଭଳି ପରୀକ୍ଷା ମଧ୍ୟ ମାଗଣାରେ କରିବା ପାଇଁ ଚେଷ୍ଟା କରିବି। ପ୍ରଥମ ଦିନରେ ୩୩ ଜଣ ରୋଗୀ ଆସିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମାଗଣାରେ ପରୀକ୍ଷା କରାଯାଇଥିଲା। ପରବର୍ତ୍ତୀ ସମୟରେ ଚିକିତ୍ସା ସମୟସୀମା ବୃଦ୍ଧି କରାଯିବ। ସକାଳ ୭ଟା ୩୦ ମିନିଟରୁ ୮ଟା ୩୦ ମିନିଟ ପର୍ଯ୍ୟନ୍ତ ସମୟ ରହିବ। ସ୍ତ୍ରୀ ଶିଖା ମଧ୍ୟ ସହଯୋଗ କରିବେ। ସେ ଓରାଲ ସର୍ଜରୀ ଉପରେ ଚିକିତ୍ସା କରିବେ।

# ମାନୁନି ବନ ବିଭାଗ, ଜିଦ୍‌ରେ ଅଟଳ ପରିବାର

- ମହିଳାଙ୍କୁ ବାଘ ଖାଇଯିବା ଘଟଣା ଭିନ୍ନ ମୋଡ଼
- ଭାଲୁ ଆକ୍ରମଣରେ ମୃତ୍ୟୁ ଘଟିଛି: ବନ ବିଭାଗ

ତରବୋଡ଼/ନୂଆପଡ଼ା ଅଫିସ, ୧୨।୨ (ଡି.ଏନ୍.ଏ.)

ସୁନାବେଡ଼ା ଅଭୟାରଣ୍ୟର ଗୋଡ଼ା ଜଙ୍ଗଲକୁ ଲାଗି ରହିଥିବା ନୂଆପଡ଼ା ସଦର ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ ଛୋଟଲୋର୍ରା ଗ୍ରାମର ଭାନୋବାଇ ମାଝି (୪୭) ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଇଥିବା ବେଳେ କଲରାପତରିଆ ବାଘ ଆକ୍ରମଣ କରି ମାରିଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ଭାଲୁ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟିଥିବା ବନ ବିଭାଗ କହୁଛି। ହେଲେ ପରିବାର ଏବଂ ଗ୍ରାମବାସୀ ନିଜର ପୂର୍ବ ଦାବି ଦୋହରାଇଛନ୍ତି। ବାଘ ଆକ୍ରମଣରେ ଭାନୋବାଇଙ୍କ ଜୀବନ ଯାଇଥିବା ସେମାନେ ଜୋର୍ ଦେଇ କହିଛନ୍ତି। ଅନ୍ୟପଟେ ଶୁକ୍ରବାର ଡିଏଫ୍‌ଓ ରମେଶ ଚନ୍ଦ୍ର ପ୍ରଧାନ, ରେଞ୍ଜର ଦିଲୀପ ଚମ୍ପତିରାୟ, ଧରମବନ୍ଧା ଆଇଆଇସି ଦିଲୀପ କୁମାର ଲେର୍କ୍ରା, ବୃନ୍ଦାବନ ପୁରୋହିତ ସଦଳବଳ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିଥିଲେ। ନୂଆପଡ଼ା ଜିଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତକ ପରିବାରକୁ ୪ ଲକ୍ଷ ଟଙ୍କା ସରକାରୀ ସହାୟତା ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ପୂର୍ବାହ୍ନ ୧୧ଟାରେ ଭାନୋବାଇ ଛୋଟଲୋର୍ରା ନିକଟ ଜଙ୍ଗଲକୁ ଭେଲୁଆଁ (କାଜୁ) ସଂଗ୍ରହ କରିବା ଲାଗି ଯାଇ ଆଉ ଫେରି ନ ଥିଲେ। ସନ୍ଧ୍ୟାରେ ପରିବାର ଲୋକେ ତାଙ୍କୁ ଜଙ୍ଗଲରେ ଖୋଜାଖୋଜି କରିବା ସମୟରେ ଏକ ନାଳରେ ତାଙ୍କର ମୁଣ୍ଡ


ବନ ବିଭାଗ ଓ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

ବିହୀନ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବା ଦେଖିଥିଲେ। ମୃତଦେହ ପାଖରେ ଏକ ବାଘ ଜଗିଥିବା ଦେଖି ଭୟଭୀତ ହୋଇ ପଡ଼ିଥିଲେ। ଏଥିରୁ ମହିଳାଙ୍କୁ ବାଘ ଖାଇଯାଇଥିବା ସ୍ପଷ୍ଟ ହୋଇଥିଲା। ବାଘ ଗର୍ଜନରେ ଭୟଭୀତ ହୋଇ ସେମାନେ ଜୀବନ ବିକଳରେ ପଳାଇ ଆସିଥିଲେ। ମାଓବାଦୀପ୍ରବଣ ସୁନାବେଡ଼ା ଅଭୟାରଣ୍ୟ ଭିତରକୁ ଯିବାକୁ ଭୟ କରିଥିଲେ ପୋଲିସ ଏବଂ ବନ କର୍ମଚାରୀ। ଫଳରେ ମୃତଦେହ ଜବତ ହୋଇପାରି ନ ଥିଲା।

ଉଲ୍ଲେଖଯୋଗ୍ୟ, ଗତ ଜାନୁୟାରୀ ୭ରେ କୋମନା ବନାଞ୍ଚଳ ଭରୁଆମୁଣ୍ଡା ଗାଁରେ ବାଘ ଆତଙ୍କ ଦେଖାଦେଇଥିଲା। ଜନବସତିରେ ପଶି ଛେଳି, ମେଣ୍ଢା, ଗାଇ, ବାଛୁରୀ ଖାଇ ଯାଇଥିବା ଅଭିଯୋଗ ହୋଇଥିଲା। ୧୪ ତାରିଖରେ ସିଆଲଟି ପଞ୍ଚାୟତ ବାଗମୁଣ୍ଡା ଗ୍ରାମରେ ୨ ବାଘ ଆତଙ୍କ ଖେଳାଇଥିଲେ। ୨୫ ତାରିଖରେ ଖରିଆରରୋଡ ବନାଞ୍ଚଳ ଡୁମେରପାଣି ପଞ୍ଚାୟତ ହଳଦୀ ଗ୍ରାମରେ ୪ ବାଘଙ୍କ ଉପସ୍ଥିତି ଭୟର ବାତାବରଣ ସୃଷ୍ଟି କରିଥିଲା। ଗତ ଗୁରୁବାରଠାରୁ ଉପାନ୍ତ ସିନାପଲି ଅଞ୍ଚଳରେ ବାଘ ଆତଙ୍କ ଦେଖାଦେଇଛି। ଘଟମାଲ ପଞ୍ଚାୟତ ଯୋଗଭଟା, ତିଲେଇପାଲନା, ଦୁମେରାହାଲ, ବୈଜଲପୁର ଅଞ୍ଚଳରେ ଗୁହାଳରେ ପଶି ବାଘ ଛେଳି, ମେଣ୍ଢା, ଗାଈ, ବଳଦ, ମଇଁଷି, କୁକୁର ଖାଇଯାଉଥିବା ଅଭିଯୋଗ ହେଉଛି।

## ପଞ୍ଚାୟତ ଉପ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ବିଜୟ

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

ରାଜ୍ୟରେ ମୋଟ ୨ଟି ସ୍ଥାନରେ ଜିଲା ପରିଷଦ, ୫ଟି ସ୍ଥାନରେ ସରପଞ୍ଚ ଏବଂ ୩ଟି ଗାଁରେ ହୋଇଥିବା ସମିତି ସଭ୍ୟ ଉପ ନିର୍ବାଚନରେ ବିଜେଡି ସମର୍ଥୀତ ପ୍ରାର୍ଥି ବିଜୟ ଲାଭ କରିଛନ୍ତି। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ୨୦ ନମ୍ବର ଜିଲା ପରିଷଦ ଆସନରେ ବିଜେଡି ୬୩୦୮ ଖଣ୍ଡ ଭୋଟରେ ବିଜୟୀ ହୋଇଥିବା ବେଳେ ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ୫୬ ନମ୍ବର ଜିଲା ପରିଷଦ ଆସନରେ ବିଜେଡି ୧୦,୪୨୩ ଖଣ୍ଡ ଭୋଟରେ ବିଜୟୀ ହୋଇଛି। ସେହିପରି ବରଗଡ ଜିଲା ଡୁମ୍ବେରପାଲି ପଞ୍ଚାୟତ, ଢେଙ୍କାନାଳ ଜିଲାର ଗୁନ୍ଦୁରପାସି ପଞ୍ଚାୟତ, ଖାଣ୍ଡବନ୍ଧା ପଞ୍ଚାୟତ, ଗଜପତି ଜିଲାର କୁମ୍ଭାରଗାଁ ଏବଂ ମୟୁରଭଞ୍ଜର ଜଳଦିଆ ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ଲାଭ କରିଛନ୍ତି। ସେହିପରି ଅନୁଗୋଳ ଜିଲାର ଦାନରା ବଲାଙ୍ଗୀର ଜିଲାର ଉଦର ଏବଂ ଗଞ୍ଜାମ ଜିଲାର ଝାହାଡା ପଞ୍ଚାୟତ ବିଜେଡି ସମର୍ଥିତ ସମିତି ସଦସ୍ୟ ମାନେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ଲାଭ କରିଛନ୍ତି।

## ମଶାଧୂପ ନେଲା ଦମ୍ପତିଙ୍କ ଜୀବନ

ତାଳଚେର,୧୨।୨(ନି.ପ୍ର.)

ମଶାଧୂପ ଲଗାଇ ରାତିରେ ଶୋଇଥିବା ବେଳେ ଶ୍ୱାସରୁଦ୍ଧ ହୋଇ ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ତାଳଚେର ବ୍ଲକ ସାନଯୋରଡା ଗ୍ରାମରେ ଶୁକ୍ରବାର ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଗ୍ରାମର ଦୁଃଖବନ୍ଧୁ ସାହୁ (୯୫) ଓ ସ୍ତ୍ରୀ ବିଜୁଳି ସାହୁ (୮୮) ଗୁରୁବାର ରାତିରେ ମଶାରୁ ରକ୍ଷା ପାଇବା ପାଇଁ ମଶାଧୂପ ଲଗାଇ ଘରେ ଶୋଇଥିଲେ। ଘରର ଝରକା, କବାଟ ବନ୍ଦ ଥିବାରୁ ମଶାଧୂପ ଧୂଆଁରେ ସେମାନେ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ସକାଳେ ପରିବାର ଲୋକ ଉଭୟଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ତେବେ ଏ ନେଇ ବିକ୍ରମପୁର ଥାନାରେ କୌଣସି ଅଭିଯୋଗ କି ମାମଲା ହୋଇ ନ ଥିବା ପୋଲିସ ପ୍ରକାଶ କରିଛି।

# କୋରାପୁଟ ମେଡିକାଲ କଲେଜରୁ ଶିଶୁକନ୍ୟା ଗାଏବ

### ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ପୋଲିସ

କୋରାପୁଟ ,୧୨।୨(ସ୍ୱ.ପ୍ର.)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରୁ ଶୁକ୍ରବାର ଏକ ଶିଶୁ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଶିଶୁକନ୍ୟାଙ୍କ ବାପା କହିଛନ୍ତି ଯେ, ତାଙ୍କ ଝିଅକୁ ବିକ୍ରି କରିଦିଆଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏପରି ଏକ ଘଟଣା ହସ୍ପିଟାଲର ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଥାନାରେ ମାମଲା (୪୨/୨୧) ରୁଜୁ ହୋଇଛି। ଶିଶୁକନ୍ୟା ଗାଏବ୍ ଘଟଣାର ପ୍ରକୃତ ରହସ୍ୟ ତଦନ୍ତ ପରେ ସ୍ପଷ୍ଟ ହେବ। ଏବେ ଘଟଣାର ଅଧିକ ତଦନ୍ତ ଚାଲିଥିବା ଟାଉନଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।

ଖବରରୁ ଜଣାଯାଇଛି, ନବରଙ୍ଗପୁର ପାପଡାହାଣ୍ଡି ଅଞ୍ଚଳର ଡମ୍ବୁ ସିଂ ଗୌଡ



ତାଙ୍କ ସ୍ତ୍ରୀଙ୍କ ପ୍ରସବ ନେଇ ୯ ତାରିଖରେ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ମେଡିକାଲରେ ସେହିଦିନ ତାଙ୍କର ଏକ ନବଜାତ ଶିଶୁକନ୍ୟା ଜନ୍ମ ହୋଇଥିଲା। ମାତ୍ର ଶିଶୁ କନ୍ୟା ଜନ୍ମ ପରେ ମା'ଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେତେବେଳେ ଡମ୍ବୁ ନିଜ ନବଜାତ ଶିଶୁକୁ ମେଡିକାଲ ଆଇସିୟୁରେ ଛାଡି ସ୍ତ୍ରୀଙ୍କ ମୃତଦେହ ଧରି ସତ୍କାର ପାଇଁ ଗ୍ରାମକୁ ଚାଲିଯାଇଥିଲେ। ଶୁକ୍ରବାର ତାଙ୍କ ନବଜାତ ଶିଶୁକନ୍ୟାର ଅବସ୍ଥା କିପରି ଅଛି ଦେଖିବାକୁ କୋରାପୁଟ ମେଡିକାଲ କଲେଜ ଯାଇଥିଲେ। ମାତ୍ର ଆଇସିୟୁରେ ତାଙ୍କ ୩ ଦିନର ଶିଶକନ୍ୟା ନ ଥିଲା। ଏନେଇ ସେ କୋରାପୁଟ ଟାଉନଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଟାଉନଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି। ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଦଳ ମେଡିକାଲରେ ପହଞ୍ଚି ଅଭିଯୋଗର ତଦନ୍ତ କରିଛନ୍ତି। ତଦନ୍ତ ବେଳେ ଡମ୍ବୁଙ୍କ ନବଜାତ ଶିଶୁ ମେଡିକାଲର ଆଇସିୟୁରେ ଭର୍ତ୍ତି ହୋଇଥିବା ନେଇ କିଛି ଟୋକନ କରାଯାଇ ନ ଥିବା ଜାଣିବାକୁ ମିଳିଛି। ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ମହାଜନଙ୍କ ପରିବାର ଲୋକେ ଆଖି ତାଡ଼ି ଦେଲେ

### ସୁଧ କମ୍ ଦେବାକୁ କହିବାରୁ ଆକ୍ରମଣ

ନୟାଗଡ ଅଫିସ,୧୨।୨

ସୁଧ ବାବଦରେ ୫ ହଜାର ଟଙ୍କା କମ୍ ଦେବାକୁ କହିବାରୁ ମହାଜନଙ୍କ ପରିବାର ଲୋକେ ଜଣେ ବ୍ୟକ୍ତିଙ୍କ ଆଖି ତାଡି ଦେଇଛନ୍ତି। ନୟାଗଡ ସଦର ଥାନା ଷଠିଆପଲ୍ଲୀ ଗାଁରେ ଗୁରୁବାର ରାତିରେ ଏହି ଅମାନୁଷିକ ଘଟଣା ଘଟିଛି। ଆହତ ଇଟାମାଟି ଥାନା ସଜନାପଡା ଗାଁର ପରମାନନ୍ଦ ରାଉତରାୟ(୪୬) ବାମ ଆଖି ହରାଇ କଟକ ବଡମେଡିକାଲର ଚକ୍ଷୁ ବିଭାଗରେ ଚିକିତ୍ସିତ ହେଉଛନ୍ତି। ପରମାନନ୍ଦଙ୍କ ସ୍ତ୍ରୀ ମୀନାଙ୍କ ଅଭିଯୋଗ କ୍ରମେ ନୟାଗଡ ସଦର ଥାନା ପୋଲିସ ଆକ୍ରମଣକାରୀ ଶଙ୍କର୍ଷଣ ସ୍ୱାଇଁ, ତାଙ୍କ ସ୍ତ୍ରୀ ଓ ମାମା, ସୁମା, ବାନିଆ, କୁନ୍ତିପ୍ରମୁଖ ୪ ଝିଅଙ୍କ ବିରୋଧରେ ଏକ ମାମଲା(ନଂ୨୩/୨୧) ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ସୁମାଙ୍କୁ ପୋଲିସ ଅଟକ ରଖିଛି।

ଅଭିଯୋଗ ଅନୁଯାୟୀ, ଇଟାମାଟି ଥାନା ସଜନାପଡା ଗାଁର ପରମାନନ୍ଦ ଓ ସ୍ତ୍ରୀ ମୀନା ଷଠିଆପଲ୍ଲୀ ଗାଁର ଶଙ୍କର୍ଷଣ ସ୍ୱାଇଁଙ୍କଠାରୁ ୨୦ ହଜାର ଟଙ୍କା ମାସିକ ୩ ପ୍ରତିଶତ ସୁଧରେ ଆଣିଥିଲେ। ସୁଧ ମୂଳ ମିଶି ୩୦ ହଜାର ଟଙ୍କା ପରିଶୋଧ କରିବାକୁ ଏହି ଦମ୍ପତି ଷଠିଆପଲ୍ଲୀ ଯାଇଥିଲେ। ତେବେ ୪ଟଙ୍କା ସୁଧରେ ମୂଳ ପରିଶୋଧ କରିବାକୁ ଶଙ୍କର୍ଷଣଙ୍କ


ଆହତ ପରମାନନ୍ଦ ରାଉତରାୟ।

ପରିବାର ଲୋକେ କହିବା ସହ ଅଧିକ ୫ ହଜାର ଟଙ୍କା ଦାବି କରିଥିଲେ। ଆଉ ୫ ହଜାର ଟଙ୍କା ଦେଇ ହେବ ନାହିଁ ବୋଲି ପରମାନନ୍ଦ କହିବା ପରେ ଉଭୟଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଶେଷରେ ତାହା ଗଣ୍ଡଗୋଳର ରୂପ ନେଇଥିଲା। ଶଙ୍କର୍ଷଣ, ତାଙ୍କର ୪ଝିଅ, ସ୍ତ୍ରୀ ମିଳିତ ଭାବେ ପରମାନନ୍ଦ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ପରେ ପରମାନନ୍ଦଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ଆଖିକୁ ତାଡି ନେଇଥିଲେ। ଗୁରୁତର ଅବସ୍ଥାରେ ପରମାନନ୍ଦଙ୍କୁ ପ୍ରଥମେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା।

# ପ୍ରଭାବିତ ହୋଇନି ସାତକୋଶିଆ ପର୍ଯ୍ୟଟନ

## କୋଭିଡ୍ ସତ୍ତ୍ୱେ ବଢ଼ିଛି ପର୍ଯ୍ୟଟକଙ୍କ ସଂଖ୍ୟା

- ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ଅତିଥି ଆନନ୍ଦିତ
- ସଫାରି ପାଇଁ ଗାଡ଼ି ଦେବାକୁ ସରକାରଙ୍କୁ ପ୍ରସ୍ତାବ

ବନ୍ତଳା,୧୨।୨(ଦିନେଶ ଦେହୁରୀ)

ମହାମାରୀ କୋଭିଡ୍-୧୯ ପ୍ରଭାବ ଅନୁଗୋଳ ଜିଲା ସାତକୋଶିଆ ପର୍ଯ୍ୟଟନ ଉପରେ ପଡ଼ିନାହିଁ। କଟକଣା ମଧ୍ୟରେ ଗତ ଅକ୍ଟୋବର ମାସରେ ଅଭୟାରଣ୍ୟ ଖୋଲାଯିବା ପରଠାରୁ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସାତକୋଶିଆର ଅପରୂପ ପ୍ରାକୃତିକ ଶୋଭା ଦେଖିବାକୁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଅତିଥି ଧାଇଁ ଆସୁଥିବାରୁ ଏହା ଜିଲାର ପର୍ଯ୍ୟଟନକୁ ସମୃଦ୍ଧ କରିବା ସହ ରାଜକୋଷ ମଧ୍ୟ ବଢ଼ାଉଛି।

ସାଧାରଣତଃ ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ସାତକୋଶିଆକୁ ପର୍ଯ୍ୟଟକମାନେ ଆସିଥାନ୍ତି। ଗତ ୨୦୧୯ ନଭେମ୍ବରରେ ଏଠାକୁ ୧୪୬୮ ପର୍ଯ୍ୟଟକ ଆସିଥିବା ବେଳେ ସେମାନଙ୍କ ଠାରୁ ୭୩ ହଜାର ୨୭୫ ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ସେହିବର୍ଷ ଡିସେମ୍ବରରେ ଅଭୟାରଣ୍ୟ ବୁଲିଥିବା ୫୯୬୬ ଜଣଙ୍କ ନିକଟରୁ ୨ ଲକ୍ଷ ୧୮ ହଜାର ୨୫ ଟଙ୍କା ରାଜସ୍ୱ ମିଳିଥିଲା। ୨୦୨୦ ଜାନୁୟାରୀରେ ଆଗନ୍ତୁକଙ୍କ ସଂଖ୍ୟା ୩୫୭୧ ଥିଲା ଓ ୧ ଲକ୍ଷ ୭୩ ହଜାର ୧୧୦ ଟଙ୍କା ଆଦାୟ ହୋଇଥିଲା। ଫେବୃୟାରୀରେ



ସାତକୋଶିଆ ମୁଖ୍ୟ ପ୍ରବେଶ ପଥ ପମ୍ପାସର ଗେଟ୍‌ରେ ବନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି।

୧୧୫୯ ଜଣ ସାତକୋଶିଆରେ ଅତିଥି ହୋଇଥିବାବେଳେ ୫୯ ହଜାର ୯୮୦ ଟଙ୍କା ରାଜକୋଷକୁ ଆସିପାରିଥିଲା। ତେବେ ୨୦୨୦ ମାର୍ଚ୍ଚରେ କରୋନା ଭୟ ଯୋଗୁ ପର୍ଯ୍ୟଟକ ସଂଖ୍ୟା ମାତ୍ର ୭୫୮ ଥିଲା ଓ ୪୭ ହଜାର ୫୮୦ ଟଙ୍କା ଆଦାୟ ହୋଇଥିଲା। ଏହାପରେ ଲକ୍‌ଡାଉନ୍ ଆରମ୍ଭ ହୋଇଥିଲା। ହେଲେ ୨୦୨୦ ଅକ୍ଟୋବର ୪ରେ କୋଭିଡ୍ କଟକଣା ମଧ୍ୟରେ ସରକାର ଏହି ପର୍ଯ୍ୟଟନସ୍ଥଳୀ ଖୋଲିବା ପରଠାରୁ ପର୍ଯ୍ୟଟକଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ବଢ଼ିବାରେ ଲାଗିଛି। ନଭେମ୍ବର ୨୦୨୦ରେ ୨୩୧୧ ପର୍ଯ୍ୟଟକ ଏଠାକୁ ଆସିଥିବାରୁ ୧ ଲକ୍ଷ ୧୨ ହଜାର ୬୧୫ ଟଙ୍କା ରାଜସ୍ୱ ମିଳିଛି। ଡିସେମ୍ବରରେ ୫୭୬୫ ଜଣ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥିବାବେଳେ ୨ ଲକ୍ଷ ୪୩ ହଜାର ୧୩୫ ଟଙ୍କା ରାଜ୍ୟ ସରକାର ଆଦାୟ କରିଛନ୍ତି। ୨୦୨୧ ଜାନୁୟାରୀରେ ଆଗନ୍ତୁକଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ଢେର ବଢ଼ିଛି। ରାଜ୍ୟ ଓ ରାଜ୍ୟ ବାହାରୁ ଅଭୟାରଣ୍ୟକୁ ୮ ହଜାର ୮୮୫ ପର୍ଯ୍ୟଟକ ଆସିଛନ୍ତି। ଫଳରେ ରାଜକୋଷକୁ ୩ ଲକ୍ଷ ୪୮ ହଜାର ୭୨୫ ଟଙ୍କା ମିଳିପାରିଛି। ଏ ସମ୍ପର୍କରେ ସାତକୋଶିଆ ଡିଏଫଓ ରବି ମିନା କହିଛନ୍ତି, ପୂର୍ବରୁ ଟିକରପଡାରେ ୧୦ଟି ତମ୍ବୁଘର ଥିଲା। ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ଦେଖି ଅଧିକ ୩ଟି ତମ୍ବୁଘର କରାଯାଇଛି। ମହାନଦୀ ଗଣ୍ଡରେ ବୋଟିଂ ବ୍ୟବସ୍ଥାକୁ ପୂର୍ବାପେକ୍ଷା ଗୁରୁତ୍ୱ ଦେବାକୁ ଉଦ୍ୟମ କରାଯାଉଛି। ପର୍ଯ୍ୟଟକମାନେ ଯେପରି ଗାଡ଼ିରେ ସଫାରି ବୁଲିପାରିବେ ସେଥିପାଇଁ ରାଜ୍ୟ ସରକାରଙ୍କୁ ୪ଟି ଗାଡି ଦେବାକୁ ପ୍ରସ୍ତାବ ଦିଆଯାଇଥିବା ଡିଏଫ୍‌ଓ ପ୍ରକାଶ କରିଛନ୍ତି।

**ଆଜିର ମନ୍ତବ୍ୟ**

"ନୂଆ କୃଷି ଆଇନ ପୁଞ୍ଜିନିବେଶ, ପ୍ରଯୁକ୍ତି ଆଣିବା ସହ ନିଯୁକ୍ତି ସୃଷ୍ଟି କରିବା -**ଧର୍ମେନ୍ଦ୍ର ପ୍ରଧାନ, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ**"




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ସ୍ୱୟଂ ସ୍ୱସ୍ତିକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେଉଁ ହର ଦେଲେ ବର**
**ସେଇ ହେଲେ ହରବର।**

ମହାଦେବ ଭୋଳାନାଥ। ପୂଜା ଭକ୍ତିରେ ସନ୍ତୁଷ୍ଟ ହେଲେ ଆଗପଛ ବିଚାର ନ କରି ବର ଦେବାରେ ହେଳା କରି ନ ଥାନ୍ତି। ତେବେ ଭସ୍ମାସୁରକୁ ବର ଦେଇ ମହାଦେବ ହରଡ଼ଘଣାରେ ପଡିଥିବା କଥା ପୁରାଣ ପୃଷ୍ଠାରୁ ଜଣାଯାଏ। ପରୋକ୍ଷରେ ଅପାତ୍ରରେ ଦାନ କଲେ ପରିଣତି ଅନେକ ସମୟରେ ଭୟାବହ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପେଟ୍ରୋଲ ୨୯, ଡିଜେଲ ...

ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଲିଟର ପିଛା ୮୩.୫୨ ଟଙ୍କା, ୮୧.୯୬ ଟଙ୍କା ଏବଂ ୮୫.୩୨ ଟଙ୍କାରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଗତ କିଛିଦିନ ହେବ ଦ୍ରୁତ ଗତିରେ ବଢ଼ିଚାଲିଛି। ଫଳରେ ଦେଶରେ ତେଲ ଦର ମଧ୍ୟ ସେହି ଅନୁପାତରେ ବଢୁଛି ବୋଲି ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନର ବଜାର ବ୍ୟବସ୍ଥାକୁ ଲକ୍ଷ୍ୟକଲେ ଜଣାପଡୁଛି, ନିକଟ ଭବିଷ୍ୟତରେ ତୈଳ ଦର ହ୍ରାସ ପାଇବାର କୌଣସି ସମ୍ଭାବନା ଦେଖାଯାଉ ନାହିଁ। ଅଶୋଧିତ ତୈଳ ଦରର ଚାହିଦା ବଢୁଥିବାରୁ ତେଲ ଦର ମଧ୍ୟ ସେହି ଅନୁସାରେ ବଢ଼ିବାରେ ଲାଗିଛି, ତା' ସହିତ ଭାରତ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଶୁଳ୍କ ହ୍ରାସ କରିବାକୁ ମନା କରିଦେବା କାରଣରୁ ବର୍ଷ ଆରମ୍ଭରୁ ବଜାର ଦର ଅଣାୟତ୍ତ ହୋଇପଡିଛି। ଦରବୃଦ୍ଧି ବିଷୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯଦି ଟିକସ ହ୍ରାସ ସହ ଦର ଉପରେ ରୋକ ନ ଲଗାନ୍ତି, ତେବେ ଏହି ବିଷୟକୁ ନେଇ ଆଗାମୀ ଦିନରେ ବିଭିନ୍ନ ସଂଗଠନ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରକାରଙ୍କୁ ଆଗୁଆ ସୂଚନା ମଧ୍ୟ ଦେଇ ସାରିଛନ୍ତି।

## ଆୟୋଜକ କମିଟି ଅଧ୍ୟକ୍ଷ ...

ତାଙ୍କ ଉପରେ ପ୍ରବଳ ଚାପ ପଡ଼ିଥିଲା। ଏପରି କି ମୋରିଙ୍କ ବହିଷ୍କାର ଦାବିରେ ଦସ୍ତଖତ ସଂଗ୍ରହ ଅଭିଯାନ ହୋଇଥିଲା, ଯେଉଁଥିରେ ୧,୫୦,୦୦୦ ଜଣଙ୍କର ଦସ୍ତଖତ ରହିଥିଲା। କରୋନା ମହାମାରୀ ଆଶଙ୍କା ଏ ପର୍ଯ୍ୟନ୍ତ ଦୂର ହୋଇ ନାହିଁ। ମୋରିଙ୍କ ବିନା ଟୋକିଓ ଅଲିମ୍ପିକ୍ସର ସଫଳ ଆୟୋଜନ ବର୍ତ୍ତମାନ ଏକ ବଡ଼ ପ୍ରଶ୍ନ। କୋଭିଡ୍ ପାଇଁ ଏକ ବର୍ଷ ଘୁଞ୍ଚାଇ ଦିଆଯାଇଥିବା ଟୋକିଓ ଅଲିମ୍ପିକ୍ସ ଜୁଲାଇ ୨୩ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୧୧,୦୦୦ ଆଥ୍ଲେଟ ଅଂଶଗ୍ରହଣ କରିବେ। ଏହାର ଏକ ମାସ ପରେ ହେବାକୁ ଥିବା ପାରା ଅଲିମ୍ପିକ୍ସରେ ୪,୪୦୦ରୁ ଊର୍ଦ୍ଧ୍ୱ ଆଥ୍ଲେଟ ଭାଗ ନେବେ। ଜାପାନରେ ନିକଟରେ ଅନୁଷ୍ଠିତ ହୋଇଥିବା ଏକ ଭୋଟ୍‌ରେ ୮୦% ଲୋକ ଅଲିମ୍ପିକ୍ସକୁ ବାତିଲ କରିବା ଉଚିତ ହେବ ବୋଲି ମତ ଦେଇଥିଲେ। ଅନ୍ୟପକ୍ଷରେ ୧୫% ଅଲିମ୍ପିକ୍ସ ଆୟୋଜନ ସପକ୍ଷରେ ରହିଥିଲେ। ପୂର୍ବ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଥିଲା ୮୩ ବର୍ଷୀୟ ମୋରି ତାଙ୍କ ବିକଳ୍ପ ଭାବେ ଜାପାନ ଫୁଟ୍‌ବଲ ପରିଚାଳନା ପରିଷଦ ସଭାପତି ୮୪ ବର୍ଷୀୟ ସାବୁରୋ କାୱାବୁଚିଙ୍କୁ ବାଛିଥିଲେ। କାୱାବୁଚି ନିଜେ ଜଣେ ପୂର୍ବତନ ଖେଳାଳି। ସେ ଜାପାନ ତରଫରୁ ୧୯୬୪ ଅଲିମ୍ପିକ୍ସରେ ଖେଳିଥିଲେ। କାୱାବୁଚି ବୟସରେ ମୋରିଙ୍କଠାରୁ ବଡ଼। ଏହି ପଦବୀରେ ଜଣେ ମହିଳାଙ୍କୁ ନିଯୁକ୍ତି ଦିଆଗଲେ ଅସୁବିଧା କ'ଣ ବୋଲି ପ୍ରଶ୍ନ ଉଠୁଛି। ମୋରି ଲିଙ୍ଗଗତ ସମାନତା ସପକ୍ଷରେ ନୁହନ୍ତି ବୋଲି ଏଥିରୁ ସୂଚିତ ହେଉଛି। ଜାପାନରେ କୌଣସି ବୋର୍ଡ, ରାଜନୀତି ଅବା କ୍ରୀଡ଼ା ପରିଚାଳନା ପରିଷଦରେ ମହିଳାଙ୍କୁ ଦେଖିବାକୁ ମିଳେନା। ଏପରି କି ଆୟୋଜକ କମିଟିର ଉଚ୍ଚ ପଦବୀରେ ମଧ୍ୟ। କାୱାବୁଚି ଗୁରୁବାର ସୂଚାଇ ଦେଇଛନ୍ତି ଯେ, ମୋରି ତାଙ୍କ ସହ ଯୋଗାଯୋଗ କରିଥିଲେ। କିନ୍ତୁ ଏହି ପଦବୀ ପାଇଁ ସେ ନିଜକୁ ଉପଯୁକ୍ତ ମନେ କରୁ ନ ଥିବା ତାଙ୍କୁ ଜଣାଇ ଦେଇଥିଲେ। ଜାପାନିଜ ଗଣମାଧ୍ୟମରେ ଏନେଇ ତୁରନ୍ତ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆୟୋଜକ କମିଟି ସଭାପତି ପାଇଁ ୩ ଯୋଗ୍ୟ ପ୍ରାର୍ଥୀ ରହିଛନ୍ତି। ଏମାନେ ସମସ୍ତେ ଆଥ୍ଲେଟ ଏବଂ ପୂର୍ବତନ ଅଲିମ୍ପିଆନ ଏବଂ ବୟସ ଦୃଷ୍ଟିରୁ ଗୋଟିଏ ପିଢି ଆଗୁଆ। କାଓରି ୟାମାଗୁଚି ୧୯୮୮ ଅଲିମ୍ପିକ୍ସ ଜୁଡୋରେ ଏକ ବ୍ରୋଞ୍ଜ ପଦକ ଜିତିଛନ୍ତି। ମିକାକୋ କୋଟାନି ୧୯୮୮ ଅଲିମ୍ପିକ୍ସରେ ସିଙ୍କ୍ରୋନାଇଜ୍‌ଡ ସୁଇମିଂରେ ଦୁଇ ବ୍ରୋଞ୍ଜ ବିଜୟିନୀ। ନାଓକୋ ତାକାହାସି ହେଉଛନ୍ତି ୨୦୦୦ ଅଲିମ୍ପିକ୍ସ ମାରାଥନ ସ୍ୱର୍ଣ୍ଣ ବିଜୟିନୀ। ଏହାଛଡ଼ା ବର୍ତ୍ତମାନ ଅଲିମ୍ପିକ ମନ୍ତ୍ରୀ ଥିବା ସିକୋ ହାସିମୋତୋଙ୍କୁ ଗଣମାଧ୍ୟମ ଅନ୍ୟତମ ଯୋଗ୍ୟ ପ୍ରାର୍ଥୀ ଭାବେ ପ୍ରତିପାଦନ କରିଛି, ଯିଏ କି ଜଣେ ପୂର୍ବତନ ଅଲିମ୍ପିଆନ ମଧ୍ୟ। ଲିଙ୍ଗଗତ ସମାନତାରେ ଜାପାନ ଭଳି ସମୃଦ୍ଧଶାଳୀ ରାଷ୍ଟ୍ର କେତେ ପଛୁଆ ରହିଛି ମୋରିଙ୍କ ମନ୍ତବ୍ୟରୁ ସ୍ପଷ୍ଟ ସୂଚିତ ହେଉଛି। ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ଲିଙ୍ଗଗତ ସମାନତା ର୍ୟାଙ୍କିଂରେ ୧୫୩ଟି ଦେଶ ମଧ୍ୟରେ ଜାପାନ ୧୨୧ତମ ସ୍ଥାନରେ ରହିଛି।

**ପ୍ରଥମ ପୃଷ୍ଠାରୁ...**

## ଚାଷୀ ଦେଶ ଅର୍ଥନୀତିର ...

ସେ ଆହୁରି କହିଛନ୍ତି, କୃଷି ଆମ ଅର୍ଥନୀତିର ମୁଖ୍ୟ ଶକ୍ତି। କରୋନା ସମୟରେ ଅର୍ଥନୀତିର ସବୁ କ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। କିନ୍ତୁ ରାଜ୍ୟର ଚାଷୀଙ୍କ ସାହସ ଓ ପରିଶ୍ରମ କୃଷି କ୍ଷେତ୍ରରେ ଉନ୍ନତି ଆଣିଛି। ଚାଷୀଭାଇମାନେ ସଞ୍ଜୀବନୀ ପରି ଦେଶର ଅର୍ଥନୀତିକୁ ରକ୍ଷା କରିପାରିଛନ୍ତି। ସେମାନଙ୍କ ତ୍ୟାଗ ଏବଂ ପରିଶ୍ରମକୁ ପ୍ରଣାମ କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଏମ୍‌ଏସ୍‌ପିକୁ ଦୁଇଗୁଣା କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ବାରମ୍ବାର ଦାବି କରିଚାଲିଛନ୍ତି। ଏହାସହ କୃଷିଜାତ ଜିନିଷ ସକାଶେ ବ୍ୟବସାୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲାରେ ଉପସ୍ଥିତ ଥିବା ଚାଷୀଙ୍କ ସହିତ କାଳିଆ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ସୁନ୍ଦରଗଡ଼ର କୁମାରୀ ମରାଇ, ବରଗଡ଼ର ମାଣିକ ପ୍ରଧାନ, ନବରଙ୍ଗପୁରର ଘନ ପାଇକ, ନୟାଗଡ଼ର ଦାଶରଥୀ ସାହୁ ଏବଂ ମୟୂରଭଞ୍ଜର ଚାଷୀ ବିନୋଦ କିଶୋର ନାୟକ କିଭଳି କାଳିଆ ସହାୟତାରେ ଚାଷ ସାଙ୍ଗକୁ ଛେଳିପାଳନ ଓ ଅନ୍ୟ ଆନୁଷଙ୍ଗିକ କୃଷି କାମ କରି ଲାଭବାନ ହୋଇଛନ୍ତି ତାହା କହିଥିଲେ। ଏହି ଅବସରରେ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ କହିଥିଲେ, ଅନେକ ପ୍ରାକୃତିକ ବିପର୍ଯ୍ୟୟ ଓ ବର୍ତ୍ତମାନର କୋଭିଡ୍ ପରିସ୍ଥିତି ସତ୍ତ୍ୱେ ଚାଷୀମାନେ ଭଲ ଫସଲ ଅମଳ କରି ଓଡ଼ିଶାକୁ ଆଗକୁ ନେଇପାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ନେତୃତ୍ୱ ଯୋଗୁ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି ବୋଲି ସେ କହିଥିଲେ। ଏହି ଅବସରରେ ଏକ ଛୋଟ ଭିଡିଓ ପ୍ରଦର୍ଶିତ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷି ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ ସ୍ୱାଗତ ଭାଷଣ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ଅତୀତ କଥା ସ୍ମରଣ କରି ଭାବପ୍ରବଣ ହେବେ। ଅତ୍ୟଧିକ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସନ୍ନ ଅନୁଭବ କରିପାରନ୍ତି। ବ୍ୟବସାୟ ମାନ୍ଦାରେ ଚାଲିବ କିନ୍ତୁ ପରିବହନରେ ଲାଭବାନ୍ ହେବେ। ବନ୍ଧୁଙ୍କ ପାରିବାରିକ ସମସ୍ୟାରେ ନ୍ୟାୟୋଚିତ କଥା କହି ପରିସ୍ଥିତିକୁ ସ୍ୱାଭାବିକ କରିବେ।

**ବୃଷ** ଅଫିସ କାମରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆକସ୍ମିକ ସୀମା ବିବାଦକୁ କେନ୍ଦ୍ରକରି ନିର୍ମାଣମୂଳକ କାର୍ଯ୍ୟ ଗତି ମନ୍ଥର ହେବ। ପାଖ ପଡ଼ୋଶୀଙ୍କ ଘରୋଇ କଳହକୁ ନେଇ ନିଜ ଘରେ ଅଶାନ୍ତି ଲାଗିରହିବ। କଚେରି ମାମଲା, ନିର୍ମାଣ, ଅର୍ଥ ସମ୍ପର୍କୀୟ କଥା ନେଇ ଟେନ୍ସନ ଲାଗି ରହିପାରେ।

**ମିଥୁନ** ଆର୍ଥିକ ସମସ୍ୟାକୁ ସୁଧାରିବା ସକାଶେ ବିଭିନ୍ନ ଯୋଜନା କରିପାରନ୍ତି। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ। କିନ୍ତୁ ବ୍ୟବସାୟିକ ସଫଳତା ମିଳିବ। କର୍ମକ୍ଷେତ୍ରରେ, ପ୍ରଶାସନିକ ସ୍ତରରେ ଫାଇଲ କାମ ବଢିଯାଇ ପାରେ। ଯାନ ବାହନ, ପୁରୁଣା ଗାଡ଼ିମୋଟର କିମ୍ବା ଘର ମରାମତିରେ ବ୍ୟସ୍ତ ରହିପାରନ୍ତି।

**କର୍କଟ** ଆଜି ଶାରୀରିକ ସ୍ୱାସ୍ଥ୍ୟ ଅପେକ୍ଷା ମାନସିକ ସ୍ୱାସ୍ଥ୍ୟ ବିଶେଷ ପ୍ରଭାବିତ ହୋଇପାରେ। ବିଶ୍ୱସ୍ତ କର୍ମଚାରୀଟି ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ମନୋଭାବ ବଦଳେଇ ପାରେ। ବନ୍ଧୁମାନଙ୍କ ସହ ଉଚ୍ଚବାଚ ଘଟିପାରେ। ଅପେକ୍ଷା କରିଥିବା ଖବରଟିକୁ ବହୁ ବିଳମ୍ବରେ ଶୁଣିଲେ ମଧ୍ୟ ଖୁସି ହେବେ।

**ସିଂହ** ବହୁ ଆଶା କରି ବନ୍ଧୁଙ୍କ ନିକଟକୁ ଯିବେ, ମାତ୍ର ଶୂନ୍ୟ ହସ୍ତରେ ଫେରିବାକୁ ପଡିପାରେ। ଅଫିସରେ ତରବର ହୋଇ କାମ କରନ୍ତୁ ନାହିଁ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ସହଯୋଗ ପାଇବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**କନ୍ୟା** ସହକର୍ମୀଙ୍କ ସହିତ ବାକ୍ ଅସଂଯମତା ସମସ୍ୟା ସୃଷ୍ଟି କରିପାରେ। କେତେକ କ୍ଷେତ୍ରରେ ନୀରବ ନ ରହିଲେ ଅସୁବିଧାରେ ପଡିବେ। ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଦୁଃଖ ପ୍ରଦାନ କରିବ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି, ମାତ୍ର କିଛି ଅସୁବିଧା ହେବ ନାହିଁ।

**ତୁଳା** ପୂର୍ବ ନିର୍ଦ୍ଧାରିତ କାମଗୁଡିକ ଠିକ୍ ସମୟରେ ହେବା କଷ୍ଟକର ହୋଇପଡିବ। ମାନସିକ ଅବସାଦ ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ରଚନାତ୍ମକ, ଗବେଷଣା, କଳା, ସାହିତ୍ୟ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବିଛା** ବିଭିନ୍ନ ବିଷୟରେ ଚିନ୍ତା କରି ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ପ୍ରଶାସନିକ, ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଦିଗଟି ମଧ୍ୟମ ପ୍ରକାରର ରହିବ। ଈର୍ଷା ପରାୟଣ ମନୋଭାବ ନେଇ ଖଳଲୋକମାନେ ଅପପ୍ରଚାର କଲେ ମଧ୍ୟ କିଛି କରି ପାରିବେ ନାହିଁ। ପୂର୍ବବିବାଦକୁ କେନ୍ଦ୍ରକରି ନିଜଲୋକଙ୍କଠାରୁ ଆସ୍ଥା ହରାଇ ବସିବେ।

**ଧନୁ** ଆଜି ମାନସିକ ସ୍ଥିତି ଠିକ୍ ନ ରହିବା କାରଣରୁ ଭଲକୁ ଭଲ ରୂପେ ବିବେଚନା ନ କରି ଭିନ୍ନ ଦୃଷ୍ଟି କୋଣରୁ ବୁଝିବେ। କାମ ହାସଲ ସକାଶେ ଅନୁକୂଳ ସୁଯୋଗ ସୃଷ୍ଟି ହେବ। ସଭାସମିତିରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ସାମାଜିକ ସ୍ତରରେ ସବୁକଥା ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିପାରନ୍ତି।

**ମକର** କର୍ମକ୍ଷେତ୍ରର ସମସ୍ୟାଗୁଡିକ ଶିଥିଳ ପଡିଯିବା କାରଣରୁ ମନରେ ଉତ୍ସାହ ବୃଦ୍ଧି ପାଇବ। ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରିପାରନ୍ତି। ସୁଚିନ୍ତିତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

**କୁମ୍ଭ** ଆଜି ଦିନ ଭିତରେ ଖର୍ଚ୍ଚାନ୍ତ ହେବେ ସିନା କୌଣସି କାମ ଅଟକିବ ନାହିଁ। ପାଖ ପଡୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ। ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେଇପାରେ, ଏଣୁ ସ୍ୱାସ୍ଥ୍ୟପ୍ରତି ସାବଧାନତା ଅବଲମ୍ବନ କରିବା ଠିକ୍ ହେବ। ଅଫିସ୍ କାମରେ କୌଣସି ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ।

**ମୀନ** ଆଜି ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଗାମୀ କୌଣସି କାମ ସକାଶେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ଯାହାକୁ ନିଜର ବୋଲି ବିଶ୍ୱାସ କରୁଛନ୍ତି ସେହି ଲୋକ ବିଶ୍ୱାସଘାତକତା କରିପାରନ୍ତି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ପାଇପାରନ୍ତି।

ଆଜି ମାଘ ଶୁକ୍ଳ ଦ୍ୱିତୀୟା ଶନିବାର, ଶ୍ରୀମନ୍ଦିରରେ ପଦ୍ମବେଶ, ଶରଣ, ଫେବୃୟାରୀ ୧୩ ତାରିଖ, ବିଶ୍ୱ ରେଡିଓ ଦିବସ। ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୦୭ମି. ଗତେ ଘ.୦୧.୦୯ମି. ମଧ୍ୟେ, ରାତ୍ରି ଘ.୦୮.୧୩ମି. ଗତେ ଘ.୧୦.୪୪ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୯.୧୦ମି. ଗତେ ଘ.୧୦.୩୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




### SALE

Swift D'zire 2016 VDI Diesel, Swift D'zire-2016 (Petrol), Swift D'zire 2009 (Diesel). 7381091234, 9861194627. D-70182




### SALE

Demarcated gharabari plot sale Gudiapokhari near KEC Puri road, advance boundarywall 30ft. road electricity. Patta 9238902929, 8763887357. D-70187

Require, Yellowzone Homestead Land with 30/40 feet road on Outright/ Sharing basis across Bhubaneswar and Cuttack for Plotting and Housing Projects. Contact- 9861022055/ 9938219397. D-19938

ପିପିଲି Block Office ଏବଂ ଧଉଳି ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। 8249776268, 8327774136. D-69373

Residential land/plot immediately sale at 3000sft. Laxmi Sagar, Bhubaneswar. Please contact- DEEPAK- 9937329999. D-69969

6,00,000/- ଟଙ୍କା ଦେଇ Bhubaneswar new Railway station ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। First possession/ registration. 9937349112. D-70163

ଘରବାରି ଫାର୍ମ ହାଉସ୍ ପ୍ଲଟ୍ sqft. ୧୨୫/- BJEM-II ଠାରୁ 7 K.M., 9348906496. D-19840

Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/, 9937166932. D-69370

Gharabari plot near Kalinga Nagar, backside of Trident Galaxy, Bhubaneswar. 8984752938. D-70186

Ready to move Duplex for sale at DHPL Villa One Kalarahanga. Contact: 9937059891. D-19937

ଭୁବନେଶ୍ୱର Balianta Canal roadରେ ଘରବାରି boundary and electricity ସହିତ ମିଳୁଛି। Sqft. 750/- ଯେଉଁମାନେ immediate ଘର କରିବେ Call କରନ୍ତୁ। 9437005434. D-70184

Developed ଘରବାରି ପ୍ଲଟ୍ କେସୁରା ଛକରୁ 3 କିଲୋମିଟର ମଧ୍ୟରେ କିଣନ୍ତୁ। 7008492511. D-69369

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640. D-70160

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

Hurry Up !!! last 5Nos. (2BHK). ready to move flats (192) for sale on "The land mark PH-2", in Sundarpada, back side of Ariport Bhubaneswar, Cost 35lakh to 40lakh. 9938569014 & 9861433014. D-19902

Bhubaneswrରୁ 8K.M. Bhingarpur Oxford College, Sudhananda School ପାଖରେ sqft. 550/- residential plot ବିକ୍ରିହେବ। 6372824177, 9437707745. D-70161

Ready to move 1BHK at DHPL Villa One Kalarahanga. Cost 2300000/-, Contact- 9937059891. D-19868

NH-16ରେ ପିତାପଲ୍ଲୀରେ ଗୃହୋପଯୋଗୀ, ଭୁବନେଶ୍ୱର Sum Hospitalରୁ 7K.M. distance NH-16- Aର କଣ୍ଟାବାଡ଼ରେ free registration, ଘରବାରି boundary, electricity Water supply ସହ ପ୍ଲଟ ମିଳୁଅଛି। 7504861292. D-19864

Pipili Highway Colonyରେ ପିଚୁରୋଡ୍‌କୁ ଲାଗି sqft.-799 Hanspal- 750 ଦିଆଯାଉଅଛି। 9437522338, 8328995545. D-19781

Laxmi Sagar station ଠାରୁ 300mtr ଦୂରରେ residential plot sqft. 3550/- ରେ ବିକ୍ରିହେବ। 9937366406, 6370621085 D-70178

### PURCHASE

Wanted plots, flats duplexes Bungalows in Bhubaneswar for marketing. 6371090682. D-68270

Want to purchase firmhouse land in Big patches around Bhubaneswar/ Cuttack/ Jajpur. Interested land owner may contact- 7656070001, 8249139982. D-70175




For construction only in your plot inside Bhubaneswar area, contact MRC- 9937064680. D-27287

Want a dream home on your own plot with engineer's supervision. Contact: 7008268129, 9439143273. D-67585




2BHK for rent Rs. 9,000/-, Old Town, Bhubaneswar. 9437025112, 9178514945. D-69482




Only for 300 body massage ladies and gents therapist. 9583808247. D-19919

Swarna SPA newly open positively health benefits with expert therapist. 9556978408. D-70529

New opening Saikrupa Panchakarma and SPA jointpain, fullbody massage, 8984068077. D-65910

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70530

### LOST

I, Godathi Ramaprasad, S/o. Godati Satyanarayana, At. Marangola, Chiplima, Sambalpur would like to inform general public that I have lost my original ROR (Patta) relating to property situated at mouza- Marangola, PS. Burla, Dist. Sambalpur bearing M.S. Khata No. 151/9. If anyone finds kindly contact: 9110599009. D-19935

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## LEGAL NOTICE

ଶ୍ରୀଯୁକ୍ତ ସିଭିଲ ଜଜ୍ ସିନିୟର ଡିଭିଜନ, ଖଲ୍ଲିକୋଟ, ଗଞ୍ଜାମ।
କେସ୍ ନଂ. ସି.ଏସ୍. ୨/୧୬
ଝାମ୍ପି ଜେନା.......ବାଦୀ
ବନାମ
ଦୟାନିଧି ନାୟକ ଓଗେର..... ପ୍ରତିବାଦୀ

ପ୍ରାପ୍ତେଷୁ,
୧. ବିଜୟ ନାୟକ, ବୟସ-୪୮ ବର୍ଷ, ପିତା- ସ୍ୱର୍ଗତ ଦଣ୍ଡପାଣି ନାୟକ, ବୃତ୍ତି- ଅବସରପ୍ରାପ୍ତ ସରକାରୀ କର୍ମଚାରୀ।
୨. କାଳୁ ନାୟକ, ବୟସ-୬୩ ବର୍ଷ, ପିତା- ସ୍ୱର୍ଗତ ଗନ୍ତେଇ ନାୟକ, ବୃତ୍ତି-ଚାଷ। ଉଭୟଙ୍କ ଗ୍ରାମ- ସୌରାପଲ୍ଲୀ, ପୋ- ସୁମୁଣ୍ଡଳ, ଥାନା- କୋଦଳା, ଜିଲ୍ଲା- ଗଞ୍ଜାମ।

ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ ଝାମ୍ପି ଜେନା ବୟସ ୬୩ବର୍ଷ ସ୍ୱାମୀ- କାଳୁ ଜେନା, ବୃତ୍ତି- ଗୃହକର୍ମ, ଗ୍ରାମ- ସୌରାପଲ୍ଲି, ପୋଷ୍ଟ- ସୁମୁଣ୍ଡଳ, ଥାନା- କୋଦଳା, ଜିଲ୍ଲା- ଗଞ୍ଜାମ, ଆପଣମାନଙ୍କ ବିରୁଦ୍ଧରେ ନିମ୍ନୋକ୍ତ ତଫସିଲ ଜାଗା ସମନ୍ଦେ ଉପରୋକ୍ତ ଅଦାଲତରେ ଉକ୍ତ କେସ ଦାଖଲ କରିଛନ୍ତି, ଆପଣ ବା ଆପଣଙ୍କ କ୍ଷମତାପ୍ରାପ୍ତ ବ୍ୟକ୍ତି ବା କୌଣସି ଓକିଲଙ୍କ ମାର୍ଫତରେ ଯେକି ତଫସିଲ ଜାଗା ସମ୍ବନ୍ଧରେ ଅବଗତ ଥିବେ ଆସନ୍ତା ତା ୨୬।୦୩।୨୧ରିଖ ସମୟ ଘ୧୦.୩୦ମି. ସକାଳ ବେଳା ଅଦାଲତରେ ହାଜରହୋଇ କୈଫତ ଦାଖଲ କରିପାରିବେ, ଅନ୍ୟଥା କେସର ଫୈସଲା ଆପଣଙ୍କ ଅନୁପସ୍ଥିତିରେ କରାଯିବ। ତାରିଖରେ ଅଦାଲତରେ ସହି ମୋହର ଓ ଦସ୍ତଖତ ଦିଆଗଲା।

ତଫସିଲ ଜାଗା-୧

ମୌଜା- ସୌରାପଲ୍ଲୀ, ଖାତା ନଂ.-୫୪, ପ୍ଲଟ୍ ନଂ.-୩୪୭, ୩୫୩, ୩୫୫, ୩୫୬, ୩୪୪, ୩୪୬, ୩୩୬, ୩୩୮, ୩୪୦, ୩୪୧, ୩୧୩, ୩୫୭, ୩୫୮, ମାପ- ଏ୦.୦୮୦ଡି.ମି., ଏ୦.୪୧୦ଡି.ମି., ଏ୦.୧୩୦ଡି.ମି., ଏ୦.୧୮୦ଡି.ମି., ଏ୦.୪୭୦ଡି.ମି., ଏ୦.୪୫୦ଡି.ମି., ଏ୦.୦୮୦ଡି.ମି., ଏ୦.୧୫୦ଡି.ମି., ଏ୦.୦୯୦ଡି.ମି., ଏ୦.୦୮୫ଡି.ମି., ଏ୦.୭୪୩ଡି.ମି., ଏ୦.୧୯୦ଡି.ମି., ଏ୦.୧୭୦ଡି.ମି., ମୋଟ-ଏ୩.୨୨୮ଡି.ମି.,

ତଫସିଲ-ଜାଗା-୨

ମୌଜା- ସୌରାପଲ୍ଲୀ, ଖାତା ନଂ.-୫୪, ପ୍ଲଟ୍ ନଂ.-୩୫୩,

ମାପ- ଏ୦.୨୨୦ଡି.ମି., ପୁରା- ଏ୦. ୪୧୦ ଡି.ମି. ମଧ୍ୟରୁ। ପୂର୍ବ-ଅବଶିଷ୍ଟ ଜାଗା ପ୍ଲଟ୍ ନଂ.-୩୫୩, ପଶ୍ଚିମ- ନିଜ ଜାଗା, ଦକ୍ଷିଣ- ବି.ମାଗି ଦୋରା, ଉତ୍ତର- ଏସ. ଶ୍ରୀଧର ଦୋରା, ମୌଜା- ସୌରାପଲ୍ଲୀ, ଖାତା ନଂ.-୫୪, ପ୍ଲଟ୍ ନଂ.- ୩୫୫, ମାପ- ଏ୦.୧୩୦ଡି.ମି., ମୋଟ- ଏ୦.୩୫୦ ଡି.ମି.

ସ୍ୱା./- ସିଭିଲ ଜଜ ସିନିୟର ଡିଭିଜନ
ଖଲ୍ଲିକୋଟ ଗଞ୍ଜାମ।

ଧ-୧୯୯୨୫


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ସଂକ୍ଷେପରେ

### ନିଆଁ ଖୋଳିବା ବେଳେ ବାହାରିଲା ୧୦ ଝୁଡ଼ି କଉଡ଼ି



ନୟାଗଡ଼ ଅଫିସ/ ରଣପୁର, ୧୨।୨ (ସ୍ୱ.ପ୍ର.): ଘର ତିଆରି ପାଇଁ ନିଅଁ ଖୋଳା ଯାଉଥିବାବେଳେ ମାଟିତଳୁ ପ୍ରାୟ ୧୦ ଝୁଡ଼ି କଉଡ଼ି ବାହାରିଛି। ଶୁକ୍ରବାର ନୟାଗଡ଼ ଜିଲା ରଣପୁର ବ୍ଲକ ତାଳକଣି ପଞ୍ଚାୟତ ନଛିପୁର ଗାଁରେ ଏହି ଘଟଣା ସାମ୍ନାକୁ ଆସିବା ପରେ ଚର୍ଚ୍ଚାର ବିଷୟ ହୋଇଛି। ନଛିପୁର ଗାଁର ନାରାୟଣ ସାହୁ ନିଜର ପୁରୁଣା ଘର ଭାଙ୍ଗି ନୂଆ ଘର ନିର୍ମାଣ ଆରମ୍ଭ କରିଛନ୍ତି। ଏଥିପାଇଁ ଶ୍ରମିକମାନେ ନିଅଁ ଖୋଳୁଥିଲେ। ୪ ଫୁଟ ଖୋଳିବା ପରେ ଏକ ମାଟି ଘମ ଦେଖିବାକୁ ମିଳିଥିଲା। ୫ଫୁଟର ଏହି ମାଟିଘମ ଭିତରେ କଉଡ଼ିଗୁଡ଼ିକ ସୁରକ୍ଷିତ ଅବସ୍ଥାରେ ରହିଥିଲା। ପୂର୍ବ ପୁରୁଷମାନେ କଉଡ଼ିକୁ ଟଙ୍କା ପରି ବ୍ୟବହାର କରୁଥିଲେ। ନାରାୟଣଙ୍କ ପୂର୍ବଜମାନେ ସେମାନଙ୍କ ପିଲାମାନଙ୍କ ପାଇଁ ବୋଧହୁଏ କଉଡ଼ି ପୋତି ରଖିଥିଲେ। ଏ କଥା ପ୍ରଚାରିତ ହେବା ପରେ ନାରାୟଣଙ୍କ ଘରେ କଉଡ଼ି ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା।

# ମାର୍ଚ୍ଚ ୧ରେ ଭୁବନେଶ୍ୱରକୁ ଟ୍ରାକ୍ଟର ରାଲି

## ପଶ୍ଚିମଓଡ଼ିଶା କୃଷକ ସଂଗଠନ ବୈଠକରେ ନିଷ୍ପତ୍ତି

ସମ୍ବଲପୁର,୧୨।୨ (ବ୍ୟୁରୋ)



ବରେଇପାଲି ମାର୍କେଟରେ ଚାଷୀ ସଂଗଠନର ବୈଠକ।

ସମ୍ବଲପୁର ବରେଇପାଲି ମାର୍କେଟ ୟାର୍ଡ ପରିସରରେ ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତିର ଏକ ଜରୁରୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଚାଷୀମାନେ ଟାର୍ଗେଟ କରି ବର୍ଷିଥିଲେ। ଫେବୃୟାରୀ ଶେଷ ସୁଦ୍ଧା ପଶ୍ଚିମ ଓଡିଶାର ବିଭିନ୍ନ ମଣ୍ଡିରେ ପଡିଥିବା ଧାନ ସଂଗ୍ରହ ସହ ରାଜ୍ୟ ସରକାର ଠିକା ଚାଷ ଓ ମଣ୍ଡି ଘରୋଇକରଣ ପାଇଁ ଆଣିଥିବା ଅଧ୍ୟାଦେଶ ବାତିଲ ଦାବିରେ ଚାଷୀମାନେ ମାର୍ଚ୍ଚ ୧ରେ ଭୁବନେଶ୍ୱରକୁ ଟ୍ରାକ୍ଟର ରାଲି କରିବେ ବୋଲି ଚେତାବନୀ ଦେଇଛନ୍ତି। ବାଇକ୍‌ରେ ମଧ ପଶ୍ଚିମ ଓଡିଶାର ହଜାର ସଂଖ୍ୟାରେ ଚାଷୀ ବିଧାନସଭା ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସୂଚନା ଦେଇଛନ୍ତି।

ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ଚିନ୍ତା କରୁନାହାନ୍ତି। ଚାଷୀଙ୍କୁ ନେଇ ଅଯଥାରେ ରାଜନୀତି କରାଯାଉଛି। ବାସ୍ତବରେ ଚାଷୀ ଘରୋଇକରଣକୁ ବିରୋଧ କରିଆସିଛି। ହେଲେ ରାଜ୍ୟ ସରକାର ପୂର୍ବରୁ ୨ଥର ମଣ୍ଡି ଘରୋଇକରଣ କରିବା ଓ ଠିକା ଚାଷକୁ ନେଇ ବିଲ୍ ପାସ୍ କରିବାକୁ ଚେଷ୍ଟା କରିଥିଲେ। ହେଲେ ବିରୋଧ ହେବାରୁ ତାହା ହୋଇପାରି ନ ଥିଲା। ଇତିମଧ୍ୟରେ ଏହି ଅଧ୍ୟାଦେଶ ଆଣିଥିବା ଜଣାପଡିଛି। ଏହା ବିରୋଧରେ ପଶ୍ଚିମ ଓଡିଶାର ଚାଷୀ ଭୁବନେଶ୍ୱର ଯାଇ ଆନ୍ଦୋଳନ କରିବେ। ସମ୍ବଲପୁର ଜିଲା ସମେତ ପଶ୍ଚିମ ଓଡିଶାରେ ଲକ୍ଷାଧିକ କୁଇଣ୍ଟାଲ ଧାନ ପଡିରହିଛି। ଏହାସହ ଅଦିନିଆ ବର୍ଷାରେ ଧାନ ନଷ୍ଟ ହୋଇଯାଇଛି। ବାରମ୍ବାର ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କୁ ଅଭିଯୋଗ ସହ ଆନ୍ଦୋଳନ କରାଯାଇଥିଲେ ମଧ ସୁଫଳ ମିଳୁନାହିଁ। ଏପରି କି ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାର ସିଧାସଳଖ ମନା କରିଦେଉଛନ୍ତି। ବିକଳ୍ପ ନ ଥିବାରୁ ଚାଷୀମାନେ ଟ୍ରାକ୍ଟର ରାଲି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ସମର୍ଥନ କରିବ ଓ ଭାଗିଦାରୀ ରହିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ପ୍ରଧାନ, ମୁରାରୀ ପୁରୋହିତ, ସୁଶୀଲ ସାହୁ, ମର୍କଧ୍ୱଜ ପ୍ରଧାନ, ଗିରିଶ ସାହୁ, ଶିବ ପ୍ରଧାନ, ସରୋଜ ମହାନ୍ତି, ଦିଲୀପ ବଡ଼େଇ, ବିରଞ୍ଚି ସାହୁ, ପ୍ରଦୀପ ସ୍ୱାଇଁ, ହରିଶଙ୍କର ପୁରୋହିତ, ବ୍ୟୋମକେଶ ଠାକୁର, ଉମେଶ ମିଶ୍ର, ସୁରେଶ ତ୍ରିପାଠୀ, ଦେବେନ୍ଦ୍ର ପ୍ରଧାନ, ଏମ୍ ଗୋବିନ୍ଦୁ, ଗୌରବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ଘରୋଇକରଣ ଅଧ୍ୟାଦେଶ ବାତିଲ, ମଣ୍ଡିରୁ ଧାନ ସଂଗ୍ରହ ଦାବି**

# ବିଡିଏସ୍ ନାମଲେଖା ଅବଧି ୧୮ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

**ଯୋଗ୍ୟତା ମାନଦଣ୍ଡରେ କୋହଳ**

ଓଜେଇଇ ପକ୍ଷରୁ ଶୁକ୍ରବାର ବ୍ୟାଚ୍‌ଲର ଅଫ୍ ଡେଣ୍ଟାଲ ସର୍ଜରି (ବିଡିଏସ୍)ରେ ନାମଲେଖା ସମୟସୀମାକୁ ବୃଦ୍ଧି କରାଯାଇଛି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ନାମ ଲେଖାଇପାରିବେ। ୨୦୨୦-୨୦୨୧ ପାଇଁ ବିଡିଏସ୍ ପ୍ରଥମ ବର୍ଷ ପାଠ୍ୟକ୍ରମରେ ଖାଲିଥିବା ସିଟ୍‌ରେ ନାମଲେଖା ଚାଲିଛି। ଏଥିପାଇଁ ନିଟ୍ କଟ୍ଅଫ୍ ଯୋଗ୍ୟତା ମାନଦଣ୍ଡକୁ ୧୦ ପ୍ରତିଶତ ହ୍ରାସ କରିବାକୁ ଓଜେଇଇ ଏକ ବିଜ୍ଞପ୍ତି ଜାରି କରିଛି। ଏହି ବିଜ୍ଞପ୍ତି ଅନୁସାରେ, ୪୦% ହାସଲ କରିଥିବା ସାଧାରଣ ବର୍ଗର ପ୍ରାର୍ଥୀମାନେ ବିଡିଏସ୍ ପ୍ରଥମ ବର୍ଷ ପାଠ୍ୟକ୍ରମରେ ନାମଲେଖା ପାଇଁ ବିବେଚିତ ହେବେ। ସେହିଭଳି ଏସ୍‌ସି ଓ ଏସ୍‌ଟି ବର୍ଗର ଛାତ୍ରୀଛାତ୍ରମାନେ ୩୦% ଏବଂ ସାଧାରଣ ବର୍ଗର ଦିବ୍ୟାଙ୍ଗ ୩୫% ହାସଲ କରିଥିଲେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହେବେ। ଅନ୍ୟ ଯେକୌଣସି ଛାତ୍ରୀଛାତ୍ର ସର୍ବନିମ୍ନ ମାର୍କ ହ୍ରାସ ନ କରି ନିଟ୍(ୟୁଜି)-୨୦୨୦ ଯୋଗ୍ୟତା ଅର୍ଜନ କରିଛନ୍ତି ଏବଂ ନାମଲେଖା ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ, ସେମାନେ ମଧ ବିଡିଏସ୍ ପାଠ୍ୟକ୍ରମରେ ନାମଲେଖାଇ ପାରିବେ। ଭୁବନେଶ୍ୱରର ହାଇଟେକ୍ ଡେଣ୍ଟାଲ କଲେଜରେ ୩୧ ବିଡିଏସ୍ ସିଟ୍ ଖାଲି ରହିଛି। ଯୋଗ୍ୟ ତଥା ଆଗ୍ରହୀ ପ୍ରାର୍ଥୀମାନେ ୧୪ ତାରିଖ ରାତି ୧୧ଟା ୫୯ ପର୍ଯ୍ୟନ୍ତ ୪୫୦ ଟଙ୍କା ଅନ୍‌ଲାଇନରେ କାଉନ୍‌ସେଲିଂ ଫି' ଦାଖଲ କରି ଓଜେଇଇ ୱେବ୍‌ସାଇଟରେ ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଇଛି। ପୂର୍ବରୁ ଓଜେଇଇରେ ପଞ୍ଜୀକୃତ ହୋଇଥିବା ପ୍ରାର୍ଥୀଙ୍କୁ ପୁନର୍ବାର ପଞ୍ଜୀକରଣ କରିବାକୁ ପଡ଼ିବ ନାହିଁ। ପଞ୍ଜୀକୃତ ପ୍ରାର୍ଥୀଙ୍କ ଯୋଗ୍ୟତା ତାଲିକା ୧୫ରେ ଓଜେଇଇ ୱେବ୍‌ସାଇଟରେ ପ୍ରଦର୍ଶିତ ହେବ।

## ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ୧୦ ନୂଆ ସଦସ୍ୟ ମନୋନୀତ

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

ରାଜ୍ୟ ସରକାର ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ୧୦ଜଣ ନୂଆ ସଦସ୍ୟଙ୍କୁ ମନୋନୀତ କରିଛନ୍ତି। ବୋର୍ଡର ସଭାପତି ଭାବେ ସଂଗ୍ରାମ କେଶରୀ ପାଇକରାୟ ଥିବାବେଳେ ସଦସ୍ୟ ଭାବେ ବିଶିଷ୍ଟ ଗାନ୍ଧୀବାଦି ନେତ୍ରୀ ଡ. ଅରୁନ୍ଧତୀ ଦେବୀ, ପୂର୍ବତନ ମନ୍ତ୍ରୀ ଡ. ଦେବେନ୍ଦ୍ର ମାନସିଂ, ପୂର୍ବତନ ବିଧାୟକ ରବି ଲାବଣ୍ୟ, ସାମାଜିକକର୍ମୀ ଅଜୟ ନାୟକ, ପୃଥ୍ୱୀରାଜ ସାହୁ, ପ୍ରଶାନ୍ତ କୁମାର ମହାନ୍ତି, ସମୀର ସାମନ୍ତରାୟ, ସଦାଶିବ ଜେନା, ସରୋଜ କୁମାର ବୋଷ ଓ ମୀନା ମାଝୀ ମନୋନୀତ ହୋଇଛନ୍ତି।

WALK IN INTERVIEW
WANTED
SALES OFFICER
WITH 2-3 YEARS EXPERIENCE
(FMCG) - 5 NOS.
(CONSUMER DURABLES) - 3 NOS.
SHANTI AGENCIES
1935/2813, CHINTAMANISWAR AREA
BHUBANESWAR - 751006
Email: oneworldbbsr@gmail.com
+91-9937944999

WANTED
ଧରିତ୍ରୀ DHARITRI Oriya daily
Wants aggressive and result oriented
BACK OFFICE EXECUTIVES
- With knowledge of Tally & Proficient is using Excel/Spreadsheet
- Minimum 12th Pass Female/Male Candidates
- Typing Speed of Minimum 40/ wpm
- Good English reading & writing skills
- Minimum 1 year experience in Data Entry

Apply immediately to :
recruitment@dharitri.com
Attractive salary commensurate with experience

WANTED
PEON-CUM-WATCHMAN
FOR OUR OFFICE AT JAGATPUR
Contact: 7381075901
9437021279

# ସୋରାଦେବୀ ଶାଗୁଆନ ଜଙ୍ଗଲରେ ନିଆଁ



କର୍ମଚାରୀମାନେ ମେସିନ୍ ସାହାଯ୍ୟରେ ନିଆଁ ଲିଭାଉଛନ୍ତି।

ଭଞ୍ଜନଗର,୧୨।୨(ଡି.ଏନ.ଏ)

ନିଆଁଲାଗି ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜର ସୋରାଦେବୀ ଶାଗୁଆନ ଜଙ୍ଗଲ ଜଳୁଛି। ଶୁକ୍ରବାର ନିଆଁ ଲାଗିବା ସହ ଚାହୁଁଚାହୁଁ ବହୁ ଅଞ୍ଚଳକୁ ବ୍ୟାପୀ ଯାଇଥିଲା। ଡ଼ିଏଫ୍‌ଓ ଅଭୟ କୁମାର ଦଳେଇ ସଦଳବଳ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ ଚଳାଇଛନ୍ତି, ମାତ୍ର ଆୟତ୍ତ କରାଯାଇପାରିନାହିଁ। କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ମାଘ ମାସରୁ ଜଙ୍ଗଲ ଜଳିଲାଣି। ଲୋକଙ୍କ ମଧ୍ୟରେ ସଚେତନତା ନବଢ଼ିଲେ ଗ୍ରୀଷ୍ମ ଋତୁରେ ସମସ୍ୟା ଜଟିଳ ହେବ। ତେଣୁ ବନ ସୁରକ୍ଷା ସମିତି ଗୁଡ଼ିକ ଅଧିକ ତତ୍ପର ହେବା ଆବଶ୍ୟକତା ରହିଛି। କାରଣ ସେମାନେ ଜଙ୍ଗଲ ନିକଟରେ ରହୁଛନ୍ତି। ବନ ସୁରକ୍ଷା ସମିତିର ଏକ ପ୍ରତିନିଧି ମଣ୍ଡଳୀ ଲୋକନାଥ ଆଚାର୍ଯ୍ୟଙ୍କ ନେତୃତ୍ୱରେ ସୋମବାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଜିତେନ୍ଦ୍ର କୁମାରଙ୍କୁ ଭୁବନେଶ୍ୱରରେ ଭେଟି ଭିଏସ୍‌ଏସ୍ ଗୁଡ଼ିକୁ ଅଧିକ କ୍ରିୟାଶୀଳ ପାଇଁ ଦାବି କରିଛନ୍ତି।

ପ୍ରକାଶ ଯେ, ସୋରାଦେବୀ ଜଙ୍ଗଲ ନିକଟରେ ଥିବା କେତେଜଣ ଲୋକ ଜମି ସଫା କରି ତାଳପତ୍ର ଓ ଘାସରେ ନିଆଁ ଲଗାଇ ଦେଇଥିଲେ। ଉକ୍ତ ନିଆଁ ଜଙ୍ଗଲକୁ ବ୍ୟାପିଥିବା ଅନୁମାନ କରାଯାଉଛି। କିନ୍ତୁ ବନ ବିଭାଗ ଏହାକୁ ଖଣ୍ଡନ କରିଛି। ଡ଼ିଏଫଓ ଅଭୟ କୁମାର ଦଳେଇ କହିଛନ୍ତି, ଖବର ମିଳିବାକ୍ଷଣି ନିଆଁକୁ ଲିଭାଇବା ପାଇଁ ପଦକ୍ଷେପ ନିଆଯାଇଥିଲା। ଆଗାମୀ ଦିନରେ ଜଙ୍ଗଲରେ ଯେଭଳି ନିଆଁ ନଲାଗିବ ସେନେଇ ବିଭାଗୀୟ କର୍ମଚାରୀ, ଭିଏସ୍‌ଏସ୍ କର୍ମକର୍ତ୍ତାଙ୍କୁ ସଚେତନ ସହ ଜଙ୍ଗଲରେ ଫାୟାର ଲାଇନ୍ କଟାଯାଉଛି। ନିଆଁ ଲିଭାଇବା ପାଇଁ ପ୍ରତ୍ୟେକ ରେଞ୍ଜରେ ଗୋଟିଏ ଲେଖାଁଏ ଟିମ୍ ଅଛନ୍ତି।

## ନାଟ୍ୟକାର କୁଞ୍ଜ ରାୟଙ୍କ ପରଲୋକ

ଭୁବନେଶ୍ୱର, ୧୨।୨(ବ୍ୟୁରୋ)



ବିଶିଷ୍ଟ ନାଟ୍ୟକାର, ଗାଳ୍ପିକ, ଅନୁବାଦକ ଓ ଔପନ୍ୟାସିକ କୁଞ୍ଜ ରାୟଙ୍କ ଶୁକ୍ରବାର ପରଲୋକ ଘଟିଛି। ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ସେ ଭୁବନେଶ୍ୱରସ୍ଥିତ ଏଜି ଅଫିସ୍‌ରେ ୧୯୭୦ରୁ ୨୦୦୪ ପର୍ଯ୍ୟନ୍ତ ଜଣେ ଉଚ୍ଚ ପଦାଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ, କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ, ପ୍ରଜାତନ୍ତ୍ର ପ୍ରଚାର ସମିତିର ହରିହର ମହାପାତ୍ର ସମ୍ମାନ, ନାଟ୍ୟକାର ରାମଚନ୍ଦ୍ର ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ସମ୍ମାନ ସହିତ ବହୁ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଆକାଶବାଣୀରେ ପ୍ରସାରିତ ଲୋକପ୍ରିୟ ନାଟକ 'ନାୟକ ଚନ୍ଦ୍ରସେଣ' ପାଇଁ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଥିଲେ। ସେହିଭଳି ଅଗ୍ନିସାନ, କେଉଁ ନଈ ମୁହାଣରେ, କାଳାନ୍ତର, ବିଦାୟ ବଜ୍ରାଦିତ୍ୟ, କ୍ଷୁଦ୍ର ନାଟକ ତ୍ରୟୀ, ଅନୁସୃଜନ ତତ୍ରୟୀ, ସଫୋକ୍ଲିସ୍‌ଙ୍କ ତ୍ରୟୀ, ଅପ୍ରତିହତ ଖାରବେଳ, କର୍ମଯୋଗୀ ଆଦି ହେଉଛି ତାଙ୍କର କାଳଜୟୀ ନାଟକ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ଓଡ଼ିଶା ନାଟ୍ୟସଂଘ ସମେତ ବିଭିନ୍ନ ନାଟ୍ୟାନୁଷ୍ଠାନ, ନାଟ୍ୟପ୍ରେମୀ, ଦର୍ଶକ, ପାଠକ ଗଭୀର ଶୋକ ପ୍ରକାଶ କରିଛନ୍ତି।

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ପଞ୍ଚାୟତ ଏବଂ ବ୍ଲକ୍‌ରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ।
ଦରମା - 7,000/- ରୁ 42,000/-
7894509327

JOBS IN AIRPORT
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Air Hostess, Ground Staffs, Supervisors, Checkers, Loaders, Drivers, Guards & Helpers
Quali : ପାଠ ପଢ଼ିନଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
09910516680, 08800571120

JOB VACANCIES
Suitable Male Candidates Required as Gold Loan Sales Counsellors Job in a Reputed Bank across Odisha.
Job Profile - Sales
Salary Band - 8,500-10,500(Plus Incentive)
Educational Qualification - 10+2 for experienced candidate and Graduation for fresher.
Age Criteria - 21-35 Yrs .
Note: Own Conveyance(TW) is a must with valid DL.
Pls. mail your Resume in:
jobs@mbsindia.net
Mentioning Job Code – GL Odisha.

THE KOSALA SCHOOL, Estd-1979
English Medium Residential Public School, At-Nuakhairpali
P.O.-Larasara, Via-Attabira, Dist.- Bargarh, Pin-768027, Mob-7682032632
Email-thekosalaschool1979@gmail.com, Website-www.thekosalaschool.in
REQUIRES THE FOLLOWING TEACHING & NON TEACHING STAFF

| Sl. No. | Grade | Subject | Qualification | Salary |
|---|---|---|---|---|
| 1 | TGT | English/ Physics/ Chemistry/ Biology/ Mathematics/ Odia/ Hindi/ Social Science/ Odia | M.A./B.A./B.Sc., B.Ed./ Kobid/Ratna, OTET/ CTET | Salary will be paid on par with the state Govt. Sikshya Sahayak. (Salary is not a constraint for deserving candidates) |
| 2 | PRT | English/Mathematics/Science/ Social Science/Hindi/ Odia | B.A./B.Sc., NTT, Kobid, CT/B.Ed., OTET/CTET | |
| 3 | Hostel Warden (Male & Female), Age-35 to 40 yrs. | | +2/B.A. | |
| 4 | PET (Male & Female | | C.P.Ed./B.P.Ed., OSSTET | |

- Candidates having teaching experience in English Medium Schools, good Spoken English, Computer knowledge and not crossed 45 years of age will be preferred.
- Couples will be given preferencce and provided with rent free accommodation.
- Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
- Photo copies of all Certificates, Marksheets, Aadhaar Card, filled up Boidata Form with recent passport size photo & Mobile Number should reach the undersigned in the above address latest by 25th February 2021.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone No. (given above) from 10.00 A.M. to 2.00 P.M.

Sd./- (Director cum Principal)

# ଏଲ୍‌ଭିଏ ଟେଷ୍ଟର ଶୁଣାଣି ହେଲା, ରାୟ ସଂରକ୍ଷିତ

ନୟାଗଡ଼ ଅଫିସ,୧୨।୨

**ପରୀ ହତ୍ୟା ମାମଲା**

ବହୁଚର୍ଚ୍ଚିତ ନୟାଗଡ଼ ସଦର ଥାନା ଯଦୁପୁରର ୫ ବର୍ଷୀୟା ଶିଶୁକନ୍ୟା ପରୀ ହତ୍ୟା ମାମଲାରେ କଲେଜ ଛାତ୍ରଙ୍କ ସ୍ୱରର ସ୍ତର ନିରୀକ୍ଷଣ (ଏଲ୍‌ଭିଏ) (ଲୟାର ଭଏସ୍ ଆନାଲେସିସ୍) ପାଇଁ ଏସ୍‌ଆଇଟି କରିଥିବା ଆବେଦନ ଚିଲ୍‌ଡ୍ରେନ କୋର୍ଟରେ ଶୁକ୍ରବାର ଶୁଣାଣି ହୋଇଛି। ସେହିପରି ରିମାଣ୍ଡ ସମୟରେ କଲେଜ ଛାତ୍ରଙ୍କୁ ମାଡ଼ ଓ ନିର୍ଯାତନା ଅଭିଯୋଗର ଶୁଣାଣି ମଧ ଅନୁରୂପ ଭାବେ କରାଯାଇଛି। ରାୟ ସଂରକ୍ଷିତ ରହିଛି। ଆସନ୍ତା ୧୯ ତାରିଖରେ ରାୟ ପ୍ରକାଶ ପାଇବ ବୋଲି ସରକାରୀ ଓକିଲ ଅନ୍‌ୱାର ମଲ୍ଲିକ ଓ କଲେଜ ଛାତ୍ରଙ୍କ ଓକିଲ ଚନ୍ଦ୍ରବିଜୟୀ ମିଶ୍ର କହିଛନ୍ତି।

ଅନ୍ୟପକ୍ଷେ ପରୀ ମା'ଙ୍କ ବ୍ଲଡ ଗ୍ରୁପ, ପରୀର ଜଙ୍ଘହାଡ଼ ଓ ଫ୍ରକ୍, କଲେଜ ଛାତ୍ରଙ୍କ ଭଉଣୀଙ୍କ ମୋବାଇଲ ପରୀକ୍ଷା ପାଇଁ ତାଙ୍କ ପାଖରେ ଟେକ୍ନୋଲୋଜି ନ ଥିବା ଦର୍ଶାଇ କୋଲକତା ସେଣ୍ଟ୍ରାଲ ଫରେନ୍‌ସିକ ସାଇନ୍ସ ଲାବୋରାଟରୀ ଫେରାଇ ଦେଇଛି। ଗତ ୧୦ ତାରିଖରେ ଏନେଇ ଏସ୍‌ଆଇଟି ଚିଲ୍‌ଡ୍ରେନ କୋର୍ଟକୁ ଅବଗତ କରାଇଥିଲା। ପରେ କୋର୍ଟଙ୍କ ଅନୁମତିକ୍ରମେ ଗୁଜରାଟ ଗାନ୍ଧୀନଗର ଫରେନ୍‌ସିକ୍ ସାଇନ୍ସ ଲାବୋରାଟାରୀକୁ ଏହାର ପରୀକ୍ଷଣ ପାଇଁ ପଠେଇବାକୁ ଅନୁମତି ମିଳିଛି। ତେବେ ସେଣ୍ଟ୍ରାଲ ଫରେନ୍‌ସିକ ସାଇନ୍ସ ଲାବୋରାଟରୀ ଉପରୋକ୍ତ ସାମଗ୍ରୀ ଫେରାଇ ଦେଇଥିବାବେଳେ ଗୁଜରାଟ ରାଜ୍ୟ ସରକାରଙ୍କ ଲାବୋରେଟୋରୀ କିପରି ସଫଳ ହେବ ସେନେଇ କଲେଜ ଛାତ୍ରଙ୍କ ଓକିଲ ମିଶ୍ର ପ୍ରଶ୍ନ କରିଛନ୍ତି।

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, P/1, Nayapalli,
Bhubaneswar-751 013, Odisha, India
CIN : L27203OR1981GOI000920
A NAVRATNA COMPANY
स्वच्छ भारत
एक कदम स्वच्छता की ओर

**Extracts of Financial Results for the Quarter and Nine Months ended December 31, 2020**

Rs. In Crore

| Sl. No. | Particulars | Standalone | | | | | | Consolidated | | | | | |
|---|---|---|---|---|---|---|---|---|---|---|---|---|---|
| | | Quarter Ended | | | Nine Months Ended | | Year Ended | Quarter Ended | | | Nine Months Ended | | Year Ended |
| | | 31/12/2020 (Unaudited) | 30/09/2020 (Unaudited) | 31/12/2019 (Unaudited) | 31/12/2020 (Unaudited) | 31/12/2019 (Unaudited) | 31/03/2020 (Audited) | 31/12/2020 (Unaudited) | 30/09/2020 (Unaudited) | 31/12/2019 (Unaudited) | 31/12/2020 (Unaudited) | 31/12/2019 (Unaudited) | 31/03/2020 (Audited) |
| 1. | Total Income from Operations | 2,378.79 | 2,374.89 | 2,088.35 | 6,134.31 | 6,535.98 | 8,471.84 | 2,378.79 | 2,374.89 | 2,088.35 | 6,134.31 | 6,535.98 | 8,471.84 |
| 2. | Net Profit/(Loss) for the period (before Tax, Exceptional and /or Extraordinary items) | 298.63 | 155.00 | (53.22) | 478.30 | 47.33 | 226.24 | 298.63 | 155.00 | (53.22) | 478.30 | 47.33 | 226.24 |
| 3. | Net Profit/(Loss) for the period before Tax (after Exceptional and/or Extraordinary items) | 298.63 | 155.00 | (53.22) | 478.30 | 47.33 | 226.24 | 298.53 | 154.82 | (53.16) | 478.08 | 47.58 | 224.24 |
| 4. | Net Profit/(Loss) for the period after Tax ( after Exceptional and/or Extraordinary items) | 239.81 | 107.45 | (33.96) | 363.89 | 35.47 | 138.23 | 239.71 | 107.27 | (33.90) | 363.67 | 35.72 | 136.23 |
| 5. | Total Comprehensive Income for the period Comprising Profit/Loss for the period (after tax) and other Comprehensive Income (after tax) | 238.53 | 117.12 | (41.50) | 369.03 | 7.11 | 122.06 | 238.43 | 116.94 | (41.44) | 368.81 | 7.36 | 120.06 |
| 6. | Equity Share Capital | 932.81 | 932.81 | 932.81 | 932.81 | 932.81 | 932.81 | 932.81 | 932.81 | 932.81 | 932.81 | 932.81 | 932.81 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | | | | | | 9,055.26 | | | | | | 9,053.69 |
| 8. | Earnings Per Share (before extraordinary items) (of Rs.5/- each) (not annualised): | | | | | | | | | | | | |
| | 1. Basic | 1.29 | 0.58 | -0.18 | 1.95 | 0.19 | 0.74 | 1.28 | 0.57 | -0.18 | 1.95 | 0.19 | 0.73 |
| | 2. Diluted | 1.29 | 0.58 | -0.18 | 1.95 | 0.19 | 0.74 | 1.28 | 0.57 | -0.18 | 1.95 | 0.19 | 0.73 |

The above is an extract of the detailed format of Quarterly Financial Results filed with the Stock Exchanges under regulation 33 of the SEBI ( Listing Obligations and Disclosure Requirements) Regulations, 2015. The full format of the above financial results are available on the Stock Exchange websites, www.nseindia.com and www.bseindia.com; and Company's website, www.nalcoindia.com.

Notes :
(1) In absence of Independent Directors on the Board of the Company, there is no Audit committee in place. The Financial Results have been reviewed and approved at the meeting of the Board of Directors held on 12th February, 2021. Limited review as required under Regulation 33 of the SEBI (Listing Obligation and Disclosure Requirements) Regulations, 2015 has been carried out by the Statutory Auditors of the Company.
(2) In pursuance to Section 115BAA of the Income Tax Act, 1961 notified by the Government of India through Taxation Laws (Amendment) Ordinance, 2019, the Company has an irrevocable option of shifting to a lower tax rate foregoing other tax incentives. The Company has excercised the said option for lower rates of taxes and current tax expenses has been provided accordingly. The consequential effect on the deferred tax liabilities shall be measured at the year end as consistently followed.
(3) Figures pertaining to previous periods have been regrouped, recasted and rearranged, wherever necessary.

Place : Puri
Dated : 12th February, 2021

Sd/-
( Shri Sridhar Patra )
Chairman-cum-Managing Director

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। **–ଶ୍ରୀମା**



# ଆଉ ଏକ ଅଭିଯାନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗତ ବର୍ଷ ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିଆ ତାଙ୍କ ପ୍ରକାଶିତ ପୁସ୍ତକ' ଇଣ୍ଡିଆ ଅନ୍‌ଲିମିଟେଡ୍‌-ରିକ୍ଲେମିଂ ଦିଲଷ୍ଟ ଗ୍ଲୋରି'ରେ ଉଲ୍ଲେଖ କରିଛନ୍ତି ଯେ, ଭାରତୀୟ ବାବୁମାନେ ସୋସିଆଲିଷ୍ଟ ହ୍ୟାଙ୍ଗଓଭରର ଶିକାର ହୋଇଛନ୍ତି। କିଛି ନୂଆ କାର୍ଯ୍ୟରେ ସକ୍ରିୟତା ପ୍ରକାଶ କରୁନାହାନ୍ତି, ଯାହା ମୋଦି ସରକାର ଆଣିବାକୁ ଚାହୁଁଥିବା ସଂସ୍କାରର ଗତିକୁ ଧିମା କରିଦେଉଛି। ଏଥିରେ ମୋଦିଙ୍କ ସଂସ୍କାରଭିତ୍ତିକ ଦୃଷ୍ଟିକୋଣକୁ ସମର୍ଥନ କରିବା ସହ ଲାଟେରାଲ ଏଣ୍ଟ୍ରି (ସରକାର ବାହାରେ ଥିବା ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକରୁ ଦକ୍ଷ ବ୍ୟକ୍ତିଙ୍କୁ ଆଣି ଅମଲାତନ୍ତ୍ରର ଶୀର୍ଷ ପଦବୀରେ ନିଯୁକ୍ତି ଦେବା) ପାଇଁ ତାଙ୍କ ଅଭିଯାନ ବା ପଦକ୍ଷେପ ସମ୍ପର୍କରେ ବି ବର୍ଣ୍ଣନା କରିଛନ୍ତି। ପାନଗାରିଆଙ୍କ ଅନୁଯାୟୀ, ବାବୁମାନେ ମୋଦିଙ୍କ ସଂସ୍କାର ପ୍ରକ୍ରିୟାକୁ ଏତେ ମନ୍ଥର କରିଦେଲେ ଯେ ତାଙ୍କ ପ୍ରଥମ ପାଳିର ଶେଷବେଳକୁ କେବଳ ୯ ଜଣ ଯୋଗ୍ୟ ଅଧିକାରୀଙ୍କୁ ବାହାରୁ ପ୍ରବେଶ କରାଯାଇପାରିଥିଲା। ତେବେ ସରକାର ଏବେ ସୁଦ୍ଧା ତାଙ୍କ ଅଭିଯାନରୁ ଓହରିନାହାନ୍ତି। ଆଉ ଏକ ପଦକ୍ଷେପ ନେବାକୁ ଯାଇ ଘରୋଇ କ୍ଷେତ୍ରର ୩୦ ଜଣରୁ ଉର୍ଦ୍ଧ୍ୱ ବିଶେଷଜ୍ଞଙ୍କୁ ଆଣି ବିଭିନ୍ନ ସରକାରୀ ବିଭାଗରେ ପ୍ରବେଶ କରାଇବାର ଯୋଜନା କରିଛନ୍ତି। ନୀତି ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ଯୁଗ୍ମ ସଚିବ ଏବଂ ନିର୍ଦ୍ଦେଶକ ଭଳି ପଦବୀରେ ଏମାନଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦେବାକୁ ସରକାର ପ୍ରସ୍ତୁତ ହେଉଛନ୍ତି। ଏଥିପାଇଁ ୟୁନିୟନ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍‌ସି) ବା କେନ୍ଦ୍ର ଲୋକସେବା ଆୟୋଗ ପ୍ରାର୍ଥୀମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବ ବୋଲି ଜଣାପଡ଼ିଛି। ଅମଲାତନ୍ତ୍ରରେ ଘରୋଇ କ୍ଷେତ୍ରର ନୂଆ ପ୍ରତିଭା ବା ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେବା ପ୍ରକ୍ରିୟା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ପ୍ରଥମ ପାଳିରେ ଆରମ୍ଭ କରିଥିଲେ। କିନ୍ତୁ ପ୍ରଥମ ପର୍ଯ୍ୟାୟରେ ସରକାର ଯାହା ଚାହୁଁଥିଲେ ସେଥିରେ ସଫଳ ହୋଇପାରି ନାହାନ୍ତି। ସରକାର ଚୟନ କରିଥିବା ୧୦ ଜଣ କ୍ଷେତ୍ର ବିଶେଷଜ୍ଞଙ୍କ ମଧ୍ୟରୁ ୯ ଜଣଙ୍କୁ ନିଯୁକ୍ତି ଦେଇପାରିଥିଲେ । ଏମାନଙ୍କ ମଧ୍ୟରେ ଥିଲେ ଅରୁଣ ଗୋୟଲ । ସେ ବାଣିଜ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ ଯୋଗଦେଇ ପ୍ରାୟ ବର୍ଷେ ପରେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଏହାଦ୍ୱାରା ପ୍ରଶାସନିକ ପଦ୍ଧତିରେ ପରିବର୍ତ୍ତନ ଆଣିବା ବଦଳରେ ଲାଟେରାଲ ଏଣ୍ଟ୍ରିରେ ଆସିଥିବା ଯୋଗ୍ୟ ଅଧିକାରୀମାନେ ଗୋୟଲଙ୍କ ଭଳି ଦୃଷ୍ଟାନ୍ତ ପାଲଟିବାର ଅଧିକ ସମ୍ଭାବନା ରହିଛି। ପୁନଶ୍ଚ ସେମାନଙ୍କ ନିଯୁକ୍ତିର ଏକ ବର୍ଷ ପରେ ଏବେ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ୍‌ ଟ୍ରିବ୍ୟୁନାଲ (ସିଏଟି) ବା କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ୟୁପିଏସ୍‌ସିକୁ ଏକ ନୋଟିସ ଜାରି କରିଛି। ଭାରତୀୟ ବନ ସେବା ଅଧିକାରୀ (ଆଇଏଫ୍‌ଏସ୍‌) ତଥା ହ୍ୱିସିଲବ୍ଲୋୟର ସଞ୍ଜୀବ ଚତୁର୍ବେଦୀ ଲାଟେରାଲ୍‌ ଏଣ୍ଟ୍ରିରେ ସରକାରଙ୍କ ଦ୍ୱାରା ନିଯୁକ୍ତ ୯ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ନିଯୁକ୍ତିରେ ଅନିୟମିତତା ହୋଇଛି ବୋଲି ସିଏଟିରେ ଅଭିଯୋଗ ଦାଖଲ କରିବାପରେ ୟୁପିଏସ୍‌ସିକୁ ସିଏଟି ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ସରକାର କଡ଼ା ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି। ବିରୋଧୀ ଦଳର କେତେଜଣ ନେତାଙ୍କ ପକ୍ଷରୁ ଏହି ନୀତି ବା ଯୋଜନାକୁ ହଟାଇ ନେବାକୁ ଦାବି ଉଠୁଛି। ସରକାରଙ୍କ ଏଭଳି ପଦକ୍ଷେପ ସାମ୍ବିଧାନିକ ଅଧିକାର ଉଲ୍ଲଂଘନ କରୁଛି ବୋଲି ଅଭିଯୋଗ ଆଣିବା ସହ ଭୀମ୍‌ ଆର୍ମିର ମୁଖ୍ୟ ଚନ୍ଦ୍ରଶେଖର ଆଜାଦ୍‌ ପାର୍ଲାମେଣ୍ଟ ଘେରାଉ କରିବା ପାଇଁ ଧମକ ଦେଇଛନ୍ତି। ରାଷ୍ଟ୍ରୀୟ ଜନତା ଦଳ ( (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବ କହିଛନ୍ତି, ୟୁପିଏସ୍‌ସିର ଲାଟେରାଲ ଏଣ୍ଟ୍ରି ପ୍ରକ୍ରିୟା ଯୁବପିଢ଼ିଙ୍କ ପାଇଁ ସମ୍ପୂର୍ଣ୍ଣ ଅନ୍ୟାୟ। ବାହାରୁ ରାଜନୈତିକ ପ୍ରତିରୋଧ ଓ ସରକାରରେ ଆସନ ବଞ୍ଚାଇବା ଲାଗି ଚେଷ୍ଟା କରୁଥିବା ବାବୁମାନଙ୍କ ବିରୋଧକୁ ମୋଦି ସରକାର ନିୟନ୍ତ୍ରଣ କରି ତାଙ୍କ ଅଭିଯାନରେ ସଫଳ ହେବେ ତ।

## ନିର୍ଦ୍ଦେଶକୁ ଅବଜ୍ଞା

୨୦୧୩ରେ ସୁପ୍ରିମକୋର୍ଟ ବାବୁମାନଙ୍କ ପାଇଁ ସେମାନଙ୍କ ପଦବୀର କାର୍ଯ୍ୟକାଳ ଦୁଇ ବର୍ଷ ସ୍ଥିର କରିଥିଲେ । ଶୀର୍ଷ କୋର୍ଟଙ୍କ ଏହି ନିର୍ଦ୍ଦେଶକୁ କେତେକ ରାଜ୍ୟ ପାଳନ କରିଛନ୍ତି। ଅନ୍ୟପକ୍ଷରେ ଅଧିକାଂଶ ରାଜ୍ୟ ଅମଲାତନ୍ତ୍ରୀଙ୍କୁ ଲାଭ ପହଞ୍ଚାଇବା ଲାଗି ଏହାକୁ ପାଳନ କରିବାକୁ ଅନିଚ୍ଛା ପ୍ରକାଶ କରୁଥିବା ସ୍ପଷ୍ଟ ଭାବେ ଲକ୍ଷ୍ୟ କରାଯାଇଛି। ଏପରି କି ଯେଉଁ ରାଜ୍ୟରେ ଶୀର୍ଷ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସିଭିଲ୍‌ ସର୍ଭିସ ବୋର୍ଡ ଗଠନ କରାଯାଇଛି, ସେଠାରେ ନେତାମାନେ ସବୁବେଳେ ସେମାନଙ୍କ ରାଜନୈତିକ ଉଦ୍ଦେଶ୍ୟ ପୂରଣ ପାଇଁ ସବୁ ଦିଗରୁ ଏହି ନିର୍ଦ୍ଦେଶ ଅମାନ୍ୟ କରିବାର ବାଟ ଖୋଜୁଥିବା ଜଣାପଡୁଛି। ଏପରି କି ବହୁ ସମୟରେ ଏକ ପ୍ରଗତିଶୀଳ ଶାସନର ଦୃଷ୍ଟାନ୍ତ ଉପସ୍ଥାପନ କରି ଆସିଥିବା କେରଳ ମଧ୍ୟ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରିଛି , ଗୁରୁତ୍ୱ ଦେଇନାହିଁ। ସରକାରୀ ତଥ୍ୟରୁ ଜଣାପଡ଼ିଛି ଯେ,ସଚିବ ର୍‍ୟାଙ୍କର ଅଧିକାରୀମାନଙ୍କ ହରାହାରି କାର୍ଯ୍ୟକାଳ ୨୦୧୪ରୁ ୨୦୧୮ ମଧ୍ୟରେ ୧୧ ମାସ ଥିଲା ଏବଂ ତା'ପରଠାରୁ ଏହାକୁ ପୁଣି କମାଇ ଦିଆଯାଇଛି। ଗତ ଡିସେମ୍ବର ସୁଦ୍ଧା କେରଳରେ ସଚିବ ଓ ପ୍ରମୁଖ ସଚିବ ପାହ୍ୟାର ମାତ୍ର ୩୪ ଜଣ ଅଧିକାରୀଙ୍କ ଅଧୀନରେ ୭୨ଟି ପୋଷ୍ଟ ବା ପଦ ରହିଥିବା ଜଣାପଡ଼ିଛି। ୧୬ ଜଣ ପ୍ରମୁଖ ସଚିବ ୩୧ଟି ପଦର ଦାୟିତ୍ୱରେ ରହିଛନ୍ତି,ଯାହା ମଧ୍ୟରେ ରହିଛି ୨୭ଟି କ୍ୟାଡର ପୋଷ୍ଟ । ସେହିଭଳି ୧୮ ଜଣ ସଚିବ ପାହ୍ୟାର ଆଇଏଏସ୍‌ ଅଧିକାରୀ ୪୧ଟି ପୋଷ୍ଟର ଦେଖାଶୁଣା କରୁଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ପ୍ରମୁଖ ସଚିବ କେ.ଆର୍‌.ଜ୍ୟୋତିଲାଲ ଓ ରାନି ଜର୍ଜଙ୍କ ସମେତ କେତେଜଣ ଅଧିକାରୀ ଏକାବେଳକେ ତିନୋଟି ପଦରେ ରହି ଦାୟିତ୍ୱ ସମ୍ଭାଳୁଛନ୍ତି ଓ ଟିଙ୍କୁ ବିଶ୍ୱାଳ ୪ଟି ପଦର ଦାୟିତ୍ୱରେ ରହିଛନ୍ତି! ଚଳିତ ବର୍ଷ ମେ'ରେ ହେବାକୁ ଥିବା ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଏହି ତଥ୍ୟ ପ୍ରକାଶ ପାଇଛି। କେରଳରେ ଉତ୍ତମ ଶାସନ ଚାଲିଛି ବୋଲି ଯେଉଁ ଧାରଣା ରହିଛି, ଏହା ତା'ର ବିରୁଦ୍ଧାଚରଣ କରୁଥିବାବେଳେ ନିର୍ବାଚନରେ ଏହା ଭୋଟରମାନଙ୍କ ପାଇଁ କିଛି ଗୁରୁତ୍ୱ ରଖିବ ନାହିଁ। କିନ୍ତୁ କାହିଁକି କେରଳ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବଜ୍ଞା ବା ଉପେକ୍ଷା କରୁଛନ୍ତି ତାହା ସୂଚାଇଦେବ।

Email: dilipcherian@gmail.com

# ବିଫଳ ଉଚ୍ଚଶିକ୍ଷା



ଡ. ସୁବାସ ଚନ୍ଦ୍ର ପାତ୍ର

ଏକ ବ୍ୟବସ୍ଥା ହିସାବରେ ଓଡ଼ିଶାରେ ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଜ୍ଞାନାର୍ଜନ ପାଇଁ ଉଚ୍ଚଶିକ୍ଷାନୁଷ୍ଠାନ ଏକ ଭରସାଯୋଗ୍ୟ, ନିର୍ଭରଯୋଗ୍ୟ ଅନୁଷ୍ଠାନ ଭାବରେ ଆଉ ବିବେଚିତ ହେଉନାହାନ୍ତି। ଖାଲି ପ୍ରମାଣପତ୍ର ସଂଗ୍ରହ ଓ ଅନ୍ୟାନ୍ୟ କେତେ ଆନୁଷ୍ଠାନିକ ବାଧ୍ୟବାଧକତା ପାଇଁ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନରେ ନାମ ଲେଖାଉଛନ୍ତି।

ଏହି ପ୍ରକାର ଗଣଉପଲବ୍ଧି ବିଷୟରେ ସରକାର ମଧ୍ୟ ପରୋକ୍ଷରେ ଅବଗତ ଅଛନ୍ତି; ଯାହା ଜଣାପଡ଼େ ବିଭାଗର ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରତି ଗୃହୀତ ମନୋଭାବରୁ। ଟିକେ ନିରେଖି ଦେଖିଲେ ଜଣାଯିବ ସରକାରଙ୍କ ନଜରରେ ଉଚ୍ଚଶିକ୍ଷା ଏକ ପ୍ରାଧାନ୍ୟହୀନ ବିଭାଗ। ସରକାର ପର୍ଯ୍ୟଟନ କ୍ଷେତ୍ର, ହସ୍ପିଟାଲ, ଧର୍ମାନୁଷ୍ଠାନଗୁଡ଼ିକୁ ବିଶ୍ୱସ୍ତରୀୟ କରିବାକୁ ଚେଷ୍ଟା କରୁଥିଲାବେଳେ ଓଡ଼ିଶାର କୌଣସି ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ତ ଦୂରର କଥା ଜାତୀୟସ୍ତରୀୟ ଏକ ମାନ୍ୟତାପ୍ରାପ୍ତ ଅନୁଷ୍ଠାନ ହିସାବରେ ଗଢ଼ି ତୋଳିବା ପାଇଁ ସରକାର କେବେ ଚିନ୍ତା ବି କରିନାହାନ୍ତି। ଅନ୍ୟ ବିଭାଗ ତ ପରକଥା, ସେହି ଶିକ୍ଷାବିଭାଗ– 'ଗଣଶିକ୍ଷା' ଓ 'ଉଚ୍ଚଶିକ୍ଷା' ବିଭାଗକୁ ନେଇ ସରକାରଙ୍କ ଧ୍ୟାନର ତାରତମ୍ୟ ଅନେକଙ୍କୁ ଚକିତ କରୁଛି। 'ମୋ ସ୍କୁଲ' ଅଭିଯାନକୁ ବ୍ୟାପକ କରିବା, ସ୍କୁଲକୁ ପୋଷ୍ୟ ହିସାବରେ ଗ୍ରହଣ କରିବା ପାଇଁ ମନ୍ତ୍ରୀ, ବିଧାୟକ, ସାଂସଦ, ବିଚାରପତି ପ୍ରମୁଖଙ୍କୁ ନିବେଦନ କରିବା, ସ୍କୁଲଗୁଡ଼ିକର ପ୍ରଧାନଶିକ୍ଷକ ତଥା ଅନ୍ୟ ଶିକ୍ଷକ ପଦବୀ ପୂରଣ କରିବା, ଆଦର୍ଶ ବିଦ୍ୟାଳୟ ସଂଗଠନ ଦ୍ୱାରା ଆଦର୍ଶ ବିଦ୍ୟାଳୟ ପରିଚାଳନା କରି କିଛିମାତ୍ରାରେ ଗଣଶିକ୍ଷା କ୍ଷେତ୍ରରେ ଗୁଣବତ୍ତା ବଢ଼େଇବା ପାଇଁ ଆପାତତଃ କିଛି ପ୍ରୟାସ କରିବା ଭଳି ଉଦ୍ୟମ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଦେଖାଯାଏ ନାହିଁ। କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତି ସରକାରଙ୍କ ଅଙ୍ଗୀକାରବଦ୍ଧତା ଦେଖିଲେ ଜଣାପଡ଼େ ଏହା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ନୁହେଁ। ସରକାର ବେଶ୍‌ ସ୍ୱଚ୍ଛନ୍ଦରେ ଭୁଲି ଯାଉଛନ୍ତି ଯେ ସାଂପ୍ରତିକ ବିଜ୍ଞାନ ଓ କାରିଗରି ଯୁଗରେ ଉଚ୍ଚଶିକ୍ଷା ହିଁ ସବୁ ବିଦ୍ୟାର ଜନନୀ।

ଉଚ୍ଚଶିକ୍ଷା ବିଭାଗ ଯେ କେମିତି ଖାମଖିଆଲ ଭାବରେ ଚାଲିଛି ତାହାର ସଦ୍ୟତମ ନମୁନା ମହାବିଦ୍ୟାଳୟ ସ୍ତରରେ ଖୋଲାଯାଇଥିବା କ୍ୟାରିୟର କାଉନ୍‌ସେଲିଂ ସେଲ୍‌ ମାନ ପ୍ରତ୍ୟାହାର କରାଯିବାର ନିଷ୍ପତ୍ତି। ଏହା ଏକ ଅପମାନଜନକ ପଦକ୍ଷେପ। କେଉଁ ଗୁଣବତ୍ତା ତଥା ମହାବିଦ୍ୟାଳୟସ୍ତରୀୟ ମାନବସମ୍ବଳର ସ୍ଥିତିଯାଞ୍ଚ କରି ସରକାର ଏ ପ୍ରକାର ସିଦ୍ଧାନ୍ତ ନେଇଥିଲେ ? ଓଡ଼ିଶାର ପ୍ରାୟ ସମସ୍ତ ସରକାରୀ ମହାବିଦ୍ୟାଳୟ ଏଥିରେ ହାତ ନ ମାରିବା ସୂଚାଏ ମହାବିଦ୍ୟାଳୟଗୁଡ଼ିକର ବୌଦ୍ଧିକ ସ୍ଥିତି। ତା' ଛଡ଼ା କ୍ୟାରିୟର କାଉନ୍‌ସେଲିଂ ଏକ ପେସାଦାରି କାର୍ଯ୍ୟ। ବିଷୟକ ଶ୍ରେଣୀଶିକ୍ଷା ପ୍ରଦାନ କରିବାକୁ ଯେଉଁଠି ନିୟମିତ ଶିକ୍ଷକ ନାହାନ୍ତି ସେଠି ଆନ୍ତବିଷୟକ କ୍ୟାରିୟର କାଉନ୍‌ସେଲିଂ ପ୍ରଦାନ କରିବାକୁ ଶିକ୍ଷକ ଆସିବେ କେଉଁଠୁ? ସାଙ୍କେତିକ ଭାବରେ ଏହି ସାମଗ୍ରିକ ଦୁରବସ୍ଥା ପ୍ରତିଫଳନ କରେ ଓଡ଼ିଶାରେ ଉଚ୍ଚଶିକ୍ଷା କେଡ଼େ ରୁଗ୍‌ଣ କାରଣ ସରକାର ଏହି ତଥାକଥିତ ସେଲ୍‌ ପରିଚାଳନା ପାଇଁ ଅନୁଷ୍ଠାନ ପିଛା ୩ ଲକ୍ଷ ଟଙ୍କା ଅଗ୍ରିମ ରାଶି ମଧ୍ୟ ଯୋଗାଇ ଦେଇଥିଲେ, ଯାହା ମୂଳତଃ ଅବ୍ୟବହୃତ ହୋଇ ରହିଯାଇଛି।

କ୍ୟାରିୟର କାଉନ୍‌ସେଲିଂ ସେଲ୍‌ ଖୋଲିଯିବାର ସିଦ୍ଧାନ୍ତ ଭଳି ପଦକ୍ଷେପ ଏକ ଶୈକ୍ଷିକ ହଟଚମଟ। ସେମିତି ଆଉ ଏକ ହଟଚମଟ ହେଲା ଏବେ ପ୍ରତି ମହାବିଦ୍ୟାଳୟରେ ଗୋଟିଏ ଲେଖାଏ କେନ୍ଦ୍ରୀୟ ପରୀକ୍ଷାଗାର ସ୍ଥାପନର ନିଷ୍ପତ୍ତି। ଯେଉଁଠି ବିଭାଗୀୟ ପରୀକ୍ଷାଗାରର ସ୍ଥିତି ଅତି ଦୟନୀୟ ସେଠି ଏହି କେନ୍ଦ୍ରୀୟ ପରୀକ୍ଷାଗାରର ଭାଗ୍ୟ କ'ଣ ହେବ? ବିଭାଗୀୟ ପରୀକ୍ଷାଗାରର ରକ୍ଷଣାବେକ୍ଷଣ ପାଇଁ ଅନେକ କ୍ଷେତ୍ରରେ ପରୀକ୍ଷାଗାର ସହାୟକ ନାହାନ୍ତି, ତା'ର ସ୍ୱଚ୍ଛତା ରକ୍ଷା କରିବାକୁ ଚତୁର୍ଥ ଶ୍ରେଣୀ କର୍ମଚାରୀଟିଏ ବି ନାହିଁ କି ତାକୁ ପରିଚାଳନା କରିବାକୁ ନିୟମିତ ଅଧ୍ୟାପକଟିଏ ନାହିଁ। ଓଡ଼ିଶାରେ ମୂଳତଃ ଅତିଥି ଶିକ୍ଷକରେ ପାଠପଢ଼ା ଚାଲିଛି, ସେ କ୍ଷେତ୍ରରେ ଏ ହିମାଳୟୀ ଚିନ୍ତନ କେତେଦୂର ଯୁକ୍ତିଯୁକ୍ତ? ଏମିତି ହଟଚମଟ ସୃଷ୍ଟି କରାଯାଇଥିଲା କଲେଜ ପିଛା ୨୦ ଲକ୍ଷ ଟଙ୍କା ବ୍ୟୟରେ ଭାଷା ପରୀକ୍ଷାଗାର ସ୍ଥାପନ କରି, ଯାହା ଏବେ ଖତ ଖାଉଛି । ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଓଡ଼ିଶାର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗବେଷଣାର ସ୍ଥିତି ଦୁର୍ବଳ। ଗବେଷଣାର ମୁଖ୍ୟ ଦୁଇଅଙ୍ଗ ହେଲା ପରୀକ୍ଷାଗାର ଓ ପାଠାଗାର। ଅନେକ ଅନୁଷ୍ଠାନରେ ଗ୍ରନ୍ଥାଗାରିକ ନାହାନ୍ତି, ଗ୍ରନ୍ଥାଗାର ସହାୟକ ନାହାନ୍ତି, ବହିପତ୍ର ସଫାସୁତୁରା ରଖିବାକୁ ସଫେଇ କର୍ମଚାରୀ ନାହାନ୍ତି ଓ ଉପଲବ୍ଧ ବହିଗୁଡ଼ିକୁ ବିଜ୍ଞାନସମ୍ମତ ଭାବରେ ରଖାଯାଉନାହିଁ କି ତାକୁ ଡିଜିଟାଇଜ କରାଯାଉନାହିଁ; ଯାହା ଫଳରେ ଜଣେ ଗବେଷକଙ୍କ ପାଖରେ ପାଠାଗାରରେ କ'ଣ ପୁସ୍ତକ ଉପଲବ୍ଧ ତାହାର ଖବର ନାହିଁ। ମୋଟ ଉପରେ ପାଠାଗାରକୁ ଗବେଷଣା ଅନୁକୂଳ କରାଯାଉ ନାହିଁ। ଠିକ୍‌ ସେହିପରି ଅବସ୍ଥା ପରୀକ୍ଷାଗାର ସମୂହର। ସେଗୁଡ଼ିକୁ ଆଧୁନିକସ୍ତରକୁ ଉନ୍ନୀତ କରାଯାଇ ଗବେଷଣାସ୍ତରକୁ ଅଣାଯାଉ ନାହିଁ। ଆପାତତଃ ସବୁ ମହାବିଦ୍ୟାଳୟ ନ ହେଲେ ବି କେତେକ ପ୍ରମୁଖ ମହାବିଦ୍ୟାଳୟର ପାଠାଗାର ଏବଂ ପରୀକ୍ଷାଗାରକୁ ଗବେଷଣା ଉପଯୋଗୀ କରି ଗଢ଼ି ତୋଳିବାରେ ଚିନ୍ତନ ସରକାରଙ୍କ ନାହିଁ। ଅଥଚ ବିଭିନ୍ନ ସଭାସମିତିରେ ଉଚ୍ଚଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷମାନେ, କୁଳପତିମାନେ ଗବେଷଣା ଉପରେ ଲମ୍ବାଲମ୍ବା ବକ୍ତୃତା ରଖନ୍ତି। ଗବେଷଣା କାର୍ଯ୍ୟଟିକୁ ସରକାରୀ ପ୍ରୋତ୍ସାହନ ନ ଯୋଗାଇ ଏହା ଗବେଷକମାନଙ୍କ ବ୍ୟକ୍ତିଗତ ବ୍ୟାପାର ହିସାବରେ ଛାଡ଼ି ଦିଆଯାଇଛି; ଯାହାର ଫଳସ୍ୱରୂପ ଗବେଷଣା ତା'ର ମୌଳିକତା ତଥା ଗୁଣ ଓ ଚରିତ୍ର ହରାଇଛି। ଏଣେ ୟୁଜିସି ୨୦୨୧ରୁ ଅଧ୍ୟାପକମାନଙ୍କ ସର୍ବନିମ୍ନ ଯୋଗ୍ୟତା ଡକ୍ଟରେଟ୍‌ ଡିଗ୍ରୀ ବୋଲି ଆଗରୁ ଘୋଷଣା କରିସାରିଛନ୍ତି। ଅନୁସୃତ ଭୁଲ୍‌ ନୀତି ଯୋଗୁ ଅନେକ ଗବେଷକ ବିଶ୍ୱବିଦ୍ୟାଳୟରୁ ଗବେଷଣା ପାଇଁ ଉଦ୍ଦିଷ୍ଟ କୋର୍ସ ୱାର୍କ ସମାପନ କରି ତତ୍ତ୍ୱାବଧାରକ (ଗାଇଡ୍‌) ଅପେକ୍ଷାରେ କାଳାତିପାତ କରୁକରୁ ପାଠ ଭୁଲିଗଲେଣି।

ସେନାକୁ ନେଇ ସୈନ୍ୟବାହିନୀ। ଓଡ଼ିଶାର ଉଚ୍ଚଶିକ୍ଷାନୁଷ୍ଠାନରେ ନିୟୋଜିତ ଶିକ୍ଷକବାହିନୀଙ୍କ ମନୋବଳ ସମ୍ପୂର୍ଣ୍ଣ ଭଗ୍ନ ଓ ବିପର୍ଯ୍ୟସ୍ତ। ସେମାନଙ୍କୁ ନିୟମିତ ପଦୋନ୍ନତି ଦିଆଯାଉନାହିଁ। ସବୁ ବିଭାଗ କେମିତି ସେମାନଙ୍କର କର୍ମଚାରୀଙ୍କୁ ଡିସେମ୍ବର ୨୦୧୯ ସୁଦ୍ଧା ପଦୋନ୍ନତି ପ୍ରଦାନ କରିବେ, ସେ ନେଇ ସରକାର କଡ଼ା ନିର୍ଦ୍ଦେଶ ଦେଲେ; ମୁଖ୍ୟ ସଚିବ, ଉନ୍ନୟନ କମିଶନର ପ୍ରମୁଖ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ନେଇ ପ୍ରମୋଶନ ଅଦାଲତମାନ ଗଢ଼ାହେଲା। ବହୁ ବିଭାଗ ତତ୍ପର ହୋଇ ଉଠିଲେ। ଉଚ୍ଚଶିକ୍ଷା ବିଭାଗରେ ସେ ସବୁର ଶବ୍ଦ ଶୁଭିଲା ନାହିଁ। ୬୦ଟି ସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟରତ ଦକ୍ଷ ଓ ଯୋଗ୍ୟ ଅଧ୍ୟାପକମାନେ ଦିନେ ଅଧ୍ୟକ୍ଷ ହୋଇ ଅବସର ନେବାର ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ପାରିବାରିକ ଅନୁଚିନ୍ତା ହୋଇ ରହିଗଲା। ଅନ୍ୟ କନିଷ୍ଠ ଓ ବରିଷ୍ଠ ଅଧ୍ୟାପକମାନେ ସେମାନଙ୍କର ନିର୍ଦ୍ଧାରିତ ସମୟ ଅନୁଯାୟୀ ପଦୋନ୍ନତି ପାଇଲେ ନାହିଁ। ଅଥଚ ସେମାନଙ୍କଠୁ କମ୍‌ ମେଧାବୀ ଅନ୍ୟ ବିଭାଗରେ ନିୟୋଜିତ ବନ୍ଧୁମାନେ ଯେ ଯାହାର ପଦୋନ୍ନତି ପାଇ କିଛିଟା ଆତ୍ମସନ୍ତୋଷ ଲାଭ କରୁଛନ୍ତି। ଜଣେ କର୍ମଚାରୀ ଚାକିରିରେ ପ୍ରବେଶବେଳେ ଯେଉଁ ଯେଉଁ ପଦୋନ୍ନତିର ସମ୍ଭାବନା ନେଇ ବୃତ୍ତିଟିଏ ଆପଣାଇଥାଏ, ସେଥିରୁ ବଞ୍ଚିତ ହେଲେ କେଡ଼େ ଦୁଃଖପାଏ, ସେ କଥା ଅନୁଭବୀ ହିଁ ଜାଣେ। ସେଇଥିପାଇଁ ଆଜି ଅନେକ ମେଧାବୀ ଯୁବ ଅଧ୍ୟାପକ ଓଡ଼ିଶା ସରକାରଙ୍କ ଶିକ୍ଷାନୁଷ୍ଠାନ ଅପେକ୍ଷା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଘରୋଇ ବିଶ୍ୱବିଦ୍ୟାଳୟ ଅବା କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନକୁ ଅଧିକ ପସନ୍ଦ କରୁଛନ୍ତି। ଉନ୍ନତ ମାନବସମ୍ବଳ ହରାଇ ଓଡ଼ିଶାର ଛାତ୍ର ସମାଜ ହିଁ କ୍ଷତି ସହୁଛି।

ଏକଦା ସର୍ବଭାରତୀୟ ସ୍ତରରେ ଗୌରବାନ୍ୱିତ ଓଡ଼ିଶାର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ବର୍ତ୍ତମାନର ଦୁରବସ୍ଥା ଦେଖିଲେ ଦୁଃଖ ଲାଗୁଛି। ଓଡ଼ିଶାର ଅନେକ ଉଚ୍ଚପ୍ରଶାସନିକ ଅଧିକାରୀ ଓ ଗୁଣୀ ରାଜନେତାମାନେ ସେହି ବ୍ୟବସ୍ଥାରୁ ସୃଷ୍ଟ। ବ୍ୟବସ୍ଥାକୁ ସଜାଡ଼ିବାରେ ସେମାନଙ୍କର ମଧ୍ୟ ଉତ୍ତରଦାୟିତ୍ୱ ରହିଛି। କଥାହେଲା ସେମାନଙ୍କୁ ସୃଷ୍ଟି କରିଥିବା ଅନୁଷ୍ଠାନ ବା ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ସେମାନେ କିଛି କୃତଜ୍ଞତାମୂଳକ ପଦକ୍ଷେପ ଗ୍ରହଣ କରିବେ କି?

ପୂର୍ବତନ ଅଧ୍ୟକ୍ଷ, ଜେଲ୍‌ରୋଡ୍‌, ବାଲେଶ୍ୱର,
ମୋ:୯୪୩୭୩୭୬୨୧୯

# ନିଃସଙ୍ଗ ପୃଥିବୀ



ଦ୍ୱିତୀ ଚନ୍ଦ୍ର ସାହୁ

ଫୋନ୍ ରିଂରୁ ଜାଣିହେଲା କିଏ ଫୋନ୍ କରିଛି। ବ୍ୟସ୍ତତା ଭିତରେ ସ୍କ୍ରିନ୍‌ରେ କଲ୍‌କୁ ନ ପରଖି ଉଠାଇଲି କଲ୍‌। ସେପଟୁ ବନ୍ଧୁ ଶିବାଶିଷ। ପଶ୍ଚିମ ଓଡ଼ିଶାରେ ଶିକ୍ଷକତା କରନ୍ତି। ସୁନ୍ଦର ଗପ ଲେଖନ୍ତି। ଚିନ୍ତାଶୀଳ ବ୍ୟକ୍ତିତ୍ୱ। ସମଚିନ୍ତାଧାରା ବ୍ୟକ୍ତିତ୍ୱ ହେତୁ ସେଥିଲାଗି ବନ୍ଧୁତା ଜମି ଆସିଛି। ଫୋନ୍ ଉଠାଉ ଉଠାଉ କହିଲେ– 'ଭାଇ !ଭାରିଖରାପ ଲାଗୁଛିହୋ! ଇଟା ଗୁଟେ କଥା କି ହୋ! କାମ କରିବା ଲୁକ ଏତେ ଦୂରେଯିବେ।ଆରିବାକିବେଟାସବୁପାଖରେରହିଁବେ! ଦୁନିଆରେ କିଛି ନାହିଁ ହୋ। ସ୍ନେହ, ପ୍ରେମ, ସମ୍ପର୍କ କିଛି ନାହିଁ। ତୁଚ୍ଛା ଅଭିନୟ। ଭାରି ଏକଲା ଏକଲା ଲାଗୁଛି ହୋ! 'ବୁଝିଗଲି ବନ୍ଧୁଙ୍କ ମାନସିକ ସ୍ଥିତି। ପ୍ରତି ମଣିଷଙ୍କ କ୍ଷେତ୍ରରେ ଏମିତି ସ୍ଥିତି ଉପୁଜେ। ସମସ୍ତେ ଥାଇ ବି ଭାରି ଏକଲା ଏକଲା ଲାଗେ। ଲାଗେ ଯେମିତି ପୃଥିବୀଟା ଫମ୍ପା। ସମସ୍ତଙ୍କ ଚେହେରା ଅଲଗା ଲାଗେ। ମଣିଷଙ୍କ ଆଚରଣ ଖୁବ୍‌ ପୀଡ଼ାଦାୟକ ମନେହୁଏ। ମଣିଷ ଚେହେରା ଭିତରେ ଆଉ ଏକ ଚେହେରା ଲୁଚିରହିଛି। ସମସ୍ତେ ମୁଖା ପିନ୍ଧିଛନ୍ତି। ଆଉ ସେଇ ମୁଖାପିନ୍ଧା ମଣିଷମାନେ କେବଳ ଛଳନା କରି ଚାଲିଛନ୍ତି। ବିପଦରେ କିମ୍ବା ସମସ୍ୟାରେ ଛନ୍ଦିହେଲେ ମଣିଷ ନିଜକୁ ଅସହାୟ ମନେ କରନ୍ତି। ହେବା ସ୍ୱାଭାବିକ କଥା। ଅନେକ ସମୟରେ ମଣିଷ ନିଜ କର୍ମକୁ ନିଷ୍ପାପର ଭାବେ ତୁଲେଇ ଚାଲିଲେ ଚାରିପାଖର ମଣିଷମାନଙ୍କ ପାଇଁ ସେସବୁ ଅସହିଷ୍ଣୁ ଲାଗେ। କାଦୁଅ ଭିତରେ ଲଟପଟ ଚରିତ୍ରମାନେ ଭଲ ଲୋକଙ୍କୁ ଦେଖି ସହି ପାରନ୍ତିନି। ଅନ୍ୟଙ୍କୁ ଟାଣି ଘୋଷାରି ନିଜ ବିରାଦରିରେ ମିଶେଇବାକୁ ପ୍ରାଣପଣେ ଚେଷ୍ଟା କରନ୍ତି। ସେଥିରେ ବିଫଳ ହେଲେ ସମଧର୍ମା କିଛି ମିଶି ତେଣିକି ଭଲ ଲୋକ ବିରୋଧରେ ଚର୍ଚ୍ଚା ଆରମ୍ଭ କରନ୍ତି। ଦେଖାଇ ହେଉଥିବାର ଅଭିନୟ କରୁଛି ବୋଲି ଆଗପଛରେ ଆଲୋଚନା କରନ୍ତି। ଯଦିଓ ସେଇ ଭଲ ମଣିଷ ସମ୍ମୁଖରେ କହିବାର ସାହସ ନ ଥାଏ ତଥାପି ପଛରେ କୁତ୍ସାରଟନା ଶୁଣି ଭଲ ମଣିଷମାନେ ନିଜକୁ ଅସହାୟ ମନେ କରନ୍ତି।

ବେଳେବେଳେ କିଛି ମଣିଷ ଆଗପଛ ଚିନ୍ତା ନ କରି ଯେନତେନ ଉପାୟରେ ଆଗକୁ ଟପିଯିବାର ଉଦ୍ୟମ କରନ୍ତି। ଏଇ ମଣିଷମାନେ ଅବଶ୍ୟ ଆଗକୁ ଚାଲିଯାଆନ୍ତି। ସଫଳତା, କ୍ଷମତା ଓ ଅର୍ଥ ସବୁଥିରେ ନିଜକୁ ସଂଗଠିତ କରିପାରନ୍ତି। କିନ୍ତୁ ଏତେ ଆଗକୁ ଚାଲି ଯାଆନ୍ତି ଯେ ପଛରେ ମଣିଷ କିଏ ଆଉ ତାଙ୍କ ସହ ନ ଥାଏ। ସାଥୀ ହୋଇ ଚାଲୁଥିବା ମଣିଷମାନେ ବି ପାଖରେ ରହିବାକୁ ଆଗ୍ରହ ପ୍ରକଟ କରନ୍ତିନି। ଗୋଟେ ସମୟ ଆସେ ନିଜକୁ ସଫଳ ଭାବୁଥିବା ମଣିଷ ନିଜକୁ ଅସହାୟ ମନେ କରେ। ଭାରି ଏକଲା ଏକଲା ନିଜକୁ ମଣେ। ଏଇଧରଣର ମଣିଷ ପ୍ରତି ଅନ୍ୟ ମଣିଷଙ୍କ ସାମାନ୍ୟତମ ପ୍ରତିବେଦନ କାହାର ନ ଥାଏ। ଆଉ କିଛି ମଣିଷ ନିଜର ନିଷ୍ଠା, ସାଧୁତା ଓ ଦକ୍ଷତା ବଳରେ ଅନ୍ୟଠାରୁ ସଦାକାଳେ ସ୍ୱତନ୍ତ୍ର ବାରିହୋଇ ପଡ଼ନ୍ତି। ଏମିତି ନିଆରା ମଣିଷମାନଙ୍କ ଖୋଜାଲୋଡ଼ା ପଡ଼େ ଅନେକ ସମୟରେ। ଖ୍ୟାତି, ଯଶ, ସମ୍ମାନ ଓ ଆଦର ବୋଝେଇ ହୋଇପଡ଼େ। କିନ୍ତୁ ନିଜର କର୍ମକୁ ନେଇ ତିଆରି କରିଥିବା ନିଜସ୍ୱ ପରିଚୟ ପଦବୀ ଓ ସ୍ତରଠାରୁ ସେଇ ମଣିଷକୁ ଢେର ଊର୍ଦ୍ଧ୍ୱରେ ରଖେ। ବହୁ କ୍ଷମତାଶାଳୀ ଓ ଉଚ୍ଚପଦାସୀନ ମଣିଷମାନେ ଏଇଭଳି ମଣିଷଙ୍କୁ ଖୋଜାଲୋଡ଼ା କରନ୍ତି। ଆଉ ଏସବୁ ହିଁ ଅକାରଣେ ଅନ୍ୟ ମଣିଷଙ୍କ ଈର୍ଷାର କାରଣ ପାଲଟିଯାଏ। ମାଛ କୋଉଥିରେ ନ ଥାଇ ଜଗତ ସାରା ବଇରୀ ଭଳି କାହାର କିଛି କ୍ଷତି ନ କରି ବି ଚାରିପାଖର ମଣିଷମାନେ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ନିଜ ଭିତରର ଅସହାୟତା, ବ୍ୟର୍ଥତା ଓ ନିପାରିବାପଣ ଯୋଗୁ ସମଧର୍ମା ଓ ଚାରିପାଖର ମଣିଷମାନେ କାକୁସ୍ଥ ହୋଇ ଭଲ ମଣିଷଠାରୁ ନିଜକୁ ଦୂରେଇ ରଖନ୍ତି। ଅସାମାନ୍ୟ ବ୍ୟବହାର ପ୍ରଦର୍ଶନ କରନ୍ତି। ଆଉ ଖରାପ ମଣିଷମାନେ ତ ନିଜ ଭିତରେ ଜଳି ଯାଆନ୍ତି। ସମସ୍ତେ ନିଜ ନିଜ ସ୍ତରରେ ସେଇ ଲୋକଟିକୁ ଅସୁବିଧାରେ ପକାଇବାକୁ ଚେଷ୍ଟା କରନ୍ତି। ବହୁତ ସମୟରେ ବିଫଳ ହୁଅନ୍ତି। ଆହୁରି ଈର୍ଷା, ଦ୍ୱେଷ ଓ କ୍ରୋଧ ବୃଦ୍ଧି ପାଏ ସେମାନଙ୍କ ଭିତରେ। ଏମିତିରେ ଯଦିବା କେବେ ଭଲ ମଣିଷକୁ ଖାଲରେ ପକାଇବାକୁ ଚେଷ୍ଟା କରି ଅନ୍ୟମାନେ ସଫଳ ହେଲେ ନିଜ ଭିତରେ ପ୍ରବଳ ଖୁସି ହୁଅନ୍ତି। ଏମିତିକି ଛଳନାପୂର୍ବକ ଭଲ ମଣିଷର ସମସ୍ୟାକୁ ନେଇ ଆଗରେ ଦୁଃଖ ପ୍ରକଟ କରନ୍ତି ଓ ପଛରେ ଅପାର ଖୁସି ବ୍ୟକ୍ତ କରନ୍ତି। ଏସବୁ ଭଲ ମଣିଷ ଜାଣିଲେ ନିଜକୁ ଅସହାୟ ମନେ କରେ। ନିଃସଙ୍ଗବୋଧ କରେ। ତମାମ ପୃଥିବୀ ଭିତରେ ନିଜକୁ ଏକଲା ମନେକରେ। ଏହା ଅନେକ ସମୟରେ ମଣିଷକୁ ବିପଥଗାମୀ କରାଏ।

ସାମାନ୍ୟ ଭାବପ୍ରବଣ ଓ ସମ୍ବେଦନଶୀଳତା ଭଲ ମଣିଷକୁ ଜୀବନର ଚରମ ପଦକ୍ଷେପ ଗ୍ରହଣ କରିବାକୁ ବିବଶ କରାଏ। କିନ୍ତୁ ଜ୍ଞାନୀ, ଚିନ୍ତାଶୀଳ ଓ ସଚ୍ଚୋଟ ମଣିଷମାନେ ଭାବପ୍ରବଣତାଠାରୁ ଦୂରରେ ରହି ବାସ୍ତବତାକୁ ଗ୍ରହଣ କରିବା ଆବଶ୍ୟକ। ଏଇ ଧରଣର ମଣିଷମାନେ ପ୍ରତି ପାଦରେ ଚ୍ୟାଲେଞ୍ଜକୁ ସାମ୍ନା କରନ୍ତି ଓ ସେସବୁ ଚ୍ୟାଲେଞ୍ଜକୁ ସହଜରେ ଅତିକ୍ରମ ମଧ୍ୟ କରିପାରନ୍ତି। ସ୍ଥିତାବସ୍ଥାରୁ ମୁକୁଳିବାର ବହୁ ରାସ୍ତା ମାଲୁମ ଥାଏ ଏବଂ ତମାମ ବିରୋଧ, ଈର୍ଷା ଓ କପଟ ସତ୍ତ୍ୱେ କୋଉଠି ନା କୋଉଠି ଆଉ ଜଣେ ଭଲ ମଣିଷଙ୍କ ସହାୟତାର ହାତ ନିଶ୍ଚିତ ଲମ୍ବି ଆସେ। ସମସ୍ୟା ଟଳିଯାଏ। ଅସହାୟତା ଉଭେଇଯାଏ। କାରଣ ସମୟ ଓ ସ୍ଥିତି ସବୁବେଳେ ସମାନ ନ ଥାଏ। ମେଘଢଙ୍କା ଆକାଶ ହୁଏତ କିଛି ସମୟ ପାଇଁ ସୂର୍ଯ୍ୟଙ୍କୁ ଘୋଡ଼େଇ ରଖିପାରେ କିନ୍ତୁ ସବୁ ସମୟ ପାଇଁ ନୁହେଁ। ବାକି ସମୟ ଆକାଶରେ ସୂର୍ଯ୍ୟ ଡେଇଁ ଡେଇଁ ଆଗକୁ ବଢ଼େ। ଖାଲି ବଢ଼େନି ନିଜର ଆଲୋକ ଓ ତାପରେ ଜୀବଜଗତକୁ ପରିପୁଷ୍ଟ କରାଏ। ସୂର୍ଯ୍ୟଙ୍କୁ ଟର୍ଚ୍ଚମାରି ନିଜେ ବଳୀୟାନ ଭାବୁଥିବା ମଣିଷଙ୍କୁ ସେମିତି ସାମୟିକ ଖୁସି ହେବାକୁ ଛାଡ଼ିଦେବା ଉଚିତ। ସେହି ଖୁସି ପଛରେ ପୁଣି ଅଜସ୍ର ବିଫଳତାକୁ ବୋହି ଚାଲିବାକୁ ହେବ ସେମାନଙ୍କୁ। ଜୀବନତମାମ ଭଲ ମଣିଷଙ୍କ ଚର୍ଚ୍ଚା କରିବା ଛଡ଼ା ସେମାନଙ୍କ ନିକଟରେ ଆଉ କିଛି ନ ଥିବ। ସେମାନଙ୍କ ତମାମ ସୃଜନ ଓ ଚିନ୍ତନ ଭଲ ମଣିଷଙ୍କ ନିକଟରେ ଆସି ଅଟକି ଯାଉଥିବ ଓ ଜୀବନର ବହୁ ମୂଲ୍ୟ ସମୟକୁ ଏମିତି ବ୍ୟର୍ଥ କରି ଚାଲିଥିବେ। ଆଉ ହେଜିଲା ବେଳକୁ ସେମାନଙ୍କ ନିକଟରେ ନିଜ ପାଇଁ ସମୟ ନ ଥିବ। ଏତେସବୁ ଶୁଣିଲା ପରେ ବନ୍ଧୁ ଶିବାଶିଷ କହିଲେ – 'ତାହା ହେଲେ ଏଇ ନିଃସଙ୍ଗ ପୃଥିବୀରେ ତଥାପି ଆମ ପାଇଁ କିଛି ଚିତ୍ର ଓ ଚରିତ୍ର ଅଛନ୍ତି। ଖରାପ ଭିତରେ ବି ଅନେକଙ୍କ ଅଦୃଶ୍ୟ ଶୁଭାଶିଷ ଆମ ପ୍ରତି ରହିଛି। ସେସବୁକୁ ସାଉଁଟି ଆଗେଇବାକୁ ହେବ !' ଉତ୍ତରରେ ଆଉ କିଛି ନ କହି ଆତ୍ମତୃପ୍ତିର ହସଟିଏ ହସିଲି କେବଳ।

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼
ମୋ–୯୫୫୬୨୮୭୭୭୫

## ଏଇ ଭାରତରେ

ବହୁ ସମୟରେ ଆମ ଦେଶର ଚାଷୀମାନେ ଚାଷର ନୂଆ କୌଶଳ ଖୋଜି ସଫଳ ହେବା ଦୃଷ୍ଟାନ୍ତ ଦେଖିବାକୁ ମିଳେ। ଏଇ ଯେମିତି ସଫଳତା ହାସଲ କରିଛନ୍ତି ମହାରାଷ୍ଟ୍ରର କୃଷକ ମକବୁଲ ଶେଖ୍‌। ଲାତୁରର ନୀଳଗାଁ ନିବାସୀ ମକବୁଲ ୧୦ ଏଚ୍‌ପିର ଏକ ବୁଲେଟ୍‌ ଟ୍ରାକ୍ଟର ତିଆରି କରିଛନ୍ତି। ଏଥିରେ ହଳ କରାଯାଉଛି, ବିହନ ବୁଣାହେଉଛି। ଏହା ଘାସ ବାଛିବା ସହ କୀଟନାଶକ ସିଞ୍ଚନ କରିପାରୁଛି। ଇନ୍ଧନ ଦୃଷ୍ଟିରୁ ବିଚାର କଲେ ଏହା ଅନ୍ୟ ଟ୍ରାକ୍ଟର ତୁଳନାରେ ବହୁତ ପ୍ରଭାବୀ। ଏତେ କାର୍ଯ୍ୟ କରିପାରୁଥିବା ବୁଲେଟ୍‌ ଟ୍ରାକ୍ଟରର ଦାମ ସେ ରଖିଛନ୍ତି ୧.୬ ଲକ୍ଷ ଟଙ୍କା। ଛୋଟ ମଡେଲ୍‌ର ଦାମ ରହିଛି ମାତ୍ର ୬୦,୦୦୦ ଟଙ୍କା। ଏହି ଦାମ୍‌ ଏବେ ମାର୍କେଟରେ ଉପଲବ୍ଧ ଟ୍ରାକ୍ଟର ଦାମ୍‌ର ୧୦ ଭାଗରୁ ଭାଗେ। ଲାତୁର ମରୁଡ଼ିପ୍ରବଣ ଅଞ୍ଚଳ ହୋଇଥିବାରୁ ସେଠାରେ ୨୦୧୫ରେ ମକବୁଲ ଚାଷ କରି ଘୋର କ୍ଷତିର ସମ୍ମୁଖୀନ ହେବା ପରେ ଖାଦ୍ୟ ଓ ଜଳାଭାବରୁ ତାଙ୍କ ବଳଦ ବିକିଦେଇଥିଲେ। ଏଭଳି ଏକ ସଙ୍କଟ ତାଙ୍କୁ ନୂଆ ଚାଷ ପଦ୍ଧତି ସମ୍ପର୍କରେ ଚିନ୍ତା କରିବାର ସୁଯୋଗ ଆଣିଦେଇଥିଲା ଓ ୨୦୧୬ରେ ଏହି ଟ୍ରାକ୍ଟର ତିଆରି କରିବାରେ ଲାଗିଥିଲେ। ବୁଲେଟ ଟ୍ରାକ୍ଟରର ପ୍ରଥମ ମଡେଲ ନିର୍ମାଣ କରିବାକୁ ତାଙ୍କୁ ଦୁଇ ବର୍ଷ ଲାଗିଯାଇଥିଲା। ଏଥିରେ ସଫଳ ହେବା ପରେ ଏବେ ସୁଦ୍ଧା ସେ ତାଙ୍କ ଗାଁ ଓ ଆଖପାଖ ଗାଁରେ ୧୪୦ଟି ଟ୍ରାକ୍ଟର ବିକ୍ରି କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଫେବୃୟାରୀ ୧୯୯୬

- ପିଏଲ୍‌ଓ ନେତା ୟାସେର ଆରାଫତ ନବନିର୍ବାଚିତ ପାଲେଷ୍ଟିନୀୟ ଜାତୀୟ ପରିଷଦର ଅଧ୍ୟକ୍ଷ ଭାବେ ଶପଥ ଗ୍ରହଣ କରିଛନ୍ତି।
- ବମ୍ବେ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟନାୟକ ଦାଉଦ ଇବ୍ରାହିମଙ୍କ ୬ ସହଯୋଗୀଙ୍କୁ ଆଶ୍ରୟ ଦେଇଥିବା ଅଭିଯୋଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କଳ୍ପନାଥ ରାୟ ଗିରଫ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh



ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | D | C | 0 | 5 | E | 8 | B | 9 | 1 | 4 | 7 | 2 | 3 | A |
| A | 4 | 9 | 7 | 8 | C | 5 | 2 | 1 | B | 6 | 3 | 0 | E | D |
| 1 | 7 | E | 2 | 6 | 3 | 0 | C | A | 8 | 9 | D | 4 | B | 5 |
| 5 | B | 0 | 9 | 4 | D | 3 | E | 6 | C | A | 2 | 1 | 7 | 8 |
| 8 | 2 | 3 | B | A | 1 | 7 | 4 | D | E | 0 | 5 | C | 6 | 9 |
| 7 | 6 | 8 | C | E | 0 | D | 9 | 3 | 2 | 5 | A | B | 4 | 1 |
| B | C | A | 8 | D | 6 | E | 5 | 2 | 9 | 1 | 4 | 3 | 0 | 7 |
| 4 | E | D | A | 1 | B | 6 | 0 | 8 | 3 | 7 | C | 9 | 5 | 2 |
| 2 | 0 | 5 | 3 | 7 | 9 | C | 1 | 4 | 6 | 8 | B | D | A | E |
| 3 | 9 | 1 | 5 | 2 | 4 | B | A | 7 | 0 | D | E | 8 | C | 6 |
| E | 5 | 4 | D | 3 | 8 | 2 | 6 | C | 7 | B | 9 | A | 1 | 0 |
| C | 3 | 6 | 1 | B | 7 | 9 | D | 0 | A | E | 8 | 5 | 2 | 4 |
| D | A | 7 | E | 9 | 5 | 1 | 3 | B | 4 | 2 | 0 | 6 | 8 | C |
| 0 | 8 | 2 | 6 | C | A | 4 | 7 | 5 | D | 3 | 1 | E | 9 | B |
| 9 | 1 | B | 4 | 0 | 2 | A | 8 | E | 5 | C | 6 | 7 | D | 3 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସିଦ୍ଧ ମହାବୀର ଓଭରବ୍ରିଜ ନିର୍ମାଣ ହେଉ

ମହାଶୟ,

ଐତିହ୍ୟ ପୁରୀ ଏବଂ କୋଣାର୍କ ୨ଟି ପ୍ରସିଦ୍ଧ ଦର୍ଶନୀୟ ସ୍ଥଳୀ ରୂପେ ପରିଚିତ। ପୁରୀଠାରୁ ସହର ମଧ୍ୟ ଦେଇ କୋଣାର୍କକୁ ଯିବା ଆସିବାର ରାସ୍ତାରେ ସିଦ୍ଧ ମହାବୀର ରେଳଫାଟକ ଅବସ୍ଥିତ। ଏହା ଏକ ବ୍ୟସ୍ତବହୁଳ ରେଳଫାଟକ(ଲେଭଲକ୍ରସିଂ) ଓ ଏହାର ଦୁଇ ପାର୍ଶ୍ୱରେ ଦୈନିକ ଶହ ଶହ ଗାଡ଼ି ମୋଟର ଉଭୟ ପୁରୀ ଏବଂ କୋଣାର୍କକୁ ଯାତାୟାତ କରିଥାନ୍ତି। ଏହି ଫାଟକ ଅଣଓସାରିଆ ହୋଇ ଥିବାରୁ ଏଠାରେ ଦୈନିକ ଶହ ଶହ ଗାଡ଼ିମୋଟର ଏବଂ ଜନସାଧାରଣ ମଧ୍ୟ ଅଟକି ରହିଥାନ୍ତି। ଯାତାୟାତରେ ଗୁରୁତର ବାଧା ସୃଷ୍ଟି ହେଉଛି। ବହୁ ସମୟ ଧରି ଅପେକ୍ଷା କରିବା ଦ୍ୱାରା ସ୍ଥାନୀୟ ଲୋକ ତଥା ପର୍ଯ୍ୟଟକମାନଙ୍କର ବହୁ ମୂଲ୍ୟ ସମୟର ଅପଚୟ ଘଟିଥାଏ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳବାସୀ ବହୁବାର ରାସ୍ତା ଅବରୋଧ କରି ଏହାର ନିରାକରଣ ପାଇଁ ସ୍ୱର ଉତ୍ତୋଳନ କରିବାର ନଜିର ମଧ୍ୟ ରହିଛି। କିନ୍ତୁ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ସରକାରଙ୍କ ନିଷ୍କ୍ରିୟତା ଯୋଗୁ ଫ୍ଲାଏଓଭର ନିର୍ମାଣରେ ବାଧକ ସାଜିଛି। ଉକ୍ତ ସମସ୍ୟାର ନିରାକରଣ ପାଇଁ ଯଥାଶୀଘ୍ର ପଦକ୍ଷେପ ନେବା ସହିତ ଏହି ସ୍ଥାନରେ ଏକ ଫ୍ଲାଏଓଭର ବ୍ରିଜ ନିର୍ମାଣ କରିବା ଏକାନ୍ତ ଆବଶ୍ୟକ।

–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପୀରତି କୀରତି ବଖାଣି ବସିଲେ
ପଥର ତରଳି ବହିବ ଜଳ
ସବୁ ପୀରତିର ମୂଳରେ ଯା' ଅଛି
ନ କହିବା ତାହା ସବୁଠୁ ଭଲ !

–(ପ୍ରେମର ଅର୍ଥ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଢେଙ୍କାନାଳ, ଶନିବାର, ୧୩ ଫେବୃୟାରୀ, ୨୦୨୧

**ଲକ୍ଷ୍ମୀଦତ୍ତ ହତ୍ୟା ମାମଲା, ଡାକ୍ତରଙ୍କ ସାକ୍ଷ୍ୟ ଗ୍ରହଣ**

**ଛତ୍ରପୁର,(ଡି.ଏନ.ଏ):** ଛତ୍ରପୁର ଏନ୍‌ଏସିର ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ସାକ୍ଷ୍ୟ ଗ୍ରହଣ ଜାରି ରହିଛି। ଶୁକ୍ରବାର ଛତ୍ରପୁର ଏଡିଜେ ରାଜା ରଞ୍ଜନ ପାଢୀଙ୍କ ନିକଟରେ ଡାକ୍ତର ଜ୍ୟୋତ୍ସ୍ନା ସେଠୀ ସାକ୍ଷ୍ୟ ପ୍ରଦାନ କରିଛନ୍ତି। କୋର୍ଟରେ ୧୫ ଅଭିଯୁକ୍ତଙ୍କୁ ମଧ୍ୟ ହାଜର କରାଯାଇଥିଲା। ଲକ୍ଷ୍ମୀଦତ୍ତ ହତ୍ୟା ମାମଲାରେ ୫୪ ଜଣ ସାକ୍ଷୀ ରହିଛନ୍ତି। ଏଯାବତ ୬ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଛି। ସ୍ପେଶାଲ ପିପି ତ୍ରିଲୋଚନ ପରିଡା ଏହି ମାମଲାର ପରିଚାଳନା କରିଥିଲେ। ମାର୍ଚ୍ଚ ୧୫ରୁ ୧୭ ତାରିଖ ତିନିଦିନ ସାକ୍ଷ୍ୟ ଗ୍ରହଣ କରାଯିବ। ଲକ୍ଷ୍ମୀଦତ୍ତଙ୍କୁ ୨୦୧୭ ସେପ୍ଟେମ୍ବର ୧୬ ତାରିଖରେ ହତ୍ୟା କରାଯାଇଥିଲା।



# ଚୂଡ଼ଙ୍ଗଗଡ଼ ଜଙ୍ଗଲରେ ହେବ ବନ୍ୟଜନ୍ତୁ ସଫାରି

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

## ନୂଆ ରୂପ ନେବ ନନ୍ଦନକାନନ

- ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ
- ବହୁତଳ ପାର୍କିଂ ନିର୍ମାଣ ୨ ମାସରେ ସାରିବାକୁ ନିର୍ଦ୍ଦେଶ

ଦେଶର ବୃହତ୍ ପ୍ରାକୃତିକ ଚିଡିଆଖାନା ନନ୍ଦନକାନନ ନୂଆ ରୂପ ନେବ। ନନ୍ଦନକାନନ ସହ ନୂତନ ଭାବେ ଯୋଡ଼ି ହୋଇଥିବା ପ୍ରାୟ ୮ବର୍ଗ କିମି ଚୂଡ଼ଙ୍ଗଗଡ଼ ଜଙ୍ଗଲରେ ବନ୍ୟଜନ୍ତୁ ସଫାରି ହେବ। ଏଥିସହ ବଟାନିକାଲ ଗାର୍ଡେନରୁ ମୁଖ୍ୟରାସ୍ତାକୁ ସିଧା ବାଟ ଫିଟିବ। ଏଥିପାଇଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଜାରି ରହିଥିବାବେଳେ ଶୁକ୍ରବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନନ୍ଦନକାନନ ଓ ଏହାର ପରିପାର୍ଶ୍ୱ କ୍ଷେତ୍ର ପରିଦର୍ଶନ କରିବା ସହିତ ସ୍ଥିତିର ସମୀକ୍ଷା କରିଛନ୍ତି। ଏଥିସହ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ନିମନ୍ତେ ଅଧିକ ସୁବିଧା ଉପଲବ୍ଧ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ସେ ପ୍ରଥମେ ନନ୍ଦନକାନନ ନିକଟରେ ପର୍ଯ୍ୟଟକଙ୍କ ପାଇଁ ନିର୍ମାଣଧୀନ ବହୁତଳ ଗାଡ଼ି ପାର୍କିଂସ୍ଥଳର ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ୨ମାସ ମଧ୍ୟରେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପାର୍କିଂ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ସାରିବାକୁ ମଧ୍ୟ ମୁଖ୍ୟ ଶାସବ ସଚିବ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ନନ୍ଦନକାନନରେ ପାର୍କିଂ ଅସୁବିଧା ଦୂର କରିବା ଲାଗି ରାଜ୍ୟର ସର୍ବବୃହତ୍ ବହୁତଳ ପାର୍କିଂ ନିର୍ମାଣ ଚାଲୁ ରହିଛି। ଏଥିରେ ଏକ ସମୟରେ ପ୍ରାୟ ୧,୫୦୦ ଚାରିଚକିଆ ଏବଂ ୬୦୦ ଦୁଇଚକିଆ ଯାନ ରହିପାରିବ। ଏହାଛଡ଼ା ନନ୍ଦନକାନନ ସାମ୍ନା ଏବଂ ବସ୍‌ଷ୍ଟାଣ୍ଡର ପୁନଃବିକାଶ ପାଇଁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ପାଇଁ ସେ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଆନୁଷଙ୍ଗିକ




ସୁବିଧା ଓ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ଅଧିକ ସଙ୍ଗଠିତ କରିବା ପାଇଁ କହିଛନ୍ତି। ନନ୍ଦନକାନନରେ ପିଲାଙ୍କ ପାଇଁ ଟୟ-ରେଲ୍ ବ୍ୟବସ୍ଥାକୁ ଅଧିକ ଆକର୍ଷଣୀୟ କରାଯିବ। ଏହି କାର୍ଯ୍ୟ ମାର୍ଚ୍ଚ ଶେଷ ସୁଦ୍ଧା ପୂର୍ଣ୍ଣାଙ୍ଗ କରିବାକୁ ସ୍ଥିର କରାଯାଇଛି।

ପରେ ମୁଖ୍ୟ ଶାସନ ସଚିବ ଚୂଡ଼ଙ୍ଗଗଡ଼ ଜଙ୍ଗଲ ଅଞ୍ଚଳ ପରିଦର୍ଶନ କରିଥିଲେ। ଉକ୍ତ ଜଙ୍ଗଲକୁ ବନ୍ୟଜନ୍ତୁ ସଫାରି ଭାବେ ବିକଶିତ କରିବା ପାଇଁ ନିଷ୍ପତ୍ତି ହୋଇଥିବାବେଳେ ଏହି ଢାଞ୍ଚାରେ ଏହାର ଚତୁଃପାର୍ଶ୍ୱକୁ ଜୁନ୍ ଶେଷ ସୁଦ୍ଧା ପାଚେରି ନିର୍ମାଣ ସରିବ। ସେହିପରି ବଟାନିକାଲ ଗାର୍ଡେନକୁ ସିଧାସଳଖ ଜୟଦେବବିହାର-ନନ୍ଦନକାନନ ମୁଖ୍ୟ ରାସ୍ତା ସହ ସଂଯୋଗ ହେବ। ଏଥିପାଇଁ ପ୍ରାୟ ୫୦୦ମିଟର ରାସ୍ତା ଓ ଝରଣା ନିମନ୍ତେ କଲଭର୍ଟ ଆଦି ନିର୍ମାଣ ହେବ। ପୂର୍ତ୍ତ ବିଭାଗ ଏଥି ନିମନ୍ତେ ତୁରନ୍ତ ଡିପିଆର୍ ଓ ଖର୍ଚ୍ଚ ଆକଳନ ଆଦି କରିବା ପାଇଁ ମୁଖ୍ୟ ଶାସନ ସଚିବ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ସହ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ପ୍ରଧାନ ବନ୍ୟଜନ୍ତୁ ସଂରକ୍ଷକ ତଥା ନନ୍ଦନକାନନ ନିର୍ଦ୍ଦେଶକ ଶଶୀ ପଲ୍ଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ଦୁର୍ଘଟଣା ପରେ ପୋଲିସ-ଜନତା ମୁହାଁମୁହିଁ

## ଜଣେ କନଷ୍ଟେବଲ, ଦୁଇ ଆନ୍ଦୋଳନକାରୀ ଆହତ

ସୋର, ୧୨।୨(ଡି.ଏନ.ଏ.)



ଘଟଣାସ୍ଥଳରେ ପୋଲିସ ଓ ଆନ୍ଦୋଳନକାରୀ।

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସୋର-ବାଗୁଡି ରାସ୍ତାର ଆଙ୍ଗୁଳା ଛକଠାରେ ଗୁରୁବାର ରାତିରେ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ପଥର ବୋଝେଇ ଟ୍ରକ, ଡମ୍ପର ଯିବା ଆସିବା କରୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ କରି ଶୁକ୍ରବାର ସ୍ଥାନୀୟ ଅଞ୍ଚଳର ଲୋକେ ରାସ୍ତାରୋକୋ କରିଥିଲେ। ସୋର ଥାନା ଅଧିକାରିଣୀ ମଧୁମିତା ମହାନ୍ତି ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକେ ପୋଲିସ ଉପରକୁ ଟେକାପଥର ମାଡ଼ କରିଥିଲେ। ଏଥିରେ କନଷ୍ଟେବଲ ରାଜଲକ୍ଷ୍ମୀ ଦାସ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ପୋଲିସ ଲାଠିଚାର୍ଜରେ ଦୁଇ ଆନ୍ଦୋଳନକାରୀ ଆହତ ହୋଇଛନ୍ତି। ଆନ୍ଦୋଳନକାରୀଙ୍କ ମଧ୍ୟରୁ ୫ଜଣଙ୍କୁ ସୋର ଥାନାରେ ଅଟକ ରଖାଯାଇ ତଦନ୍ତ ଜାରି ରହିଛି। ତହସିଲଦାର ଓ ଥାନାଧିକାରୀ ପହଞ୍ଚି ଆଲୋଚନା ଜାରି ରଖିଛନ୍ତି। ସୋର ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଏକ ମାମଲା (ନଂ. ୫୫/୨୧) ରୁଜୁ କରିଛି।

ଆହତ ବ୍ୟକ୍ତି ହେଲେ ସୋର ଥାନା ଆଙ୍ଗୁଳା ଗ୍ରାମର ସନାତନ ଜେନା (୫୫)। ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଦ୍ୱାରା ସୋର ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉଲ୍ଲେଖଯୋଗ୍ୟ, ଉକ୍ତ ରାସ୍ତାରେ ବାଗୁଡ଼ି ଖଞ୍ଜାମାଲା ଖାଦାନ ଥିବାରୁ ପ୍ରତିଦିନ ଶହ ଶହ ଟ୍ରକ ଓ ଡମ୍ପର ଯାତାୟାତ କରିଥାନ୍ତି। ଫଳରେ ରାସ୍ତା ସର୍ବଦା ଗହଳି ଲାଗି ରହୁଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟିଥାଏ। ଏହାକୁ ରୋକିବା ପାଇଁ ଗାଡ଼ି ଧୀରେ ଚଳାଇବା ସହିତ ଯାତାୟାତ କରୁଥିବା ଟ୍ରକ୍ ଓ ଡମ୍ପରଗୁଡିକର କାଗଜପତ୍ର ଯାଞ୍ଚ କରିବାକୁ ଦାବି କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ।

# ପୁରୀରେ ପହଞ୍ଚିଲା ରଥକାଠ



ରଥ ନିର୍ମାଣ ପାଇଁ ପୁରୀରେ ପହଞ୍ଚିଥିବା କାଠ।

ପୁରୀ ଅଫିସ/ନୟାଗଡ଼ ଅଫିସ/ ଦଶପଲ୍ଲା, (ଡି.ଏନ୍.ଏ.)୧୨।୨

ଚଳିତବର୍ଷର ରଥଯାତ୍ରା ପାଇଁ ରଥକାଠ ଆସି ପୁରୀରେ ପହଞ୍ଚିଛି। ଶୁକ୍ରବାର ନୟାଗଡ଼ ଜିଲା ଦଶପଲ୍ଲା ବନାଞ୍ଚଳରୁ ପ୍ରଥମ ପର୍ଯ୍ୟାୟରେ ୨ଟି ଟ୍ରକ୍‌ରେ ସମୁଦାୟ ୪୯ ଖଣ୍ଡ ଅସନ ଓ ଧଉରା କାଠ ଆସିଛି। ସେଥିମଧ୍ୟରେ ୧୨ଫୁଟିଆ ୨୦ ଖଣ୍ଡ ଅସନ ଓ ୧୯ ଖଣ୍ଡ ଧଉରା ଏବଂ ୨୦ ଫୁଟିଆ ୧୦ଖଣ୍ଡ ଅସନ କାଠ ରହିଛି। ପୂର୍ବ ବର୍ଷରୁ ୬୯ ଖଣ୍ଡ କାଠ ବଳିଛି। ତେଣୁ ଚଳିତବର୍ଷ ରଥ ନିର୍ମାଣ ପାଇଁ ଆଉ ୭୯୬ ଖଣ୍ଡ କାଠ ଆବଶ୍ୟକ। ଚଳିତ ବର୍ଷ ରଥ ନିର୍ମାଣରେ ମୋଟ ୮୬୫ ଖଣ୍ଡ କାଠ ଲାଗିବ। ଆସନ୍ତା ସରସ୍ୱତୀ ପୂଜାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରଥକାଠକୁ ପାରମ୍ପରିକ ବିଧିରେ ପୂଜାର୍ଚ୍ଚନା କରାଯିବ। ଏହାପରେ ଅକ୍ଷୟତୃତୀୟାଠାରୁ ତିନି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି। ସେହିପରି ପରମ୍ପରା ଅନୁଯାୟୀ, କଟକସ୍ଥିତ ଖପୁରିଆ କରତକଳରେ ରଥ କାଠ ଚିରଟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରଥକାଠ ପୁରୀକୁ ପଠାଯିବା ପୂର୍ବରୁ ଦଶପଲ୍ଲାର ପ୍ରସିଦ୍ଧ ମହାବୀର ମନ୍ଦିର ଏବଂ ନୟାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ସଂକୀର୍ତ୍ତନ ମଣ୍ଡଳୀଙ୍କ ଶୋଭାଯାତ୍ରା ମଧ୍ୟରେ କାଠବୋଝେଇ ୨ ଟ୍ରକ୍ ପୁରୀ ଅଭିମୁଖେ ଯାତ୍ରା କରିଥିଲା। ଉକ୍ତ କାଠ ଦଶପଲ୍ଲା ବନାଞ୍ଚଳର ଚଢ଼େୟାପଲ୍ଲୀ ଏବଂ ପୋଖରୀଗୋଛା ଅଞ୍ଚଳରୁ ସଂଗ୍ରହ ହୋଇଛି। ଦଶପଲ୍ଲା ରେଞ୍ଜର ଅଖିଳେଶ ମଲ୍ଲିକ ଏବଂ ସଦର ଫରେଷ୍ଟର ସନ୍ତୋଷ କୁମାର ଦୋରାଙ୍କ ନେତୃତ୍ୱରେ ଏହି କାଠ ସଂଗ୍ରହରେ ସ୍ଥାନୀୟ ଲୋକେ ସହଯୋଗ କରିଥିଲେ।


**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 1083/P.S.C. Dt.10.2.21

**Website: http://opsc.gov.in**

No. D-168: On the basis of verification of original documents for Assistant Law Officer examination (Group-B) held on 08.02.2021 and in continuation to this Office Notice No. 762/PSC, Dt.01.02.2021, it is for information of all concerned candidates that, the Commission have provisionally selected **25 Candidates** to appear at the Viva-voce Test for recruitment to the Post of Assistant Law Officer Examination (Group-B) pursuant to Advertisement No. 07 of 2019-20 scheduled to be held on 19.02.2021 as per the programme mentioned at **ANNEXURE - A**.

It is also made clear that, the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage before or after the Viva-voce Test.

Roll number of above 25 candidates are available in the website of OPSC website: **http://opsc.gov.in**.

**ANNEXURE - A**

**PROGRAMME FOR VIVA-VOCE TEST OF CANDIDATES FOR RECRUITMENT TO THE POST OF ASSISTANT LAW OFFICER EXAMINATION (GROUP-B) PURSUANT TO ADVT. No. 07 of 2019-20**

| Sl. No. | Roll No. of the Candidates | Date of Viva-Voce Test | Time of reporting in 1st Session / Time of Viva-voce Test in 1st Session | Time of reporting in 2nd Session / Time of Viva-voce Test in 2nd Session | Board |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | 100006, 100008, 100009, 100036, 100042, 100052, 100055, 100062, 100065, 100067 = **10 Candidates** | 19.02.2021 | 10.00 A.M. / 10.30 A.M. | - | Board - I |
| | 100078, 100083, 100088, 100091, 100094, 100097, 100103, 100112, 100115, 100123 = **10 Candidates** | | 10.00 A.M. / 10.30 A.M. | | Board - II |
| | 100126, 100133, 100135 = **03 Candidates** | | - | 2.30 P.M. / 3.00 P.M. | Board - I |
| | 100143, 100146 = **02 Candidates** | | - | 2.30 P.M. / 3.00 P.M. | Board - II |

**Sd./- Secretary**
**OIPR-12002/11/0074/2021**





# ମେ' ୧ରୁ ଭୁବନେଶ୍ୱରରୁ ପାଟଣା ଉଡ଼ିବ ବିମାନ

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପାଟଣାକୁ ମେ' ପହିଲାରୁ ବିମାନ ଚଳାଚଳ ଆରମ୍ଭ ହେବ। ଘରୋଇ ବିମାନ ସେବା କମ୍ପାନୀ ଇଣ୍ଡିଗୋ ଏହି ସେବା ପ୍ରଦାନ କରିବ। ଇଣ୍ଡିଗୋ ମାର୍ଚ୍ଚ ୨୮ରୁ ୨୨ଟି ନୂଆ ରୁଟ୍‌ରେ ବିମାନ ଚଳାଚଳ ଆରମ୍ଭ କରିବ ବୋଲି ଘୋଷଣା କରିଥିବାବେଳେ ଏଥିମଧ୍ୟରେ ଭୁବନେଶ୍ୱର-ପାଟଣା ରୁଟ୍ ରହିଛି। ଏଥିପାଇଁ ବିମାନ ଚଳାଚଳ ସମୟସାରଣୀ ମଧ୍ୟ ଘୋଷଣା କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଇଣ୍ଡିଗୋ ବିମାନଟି ଭୁବନେଶ୍ୱରରୁ ରାତି ୧୦ଟା ୪୫ରେ ଉଡ଼ାଣ କରି ରାତି ୧୨ଟା ୪୫ରେ ପାଟଣାରେ ପହଞ୍ଚିବ। ତେବେ ଭୁବନେଶ୍ୱରରୁ ପାଟଣା ଯାତ୍ରୀ ଭଡ଼ା ୩,୮୧୧ ରଖାଯାଇଥିବାବେଳେ ପାଟଣାରୁ ଭୁବନେଶ୍ୱର ୩,୫୮୦ ଟଙ୍କା ରଖାଯାଇଛି। ଅନ୍ୟ ରୁଟ୍‌ଗୁଡ଼ିକ ହେଲେ ଅଗରତାଲା-ଆଇଜଲ, ଜୟପୁର-ବଡ଼ୋଦରା, ଚେନ୍ନାଇ-ବଡ଼ୋଦରା, ବେଙ୍ଗାଲୁରୁ-ଶିରିଡ଼ି, ପାଟଣା-କୋଚି, ରାଜମହେନ୍ଦ୍ରୀ-ତିରୁପତି, କୋଲକାତା-ଗୟା, କୋଚି-ତ୍ରିଭେନ୍ଦ୍ରମ, ଜୟପୁର-ସୁରଟ, ଚେନ୍ନାଇ-ସୁରଟ ଇତ୍ୟାଦି ରହିଛି। ଭୁବନେଶ୍ୱର-ପାଟଣାକୁ ଛାଡ଼ି ଅନ୍ୟ ସମସ୍ତ ରୁଟ୍‌ରେ ବିମାନ ଚଳାଚଳ ମାର୍ଚ୍ଚ ୨୮ରୁ ଆରମ୍ଭ ହେବ।

# ଘରେ ଜଳିଗଲେ ଯୁବକ

ଜି.ଉଦୟଗିରି,୧୨।୨(ଡି.ଏନ.ଏ.)

କନ୍ଧମାଳ ଜିଲା ଜି.ଉଦୟଗିରି ନିକଟସ୍ଥ ଲିଙ୍ଗାଗଡ଼ରେ ଗୁରୁବାର ରାତିରେ ପୋଡ଼ିହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଶୋକ ଦଳବେହେରା (୨୨)। ଅଶୋକଙ୍କ ମା' ବାପାଙ୍କ ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ସେ ଭଉଣୀଙ୍କ ସହ ଘରେ ଏକୁଟିଆ ରହୁଥିଲେ। ଗୁରୁବାର ରାତିରେ ଭଉଣୀ ବାହାରକୁ ଯାଇଥିବା ବେଳେ ଅଶୋକ ଘରେ ଥିଲେ। ଏହି ସମୟରେ କୌଣସି ପ୍ରକାରେ ଘରେ ନିଆଁ ଲାଗିଯାଇଥିଲା। ଘରୁ ଧୂଆଁ ବାହାରୁଥିବା ଦେଖି ଭଉଣୀ ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ପରେ ଖବରପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଶୋକ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଜି.ଉଦୟଗିରି ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇଥିଲା। ଏ ନେଇ ନଂ. ୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନାଧିକାରୀ ନରେଶ ସାହୁ କହିଛନ୍ତି।


**ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ**
ବିଦ୍ୟୁତ ନିୟାମକ ଭବନ, ପ୍ଲଟ୍ ନଂ. ୪, ଚୁନୁକୋଳି, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ଇ-ମେଲ୍: orierc@gmail.com, ୱେବ୍‌ସାଇଟ୍: www.orierc.org

**ସର୍ବସାଧାରଣ ବିଜ୍ଞପ୍ତି**
**କେସ୍ ନଂ. ୨୦୨୦ର ୭୫**

**ମାମଲା: ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୬୨ ସହିତ ପଠନପୂର୍ବକ ଓଇଆର୍‌ସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିମନ୍ତେ ନିୟମ ଓ ସର୍ତ୍ତାବଳୀ) ବିନିୟମ, ୨୦୧୪ ଅଧୀନରେ ଆର୍ଥିକବର୍ଷ ୨୦୨୧-୨୨ ନିମନ୍ତେ ସର୍ବମୋଟ ରାଜସ୍ୱ ଆବଶ୍ୟକତା (ଏଆର୍‌ଆର୍), ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଶୁଳ୍କସୂଚୀ ସମ୍ପର୍କରେ ମେସର୍ସ ଟିପିଡବ୍ଲ୍ୟୁଓଡିଏଲ୍ ଆବେଦନର ଶୁଣାଣି ।**

ଉଭୟ ଭର୍ଚୁଆଲ୍ ଓ ବ୍ୟକ୍ତିଗତ ପଦ୍ଧତିରେ **ତା୧୫।୦୨।୨୦୨୧ରିଖ ଅପରାହ୍ନ ୩.୦୦ ଘଟିକାରେ** ଜିଲ୍ଲା କଲେକ୍ଟୋରେଟ୍, କଚେରି ରୋଡ୍, ଝାରସୁଗୁଡ଼ା, ଓଡ଼ିଶା-୭୬୮୨୦୩ର କନଫରେନ୍ସ ହଲ୍‌ଠାରେ ଉପରୋକ୍ତ ମାମଲାର ଶୁଣାଣି ପାଇଁ ପୂର୍ବରୁ ଖବରକାଗଜରେ ତା୦୩।୦୨।୨୦୨୧ରିଖରେ ପ୍ରକାଶିତ ଆମର ବିଜ୍ଞପ୍ତି ଦୟାପୂର୍ବକ ଦେଖନ୍ତୁ । ବର୍ତ୍ତମାନ, ଶୁଣାଣିର ପ୍ରସ୍ତାବିତ ତାରିଖରେ କେତେକ ଅନିବାର୍ଯ୍ୟ କାରଣରୁ, ଆୟୋଗ ଜନସ୍ୱାର୍ଥରେ ଉକ୍ତ ମାମଲାର ଶୁଣାଣି କେବଳ ଭର୍ଚୁଆଲ୍ ପଦ୍ଧତିରେ ସମାନ ତାରିଖ ଓ ସମୟରେ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଯଦି କୌଣସି ବ୍ୟକ୍ତିବିଶେଷ ଭର୍ଚୁଆଲ୍ ପଦ୍ଧତିରେ ଶୁଣାଣିରେ ଅଂଶଗ୍ରହଣ କରିବା ଲାଗି ଇଚ୍ଛୁକ ଥିବେ, ତେବେ ଶୁଣାଣି ନିମନ୍ତେ ଲିଙ୍କ୍ ଉପଲବ୍ଧ କରାଇବାରେ ସୁବିଧା ପାଇଁ ସେମାନେ ଶୁଣାଣିର ଗୋଟିଏ ଦିନ ପୂର୍ବରୁ ସେମାନଙ୍କର ଇ-ମେଲ୍ ଆଇଡି/ହ୍ୱାଟ୍ସଆପ୍ ନମ୍ବର **oerc.vc@gmail.com**କୁ ପଠାଇପାରନ୍ତି । ଟିପିଡବ୍ଲ୍ୟୁଓଡିଏଲ୍ ପୂର୍ବ-ନିର୍ଦ୍ଧାରିତ ସ୍ଥାନ ଅର୍ଥାତ୍ ଜିଲ୍ଲା କଲେକ୍ଟୋରେଟ୍, କଚେରି ରୋଡ୍, ଝାରସୁଗୁଡ଼ାର କନଫରେନ୍ସ ହଲ୍‌ଠାରେ ମଧ୍ୟ ଭର୍ଚୁଆଲ୍ ଶୁଣାଣିର ବ୍ୟବସ୍ଥା କରିଛନ୍ତି ଏବଂ ଆପତ୍ତିକାରୀମାନେ ସେମାନଙ୍କର ମତାମତ ରଖିବା ପାଇଁ ଏହି ସୁବିଧାକୁ ବ୍ୟବହାର କରିପାରିବେ।

ଆୟୋଗଙ୍କ ନିର୍ଦ୍ଦେଶକ୍ରମେ

ତାରିଖ: ୧୨।୦୨।୨୦୨୧ ସ୍ୱା./- **ସଚିବ**

**ବି.ଦ୍ର.: (i) ଉପରୋକ୍ତ ସର୍ବସାଧାରଣ ବିଜ୍ଞପ୍ତି ତଥା ଆୟୋଗଙ୍କ ଦ୍ୱାରା ଯେଉଁ ସଂଗଠନ/ବ୍ୟକ୍ତିବିଶେଷଙ୍କ ଆପତ୍ତି/ମତାମତକୁ ଶୁଣାଣି ପାଇଁ ଗ୍ରହଣ କରାଯାଇଛି, ସେମାନଙ୍କର ତାଲିକା ଓଇଆର୍‌ସି ୱେବ୍‌ସାଇଟ୍ www.orierc.org ତଥା ଟିପିଡବ୍ଲ୍ୟୁଓଡିଏଲ୍ ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ।**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS CIRCLE, SAMBALPUR**
Tel.: 0663-2548268, E-mail ID: serwcirclesbp@yahoo.com
**Bid Identification No. Road Tender Online - RWCSBP - 13, No. 258 Dated: 09.02.2021**

No. O-1068: The Superintending Engineer Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for 01 (One) No. of Road work for 2020-21.

| Sl. No. | Name of Work | Approximate estimated cost put to tender excluding of GST in lakhs (Figure appearing in DTCN is final) | Concerned E.E. with Headquarters | Security Amount (in lakhs) (Online) (Figure appearing in DTCN is final) | Cost of Bid Document (Rs.) (Online) | Class of Bidder | Period of Completion (including rainy, summer & festival) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Improvement to Sareipali to Bhukta road under State Plan Completion of Incomplete Road & Bridges in the district of Bargarh | 692.53 | Executive Engineer, Rural Works Division, Bargarh | 6.93 | 10,000/- (Online) | Special & Super | 12 (Twelve) Calendar months |
| Mode of submission of tender | | Tender should be submitted only online in website **www.tendersorissa.gov.in (https://tendersodisha.gov.in)** | | | | | |

* Further details can be seen from the e-procurement portal **www.tendersorissa.gov.in (https//tendersodisha.gov.in)**.

Summary of key dates are provided below:

| Procurement Officer | Bid Identification No. | Availability of Tender Online for bidding: From | Availability of Tender Online for bidding: To | Last date & time for seeking clarification | Date & Time of Opening of Tender: Technical Bid | Date & Time of Opening of Tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sambalpur | Road Tender Online - RWCSBP-13 | 15.02.2021 from 11.00 A.M. | 03.03.2021 upto 4.00 P.M. | 02.03.2021 upto 4.00 P.M. | 04.03.2021 at 11.00 A.M. | Will be intimated later |

* Subsequent modification/corrigendum/addendum if required shall appear in website only.
* The amount put to bid is exclusive of GST.
OIPR-25091/11/0016/2021 Superintending Engineer, Rural Works Circle, Sambalpur



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୧୯୦୯/IND-II-PH-857 ତାରିଖ ୧୦।୦୨।୨୦୨୧
CAD-1246

**ବିଜ୍ଞାପନ**

ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଏମ୍.ଜି.ଏମ୍. ମିନେରାଲ୍ସ ଲିମିଟେଡ, ଓଡ଼ିଶାର ଢେଙ୍କାନାଳ ଜିଲ୍ଲା, ଓଡ଼ପଡ଼ା ତହସିଲ ଅନ୍ତର୍ଗତ ନିମିଧା, ହାଳଦିଆବାହାଲ ଏବଂ ଉପରପାଲ ଗ୍ରାମରେ ସ୍ଥିତ ସ୍ପଞ୍ଜ ଆଇରନ ପ୍ରକଳ୍ପର ଉତ୍ପାଦନ କ୍ଷମତା ବାର୍ଷିକ ୧୦୫୦୦୦ ଟନ୍‌ରୁ ୨୫୦୦୦୦ ଟନ୍ ଏବଂ ଡବ୍ଲ୍ୟୁ.ଏଚ୍.ଆର.ବି. ମାଧ୍ୟମରେ ୮ ମେଗାୱାଟ୍‌ରୁ ୧୬ ମେଗାୱାଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଇଣ୍ଡକ୍ସନ ଚୁଲା, ଏଲ୍.ଆର୍.ଏଫ୍. ଏବଂ ସି.ସି.ଏମ୍. ସ୍ଥାପନ ୨୫୦୦୦୦ ଟନ୍ ପ୍ରତିବର୍ଷ ଏମ୍.ଏସ୍. ବିଲେଟ୍ ଏବଂ ୨୫୦୦୦୦ ଟନ୍ ପ୍ରତିବର୍ଷ ୱାୟାର ରଡ୍/ଟିଏମ୍‌ଟି ବାର୍ ଉତ୍ପାଦନ ପାଇଁ ରୋଲିଙ୍ଗ ମିଲ୍, ୦.୬ ନିୟୁତ ଟନ୍ ପ୍ରତିବର୍ଷ ପାଲେଟ୍ ପ୍ଲାଟ୍ ଏବଂ ୨x୧୬ ମେଗାୱାଟ୍ ସି.ଏଫ.ବି.ସି. ପାୱାର ପ୍ରକଳ୍ପ ସ୍ଥାପନ କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୬।୦୩।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ ଢେଙ୍କାନାଳ ଜିଲ୍ଲା ଓଡ଼ପଡ଼ା ତହସିଲ ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମ (ଖାତା ନଂ.୩୧୫ ଅନ୍ତର୍ଗତ ପ୍ଲଟ୍ ନଂ. ୫୦୯୨ ଏବଂ ୫୦୯୩) ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୧୪।୦୯।୨୦୨୦ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଢେଙ୍କାନାଳ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଢେଙ୍କାନାଳ ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧ ୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଅନୁଗୋଳ ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୁଳସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ ।

OIPR-08012/11/0008/2021 ସ୍ୱା./-ସଦସ୍ୟ ସଚିବ

**ଖୁଚୁରା ମୁଦ୍ରାସ୍ଫୀତି ୪.୦୬%**

ଜାନୁଆରୀ ମାସରେ ଖୁଚୁରା ମୁଦ୍ରାସ୍ଫୀତି ଭିତ୍ତିକ ଖାଉଟି ମୂଲ୍ୟ ସୂଚୀ(ସିପିଆଇ) ୪.୦୬%କୁ ବୃଦ୍ଧି ପାଇଛି। ଆର୍‌ବିଆଇ ଧାର୍ଯ୍ୟଲକ୍ଷ୍ୟ ୨-୬% ମଧ୍ୟକୁ ଏହା ଫେରିଛି। ଲଗାତର ଦ୍ୱିତୀୟ ମାସ ଲାଗି ଏଭଳି ହୋଇଥିବା ସରକାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି। ଗତ ବର୍ଷ ଡିସେମ୍ବରରେ ଏହା ୪.୫୯% ସ୍ତରରେ ରହିଥିଲା। ସେହିଭଳି ଡିସେମ୍ବରରେ ଶିଳ୍ପ ଉତ୍ପାଦନ ୧% ବଢିଥିବା ଅନ୍ୟ ଏକ ସରକାରୀ ଡାଟାରୁ ଜଣାପଡ଼ିଛି। ୨୦୨୦ ଡିସେମ୍ବରରେ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ଅଭିବୃଦ୍ଧି ୧.୬% ରହିଥିଲା।



**ସଂକ୍ଷେପରେ**

## ୬.୩ ଲକ୍ଷ କୋଟିର ବ୍ୟୟ ମଞ୍ଜୁରୀ ଲୋଡ଼ିଲା କେନ୍ଦ୍ର

**ନୂଆଦିଲ୍ଲୀ,୧୨।୨:** ଆର୍ଥିକ ବର୍ଷ ୨୦୨୦-୨୧ରେ ଅତିରିକ୍ତ ୬.୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବା ଲାଗି କେନ୍ଦ୍ର ସରକାର ମଞ୍ଜୁରୀ ଲୋଡ଼ିଛନ୍ତି। ଦ୍ୱିତୀୟ ଏବଂ ଅତିରିକ୍ତ ଖର୍ଚ୍ଚ ଦାବି ଭାବେ ଏହାକୁ ଉପସ୍ଥାପନ କରାଯାଇଛି। ଏହି ପ୍ରସ୍ତାବରେ ନେଟ୍ ୪.୧ ଲକ୍ଷ କୋଟି ଟଙ୍କାର ପ୍ରଭାବ ରାଜକୋଷ ଉପରେ ପଡିବ। ସେହିଭଳି ଅନ୍ୟ ଅର୍ଥ ରାଜସ୍ୱ ସଂଗ୍ରହ ଏବଂ ମନ୍ତ୍ରଣାଳୟଗୁଡିକର ସଞ୍ଚୟରୁ ଖର୍ଚ୍ଚ ବ୍ୟବସ୍ଥା କରାଯିବ। ଚଳିତ ଆର୍ଥିକ ବର୍ଷର ପରିବର୍ତ୍ତିତ ବଜେଟ ଧାର୍ଯ୍ୟ ଲକ୍ଷ୍ୟରେ ଏହାକୁ ସାମିଲ ମଧ କରାଯାଇଛି। ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗର ଖର୍ଚ୍ଚ ଲାଗି ୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବା ନେଇ ମଞ୍ଜୁରୀ ଲୋଡାଯାଇଛି।

## ସିଏନ୍‌ଜିରେ ଗଡ଼ିବ ଟ୍ରାକ୍ଟର

**ନୂଆଦିଲ୍ଲୀ,୧୨।୨:** ସାରା ଦେଶରେ ଏଣିକି ସିଏନ୍‌ଜି ବା ବାୟୋଗ୍ୟାସ୍ ଇନ୍ଧନରେ ଟ୍ରାକ୍ଟର ଗଡିବ। ଏଥିଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। କେନ୍ଦ୍ର ସଡ଼କ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଦେଶର ପ୍ରଥମ ସିଏନ୍‌ଜି ଟ୍ରାକ୍ଟରର ଶୁଭାରମ୍ଭ କରିଛନ୍ତି। ଏହା ଏକ ଡିଜେଲ ଟ୍ରାକ୍ଟର ପୂର୍ବରୁ ଥିବାବେଳେ ଏହାକୁ ସିଏନ୍‌ଜି ଇଞ୍ଜିନରେ ରୂପାନ୍ତରିତ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ଗଡକରୀ କହିଛନ୍ତି, କୃଷକ ଏହା ମାଧମରେ ପ୍ରାୟ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିବାକୁ ସକ୍ଷମ ହେବେ। ବର୍ତ୍ତମାନ ଦିଲ୍ଲୀରେ ଡିଜେଲ ୭୮.୩୮ ଟଙ୍କାରେ ବିକ୍ରି ହେଉଛି। ସିଏନ୍‌ଜି ପ୍ରତି ଲିଟର ୪୫ ଟଙ୍କାରେ ବିକ୍ରି ହେଉଛି। ଡିଜେଲ ତୁଳନାରେ ସିଏନ୍‌ଜି ବେଶ୍ ଫାଇଦା ଦେବ ବୋଲି ଆଶା କରାଯାଉଛି। ସେହିଭଳି ଡିଜେଲ ଭଳି ସିଏନ୍‌ଜି ପରିବେଶ ଉପରେ ଏତେଟା ଖରାପ ପକାଇବ ନାହିଁ। ଗ୍ରାମୀଣ ଭାରତରେ ରୋଜଗାର ସୁଯୋଗ ପ୍ରଦାନ କରିବାରେ ଏହା ସହାୟକ ହେବ ବୋଲି ଗଡକରୀ ଆଶା ରଖିଛନ୍ତି।

# ଫ୍ୟାମିଲି ପେନ୍‌ସନ ସୀମା ୧.୨୫ ଲକ୍ଷକୁ ବୃଦ୍ଧି




**ନୂଆଦିଲ୍ଲୀ,୧୨।୨**

କେନ୍ଦ୍ର ସରକାର ଫ୍ୟାମିଲି ପେନ୍‌ସନ ସୀମାକୁ ୧.୨୫ ଲକ୍ଷକୁ ବଢାଇଛନ୍ତି। ଫ୍ୟାମିଲି ପେନ୍‌ସନ କ୍ଷେତ୍ରରେ ସଂସ୍କାର ପଦକ୍ଷେପ ଅନ୍ତର୍ଗତ ଏଭଳି ବ୍ୟବସ୍ଥା କରାଯାଇଛି। ଏହିସୀମା ପୂର୍ବରୁ ୪୫ ହଜାର ଟଙ୍କା ରହିଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି, ନୂଆ ପଦକ୍ଷେପ ଫଳରେ ପରଲୋକଗତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କ ଜୀବନ ଧାରଣ ସହଜ ହେବା ସହିତ ସେମାନଙ୍କୁ ଯଥେଷ୍ଟ ଆର୍ଥିକ ସୁରକ୍ଷା ମିଳିପାରିବ। ସେ ଆହୁରି ମଧ କହିଛନ୍ତି, ମାତାପିତାଙ୍କ ମୃତ୍ୟୁ ପରେ ଯଦି ସେମାନଙ୍କ ସନ୍ତାନ ଫ୍ୟାମିଲି ପେନ୍‌ସନର ୨ଟି କିସ୍ତି ଉଠାଇବା ଲାଗି ଅଧିକୃତ ହୋଇଥାନ୍ତି, ସେହି ଅର୍ଥ ରାଶି ପରିମାଣ ସମ୍ପର୍କରେ ସ୍ପଷ୍ଟୀକରଣ ଜାରି କରାଯାଇଛି। ଏହି ୨ଟି କିସ୍ତିର ମୋଟ ଅର୍ଥ ରାଶି ୧.୨୫ ଲକ୍ଷ ଟଙ୍କାରୁ ଅଧିକ ହେବ ନାହିଁ। ଏହା ପୂର୍ବ ସର୍ବାଧିକ ସୀମାଠାରୁ ଅଢେଇଗୁଣା ଅଧିକ ବୃଦ୍ଧି।

ଷଷ୍ଠ ବେତନ ଆୟୋଗଙ୍କ ସୁପାରିସ ଅନୁସାରେ ୯୦ହଜାର ଟଙ୍କାର ସର୍ବାଧିକ ବେତନ ସନ୍ଦର୍ଭରେ ବର୍ଦ୍ଧିତ ଅର୍ଥ ରାଶି ନିର୍ଦ୍ଧାରଣ କରାଯାଇଥିଲା। ବର୍ତ୍ତମାନ ସପ୍ତମ ବେତନ ଆୟୋଗଙ୍କ ସୁପାରିସ ଅନୁସାରେ ସର୍ବାଧିକ ବେତନ ବୃଦ୍ଧି ପାଇଁ ମାସିକ ୨.୫ ଲକ୍ଷ ଟଙ୍କା ହୋଇଯାଇଛି। କେନ୍ଦ୍ରୀୟ ପ୍ରଶାସନିକ ପେନ୍‌ସନ ନିୟମ ଅନୁସାରେ ଏହି ପେନ୍‌ସନ ଅର୍ଥ ରାଶି ୨.୫ ଲକ୍ଷର ୫୦% ବା ୧.୨୫ ଲକ୍ଷ ଏବଂ ୩୦% ବା ୭୫ ହଜାର ନିର୍ଦ୍ଧାରଣ କରାଯାଇଛି। ବର୍ତ୍ତମାନର ନିୟମ ଅନୁସାରେ ଯଦି କୌଣସି ସନ୍ତାନଙ୍କ ପିତାମାତା ସରକାରୀ ଚାକିରିରେ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଜଣକର ଚାକିରି କାଳରେ ମୃତ୍ୟୁ ହୋଇସାରିଛି କିମ୍ବା ଅବସର ଗ୍ରହଣ କରିଛନ୍ତି ତା'ହେଲେ ପରଲୋକଗତ ବ୍ୟକ୍ତିଙ୍କର ଫ୍ୟାମିଲି ପେନ୍‌ସନ ତାଙ୍କର ଜୀବନସାଥୀଙ୍କୁ ଦିଆଯିବ। ଆହୁରି ଯଦି ସାଥୀଙ୍କର ମୃତ୍ୟୁ ଘଟେ ତା'ହେଲେ ତାଙ୍କର ଜୀବିତ ପିଲା ନିଜର ଯୋଗ୍ୟତା ସାବ୍ୟସ୍ତ କରିବା ପରେ ତାଙ୍କୁ ନିଜ ସ୍ୱର୍ଗବାସୀ ମାତାପିତା ଉଭୟଙ୍କ ପାରିବାରିକ ପେନ୍‌ସନ ପ୍ରଦାନ କରାଯିବ।

# ନାଲ୍‌କୋର ତୃତୀୟ ତ୍ରୈମାସ ଫଳାଫଳ ଘୋଷଣା

**ଭୁବନେଶ୍ୱର,୧୨।୨**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ) ପକ୍ଷରୁ ଏହାର ତୃତୀୟ ତ୍ରୈମାସ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ କମ୍ପାନୀ ୨୪୦ କୋଟି ଟଙ୍କା ନିଟ୍ ଲାଭ ହାସଲ କରିଛି। ଏହାର ପୂର୍ବ ତ୍ରୈମାସରେ ନିଟ୍ ଲାଭ ୧୦୭ କୋଟି ଟଙ୍କା ଥିବା ବେଳେ ବର୍ତ୍ତମାନ ଏଥିରେ ୧୨୩% ବୃଦ୍ଧି ଘଟିଥିବା କମ୍ପାନୀ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ୨୦୨୦ ଡିସେମ୍ବର ଶେଷ ସୁଦ୍ଧା ୯ ମାସର ନିଟ୍ ଲାଭ ଏହାର ପୂର୍ବବର୍ଷ ସମାନ ଅବଧି ତୁଳନାରେ ଦଶଗୁଣା ବଢି ୩୬୪ କୋଟି ଟଙ୍କା ରହିଛି। କମ୍ପାନୀ ବିକ୍ରି ଲବ୍ଧ ଆୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏ କ୍ଷେତ୍ରରେ ଅଭିବୃଦ୍ଧି ଘଟି ୨୪୧୪ କୋଟି ଟଙ୍କା ରହିଛି। ଆଲୁମିନା ହାଇଡ୍ରେଟ ମୋଟ ବିକ୍ରି ଅଭିବୃଦ୍ଧି ହୋଇ ୩.୪୪ ଲକ୍ଷ ଟନ୍ ଛୁଇଁଛି। ସେହିଭଳି ରପ୍ତାନିରେ ଉନ୍ନତି ହୋଇ ୧.୩୮ ଲକ୍ଷ ଟନ୍ ରହିଛି। ଏହା ୧୯.୩୪ ଲକ୍ଷ ଟନ୍ ବକ୍ସାଇଟ, ୧.୦୨ ଲକ୍ଷ ଟନ୍ ଆଲୁମିନିୟମ ଏବଂ ୫.୫୫ ଲକ୍ଷ ଟନ୍ ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ କରିବାକୁ ସକ୍ଷମ ହୋଇଛି। କୋଭିଡ୍ ମହାମାରୀ ଭଳି ସ୍ଥିତିରେ ନାଲ୍‌କୋ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ସାମଗ୍ରିକ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଥିବା କମ୍ପାନୀର ସିଏମ୍‌ଡି ଶ୍ରୀଧର ପାତ୍ର ସୂଚନା ଦେଇଛନ୍ତି।

# ମିଲ୍କ ମନ୍ତ୍ରା ଆଣିଲା ମୁ ବୁଥ୍




**କଟକ ଅଫିସ,୧୨।୨**

ଘରୋଇ ଦୁଗ୍ଧଜାତ ଦ୍ରବ୍ୟ ବ୍ରାଣ୍ଡ ମିଲ୍କି ମୁ ର ମୂଳ କମ୍ପାନୀ ମିଲ୍କି ମନ୍ତ୍ରା ଏକ ବିପ୍ଳବୀ ପଦକ୍ଷେପ ନେଇ ସ୍ଥାନୀୟ କଟକ ସହରର ବିଭିନ୍ନ ସ୍ଥାନରେ ମୁ ବୁଥ୍ ମାନ ସ୍ଥାପିତ କରିଛି। ପ୍ରଥମ ପର୍ଯ୍ୟାୟରେ କମ୍ପାନୀ କଟକରେ ୨୦ଟି ମୁ ବୁଥ୍‌ର ଶୁଭାରମ୍ଭ କରିବା ସହ ନିକଟ ଭବିଷ୍ୟତରେ ରାଜ୍ୟର ଅନ୍ୟ ପ୍ରମୁଖ ସହର ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର ଓ ପୁରୀଠାରେ ମୁ ବୁଥ୍ ମାନ ଖୋଲିବାର ଯୋଜନା ରଖିଛି।

ମୁ ବୁଥ୍ ବିତରଣ ବ୍ୟବସ୍ଥାର ସମଗ୍ର ନେଟ୍‌ୱର୍କ ବୈଷୟିକ ଜ୍ଞାନକୌଶଳ ସମ୍ବଳିତ ହୋଇ ରିଟେଲ ଦୋକାନଗୁଡ଼ିକରେ ଉତ୍ପାଦର ସତେଜତା ସୁନିଶ୍ଚିତ କରିବା ସଙ୍ଗେସଙ୍ଗେ ରିଟେଲରମାନଙ୍କୁ ଉନ୍ନତ ଇନ୍‌ଭେନ୍‌ଟୋରି ମ୍ୟାନେଜମେଣ୍ଟ ଦେବାରେ ସହାୟ ହେବ।

ଏ ସମ୍ପର୍କରେ ମିଲ୍କ ମନ୍ତ୍ରାର ମୁଖ୍ୟ ପରିଚାଳନା ଅଧିକାରୀ, ସନ୍ଦୀପନ୍ ଘୋଷ କହିଥିଲେ, ବଜାରରେ ମିଲ୍କ ମୁ ଉତ୍ପାଦର ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ବ୍ୟବଧାନ ଦୂର କରିବା ଦିଗରେ ମୁ ବୁଥ୍ ହେଉଛି ମିଲ୍କ ମନ୍ତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ରିୟଲ ଟାଇମ୍ ଇନ୍‌ଭେନ୍‌ଟୋରି ମ୍ୟାନେଜ୍‌ମେଣ୍ଟ ଭଳି ବୈଷୟିକ ଜ୍ଞାନକୌଶଳ ବଳରେ ଆମେ ଆମ ସମଗ୍ର ଯୋଗାଣ ଶୃଙ୍ଖଳ ଉପରେ ନଜର ରଖିବା ସଙ୍ଗେସଙ୍ଗେ ଏହାର ଦକ୍ଷତାକୁ ବଢାଇବାରେ ସକ୍ଷମ ହେବୁ। ଗ୍ରାହକଙ୍କଠାରୁ ଚାଷୀମାନଙ୍କ ପର୍ଯ୍ୟନ୍ତ ଏକ ଶୁଦ୍ଧତମ ଜୀବନଶୈଳୀ ଦେବା ହେଉଛି ଆମର ମୂଳ ଲକ୍ଷ୍ୟ ଏବଂ ମୁ ଦୃଢ ଭାବେ ଆଶାବାଦୀ ଯେ, ମୁ ବୁଥ୍ ଆମ ଶୁଦ୍ଧତା ଓ ସତେଜତାର ପ୍ରତିଶ୍ରୁତି ରକ୍ଷା କରିବାରେ ସହାୟ ହେବ।

## ରିଲାଏନ୍ସ ଜୁଏଲ୍ସର ଭାଲେଣ୍ଟାଇନ୍ କଲେକ୍ସନ

**ନୂଆଦିଲ୍ଲୀ,୧୨।୨:** ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ଭାଲେଣ୍ଟାଇନ କଲେକ୍ସନ ଇଟରନିଟିକୁ ଉନ୍ମୋଚନ କରାଯାଇଛି। ଏହି କଲେକ୍ସନରେ ଶାଶ୍ୱତ ପ୍ରେମର ଭାବଧାରାକୁ ସନ୍ନିବେଶିତ କରାଯାଇଛି। ଆପଣ ଚିରକାଳ ଯାହାର ଉପସ୍ଥିତି କାମନା କରୁଛନ୍ତି, ସେହି ପ୍ରିୟତମାଙ୍କ ପାଇଁ ଏହା ଏକ ଆଦରଣୀୟ ଉପହାରଯୋଗ୍ୟ ଗହଣା ହୋଇପାରିଛି। ଏହି କଲେକ୍ସନରେ ପ୍ରେମ ଏବଂ ଆତ୍ମୀୟତାକୁ ଗୁରୁତ୍ୱ ଦିଆଯାଇଛି। ଏହାର ପ୍ରତ୍ୟେକ ଗହଣା ଡିଜାଇନ ପ୍ରେମକୁ ଅଧିକ ନିବିଡ଼ କରିବାକୁ ଏକ ବିରଳ କଳାକୃତି ସଦୃଶ ହୋଇଛି। ଏଥିରେ ୧୪ କ୍ୟାରେଟ ସୁନାରେ ତିଆରି ଏବଂ ଝଲମଲ କରୁଥିବା ହୀରାଖଚିତ ଅତି ସୁନ୍ଦର ଷ୍ଟାଇଲିଶ ମୁଦି, ପେଣ୍ଡାଣ୍ଟ ଏବଂ ଇୟର ରିଂ ରହିଛି। ଏହା ଆଖିକୁ ଅଧିକ ରମଣୀୟ ଦେଖାଯିବା ସହ ଆଧୁନିକ ସମୟର ଭାରତୀୟ ମହିଳାଙ୍କ ଲାଗି ଠିକ୍ ଆଭୂଷଣ ହୋଇଛି। ହ୍ୱାଇଟ ଗୋଲ୍ଡ ଭଳି ବିଭିନ୍ନ ସମକାଳୀନ ଓ ଆଧୁନିକ ସ୍ୱର୍ଣ୍ଣ ରଙ୍ଗରେ ପ୍ରସ୍ତୁତ ଡିଜାଇନରେ ହୀରାକୁ ନେଇ ଅତି ସୂକ୍ଷ୍ମ କାରୁକାର୍ଯ୍ୟ ହୋଇଛି। ଏହାକୁ ଉଭୟ ଫର୍ମାଲ ଏବଂ କାଜୁଆଲ ଓୟାର ଭାବେ ବ୍ୟବହାର କରାଯାଇପାରିବ।

# ଚନ୍ଦା କୋଚ୍ଚରଙ୍କୁ ମିଳିଲା ଜାମିନ



**ନୂଆଦିଲ୍ଲୀ,୧୨।୨**

ଆଇସିଆଇସିଆଇ ବ୍ୟାଙ୍କ ଏବଂ ଭିଡିଓକନ ବେଆଇନ ଅର୍ଥ କାରବାର ମାମଲାରେ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚ୍ଚରଙ୍କୁ ଆଶ୍ୱସ୍ତି ମିଳିଛି। ବେଆଇନ ଅର୍ଥ କାରବାର ନିରୋଧୀ ଆଇନ(ପିଏମ୍‌ଏଲ୍‌ଏ)ର ସ୍ୱତନ୍ତ୍ର କୋର୍ଟ ଚନ୍ଦାଙ୍କୁ ଶୁକ୍ରବାର ଜାମିନ ପ୍ରଦାନ କରିଥିବା ଜଣାପଡିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ମାମଲାରେ ଚନ୍ଦା କୋଚ୍ଚର, ତାଙ୍କ ସ୍ୱାମୀ ଦୀପକ କୋଚ୍ଚର, ଭିଡିଓକନ ଗ୍ରୁପ୍ ଅଫ୍ କମ୍ପାନୀର ପ୍ରମୋଟର ବେଣୁଗୋପାଳ ଧୂତଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଚନ୍ଦା କୋଚ୍ଚର ତାଙ୍କ ଓକିଲ ବିଜୟ ଅଗ୍ରୱାଲଙ୍କ ଦ୍ୱାରା ଏ.ଏ. ନନ୍ଦଗାଓଁକରଙ୍କ ନିକଟରେ ଜାମିନ ଲାଗି ଆବେଦନ କରିଥିଲେ। ୫ ଲକ୍ଷ ଟଙ୍କା ବଣ୍ଡରେ ଅଦାଲତ ତାଙ୍କୁ ଜାମିନ ଦେଇଛନ୍ତି। କୋଚ୍ଚର, ଧୂତ ଏବଂ ଅନ୍ୟ ବ୍ୟକ୍ତିବିଶେଷଙ୍କ ନାମରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏଫ୍‌ଆଇଆର୍ ଦାୟର କରିଥିଲା। ଆପରାଧିକ ମାମଲା ଦାୟର ହେବା ପରେ ଇଡି ୨୦୨୦ ସେପ୍ଟେମ୍ବରରେ ଚନ୍ଦାଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ଭିଡିଓକନ ଗ୍ରୁପ୍ ଋଣ ପ୍ରଦାନ ଦ୍ୱାରା ଚନ୍ଦାଙ୍କ ସ୍ୱାମୀ ଦୀପକ କୋଚ୍ଚରଙ୍କ କମ୍ପାନୀ ନ୍ୟୁ ପାୱାର ରିନ୍ୟୁଏବଲ ଲିମିଟେଡ୍ ଅନୁକମ୍ପା ଭାବେ ୬୪ କୋଟି ଟଙ୍କା ଲାଭ କରିଥିବା ତଦନ୍ତକାରୀ ଏଜେନ୍ସି ଅଭିଯୋଗ କରିଛନ୍ତି।

**ଖେଳ ଖବର**

# ପଥରମୁଣ୍ଡା ଭଲିବଲ ଚାମ୍ପିୟନ



ଅତିଥି, କ୍ଲବ ସଦସ୍ୟଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

**କଣିହାଁ,୧୨।୨(ଡି.ଏନ.ଏ.)**

କଣିହାଁ ବ୍ଲକ ରଙ୍ଗବେଡ଼ାସ୍ଥିତ ବାପୁଜୀ କ୍ଲବ ପକ୍ଷରୁ ଆୟୋଜିତ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ତହସିଲଦାର ପତିତପାବନ ଦେବତା, ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ, ସାମାଜିକ କର୍ମୀ ଶାନ୍ତନୁ କୁମାର ପ୍ରଧାନ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ କଂସମୁଣ୍ଡା ଓ ପଥରମୁଣ୍ଡା ମଧ୍ୟରେ ଖେଳାଯାଇଥିଲା। ଏଥିରେ ପଥରମୁଣ୍ଡା ୨-୦ ସେଟ୍‌ରେ ବିଜୟ ସହ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏନ୍‌ଟିପିସି ପ୍ରକଳ୍ପ ଅଧିକାରୀ ଗଦାଧର ସିଂହ, ଜାକିର ଖାନ, ଏ.କେ. ଦାସ, ସତ୍ୟାନନ୍ଦ ସାହୁ ଅତିଥିଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ ସଦସ୍ୟ ରାମଚନ୍ଦ୍ର ସେଠୀ, ଲିପୁନ ସାହୁ, କନିଷ୍କ ପ୍ରଧାନ, ଶ୍ରୀବତ୍ସ ସାହୁ, କୃତିବାସ, ସିଦ୍ଧେଶ୍ୱର, ଶଶିକାନ୍ତ, ସୁଶୀଳ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରାମାଞ୍ଚଳ କପ୍: ଅଙ୍ଗପଡ଼ା ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

**ବଇଣ୍ଡା,୧୨।୨(ଡି.ଏନ.ଏ.):** କିଶୋରନଗର ବ୍ଲକ ଅଙ୍ଗପଡା ଗ୍ରାମ ଖେଳ ପଡିଆରେ ଚାଲିଥିବା ଗ୍ରାମାଞ୍ଚଳ କପ୍ କ୍ରିକେଟ୍‌ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଭରତାପୁର କ୍ଲବ ଓ ଅଙ୍ଗପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଭରତାପୁର ବ୍ୟାଟିଂ କରି ୫୬ ରନ କରିଥିବା ବେଳେ ଅଙ୍ଗପଡା ୫୮ ରନ କରି ବିଜୟୀ ସହ ପ୍ରତିଯୋଗିତାର ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚକୁ ବରୁଣ ସାହୁ ଓ ନିହାର ରଞ୍ଜନ ରଣା ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୁବ ବିଜେଡି ଜିଲା ଉପସଭାପତି ଜିତେନ୍ଦ୍ର କୁମାର ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ।

# ୱେଷ୍ଟଇଣ୍ଡିଜ ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ

**ଢାକା, ୧୨।୨(ଏପି):** ପେସ୍ ବୋଲର ଶାନନ ଗାବ୍ରିଏଲଙ୍କ ପ୍ରେରଣାଦାୟକ ବୋଲିଂ ଯୋଗୁ ଏଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଏବେ ୱେଷ୍ଟଇଣ୍ଡିଜ ନିୟନ୍ତ୍ରଣରେ ରହିଛି। ଶୁକ୍ରବାର ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୨୩/୫ରୁ ଖେଳ ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ୪୦୯ରେ ଅଲ୍‌ଆଉଟ ହୋଇଯାଇଥିଲା। ଜୋଶୁଆ ଡା' ସିଲ୍‌ଭା ଆକର୍ଷଣୀୟ ୯୨, ଏନ୍‌କ୍ରୁମା ବୋନର ୯୦ ଏବଂ ଅଲ୍‌ଜାରି ଯୋଶେଫ୍ ୮୨ ରନ କରିଥିଲେ। ଉଇକେଟକିପର ଡା' ସିଲ୍‌ଭାଙ୍କ ଦୁଇଟି ମହତ୍ତ୍ୱପୂର୍ଣ୍ଣ ପାର୍ଟନରଶିପ୍ ଯୋଗୁ ୱେଷ୍ଟଇଣ୍ଡିଜ ୪୦୦ ରନ ଅତିକ୍ରମ କରିଥିଲା। ସେ ଓ ବୋନର ୬ଷ୍ଠ ଉଇକେଟରେ ୮୮ରନ ଯୋଗ କରିଥିଲେ। ପରେ ଜୋଶେଫ୍ ଡା'ସିଲ୍‌ଭାଙ୍କ ସହ ଯୋଗ ଦେଇ ୭ମ ଉଇକେଟରେ ୧୧୮ରନ ଯୋଗ କରିଥିଲେ। ଜବାବରେ ବାଂଲାଦେଶ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ୧୦୫ ରନ କରିଛି। ଦଳ ଭ୍ରମଣକାରୀ ଦଳର ସ୍କୋରଠାରୁ ଆହୁରି ୩୦୪ ରନ ପଛରେ ରହିଛି। ଗାବ୍ରିଏଲ ଚମତ୍କାର ବୋଲିଂ କରି ୩୧ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଛନ୍ତି। ମୁସଫିକର ରହିମ୍ ୨୭ ଓ ମହମ୍ମଦ ମିଥୁନ ୬ରନ କରି କ୍ରିଜ୍‌ରେ ଅଛନ୍ତି।

### ସଂକ୍ଷିପ୍ତ ସ୍କୋର

**ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ:** ୪୦୯ (ଜୋଶୁଆ ଡା'ସିଲ୍‌ଭା-୯୨, ଏନ୍‌କ୍ରୁମା ବୋନର-୯୦, ଅଲ୍‌ଜାରି ଯୋଶେଫ୍-୮୨, କ୍ରେଗ୍ ବ୍ରାଥୱେଟ୍-୪୭; ଆବୁ ଜୟେଦ-୪/୯୮, ତାଇଜୁଲ ଇସ୍‌ଲାମ-୪/୧୦୮)।

**ବାଂଲାଦେଶ ପ୍ରଥମ ଇନିଂସ:** ୧୦୫/୪ (ତାମିମ୍ ଇକ୍‌ବାଲ-୪୪; ଶାନନ ଗାବ୍ରିଏଲ-୨/୩୧)

# ଭୁବନେଶ୍ୱର 'ଏ', 'ବି', ବାଲେଶ୍ୱର ବିଜୟୀ

**ଭୁବନେଶ୍ୱର, ୧୨।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ସୁପରଲିଗ୍‌ରେ ଶୁକ୍ରବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱର'ଏ', 'ବି',ବାଲେଶ୍ୱରଓକଟକ'ଏ'ଦଳବିଜୟହାସଲକରିଛନ୍ତି।

ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ଏ' ୯ ଉଇକେଟରେ ରାଉରକେଲାକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୩୮.୨ ଓଭରରେ ୧୨୬ ରନରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଗୌତମ ସୁନା ସର୍ବାଧିକ ୫୩ ରନ କରିଥିଲେ। ବିପକ୍ଷ ଦଳର ଶୁଭମ୍ ଶ୍ରୀ ୪ଟି, ଅଂଶୁମାନ ବେଜ୍ ୩ଟି ଓ ଆଶୁତୋଷ ନାୟକ ୨ଟି ଉଇକେଟ ନେଇଥିଲେ। ୧୨୭ ରନର ବିଜୟ ଲକ୍ଷ୍ୟକୁ ଭୁବନେଶ୍ୱର 'ଏ' ୨୬.୪ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଂଶୁମାନ ସାହୁ ୪୨ ରନ କରି ଆଉଟ ହୋଇଥିବାବେଳେ ସୁଦର୍ଶନ ସ୍ୱାଇଁ ୫୬ ରନରେ ଅପରାଜିତ ରହିଥିଲେ। ଇଷ୍ଟକୋଷ୍ଟ ରେଲୱେ ଷ୍ଟାଡିୟମରେ କଟକ 'ଏ' ୮ ଉଇକେଟରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡ଼ା ୩୯.୫ ଓଭରରେ ୧୨୧ ରନରେ ସମସ୍ତ ଉଇକେଟ ହରାଇଥିଲା। ଶିବମ୍ ଦୁବେ ସର୍ବାଧିକ ୩୦ ରନ କରିଥିଲେ। ପ୍ରତିପକ୍ଷ ଦଳର ଶୁଭମ୍ ବେହେରା ୩ଟି ଏବଂ ମହମ୍ମଦ ଏନ୍ ଖାଁ, ମହମ୍ମଦ ଦାନିଶ୍ ଓ ଭକ୍ତିସାଗର ନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୨୨ ରନର ବିଜୟ ଲକ୍ଷ୍ୟକୁ କଟକ 'ଏ' ୨୨.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରିଥିଲା। ସାଇଦୀପ ମହାପାତ୍ର ୪୨ ଓ ପ୍ରତ୍ୟୁଷ ପ୍ରଧାନ ୨୮ ରନରେ ଅପରାଜିତ ରହିଥିଲେ।



ବିଭାଂଶୁ ରାୟ

କଟକର ବିଓଏସ୍‌ଇ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବାଲେଶ୍ୱର ୫ ଉଇକେଟରେ କିଟ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୪୭.୨ ଓଭରରେ ୧୫୮ ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ମଣିତେଜ ମହାନ୍ତି ସର୍ବାଧିକ ୩୬ ଓ ପ୍ରଭାତ କୁମାର ସାହୁ ୩୪ ରନ କରିଥିଲେ। ବିପକ୍ଷ ଦଳର ବୋଲରଙ୍କ ମଧ୍ୟରେ ରାଜୀବ ସାହୁ ୩ଟି ଏବଂ ପ୍ରଶାନ୍ତ ଗଙ୍ଗଇ ଓ ଶୁଭ ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅରୁଣ କୁମାର ରାଉତ ୧୦ ଓଭରରେ ୪ଟି ମେଡେନ ନେଇ ମାତ୍ର ୧୬ ରନ ବିନିମୟରେ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ବାଲେଶ୍ୱର ୨୭ ଓଭରରେ ୫ ଉଇକେଟ ହରାଇ ୧୬୦ ରନ କରିଥିଲା। ଆଶୁତୋଷ ମାର୍ଣ୍ଡି ୪୩ ଓ ମାନସ ପାତ୍ର ୩୬ ରନ କରିଥିଲେ। ପରାଜିତ ଦଳର ଗୌରିଶ ପାତ୍ର ୪ ଉଇକେଟ ସଫଳତା ପାଇଥିଲେ।

**୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ସୁପରଲିଗ୍**

ବିଡ଼ାନାସୀ ପଡ଼ିଆରେ ଭୁବନେଶ୍ୱର 'ବି' ୧୭ ରନରେ ଭଦ୍ରକକୁ ହରାଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭୁବନେଶ୍ୱର 'ବି' ୪୭ ଓଭରରେ ୩ ଉଇକେଟ ହରାଇ ୨୪୫ ରନ କରିଥିଲା। ବିଭାଂଶୁ ରାୟ ୯୪ ରନରେ ଆଉଟ ହୋଇ ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଥିବାବେଳେ ଅଧିନାୟକ ସାରାଂଶ କୁମାର ୭୦ ଓ ଅନ୍ୱେଷ ତ୍ରିପାଠୀ ୪୦* ରନ କରିଥିଲେ। ୨୪୬ ରନ ବିଜୟ ଲକ୍ଷ୍ୟରେ ଭଦ୍ରକ ୪୬.୫ ଓଭରରେ ୨୨୮ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଆକାଶ ମହାପାତ୍ର ସର୍ବାଧିକ ୮୧, ଅଧିନାୟକ ସୂର୍ଯ୍ୟ ମହାପାତ୍ର ୪୩ ଓ ମିର କର୍ଫିରୁଦ୍ଦିନ ୪୧ ରନ କରିଥିଲେ। ବିଜୟୀ ଦଳର ସୁନୀଲ ବାରିକ ୪, ଆୟାନ ମଣ୍ଡୋଇ ୩ ଓ ବିରାଜକାନ୍ତ ବେହେରା ୨ଟି ଉଇକେଟ ନେଇଥିଲେ।

# ଦେବରଞ୍ଜନ ସ୍ମାରକୀ କ୍ରିକେଟ: କଂସରଗୋଡ଼ା ଚାମ୍ପିୟନ



ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

**ଭୁବନ, ୧୨।୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ପଳାସପିଠିଆ ଗ୍ରାମ ଖେଳପଡ଼ିଆରେ ଚାଲିଥିବା ଦେବରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପଳାସପିଠିଆକୁ ହରାଇ କଂସରଗୋଡ଼ା ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି କଂସରଗୋଡ଼ା ୧୫୪ ରନ୍ ସଂଗ୍ରହ କରିଥିଲା। ଜବାବରେ ପଳାସପିଠିଆ ୧୧୬ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ସର୍ବାଧିକ ୪୮ ରନ୍ କରିଥିବା ଚାମ୍ପିୟନ ଦଳର ଶାନ୍ତନୁ ବାରିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଚିନ୍ମୟ କଅଁର ଏବଂ ବିକାଶ କୁମାର ଜେନା ଖେଳ ପରିଚାଳନା କରିଥିବାବେଳେ କୃଷ୍ଣଚନ୍ଦ୍ର ମହାପାତ୍ର, ଯୁଧିଷ୍ଠିର କଅଁର ଧାରାବିବରଣୀ ପ୍ରଦାନ କରିଥିଲେ। ସାମାଜିକକର୍ମୀ ପ୍ରସନ୍ନ କୁମାର କଅଁର, ଜୀବନଜ୍ୟୋତି ମହାପାତ୍ର, ସରପଞ୍ଚ ତପନ କଅଁର, ଶିକ୍ଷକ ସୁମାଳି ଜେନା ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ନେତାଜୀ କ୍ରିକେଟ କ୍ଲବର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପୋଲିସ ଜୁଲମକୁ ଭାଜପାର ନିନ୍ଦା

**ଢେଙ୍କାନାଳ ଅଫିସ, ୧୨।୨:** ରୁଙ୍ଗ୍‌ଟା କମ୍ପାନୀ ରାସ୍ତାକୁ ବିରୋଧ କରି ଧାରଣାରେ ବସିଥିବା ୮୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ବଳପ୍ରୟୋଗ କରି ଉଠାଇନେବା ଘଟଣାକୁ ଢେଙ୍କାନାଳ ଜିଲା ଭାଜପା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସମ୍ପୃକ୍ତ ଜନସାଧାରଣଙ୍କୁ ହିନ୍ଦୋଳ ଆଦର୍ଶ ବିଦ୍ୟାଳୟରେ ରଖାଯାଇଥିଲା। ସେଠାରେ ପୂର୍ବରୁ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ଥିବାବେଳେ ବିନା ସ୍ୱାସ୍ଥ୍ୟ ସତର୍କତାରେ ଗ୍ରାମବାସୀଙ୍କୁ ରଖିବା ଅମାନବୀୟ କାର୍ଯ୍ୟ ବୋଲି ଦଳର ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଗ୍ରାମବାସୀଙ୍କୁ ନ୍ୟାୟ ନ ମିଳିଲେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, କୃଷ୍ଣଚନ୍ଦ୍ର ପାତ୍ର, ବିଭୂତି ଭୂଷଣ ପ୍ରଧାନ, ଅଶୋକ ନାୟକ, ଶତ୍ରୁଘ୍ନ ଜେନା, ନିରୋଜ ନଳିନୀ ମହାଲିକ, ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ପ୍ରେମାନନ୍ଦ ଜେନା, ସୁନୀଲ ଶର୍ମା ପ୍ରମୁଖ ଚେତାବନୀ ଦେଇଛନ୍ତି।

### କାମାକ୍ଷାନଗର କଲେଜରେ ନୂତନ ଅଧକ୍ଷ



**କାମାକ୍ଷାନଗର, ୧୨।୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ପ୍ରଫେସର ମଙ୍ଗୁଳି ଚରଣ ନାୟକ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଅଧକ୍ଷ ଡ. ରାମଚନ୍ଦ୍ର ସାହୁଙ୍କଠାରୁ ୩୦ତମ ଅଧକ୍ଷ ଭାବେ ସେ ଦାୟିତ୍ୱ ନେଇଥିଲେ। ବାଣିଜ୍ୟ ବିଭାଗ ପ୍ରଫେସର ମଦନ ମୋହନ ବରାଳ, ପ୍ରମୋଦ ସ୍ୱାଇଁ, ଜୀବବିଜ୍ଞାନ ମୁଖ୍ୟ ପ୍ରଫେସର ସୁଭାସିନୀ ସାଥୁଆ ମହାପାତ୍ର, ଅଧାପକ ଚିନ୍ମୟ କୁମାର ମିଶ୍ର, ଡ. ପ୍ରସନ୍ନ ନାୟକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶୃଙ୍ଖଳା, ଭିତ୍ତିଭୂମି ଏବଂ ଶିକ୍ଷାଦାନକୁ ପ୍ରାଧାନ୍ୟ ଦେବେ ବୋଲି ନୂତନ ଅଧକ୍ଷ ନିଜ ପ୍ରତିକ୍ରିୟାରେ କହିଛନ୍ତି।

### ୧୫ରେ ଓଡ଼ିଶା ବନ୍ଦ ପାଇଁ କଂଗ୍ରେସର ପ୍ରସ୍ତୁତି

**ଢେଙ୍କାନାଳ ଅଫିସ, ୧୨।୨:** ତୈଳଦର ବୃଦ୍ଧି ପ୍ରତିବାଦରେ ଚଳିତ ୧୫ ତାରିଖରେ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଢେଙ୍କାନାଳରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଶୁକ୍ରବାର ଦଳୀୟ କାର୍ଯ୍ୟାଳୟଠାରେ ସଭାପତି ସରୋଜ ପଟ୍ଟନାୟକଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରୁ ଅପରାହ୍ନ ୧ଟା ଯାଏ ବନ୍ଦ ପାଳନ ହେବ। ଜରୁରିକାଳୀନ ସେବା ଜାରି ରହିବ। ବ୍ୟବସାୟିକ ପ୍ରତିଷ୍ଠାନ, ବୁଦ୍ଧିଜୀବୀ, ଛାତ୍ର, ମହିଳା ସଙ୍ଗଠନ ଏଥିରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପ୍ରେମଶଙ୍କର ମିଶ୍ର, ଅମ୍ଳାନ ଖଟୁଆ, ଟାଉନ କଂଗ୍ରେସ ସଭାପତି ହାଇଦର ମହମ୍ମଦ, ମହମ୍ମଦ ସମୀର, ଅମର ସେନାପତି, ଶୁଭମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ରୁଙ୍ଗ୍‌ଟା ନିର୍ମାଣସ୍ଥଳ ରଣକ୍ଷେତ୍ର

- ଚାପା ଉତ୍ତେଜନା ସୃଷ୍ଟିକଲା ବିସ୍ଫୋରକ ପରିସ୍ଥିତି
- ପୋଲିସ-ଗ୍ରାମବାସୀ ମୁହାଁମୁହିଁ, ୧୪୪ ଧାରା ଜାରି
- ୮୫ ଜଣଙ୍କୁ ଅଟକ ପରେ ଛଡ଼ାଗଲା

**ହିନ୍ଦୋଳ, ୧୨।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଝାଡ଼ବନ୍ଧ ନିକଟରେ ଗଢ଼ି ଉଠିଥିବା ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍ କମ୍ପାନୀ ପକ୍ଷରୁ ନିର୍ମାଣାଧୀନ ରାସ୍ତାକୁ ନେଇ ଲାଗି ରହିଥିବା ଉତ୍ତେଜନା ଶୁକ୍ରବାର ବିସ୍ଫୋରକ ରୂପ ନେଇଛି। ପୋଲିସ ଏବଂ ରାସ୍ତା ନିର୍ମାଣକୁ ବିରୋଧ କରୁଥିବା ତର୍କାବେଡ଼ା ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ପୋଲିସ ୮୫ଜଣ ଗ୍ରାମବାସୀଙ୍କୁ ଅଟକ ରଖି ରାସ୍ତାକାମ ଆରମ୍ଭ କରିଥିବାବେଳେ ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗିରହିଛି।

ଦୀର୍ଘଦିନ ପରେ ରୁଙ୍ଗ୍‌ଟା କମ୍ପାନୀ କ୍ଷେତ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କମ୍ପାନୀ ପକ୍ଷରୁ ଜମିଅଧିଗ୍ରହଣ କରି ଏକ ନୂତନ ରାସ୍ତା ନିର୍ମାଣ କରାଯାଉଥିବାବେଳେ ତର୍କାବେଡ଼ା ଗ୍ରାମବାସୀ ପୁରୁଣା ରାସ୍ତା ପୁନରୁଦ୍ଧାର କରିବାକୁ ଦାବି କରି ଆସୁଛନ୍ତି। ଏହାକୁ ନେଇ ମାସେ ହେଲା ଉତ୍ତେଜନାମୂଳକ ପରିସ୍ଥିତି ଲାଗିରହିଛି। ଗତ ଜାନୁୟାରୀ ୪ରୁ ଗ୍ରାମବାସୀ ଧାରଣାରେ ବସିଛନ୍ତି। ଫଳରେ ରାସ୍ତା କାର୍ଯ୍ୟ ବନ୍ଦ ରହିଥିଲା। ଶୁକ୍ରବାର ପୋଲିସ ଉପସ୍ଥିତିରେ ରାସ୍ତା



ଘଟଣାସ୍ଥଳରେ ଉତ୍ତେଜନା।

କାର୍ଯ୍ୟ ଆରମ୍ଭ କରିବାକୁ ଉଦ୍ୟମ କରାଯାଇଥିଲା। ନିର୍ମାଣସ୍ଥଳରେ ହଠାତ୍ ଶତାଧିକ ସଶସ୍ତ୍ର ପୋଲିସ ପହଞ୍ଚି ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରି ୧୪୪ ଧାରା ଜାରି କରିଥିଲେ। ଗ୍ରାମ ସଭାପତି ଶତ୍ରୁଘ୍ନ ପ୍ରଧାନଙ୍କୁ ଉଠାଇ ନେଇଥିଲେ। ଏହାପରେ ଗ୍ରାମବାସୀ ଉତ୍ତେଜିତ ହୋଇଉଠିଥିଲେ। ସମସ୍ତଙ୍କୁ ଗିରଫ କରିବାକୁ ସମାନ ସ୍ୱରରେ ଆହ୍ୱାନ ଦେଇଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବା ଦେଖି ପୋଲିସ ଧାରଣାସ୍ଥଳରେ ଉପସ୍ଥିତ ୮୫ଜଣଙ୍କୁ ଉଠାଇ ନେଇ ହିନ୍ଦୋଳ ସଦର ମହକୁମା ଆଦର୍ଶ ବିଦ୍ୟାଳୟରେ ରଖିଥିଲା। ଏହାପରେ ପୁନର୍ବାର ରାସ୍ତାକାମ ଆରମ୍ଭ ହୋଇଛି। ରାସ୍ତାରେ ଥିବା ଶତାଧିକ ଗଛ କଟାଯିବା ପରେ କଂକ୍ରିଟ ଢଳେଇ ଚାଲିଛି। ଖବର ଲେଖାଯିବା ସୁଦ୍ଧା ରାସ୍ତା କାମ ଜାରି ରହିଛି। କମ୍ପାନୀ ପ୍ରରୋଚନାରେ ପୋଲିସ ମାତ୍ରାଧିକ ବଳ ପ୍ରୟୋଗ କରି ଗ୍ରାମବାସୀଙ୍କ ସ୍ୱର ଚପାଇ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିବାଦର ସମାଧାନ କରିବାକୁ ପ୍ରଶାସନ ପକ୍ଷରୁ ବାରମ୍ବାର ତ୍ରିପାକ୍ଷିକ ବୈଠକ ବସିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଜିଲାପାଳ ଏହି ବିବାଦରେ ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଗଜାନନ ପ୍ରଧାନ କୁହନ୍ତି, ଅଟକ ଲୋକଙ୍କୁ ଛାଡ଼ି ଦିଆଯାଇଛି। ନିର୍ମାଣସ୍ଥଳରେ ୧୪୪ ଧାରା ବଳବତ୍ତର ରହିଛି। ଗ୍ରାମବାସୀ ସହଯୋଗ ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନେଇଗଲେ ଚିରା ନୋଟ




ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ।

- ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଚୋରି
- ଆଇରନ ଚେଷ୍ଟ ଭାଙ୍ଗିପାରିଲେନି
- ୧୨ ହଜାର ଟଙ୍କାର ଫଟା ନୋଟ ନେଇଗଲେ

**ପରଜଙ୍ଗ, ୧୨।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ପରମହଂସପୁର ଛକରେ ଥିବା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କରୁ ଗୁରୁବାର ରାତିରେ ଚୋରି ହୋଇଛି। ଚୋରମାନେ ଆଇରନ୍ ଚେଷ୍ଟ ଭାଙ୍ଗିବାକୁ ଉଦ୍ୟମ କରି ବିଫଳ ହେବା ପରେ ଟେବୁଲ ଡ୍ରୟରରେ ଥିବା ୧୨ ହଜାର ଟଙ୍କାର ଚିରାଫଟା ନୋଟ ନେଇଯାଇଛନ୍ତି। ଆଇରନ୍ ଚେଷ୍ଟରେ ଥିବା ୩ଲକ୍ଷ ୮୭ହଜାର ଟଙ୍କା ସୁରକ୍ଷିତ ରହିଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚାଲିଥିବା ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁ ସୂଚନା ଦେଇଛନ୍ତି।

ଶୁକ୍ରବାର ବ୍ୟାଙ୍କ କାର୍ଯ୍ୟାଳୟ ଖୋଲିବା ବେଳେ ମୁଖ୍ୟଫାଟକ ଖୋଲାଥିଲା। ଏହାକୁ ନେଇ ସନ୍ଦେହ ହେବା ପରେ ବ୍ୟାଙ୍କ ମ୍ୟାନେଜର ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଘଟଣାସ୍ଥଳରେ ଛାନ୍‌ଭିନ୍ କରିଥିଲା। ଦୁର୍ବୃତ୍ତମାନେ ଟଙ୍କା ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ଏଥିରେ ବିଫଳ ହେବା ପରେ ଗ୍ରାହକମାନେ ବଦଳାଇଥିବା ଚିରାଫଟା ନୋଟ ନେଇଯାଇଥିଲେ। ଢିଲା ସୁରକ୍ଷା ବ୍ୟବସ୍ଥା କାରଣରୁ ଏଭଳି ଚୋରି ହୋଇଛି। ଆଗାମୀ ଦିନରେ ଏଥିପ୍ରତି ସତର୍କ ରହିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଦେଶ ସେବାରେ ନିୟୋଜିତ ହୁଅ

**ଢେଙ୍କାନାଳ ଅଫିସ, ୧୨।୨**

ଢେଙ୍କାନାଳ ସ୍ୱୟଂଶାସିତ ଓ କନିଷ୍ଠ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଆନୁକୂଲ୍ୟରେ ଗୁରୁବାରଠାରୁ ୩ଦିନିଆ କ୍ଲଷ୍ଟରସ୍ତରୀୟ ସ୍ୱେଚ୍ଛାସେବୀ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷା ଡ. ରଶ୍ମି ମିଶ୍ର, ଯୁବ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀଙ୍କୁ ରେଡ୍‌କ୍ରସ୍‌ର ମହାନତା ଉପରେ ଆଲୋକପାତ କରିବା ସହ ଦେଶ ସେବାରେ ନିୟୋଜିତ ହେବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ କନିଷ୍ଠ ମହାବିଦ୍ୟାଳୟର



ଅତିଥିଙ୍କୁ ସ୍ୱାଗତ କରାଯାଉଛି ।

ଅଧକ୍ଷ ଚତୁର୍ଭୁଜ ପତି ରେଡ୍‌କ୍ରସ୍‌ର ବିଭିନ୍ନ ସେବାମୂଳକ କାର୍ଯ୍ୟକୁ ପ୍ରଶଂସା କରିବା ସହ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ଯୁବ ରେଡକ୍ରସର ଆବାହକ ଡ. ପୂର୍ଣ୍ଣଚନ୍ଦ୍ର ବରାଳ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଅଧାପକ ଡ. ଭୁପେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଯୁବ ରେଡକ୍ରସ ପରାମର୍ଶଦାତା ଡ. ଅଦ୍ୱୈତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଅଧାପକ ଡ. ବିଭୁଦତ୍ତ ଦାସ, ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଇଥିଲେ ।

# ରାଧାନାଥ ରଥଙ୍କ ପୁଣ୍ୟତିଥି

**ଢେଙ୍କାନାଳ ଅଫିସ, ୧୨।୨**

ଡ. ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ଓଡ଼ିଶା ଏବଂ ଉତ୍ପଳାର ମିଳିତ ଆନୁକୂଲ୍ୟରେ ପଦ୍ମଭୂଷଣ ରାଧାନାଥ ରଥଙ୍କ ପୁଣ୍ୟତିଥି ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ପାଳିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଭିଡିଓ କନଫରେନ୍ସ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଧାନାଥଙ୍କ କୃତିତ୍ୱ ଉପରେ ଆଲୋଚନା କରିଥିଲେ। ଉତ୍ପଳାର ଅଧକ୍ଷ ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୁର ପାଟସାହାଣୀ, ଡମ୍ବରୁଧର ପଣ୍ଡା, ଅଞ୍ଜନ ସାହୁ, ସରୋଜ ଶତପଥୀ, ଉପେନ୍ଦ୍ର ରାଉତ, ଦିଲୀପ ନନ୍ଦ, କ୍ଷୀରୋଦ ନାୟକ, ଗୋକୁଳି ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସୁକାନ୍ତି ସାହୁ, ପ୍ରସାଦ ପଟ୍ଟନାୟକ, ମନୋଜ ମହ୍ନ୍ୟଙ୍କ ସମେତ ବହୁ ସାହିତ୍ୟିକ, କବି, ଲେଖକ ଉପସ୍ଥିତ ଥିଲେ।

# ମଡେଲ ସେଣ୍ଟର ପାଇଁ ଦାବିପତ୍ର

**ଆଠମଲ୍ଲିକ,୧୨।୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ତେନ୍ତୁଳିପଦର ଗ୍ରାମରେ ଏକ ମଡେଲ ସେଣ୍ଟର (ପୂର୍ବରୁ ଅଙ୍ଗନୱାଡି ଘର କୁହାଯାଉଥିଲା) ନିର୍ମାଣ ଦାବି ନେଇ ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ଉପଜିଲାପାଳ, ପୋଲିସ, ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀ ଦର୍ଶାଇଛନ୍ତି, ତେନ୍ତୁଳିପଦର ଗ୍ରାମରେ ୧୪ ଲକ୍ଷ ଟଙ୍କାରେ ଏକ ମଡେଲ ସେଣ୍ଟର ନିର୍ମାଣ ଆରମ୍ଭ ହୋଇଥିଲା। ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ପ୍ଲଟ ନମ୍ବର ୧୭୪/୧୭୫ ସରକାରୀ ଅନାବାଦୀ ୪ ଡେସିମିଲ ଜମିରେ ଏହା କରାଯାଉଥିଲା। ବ୍ଲକ କନିଷ୍ଠ ଯନ୍ତ୍ରୀ ଲେ-ଆଉଟ ଦେଇଥିବା ବେଳେ ଠିକାଦାର ଗୃହ କାର୍ଯ୍ୟ ପାଇଁ ନିଅଁ ଖୋଳିଥିଲେ। ମାତ୍ର ଗ୍ରାମର ଏକ ପରିବାର ଉକ୍ତ ସରକାରୀ ଜମିକୁ ନିଜ ଜମି କହି ଖୋଳା ହୋଇଥିବା ସ୍ଥାନକୁ ପୋତି ଜବରଦଖଲ କରିଛନ୍ତି। ତୁରନ୍ତ ମଡେଲ ସେଣ୍ଟର ନିର୍ମାଣ ନେଇ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ କର୍ଣ୍ଣଙ୍କ ନେତୃତ୍ୱରେ ଗ୍ରାମବାସୀ ଉକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଲଳିତମୋହନ ବେହେରା କହିଛନ୍ତି, ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇ ମଡେଲ ସେଣ୍ଟର ନିର୍ମାଣ କରାଯିବ।



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ତେନ୍ତୁଳିପଦର ଗ୍ରାମବାସୀ।

# ଋତୁରାଜ କବିତା ଆସର

**ଢେଙ୍କାନାଳ ଅଫିସ, ୧୨।୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମ ନିକଟ ମା' ବାଙ୍କମୁଣ୍ଡି ଶକ୍ତିପୀଠ ପରିସରରେ ସାଗର ସାହିତ୍ୟ ସଂସଦ ପକ୍ଷରୁ 'ଋତୁରାଜ କବିତା ଆସର-୨୦୨୧' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀବତ୍ସ କୁମାର ନାୟକଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହ ସମ୍ପାଦକ ତ୍ରିଲୋଚନ ମହାରଣା ସଂଘର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ରୋହିତ ଦାସ, ପ୍ରହଲ୍ଲାଦ ପୃଷ୍ଟି, ସୌଭାଗ୍ୟ ଚନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ପଦ୍ମଚରଣ ସାହୁ ଉପସ୍ଥିତ ଥିଲେ। ଯଶୋବନ୍ତ ପୃଷ୍ଟିଙ୍କ ସଂଯୋଜନାରେ କବିତା ପାଠୋତ୍ସବ 'ମଧୁକ୍ଷରା' ଅନୁଷ୍ଠିତ ହୋଇଥିଲା। ହେମନ୍ତ ନାୟକ, ରବିନାରାୟଣ ନାୟକ, ରାହାସ ବିହାରୀ ମହାନ୍ତି, ଦୁଃଶାସନ ସାହୁ, ପ୍ରଶାନ୍ତ ସାହୁ, ଧନେଶ୍ୱର ସେନାପତି, ଡମ୍ବରୁଧର ପ୍ରଧାନ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରା ଧନ୍ୟବାଦ ଦେଇଥିଲେ। ଏହାପରେ ପୀଠରେ ଚାରା ରୋପଣ କରାଯାଇଥିଲା।



ଋତୁରାଜ କବିତା ଆସରରେ ଉପସ୍ଥିତ ସାହିତ୍ୟିକ, ଲେଖକ ଏବଂ ଅନ୍ୟମାନେ।

# ଆଇନଜୀବୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା

**ହିନ୍ଦୋଳ, ୧୨।୨(ଡି.ଏନ.ଏ.)**

ହିନ୍ଦୋଳ ଓକିଲ ସଂଘ କାର୍ଯ୍ୟାଳୟରେ ବୁଧବାର ସଭାପତି ମହୁର ବେହେରାଙ୍କ ଅଧକ୍ଷତାରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀଙ୍କ ସମସ୍ୟା, ମାର୍ଚ୍ଚରେ ହେବାକୁ ଥିବା ସଂଘର ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବତନ ସମ୍ପାଦକ ସଞ୍ଜୟ ପଟ୍ଟନାୟକ ଆୟବ୍ୟୟର ବିବରଣୀ ପ୍ରଦାନ କରିବାସହ କେତେକ ପ୍ରସ୍ତାବ ଦେଇଥିଲେ। ଲାଇବ୍ରେରି ନିମନ୍ତେ ବହି ଆଣିବା ଏବଂ ସରସ୍ୱତୀ ପୂଜା ପାଳନ ପାଇଁ କେତେକ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ବରିଷ୍ଠ ସଦସ୍ୟ କ୍ଷିତୀଶ ସର, ଦିବାକର ଦାସ, ଆଦିକନ୍ଦ ପାଳ, ପ୍ରକାଶ ଦାସ, ଅଶ୍ୱିନୀ ମହାପାତ୍ର, ଅରୁଣ ଦାସ, ସୁଶାନ୍ତ ସାହୁ, ଅଭୟ ଆଚାର୍ଯ୍ୟ, ସୁଶୀଳ ଗଡନାୟକ, ଗଦାଧର ନାଠି, ଦୀପ୍ତିକାନ୍ତ ପ୍ରଧାନ, ମନୋଜ ମାହାଲିକ, ପ୍ରଶାନ୍ତ ସାହୁ, ମନୋଜ ସାମଲ, ଦେବାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଝରଣା, ଜ୍ୟୋତିରଞ୍ଜନ ବିଜୟୀ

**ଅନୁଗୋଳ ଅଫିସ/ ବଣ୍ଟାଁରପାଳ,୧୨।୨**

ଅନୁଗୋଳ ବ୍ଲକ ଛେଳିଆପଡ଼ା ପଞ୍ଚାୟତ ଉପନିର୍ବାଚନରେ ଭାଜପା ସମର୍ଥିତ ପ୍ରାର୍ଥିନୀ ଝରଣା ମାହାଳିକ ବିଜୟୀ ହୋଇଛନ୍ତି। ସେ ୧୨୮ ଖଣ୍ଡ ଭୋଟ୍‌ରେ ତାଙ୍କ ନିକଟତମ ବିଜେଡି ସମର୍ଥିତ ପ୍ରାର୍ଥିନୀ ଜ୍ୟୋତିର୍ମୟୀ ନାଏକଙ୍କୁ ପରାସ୍ତ କରିଛନ୍ତି। ବିଜୟୀ ଝରଣା ମହାଳିକଙ୍କୁ ୧,୪୦୪ ଖଣ୍ଡ ଭୋଟ ମିଳିଥିବାବେଳେ ପରାଜିତ ଜ୍ୟୋତିର୍ମୟୀଙ୍କୁ ୧,୨୭୬ ଭୋଟ, ସୁବ୍ରିତା ଗଡ଼ନାୟକଙ୍କୁ ୩୩ ଭୋଟ୍ ମିଳିଥିଲା। ୭୦ଟି ଭୋଟ ନାକଚ୍ ହୋଇଥିବା ଶୁକ୍ରବାର ଭୋଟ ଗଣତି ବେଳେ ଜଣାପଡ଼ିଛି। ପୂର୍ବରୁ ଏହି ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀ ଜିତି ଆସୁଥିବା ବେଳେ ଚଳିତ ଉପନିର୍ବାଚନ ଫଳାଫଳ ଏଥର ଭାଜପା ସପକ୍ଷରେ ଯାଇଛି। ଫଳରେ ଆସନ୍ତା ପୌର ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗୋଟିଏ ପଞ୍ଚାୟତ ବିଜେଡି ହାତରୁ ଖସିଯିବା ଆଗକୁ ଦଳ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି ଅନେକେ ମତବ୍ୟକ୍ତ କରିଛନ୍ତି। ଭାଜପା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଉକ୍ତ ପଞ୍ଚାୟତର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଥିଲେ। ସେହିପରି ବଣ୍ଟାଁରପାଳ ବ୍ଲକ ବେଣାଗାଡ଼ିଆ ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ଗୁରୁବାର ଅନୁଷ୍ଠିତ ଉପନିର୍ବାଚନରେ ଜ୍ୟୋତିରଞ୍ଜନ ନାୟକ ବିଜୟୀ ହୋଇଛନ୍ତି। ଶୁକ୍ରବାର ଭୋଟ ଗଣତି ପରେ ଫଳାଫଳ ସ୍ପଷ୍ଟ ହୋଇଛି। ମୋଟ୍ ୨୭୭୨ ଭୋଟରଙ୍କ ମଧ୍ୟରୁ ୨୧୭୯ ଜଣ ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିଲେ। ଏଥିରେ ଜ୍ୟୋତିରଞ୍ଜନ ୧୨୯୭ ଭୋଟ ପାଇ ବିଜୟୀ ହୋଇଛନ୍ତି। ମୋଟ୍ ୪ ପ୍ରାର୍ଥୀ ଏହି ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।



ଭାଜପା ନେତାଙ୍କ ସହ ଝରଣା ମାହାଳିକ।



ଜ୍ୟୋତିରଞ୍ଜନ ନାୟକ।

# ଭାଜପା ଗଡ଼ରେ ବିଜେଡିର ବାଜିମାତ୍

**ପରଜଙ୍ଗ, ୧୨।୨(ଡି.ଏନ.ଏ.)**



ବିଧାୟକ ଏବଂ ଦଳୀୟ କର୍ମୀଙ୍କ ଗହଣରେ ବିଜୟୀ ଜିଲା ପରିଷଦ ସଭ୍ୟା ମମତା ପାଣି।



ଜୟପୁରାକାଟେଣୀ ସରପଞ୍ଚ ପଦବୀରେ ବିଜୟୀ ହୋଇଥିବା ରୋଜାଲିନ କାଣ୍ଡି।

**ହାତେଇଲା ଜିଲା ପରିଷଦ, ସରପଞ୍ଚ ପଦବୀ**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ଅନୁଷ୍ଠିତ ଉପନିର୍ବାଚନରେ ବାଜିମାତ କରିଛି ବିଜେଡି। ୩ନଂ. ଜୋନ୍ ଜିଲା ପରିଷଦ ପଦବୀରେ ଦଳୀୟ ପ୍ରାର୍ଥିନୀ ମମତା ପାଣି ଏବଂ ଜୟପୁରାକାଟେଣୀ ସରପଞ୍ଚ ପଦବୀରେ ରୋଜାଲିନ କାଣ୍ଡି ବିଜୟୀ ହୋଇଛନ୍ତି। ଭାଜପା ଗଡ଼ରେ ବିଜେଡିର ଏହି ବିଜୟ ଦଳକୁ ଆହୁରି ଶକ୍ତିଶାଳୀ କରିଛି। ଏହାକୁ ନେଇ ଦଳୀୟ କର୍ମୀ ମହଲରେ ଉତ୍ସାହ ଖେଳିଯାଇଛି। ସରପଞ୍ଚ ପଦବୀରେ ଭାଜପା ସମର୍ଥନରେ ମନୋଜ ସାହୁ ଏବଂ ବିଜେଡି ସମର୍ଥନରେ ରୋଜାଲିନ କାଣ୍ଡି ପ୍ରାର୍ଥୀ ହୋଇଥିଲେ। ରୋଜାଲିନଙ୍କୁ ୧,୩୯୨ ଏବଂ ମନୋଜଙ୍କୁ ୧,୧୨୭ ଭୋଟ ମିଳିଥିଲା। ସେହିପରି ଜିଲା ପରିଷଦ ଉପନିର୍ବାଚନରେ ଭାଜପାର ପ୍ରଶାନ୍ତ କୁମାର ବିଶ୍ୱାଳ, ବିଜେଡିର ମମତା ପାଣି ଏବଂ କଂଗ୍ରେସର ହିମାଂଶୁ ଶେଖର ପଣ୍ଡା ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ବିଜେଡି ପ୍ରାର୍ଥୀଙ୍କୁ ୧୪,୫୦୯, ଭାଜପା ପ୍ରାର୍ଥୀଙ୍କୁ ୮,୨୦୧ ଏବଂ କଂଗ୍ରେସ ପ୍ରାର୍ଥୀଙ୍କୁ ମାତ୍ର ୧୧୯ ଖଣ୍ଡ ଭୋଟ ମିଳିଛି। ୪୩୦ଟି ଭୋଟ ନାକଚ ହୋଇଥିଲା। ଜିଲା ପରିଷଦ ଜୋନ୍-୩ରେ ଭାଜପାର ପ୍ରାଧାନ୍ୟ ରହି ଆସିଥିଲା। ଉପନିର୍ବାଚନରେ ଗୈରିକ ଦଳକୁ ଝଟକା ଲାଗିଛି। ବିଜେଡି ଯୁବନେତା ଅସିତ ରାୟଚୌଧୁରୀଙ୍କ ନେତୃତ୍ୱରେ ବିଜେଡି ନିର୍ବାଚନ ଲଢ଼ିଥିଲା। ବିଧାୟକ ଡା. ନୃସିଂହ ଚରଣ ସାହୁ ସମସ୍ତ କର୍ମୀ ଏବଂ ଭୋଟରଙ୍କୁ ଏହି ବିଜୟର ଶ୍ରେୟ ଦେଇଛନ୍ତି।

ପୂର୍ବ ନିର୍ଦ୍ଧାରିତ ସମୟରେ ଶୁକ୍ରବାର କଡ଼ା ସୁରକ୍ଷା ବଳୟ ମଧ୍ୟରେ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣନା ହୋଇଥିଲା। ଶୃଙ୍ଖଳା ରକ୍ଷା ଲାଗି ପୋଲିସ ମୁତୟନ କରାଯାଇଥିଲା। ଭୋଟ ଗଣତି ପରେ ଅପରାହ୍ନରେ ଫଳାଫଳ ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ, ଜୟପୁରାକାଟେଣୀ ପଞ୍ଚାୟତର ସରପଞ୍ଚ ସନ୍ତୋଷ କାଣ୍ଡି ଏବଂ ୩ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ରଞ୍ଜନ କୁମାର ପଣ୍ଡାଙ୍କ ଅକାଳ ବିୟୋଗ ପରେ ଏହି ଦୁଇ ପଦବୀରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଚୋରି ଅଭିଯୁକ୍ତ ଗିରଫ

ବଇଣ୍ଡା,୧୨।୨(ଡି.ଏନ.ଏ.): ହଣ୍ଡପା ଥାନା ବଇଣ୍ଡା ଛକରେ ଦୋକାନ ଦେଇଥିବା ଲୁହାମୁଣ୍ଡା ଗ୍ରାମର ସନ୍ତୋଷ ପ୍ରଧାନଙ୍କ ବ୍ରଏଲର କାଉଣ୍ଟରରୁ ବୁଧବାର ରାତିରେ ୫୦ କୁକୁଡ଼ା ଚୋରି ହୋଇଥିଲା। ଏ ନେଇ ନଂ. ୪୦/୨୧ ମାମଲା ରୁଜୁ କରି ତଦନ୍ତ କରୁଥିବା ବଇଣ୍ଡା ଫାଣ୍ଡି ପୋଲିସ ଶୁକ୍ରବାର ବଇଣ୍ଡା ଅଞ୍ଚଳର କୁଶ ଭୋଇଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି। ପୋଲିସ କହିଛି, ସନ୍ତୋଷ ତାଙ୍କ ଦୋକାନ ବନ୍ଦ କରି ଘରକୁ ରାତିରେ ଯିବା ପରେ ବିଳମ୍ବିତ ରାତିରେ କୁଶ ଓ ତାଙ୍କ ସହଯୋଗୀ କୁକୁଡ଼ା ଚୋରି କରିନେଇଥିଲେ।

### ୩ ବଖରା ଜଳିଗଲା



ବଇଣ୍ଡା,୧୨।୨(ଡି.ଏନ.ଏ).: କିଶୋରନଗର ବ୍ଲକ ଜାମୁନାଳି ପଞ୍ଚାୟତ ଅଶ୍ରୁବାହଳ ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ହାଡି ପ୍ରଧାନ, ମଦନ ପ୍ରଧାନ ଓ ଭରତ ପ୍ରଧାନଙ୍କ ୩ ବଖରା ଜଳିଯାଇଛି। ଅଗ୍ନିକାଣ୍ଡ କିଭଳି ଘଟିଲା ତାହା ଜଣାପଡି ନ ଥିବା ବେଳେ ରୋଷେଇରୁ ନିଆଁ ଲାଗିଥିବା ଗ୍ରାମବାସୀ କହିଛନ୍ତି। ଘରେ ଥିବା ବହୁ ବସ୍ତା ଧାନ, ଚାଉଳ, ମୁଗ, ବିରି ସହ ନଗଦ ଅର୍ଥ ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ଗ୍ରାମବାସୀ ନିଆଁକୁ ଆୟତ କରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

### ୩ ବର୍ଷ ୬ ମାସ କାରାଦଣ୍ଡାଦେଶ

ତାଳଚେର,୧୨।୨(ନି.ପ୍ର.): ଶାରୀରିକ ନିର୍ଯାତନା ସହ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଅତିରିକ୍ତ ଜିଲାଜଜ୍ ଅମୃତାରଞ୍ଜନ ନନ୍ଦ ତାଳଚେର ସବ୍‌ଜେଲରେ ବିଚାରାଧୀନ କଏଦୀ ଥିବା ଭୀଷ୍ମ ପ୍ରଧାନଙ୍କୁ ୩ ବର୍ଷ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ଶହ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ ଡିସେମ୍ବର ୨୬ରେ ଭୀଷ୍ମ ସ୍ତ୍ରୀ ସୁଲୋଚନାଙ୍କୁ ନିର୍ଯାତନା ଦେବା ସହ ଟାଙ୍ଗିଆରେ ହାଣିଦେବାକୁ ଉଦ୍ୟମ କରିଥିଲେ। ଏ ନେଇ ଏନ୍‌ଟିପିସି ଥାନାରେ ନଂ. ୧୨୭/୧୭ରେ ମାମଲା ରୁଜୁ କରାଯାଇଥିଲା।

### ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

ଛେଣ୍ଡିପଦା,୧୨।୨(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଦୀର୍ଘଦିନ ହେବ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେଉ ନ ଥିବାରୁ ବ୍ଲକବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ବିଦ୍ୟୁତ୍ ବିଭାଗ ପକ୍ଷରୁ ଦୀର୍ଘ ଏକମାସରୁ ଅଧିକ ହେବ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯାଉଛି। ମରାମତି ଆଳରେ ଏପରି କାର୍ଯ୍ୟ କରାଯାଉଥିବାରୁ ଉପଭୋକ୍ତାମାନେ ହନ୍ତସନ୍ତ ହେଉଛନ୍ତି। ବ୍ଲକରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସହ ଡାକ୍ତରଖାନାରେ ସେବା ବାଧାପ୍ରାପ୍ତ ହେଉଛି। ବ୍ୟାଙ୍କଗୁଡ଼ିକୁ ଯାଉଥିବା ଗ୍ରାହକମାନେ ଘଣ୍ଟା ଘଣ୍ଟା ଧରି କାର୍ଯ୍ୟ ପାଇଁ ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ବିଦ୍ୟୁତ୍ ବିଭାଗର ଏପରି ମନୋମୁଖୀ କାର୍ଯ୍ୟକୁ ଶୁକ୍ରବାର ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଛେଣ୍ଡିପଦା ପିଜିସିଓଡିଏଲ୍ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଛି। ତୁରନ୍ତ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରା ନ ଗଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ରାଜକିଶୋର ସାହୁ, ଡ. ବିପିନ ବିହାରୀ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

### କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ

ବଆଁରପାଳ,୧୨।୨(ଡି.ଏନ.ଏ.): ବଆଁରପାଳ ବ୍ଲକ କୁଲାଡ଼ ବାବାସ୍ କ୍ଲବ ଦ୍ୱାରା କୁଲାଡ଼ ନାଇଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ଶେଷଦେବ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ସୁଶୀଲ ବିଶୋଇ, ନାଲ୍‌କୋ ଟ୍ରକ୍ ମାଲିକ ସଂଘ କୋଷାଧକ୍ଷ ମୁକେଶ ଜେନା ଓ ଭାଗୀରଥି ଜେନା ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ କ୍ଲବ ସଭାପତି ଦିନେଶ ଜେନା ସଭା ପରିଚାଳନା କରିଥିଲେ। ପ୍ରଥମ ମ୍ୟାଚ ହମାବିରା ଓ ବଳରାମପ୍ରସାଦ ମଧ୍ୟରେ ଖେଳାଯାଇଥିଲା।

# ପ୍ରଭାବିତ ହୋଇନି ସାତକୋଶିଆ ପର୍ଯ୍ୟଟନ

ଦିନେଶ ଦେହୁରୀ
ବନ୍ତଳା,୧୨।୨



ସାତକୋଶିଆ ମୁଖ୍ୟ ପ୍ରବେଶ ପଥ ପମ୍ପାସର ଗେଟ୍‌ରେ ବନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି।

- କୋଭିଡ୍ ସତ୍ତ୍ୱେ ବଢ଼ିଛି ପର୍ଯ୍ୟଟକଙ୍କ ସଂଖ୍ୟା
- ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ଅତିଥି ଆନନ୍ଦିତ
- ସଫାରି ପାଇଁ ଗାଡ଼ି ଦେବାକୁ ସରକାରଙ୍କୁ ପ୍ରସ୍ତାବ

ମହାମାରୀ କୋଭିଡ୍-୧୯ ପ୍ରଭାବ ଅନୁଗୋଳ ଜିଲା ସାତକୋଶିଆ ପର୍ଯ୍ୟଟନ ଉପରେ ପଡ଼ିନାହିଁ। କଟକଣା ସତ୍ତ୍ୱେ ଗତ ଅକ୍ଟୋବର ମାସରେ ଅଭୟାରଣ୍ୟ ଖୋଲାଯିବା ପରଠାରୁ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସାତକୋଶିଆର ଅପରୂପ ପ୍ରାକୃତିକ ଶୋଭା ଦେଖିବାକୁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଅତିଥି ଧାଇଁ ଆସୁଥିବାରୁ ଏହା ଜିଲାର ପର୍ଯ୍ୟଟନକୁ ସମୃଦ୍ଧ କରିବା ସହ ରାଜକୋଷ ମଧ୍ୟ ବଢ଼ାଉଛି।

ସାଧାରଣତଃ ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ସାତକୋଶିଆକୁ ପର୍ଯ୍ୟଟକମାନେ ଆସିଥାଆନ୍ତି। ଗତ ୨୦୧୯ ନଭେମ୍ବରରେ ଏଠାକୁ ୧୪୬୮ ପର୍ଯ୍ୟଟକ ଆସିଥିବା ବେଳେ ସେମାନଙ୍କଠାରୁ ୭୩ ହଜାର ୨୭୫ ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ସେହିବର୍ଷ ଡିସେମ୍ବରରେ ଅଭୟାରଣ୍ୟ ବୁଲିଥିବା ୫୯୬୬ ଜଣଙ୍କ ନିକଟରୁ ୨ ଲକ୍ଷ ୧୮ ହଜାର ୨୫ ଟଙ୍କା ରାଜସ୍ୱ ମିଳିଥିଲା। ୨୦୨୦ ଜାନୁୟାରୀରେ ଆଗନ୍ତୁକଙ୍କ ସଂଖ୍ୟା ୩୫୭୧ ଥିଲା ଓ ୧ ଲକ୍ଷ ୭୩ ହଜାର ୧୧୦ ଟଙ୍କା ଆଦାୟ ହୋଇଥିଲା। ଫେବୃୟାରୀରେ ୧୧୫୯ ଜଣ ସାତକୋଶିଆରେ ଅତିଥି ହୋଇଥିବାବେଳେ ୫୯ ହଜାର ୯୮୦ ଟଙ୍କା ରାଜକୋଷକୁ ଆସିପାରିଥିଲା। ତେବେ ୨୦୨୦ ମାର୍ଚ୍ଚରେ କରୋନା ଭୟ ଯୋଗୁ ପର୍ଯ୍ୟଟକ ସଂଖ୍ୟା ମାତ୍ର ୭୫୮ ଥିଲା ଓ ୪୭ ହଜାର ୫୮୦ ଟଙ୍କା ଆଦାୟ ହୋଇଥିଲା। ଏହାପରେ ଲକ୍‌ଡାଉନ୍ ଆରମ୍ଭ ହୋଇଥିଲା। ହେଲେ ୨୦୨୦ ଅକ୍ଟୋବର ୪ରେ କୋଭିଡ୍ କଟକଣା ମଧ୍ୟରେ ସରକାର ଏହି ପର୍ଯ୍ୟଟନସ୍ଥଳୀ ଖୋଲିବା ପରଠାରୁ ପର୍ଯ୍ୟଟକଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ବଢ଼ିବାରେ ଲାଗିଛି। ନଭେମ୍ବର ୨୦୨୦ରେ ୨୩୧୧ ପର୍ଯ୍ୟଟକ ଏଠାକୁ ଆସିଥିବାରୁ ୧ ଲକ୍ଷ ୧୨ ହଜାର ୬୧୫ ଟଙ୍କା ରାଜସ୍ୱ ମିଳିଛି। ଡିସେମ୍ବରରେ ୫୭୬୫ ଜଣ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥିବାବେଳେ ୨ ଲକ୍ଷ ୪୩ ହଜାର ୧୩୫ ଟଙ୍କା ରାଜ୍ୟ ସରକାର ଆଦାୟ କରିଛନ୍ତି। ୨୦୨୧ ଜାନୁୟାରୀରେ ଆଗନ୍ତୁକଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ଢେର ବଢ଼ିଛି। ରାଜ୍ୟ ଓ ରାଜ୍ୟ ବାହାରୁ ଅଭୟାରଣ୍ୟକୁ ୮ ହଜାର ୮୮୫ ପର୍ଯ୍ୟଟକ ଆସିଛନ୍ତି। ଫଳରେ ରାଜକୋଷକୁ ୩ ଲକ୍ଷ ୪୮ ହଜାର ୭୨୫ ଟଙ୍କା ମିଳିପାରିଛି।

### ଅନୁଭୂତି ଅବର୍ଣ୍ଣନୀୟ



ଅନ୍ୟ ପର୍ଯ୍ୟଟନକ୍ଷେତ୍ର ଅପେକ୍ଷା ସାତକୋଶିଆର ଆକର୍ଷଣ ନିଆରା। ଏଠାକାର ଜଙ୍ଗଲରେ ବୁଲିବା ଓ ମହାନଦୀ ଗଣ୍ଡରେ ବୋଟିଂ ବେଳର ଅନୁଭୂତି ଅବର୍ଣ୍ଣନୀୟ। ଏଠାରେ ଯେପରି ସମସ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୂର ହୋଇ ରହିଛି। ଇକୋ କଟେଜଗୁଡ଼ିକରେ ଆତିଥ୍ୟ ମଧ୍ୟ ଅତ୍ୟନ୍ତ ସୁନ୍ଦର। ସେଥିପାଇଁ ଏତେ ଦୂରରୁ ଆମେ ଏହି ଅଭୟାରଣ୍ୟ ବୁଲିବାକୁ ଆସିଛୁ।

- ସୌରବ ଘୋଷ, କୋଲକାତା

### ଶୋଭା ଅନନ୍ୟ



ବହୁତ ସ୍ଥାନ ବୁଲିଛି। କିନ୍ତୁ ସାତକୋଶିଆର ଶୋଭା ଅନନ୍ୟ ହୋଇଥିବାରୁ ଏଠାକୁ ବାରମ୍ବାର ଆସୁଛି। ବିଶେଷକରି ରାତ୍ରିରେ ଟିକରପଡାଠାରୁ ପମ୍ପାସର ଗେଟ୍ ପର୍ଯ୍ୟନ୍ତ ଆସିବା ବେଶ୍ ରୋମାଞ୍ଚକର। ଭୟ ଥିଲେ ବି ରାସ୍ତା ପାର୍ଶ୍ୱରେ ବନ୍ୟଜନ୍ତୁଙ୍କୁ ଅତି ନିକଟରୁ ଦେଖିବା ଦୃଶ୍ୟ ଭାଷାରେ ବର୍ଣ୍ଣନା କରିହେବ ନାହିଁ। ତେବେ ଜଙ୍ଗଲରେ ବୁଲିବା ପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଗାଡି ବ୍ୟବସ୍ଥା କରାଗଲେ ଅଧିକ ପର୍ଯ୍ୟଟକ ଆସନ୍ତେ।

-ଅନିନ୍ଦିତା ବାଲୁଇ, ହାୱଡ଼ା, କୋଲକାତା

### ପର୍ଯ୍ୟଟକଙ୍କ ଖୁସି ଦେଖିଲା ଭଳି



ସାତକୋଶିଆକୁ ପଶ୍ଚିମବଙ୍ଗରୁ ଅନେକ ପର୍ଯ୍ୟଟକ ଆସୁଛନ୍ତି। ସେମାନଙ୍କୁ ସେମାନଙ୍କ ଭାଷାରେ ବୁଝାଇବା ସହ ଅଭୟାରଣ୍ୟର ବିଭିନ୍ନ ସ୍ଥାନ ବୁଲାଯାଉଛି। ଆତିଥ୍ୟ ପ୍ରଦାନରେ ଯେପରି ଅବହେଳା ନ ହୁଏ, ସେଥିପାଇଁ ବିଭିନ୍ନ ନେଚର କ୍ୟାମ୍ପ ଓ ଇକୋ କଟେଜ ପରିଚାଳନା ଅଧିକାରୀ ଏବଂ ବନ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ ରଖାଯାଉଛି। ଫେରିବା ବେଳେ ପର୍ଯ୍ୟଟକମାନଙ୍କ ଖୁସି ଦେଖିଲା ଭଳି।

-ସୁନୀଲ କୁମାର ସାହୁ, ଗାଇଡ୍, ପୁରୁଣାକୋଟ

### ଅଧିକ ୩ଟି ତମ୍ବୁଘର କରାଯାଇଛି



ପୂର୍ବରୁ ଟିକରପଡାରେ ୧୦ଟି ତମ୍ବୁଘର ଥିଲା। ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ଦେଖି ଅଧିକ ୩ଟି ତମ୍ବୁଘର କରାଯାଇଛି। ମହାନଦୀ ଗଣ୍ଡରେ ବୋଟିଂ ବ୍ୟବସ୍ଥାକୁ ପୂର୍ବାପେକ୍ଷା ଗୁରୁତ୍ୱ ଦେବାକୁ ଉଦ୍ୟମ କରାଯାଉଛି। ପର୍ଯ୍ୟଟକମାନେ ଯେପରି ଗାଡ଼ିରେ ସଫାରି ବୁଲିପାରିବେ ସେଥିପାଇଁ ରାଜ୍ୟ ସରକାରଙ୍କୁ ୪ଟି ଗାଡି ଦେବାକୁ ପ୍ରସ୍ତାବ ଦିଆଯାଇଥିବା ଡିଏଫ୍‌ଓ ପ୍ରକାଶ କରିଛନ୍ତି।

-ରବି ମିନା, ସାତକୋଶିଆ ଡିଏଫ୍‌ଓ

## ସମିତି କିଣୁନି ବଡ଼ଚାଷୀଙ୍କ ଧାନ

ଆଠମଲ୍ଲିକ,୧୨।୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକର ବଡ଼ଚାଷୀଙ୍କ ଠାରୁ ସେବା ସମବାୟ ସମିତି ଧାନ କିଣୁ ନ ଥିବା ଶୁକ୍ରବାର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମାଳିପଦର ସେବା ସମବାୟ ସମିତିରେ ୨୦୨୦-୨୧ ଖରିଫ ଋତୁରେ ଧାନ ବିକ୍ରୟ ପାଇଁ ବଡ଼ ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଏଥିପାଇଁ ଫେବୃୟାରୀ ୬ ଓ ୧୩ ତାରିଖ ଦିନ ଧାର୍ଯ୍ୟ କରାଯାଇ ଟୋକନ ସଂଗ୍ରହ ପାଇଁ ସମ୍ପୃକ୍ତ ଚାଷୀମାନଙ୍କ ମୋବାଇଲକୁ ମେସେଜ ଆସିଥିଲା। ଧାନ ବିକ୍ରୟ ପାଇଁ ସମିତି ସମ୍ପାଦକଙ୍କୁ ଚାଷୀମାନେ ଟୋକନ ମାଗିବାରୁ ସେ ମନା କରିଥିଲେ ବୋଲି ବଡ଼ ଚାଷୀ ବିଦ୍ୟାଧର ବାହୁକ, କାବୁଲା ବେହେରାମାଳୀ, ଇନ୍ଦୁମତୀ ଦେହୁରୀ, ଅଜିତ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଉପଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି, ମିଲର ଟଙ୍କା ଡିପୋଜିଟ କଲେ ଧାନ କିଣିବା ସହଜ ହେବ। ଯେଉଁ ଚାଷୀ ଥରେ ବିକ୍ରୟ କରିଛନ୍ତି ସେହି ଚାଷୀଙ୍କୁ ଅପେକ୍ଷା କରିବାକୁ ପଡିବ। ବର୍ତ୍ତମାନ ଟାର୍ଗେଟ କମିଯାଇଛି।

## ୪ ସଂକ୍ରମିତ, ୩ ସୁସ୍ଥ

ଅନୁଗୋଳ ଅଫିସ, ୧୨।୨

ଅନୁଗୋଳ ଜିଲାରୁ ଶୁକ୍ରବାର ୪ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୩୧୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ୩ ଓ ଆଠମଲ୍ଲିକ ବ୍ଲକ୍‌ରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୩ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ସଡ଼କରେ ସତର୍କତା, ପ୍ଲାଣ୍ଟରେ ସୁରକ୍ଷାକୁ ଗୁରୁତ୍ୱ

ଢେଙ୍କାନାଳ ଅଫିସ, ୧୨।୨

- ଟାଟାଷ୍ଟିଲ ବିଏସ୍‌ଏଲ୍‌ର ମାସବ୍ୟାପୀ ସଚେତନତା କାର୍ଯ୍ୟକ୍ରମ
- ସାମିଲ ହେଲେ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳବାସୀ, ଛାତ୍ରୀଛାତ୍ର

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ବିଏସ୍‌ଏଲ ପକ୍ଷରୁ ପାଳନ କରାଯାଉଛି ଜାତୀୟ ସଡ଼କ ସୁରକ୍ଷା ମାସ। କମ୍ପାନୀର ସମସ୍ତ କର୍ମଚାରୀ, ସ୍ଥାନୀୟ ଗ୍ରାମବାସୀ ଏବଂ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଛନ୍ତି। ସଡ଼କରେ ସତର୍କତା, ପ୍ଲାଣ୍ଟରେ ସୁରକ୍ଷାକୁ କମ୍ପାନୀ କର୍ତ୍ତୃପକ୍ଷ ସର୍ବାଧିକ ଗୁରୁତ୍ୱ ଦେଉଥିବା କହିଛନ୍ତି।

ଗୁରୁବାର ୫୫ନଂ. ଜାତୀୟ ରାଜପଥରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମାଝି, ସମ୍ମାନିତ ଅତିଥି ଭାବେ କମ୍ପାନୀର ସୁରକ୍ଷା ବିଭାଗ ମୁଖ୍ୟ ଅଗମ କୁମାର, ବିଭାଗୀୟ ସହକାରୀ ଉପସଭାପତି ଗୌତମ ହାଜରା, ସିକ୍ୟୁରିଟି ବିଭାଗର ଜେନେରାଲ ମ୍ୟାନେଜର ଦୀପକ କୁମାର ପ୍ରମୁଖ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ଲାଣ୍ଟର ମୁଖ୍ୟ ଫାଟକ ତଥା ୫୫ନଂ. ଜାତୀୟ ରାଜପଥରେ ଯାତ୍ରୀଙ୍କୁ ଲିଫ୍‌ଲେଟ୍, ବ୍ୟାଜ୍ ବଣ୍ଟନ କରି ସଚେତନ କରାଯାଇଥିଲା। ଉତ୍ତମ ସଡ଼କ ସୁରକ୍ଷା ଅଭ୍ୟାସ ପ୍ରଦର୍ଶନ ପାଇଁ ମନୋନୀତ ହୋଇଥିବା କମ୍ପାନୀର ଭେଣ୍ଡର ପାର୍ଟନର, ଡ୍ରାଇଭରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

ଜାନୁୟାରୀ ୧୮ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଫେବୃୟାରୀ ୧୭ ଯାଏ ଚାଲିବ। ପ୍ଲାଣ୍ଟର କର୍ମଚାରୀଙ୍କୁ ଏ ଦିଗରେ ସମ୍ବେଦନଶୀଳ ହେବା ପାଇଁ କୁଇଜ୍ ପ୍ରତିଯୋଗିତା ଏବଂ ତାଲିମ ଦିଆଯାଉଛି। ଓଡ଼ାପଡ଼ା ବ୍ଲକର କୁସପଙ୍ଗା, ହିନ୍ଦୋଳ ବ୍ଲକର ଖଲିବେରେଣା ଗ୍ରାମରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗୃହଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଭିଯାନରେ ସାମିଲ କରାଯାଇଛି। ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି, ପ୍ଲାଣ୍ଟ ପରିସରରେ ଡ୍ରାଇଭରଙ୍କ ମଦ୍ୟପାନ ବନ୍ଦ, ଯାନବାହନ ବେଗ ଯାଞ୍ଚ, ଭାରିଯାନ ପାଇଁ ପୃଥକ ପାର୍କିଂ ବ୍ୟବସ୍ଥା, ବ୍ୟାରିକେଡ୍ ଉପରେ ପ୍ରତିଫଳିତ ହେଉଥିବା ରିଫ୍ଲେକ୍ଟର ବ୍ୟବହାର, ନିୟୋଜିତ ଯାନର ଯାନ୍ତ୍ରିକ ତ୍ରୁଟି ନିରୀକ୍ଷଣ, ଲୋକୋ ଲେଭଲ କ୍ରସିଂରେ ଅଟୋମେଟେଡ୍ ଡ୍ରପ୍ ଗେଟ୍‌ର ବ୍ୟବହାର ଦିଗରେ ଅଧିକ ଗୁରୁତ୍ୱ ଦିଆଯାଉଛି।



ଟାଟାଷ୍ଟିଲ ବିଏସ୍‌ଏଲ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ଅଭିଯାନ।

# ଜିଏମ୍‌ଆରକୁ ପରିବେଶ ଉତ୍କର୍ଷ ପୁରସ୍କାର



ଜିଏମ୍‌ଆର୍‌କୁ ଆଇସିସି ପରିବେଶ ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଉଛି।

ଢେଙ୍କାନାଳ ଅଫିସ, ୧୨।୨

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକସ୍ଥିତ ଜିଏମ୍‌ଆର୍ କମଳାଙ୍ଗ ଏନର୍ଜି ଲିମିଟେଡ୍‌କୁ ପରିବେଶ ପରିଚାଳନା ପ୍ରତି ଉତ୍ତମ ପ୍ରତିବଦ୍ଧତା ପ୍ରଦର୍ଶନ ପାଇଁ ରନର୍ସଅପ୍ ଆଇସିସି ପରିବେଶ ଉତ୍କର୍ଷ ପୁରସ୍କାର-୨୦୨୦ ପ୍ରଦାନ କରାଯାଇଛି। କୋଲକାତା ଶାଖାର ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଦ୍ୱାରା ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ୧୪ତମ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହିକ୍ରମରେ ଟାଟା ପାୱାର ପ୍ରଥମ ପୁରସ୍କାର ହାସଲ କରିଛି।

ଗତ ୩ବର୍ଷ ଧରି ଜିଏମ୍‌ଆର କମଳାଙ୍ଗ ଏନର୍ଜୀ ଲିମିଟେଡ୍ ଅନୁକୂଳ ପରିବେଶ, ବୃତ୍ତିଗତ ସ୍ୱାସ୍ଥ୍ୟ, ନିରାପତ୍ତା ଓ ଶକ୍ତି ସଂରକ୍ଷଣ ଦିଗରେ ପ୍ରଶଂସନୀୟ ପଦକ୍ଷେପ ନେଇଛି। କମ୍ପାନୀ ଗତ ଦୁଇବର୍ଷ ଧରି ଏହି ପୁରସ୍କାର ପାଇଆସୁଛି। ସବୁଜ ପୃଥିବୀ ପାଇଁ କମ୍ପାନୀର ଉଦ୍ୟମ ଅବ୍ୟାହତ ରହିଛି। ସିଓଓ ରମେଶ ଆର୍ ପାଇ ଏଥିଲାଗି ସମସ୍ତ କର୍ମଚାରୀଙ୍କୁ ଅଭିବାଦନ ଜଣାଇଛନ୍ତି। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ସମ୍ପର୍କିତ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାରେ ଏହି ପୁରସ୍କାର ଉତ୍ସାହ ଯୋଗାଇବ ବୋଲି ସେ କହିଛନ୍ତି।

# ଅଗ୍ନି ବିପନ୍ନ ପରିବାରକୁ ସହାୟତା

ତାଳଚେର/ବନ୍ତଳା,୧୨।୨(ନି.ପ୍ର.)

ତାଳଚେରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ଦରିଦ୍ର କଲ୍ୟାଣ ସମିତି କଳମଛୁଇଁ ପକ୍ଷରୁ ଶଙ୍ଖପୁର ଗ୍ରାମର ଅଗ୍ନି ବିପନ୍ନ ଈଶ୍ୱର ବିଶ୍ୱାଳ ଓ ପଞ୍ଚୁନାଥ ବିଶ୍ୱାଳଙ୍କ ପରିବାରକୁ ପୋଷାକ, କମ୍ବଳ, ରୋଷେଇ ଉପକରଣ, ରାଶନ ସାମଗ୍ରୀ ଓ ପରିବା ପ୍ରଦାନ କରାଯାଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବଳଭଦ୍ର ସାହୁ, ଭଗବାନ ସ୍ୱାଇଁ, ନରେଶ ଚନ୍ଦ୍ର ସାହୁ, ସଞ୍ଜୟ ବେହେରା ପ୍ରମୁଖ ଏହି ସହାୟତା ପ୍ରଦାନ କରିଥିଲେ। ସେହିପରି ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦିନେଶ ପ୍ରଧାନଙ୍କ ନେତୃତ୍ୱରେ ବିଜୁ ଯୁବ ଜନତା ଦଳ ତରଫରୁ ଅଗ୍ନିବିପନ୍ନ ପରିବାରକୁ ଏକ ମାସ ପାଇଁ ଚାଉଳ, ଡାଲି ଓ ସମସ୍ତ ରାଶନ ସାମଗ୍ରୀ ଯୋଗାଇ ଦିଆଯାଇଛି। ଆସନ୍ତା ଏକମାସ ପାଇଁ ମଧ୍ୟ ଏସବୁ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହି ସମୟରେ କିଶୋର କୁମାର ସାହୁ, ଆଦିତ୍ୟ ପ୍ରସାଦ ମିଶ୍ର , ମୃତ୍ୟୁଞ୍ଜୟ ସାହୁ , ଗଣେଶ୍ୱର ସାହୁ ଉପସ୍ଥିତ ଥିଲେ। ସେହିପରି ଶୁକ୍ରବାର ସକାଳେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ପହଞ୍ଚି ବିପନ୍ନମାନଙ୍କ ଦୁଃଖ ବୁଝିଥିଲେ। ସରକାରୀ ସହାୟତା ନେଇ ଜିଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ। ଏଥିସହ ଖାଦ୍ୟ ସାମଗ୍ରୀ, ରାଶନ, ପୋଷାକ ଆଦି ସହାୟତା କରିଥିଲେ। ବିଧାୟକଙ୍କ ସହ ବିଜେଡି ନେତା ଅରୁଣାଭ ସିଂ, ଭାଗୀରଥି ମାଝି, ଶଙ୍ଖପୁର ସମିତି ସଭ୍ୟା, ଶ୍ରୀଧର ସାହୁ, ନରେଶ ଦେହୁରୀ ପ୍ରମୁଖ ଗସ୍ତ କରିଥିଲେ।



ଅଗ୍ନିବିପନ୍ନଙ୍କ ନିକଟରେ ଅନୁଗୋଳ ବିଧାୟକ ପହଞ୍ଚି ସହାୟତା ପ୍ରଦାନ କରୁଛନ୍ତି।

# ଶିଶୁକନ୍ୟାଙ୍କ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱାରୋପ

ଅନୁଗୋଳ ଅଫିସ, ୧୨।୨



ଜିଲାପାଳଙ୍କ କୋର୍ଟ ରୁମ୍‌ରେ ଆୟୋଜିତ ବୈଠକ।

- ବାଲ୍ୟ ବିବାହ ଟାସ୍କ ଫୋର୍ସ ବୈଠକ
- ବର-କନ୍ୟାଙ୍କ ବୟସ ଯାଞ୍ଚ ନିର୍ଦ୍ଦେଶ
- ପୋଲିସର ସହଯୋଗ ନେବେ ସିଡିପିଓ

ଶିଶୁ କନ୍ୟାମାନଙ୍କ ସୁରକ୍ଷା ଓ ସେମାନଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ଜିଲାସ୍ତରୀୟ 'ବେଟି ବଚାଓ ବେଟି ପଢାଓ' ଓ ବାଲ୍ୟ ବିବାହ ଟାସ୍କ ଫୋର୍ସ ବୈଠକ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାରେ ଲିଙ୍ଗ ଅନୁପାତରେ ସମତା ଆଣିବା ପାଇଁ ଶିଶୁକନ୍ୟାମାନଙ୍କ ସଂଖ୍ୟା ବୃଦ୍ଧି ଓ ସେମାନଙ୍କ ପୋଷଣ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ନବମ ଓ ଦଶମ ଶ୍ରେଣୀରେ ବାଳିକାମାନଙ୍କ ଉପସ୍ଥିତି ଉପରେ ଗୁରୁତ୍ୱ ଦେବା ପାଇଁ ଜିଲାପାଳ ଜିଲାସ୍ତରୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ଆସନ୍ତା ଏକ ବର୍ଷ ମଧ୍ୟରେ ଜିଲାରେ ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ଶୌଚାଳୟ ନିର୍ମାଣ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏଥିସହ ପୋକ୍ସୋ ଆଇନର ଠିକ୍ କାର୍ଯ୍ୟକାରିତା ପାଇଁ ବ୍ୟାପକ ଜନ ସଚେତନତା କରାଯିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବାଲ୍ୟ ବିବାହ ମକୋଦ୍ଦମା ଗୁଡିକୁ ଅଦାଲତରେ ତୁରନ୍ତ ଫାଇଲ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବାଲ୍ୟ ବିବାହ ବନ୍ଦ ପାଇଁ ସିଡିପିଓମାନେ ପୋଲିସର ସହଯୋଗ ନେବାକୁ ବୈଠକରେ ସ୍ଥିର କରାଯାଇଥିଲା। ସେହିପରି ଜିଲାର ସମସ୍ତ ଅନୁଷ୍ଠାନ, ପୁରୋହିତ, କଲ୍ୟାଣ ମଣ୍ଡପ, ଯାନବାହାନ, ଟେଣ୍ଟ ହାଉସ, ବ୍ୟାଣ୍ଡବାଜା ପାର୍ଟି ଆଦି ଅନୁଷ୍ଠାନ ମାଲିକମାନେ ବାହାଘରରେ ଅଂଶ ଗ୍ରହଣ ପୂର୍ବରୁ ବର ଓ କନ୍ୟାଙ୍କ ବୟସ ତଦାରଖ କରିବେ। ଏହାର ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକ ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଲପିଓ ପ୍ରଦୀପ ନାୟକ 'ବେଟି ବଚାଓ ବେଟି ପଢାଓ' ଓ ବାଲ୍ୟ ବିବାହ ଆଇନର ବିଭିନ୍ନ ମାର୍ଗ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବସନ୍ତ କୁମାର ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ଈଶାନୀ ପଣ୍ଡା, ଜିଲା ଶିକ୍ଷା ଅଧିକାରୀ କଳ୍ପନା ବେହେରା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱ ବିହାରି ମହାନ୍ତି, ପିସିପିଏନ୍‌ଡିଟିର ପିଏ ପର୍ଶୁରାମ ପଣ୍ଡା, ଚାଇଲ୍ଡ ଲାଇନ ୧୦୯୮ର କୋଅର୍ଡିନେଟର ଲିଜା ପାଣିଗ୍ରାହୀ, ଅନୁପମା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**ଜନ୍ମଦିନ ପାଳନ ବେଳେ ହତ୍ୟା**

ଦିଲ୍ଲୀର ମଙ୍ଗୋଲପୁରୀରେ ବୁଧବାର ରାତିରେ ଏକ ଜନ୍ମଦିନ ପାର୍ଟିରେ ଯୁକ୍ତିତର୍କରୁ ଛୁରାମାଡ଼ ହୋଇଛି। ଏଥିରେ ଜଣେ ୨୫ ବର୍ଷୀୟ ଯୁବକ ନିହତ ହୋଇଛନ୍ତି। ରୋହିତ ଶର୍ମା ତାଙ୍କ ବନ୍ଧୁ ବାବୁଙ୍କ ଜନ୍ମଦିନ ପାର୍ଟିରେ ଯୋଗଦେବାକୁ ଯାଇଥିଲେ। ହତ୍ୟା ପଛରେ ସାମ୍ପ୍ରଦାୟିକ ଉଦ୍ଦେଶ୍ୟ ରହିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ହତ୍ୟା ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।



## ସଂକ୍ଷେପରେ

### ୨୩ ହଜାର ବନ୍ଦୀଙ୍କୁ ମୁକ୍ତ କଲା ମ୍ୟାନ୍‌ମାର

**ନାପିତାଓ, ୧୨।୨(ଆଇଏଏନ୍‌ଏସ୍):** ମ୍ୟାନ୍‌ମାରରେ ସାମରିକ ଶାସନ ବିରୋଧରେ ସପ୍ତାହେ ହେଲା ବିକ୍ଷୋଭ ଜାରି ରହିଥିବାବେଳେ ନୂଆ ପ୍ରଶାସନ ଶୁକ୍ରବାର ୨୩ ହଜାରରୁ ଊର୍ଦ୍ଧ୍ୱ ବନ୍ଦୀଙ୍କୁ ମୁକ୍ତ କରିଦେଇଛନ୍ତି। ରାଷ୍ଟ୍ର ପ୍ରଶାସନ ପରିଷଦ ମୁଖ୍ୟ ତଥା ପ୍ରତିରକ୍ଷା ସେବାର କମାଣ୍ଡର-ଇନ୍-ଚିଫ୍ ସିନିୟର ଜେନେରାଲ ମିନ୍ ଅଙ୍ଗ୍ ହ୍ଲାଇଙ୍ଗ୍ ୨୩,୩୧୪ ଜଣ ସ୍ଥାନୀୟ ଏବଂ ୫୫ ବିଦେଶୀ ବନ୍ଦୀଙ୍କୁ କ୍ଷମା କରିଦେଇଛନ୍ତି। ଜାନୁୟାରୀ ୩୧ ପୂର୍ବରୁ ବିଭିନ୍ନ ଅପରାଧ ପାଇଁ ସେମାନଙ୍କୁ ଜେଲ୍‌ଦଣ୍ଡ ମିଳିଥିଲା। ଦେଶର ୭୪ତମ ୟୁନିୟନ ଦିବସରେ ଏଭଳି ପଦକ୍ଷେପ ନିଆଯାଇଛି।

### ଟିକା ପରେ ୮ ମାସ ରହିବ କୋଭିଡ୍ ଆଣ୍ଟିବଡି

**ନୂଆଦିଲ୍ଲୀ, ୧୨।୨:** କୋଭିଡ୍ ଟିକା ନେବା ପରେ ଶରୀରରେ ଆଣ୍ଟିବଡି ୮ ମାସ କିମ୍ବା ଏହାଠାରୁ ଅଧିକ ସମୟ ସକ୍ରିୟ ରହିବ ବୋଲି ଏମ୍ସ ନିର୍ଦ୍ଦେଶକ ରଣଦୀପ୍ ଗୁଲେରିଆ ଶୁକ୍ରବାର କହିଛନ୍ତି। ବୈଜ୍ଞାନିକମାନେ ଭାକ୍ସିନ୍‌ର ଦୀର୍ଘମିଆଦୀ ସୁରକ୍ଷା ଉପରେ ଅନୁଧ୍ୟାନ କରୁଛନ୍ତି। କୋଭିଡ୍-୧୯ ଜାତୀୟ ଟାସ୍କଫୋର୍ସ ସଦସ୍ୟ ଥିବା ଗୁଲେରିଆ ପୂର୍ବରୁ ଟିକା ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଟୁଇଟରରେ ଦେଇଥିଲେ। ଟିକାର ଦ୍ୱିତୀୟ ଡୋଜ୍ ନେବାର ୧୪ ଦିନ ପରେ ଶରୀରରେ ଆଣ୍ଟିବଡି ବିକଶିତ ହୋଇଥାଏ। କରୋନା ଭୂତାଣୁ ବିରୋଧରେ ଏହି ସୁରକ୍ଷା କେତେଦିନ ରହିବ ତାହା ସ୍ପଷ୍ଟ ହୋଇ ନ ଥିଲେ ହେଁ ଅନ୍ୟୂନ ୮ ମାସ କିମ୍ବା ତାହାଠାରୁ ଅଧିକ ରହିବା ବିଶ୍ୱାସ କରାଯାଉଛି। ଭାରତରେ ଜାନୁୟାରୀ ୧୬ରୁ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୭୫ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କୋଭିଡ୍ ଯୋଦ୍ଧାମାନେ କୋଭିଶିଲ୍ଡ ଏବଂ କୋଭାକ୍ସିନ ଟିକା ନେଇସାରିଲେଣି। ମାର୍ଚ୍ଚରୁ ୫୦ ବର୍ଷରୁ ଊର୍ଦ୍ଧ୍ୱ ଲୋକମାନଙ୍କ ପାଇଁ ଟିକାକରଣ ଆରମ୍ଭ ହେବ।

### ୧୨ କୃଷକ ସଂଗଠନ ସହ ବିଶେଷଜ୍ଞ କମିଟିର ପରାମର୍ଶ

**ନୂଆଦିଲ୍ଲୀ, ୧୨।୨(ପି.ଟି.):** ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟି ଶୁକ୍ରବାର ପଶ୍ଚିମବଙ୍ଗ ସମେତ ୮ଟି ରାଜ୍ୟର ୧୨ କୃଷକ ସଂଗଠନ ଓ ଚାଷୀଙ୍କ ସହ କେନ୍ଦ୍ରର ବିବାଦୀୟ କୃଷି ଆଇନ ଉପରେ ପରାମର୍ଶ କରିଛି। ୩ ଜଣିଆ କମିଟି ଉଭୟ ଅନ୍‌ଲାଇନ ଏବଂ ବ୍ୟକ୍ତିଗତ ଭାବେ ବିଭିନ୍ନ ଚାଷୀ ସଂଗଠନ ଓ ଅଂଶୀଦାରମାନଙ୍କ ସହ ପରାମର୍ଶ ଚଳାଇଛନ୍ତି। ଶୁକ୍ରବାର ଆନ୍ଧ୍ରପ୍ରଦେଶ, ବିହାର, ଜମ୍ମୁ-କଶ୍ମୀର, ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ଚାଷୀ ଓ କୃଷକ ସଂଗଠନ ସହ କମିଟି ଭିଡିଓ କନ୍‌ଫରେନ୍ସ ଜରିଆରେ କଥା ହୋଇଛନ୍ତି। ତିନି କୃଷି ଆଇନ ଉପରେ ସେମାନେ ସବିଶେଷ ମତାମତ ଓ ପ୍ରସ୍ତାବ ଦେଇଥିଲେ। ଜାନୁୟାରୀ ୧୨ରେ ସୁପ୍ରିମକୋର୍ଟ ବିବାଦୀୟ କୃଷି ଆଇନର କାର୍ଯ୍ୟକାରିତା ଉପରେ ଦୁଇମାସ ପାଇଁ ସ୍ଥଗିତାଦେଶ ଜାରି କରିଥିଲେ। ଏଥିସହିତ ଚାଷୀ ସଂଗଠନ ଓ ଅନ୍ୟ ଭାଗୀଦାରମାନଙ୍କ ସହ ପରାମର୍ଶ କରି ଦୁଇ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବା ଲାଗି ସର୍ବୋଚ୍ଚ ଅଦାଲତ ବିଶେଷଜ୍ଞ କମିଟିକୁ ନିର୍ଦ୍ଦେଶ ଦେଇଥିଲେ।

# ସମଲିଙ୍ଗୀ ସମ୍ପର୍କ ବୈଧ



**ଲୁଆଣ୍ଡା,୧୨।୨:** ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର ଆଙ୍ଗୋଲାରେ ସମଲିଙ୍ଗୀ ସମ୍ପର୍କକୁ ଅପରାଧ ମୁକ୍ତ କରାଯାଇଛି। ଏହାକୁ ବୈଧ କରିବା ଲାଗି ଦେଶରେ ପୂର୍ବ ପ୍ରଚଳିତ ଆଇନକୁ ଉଚ୍ଛେଦ କରି ଏକ ନୂଆ ଆଇନ ଅଣାଯାଇଛି। ସମଲିଙ୍ଗୀ ସମ୍ପର୍କକୁ 'ପ୍ରକୃତି ବିରୋଧରେ ପାପ' ବିବେଚନା କରୁଥିବା ପୁରୁଣାକାଳିଆ ଆଇନକୁ ୨୦୧୯ ଜାନୁୟାରୀରେ ହଟାଇ ଦିଆଯାଇଥିଲା। ତେବେ ଏଥିରେ ଅଣାଯାଇଥିବା ସଂଶୋଧନ ଉପରେ ୨୦୨୦ ନଭେମ୍ବର ପର୍ଯ୍ୟନ୍ତ ରାଷ୍ଟ୍ରପତି ଜୋଆଓ ଲୋଉରେନ୍‌କୋ ମୋହର ଦେଇ ନ ଥିଲେ। ଆର୍କବିଷ୍ଟ ଜିନ୍-ଲୁକ୍ ରୋମେରୋ-ମିଶେଲ ନୂଆ ଆଇନକୁ ଏକ ମହାନ୍ ପଦକ୍ଷେପ ଭାବେ ଅଭିହିତ କରି ଟୁଇଟ୍ କରିଛନ୍ତି। ଏଲ୍‌ଜିବିଟିକ୍ୟୁ ସମୁଦାୟ ବିରୋଧରେ ସରକାରୀ ଭେଦଭାବ ବିରୋଧୀ ଲଢ଼େଇରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ୨୦୧୯ରେ ଉଗାଣ୍ଡାର ନେତା ଅପ୍ରାକୃତିକ ଯୌନ ସମ୍ପର୍କ ରଖୁଥିବା ଲୋକଙ୍କୁ ଆତଙ୍କବାଦୀଙ୍କ ସହ ତୁଳନା କରିଥିଲେ। ଗତବର୍ଷ ଏହି ସମୁଦାୟର ନାଇଜେରୀୟମାନେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚଳାଇଥିବାବେଳେ ପୋଲିସ ବର୍ବରତାର ସୀମା ଲଂଘିଥିଲା।

# ବିବାଦରେ ଫେଣ୍ଟି ବ୍ୟୁଟି



**ନୂଆଦିଲ୍ଲୀ,୧୨।୨:** ଦିଲ୍ଲୀରେ ଆନ୍ଦୋଳନରତ କୃଷକଙ୍କ ସମର୍ଥନରେ ଟୁଇଟ୍ କରିଥିବା ଅନ୍ତର୍ଜାତୀୟ ପପ୍ ଷ୍ଟାର ରିହାନା ଫେଣ୍ଟିଙ୍କ ପିଛା ଛାଡୁନାହିଁ ବିବାଦ। ରିହାନାଙ୍କ କସ୍‌ମେଟିକ୍ ବ୍ରାଣ୍ଡ 'ଫେଣ୍ଟି ବ୍ୟୁଟି' ବିରୋଧରେ ଝାଡ଼ଖଣ୍ଡର କେତେଜଣ ବ୍ୟକ୍ତି ନୂଆଦିଲ୍ଲୀସ୍ଥିତ ଡିଏଲ୍ଏଫ୍ ପ୍ରୋମେନେଡ୍ ମଲ୍ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭକାରୀମାନେ କହିଛନ୍ତି, ଫ୍ରାନ୍ସର ବହୁରାଷ୍ଟ୍ରୀୟ କମ୍ପାନୀ ସେଫୋରା ରିହାନାଙ୍କ 'ଫେଣ୍ଟି ବ୍ୟୁଟି'ର ମାର୍କେଟିଂ କରିଥାଏ। ଉକ୍ତ କମ୍ପାନୀ କସ୍‌ମେଟିକ୍‌ରେ ବ୍ୟବହାର କରୁଥିବା ଅଭ୍ର ଝାଡ଼ଖଣ୍ଡର କେତେକ ଖଣିରୁ ଖନନ କରାଯାଇଥାଏ। ଖନନ କାର୍ଯ୍ୟରେ ଲକ୍ଷାଧିକ ଶିଶୁ ଶ୍ରମିକ ନିୟୋଜିତ ହୋଇଥାନ୍ତି। ରିହାନାଙ୍କ ବ୍ରାଣ୍ଡ ଅର୍ଥ ଆୟ କରି ଅନ୍ୟମାନଙ୍କୁ ଆକର୍ଷଣୀୟ କରିବା ପାଇଁ ସେହି ଶିଶୁମାନଙ୍କ ଶୈଶବକୁ ନଷ୍ଟ କରୁଛି। ତେଣୁ ରିହାନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଏନ୍‌ସିପିସିଆର୍)ଙ୍କୁ ଅନୁରୋଧ କରି ଏକ ସ୍ମାରକପତ୍ର ଦିଆଯିବ ବୋଲି ସେବା ସଂସ୍କାର ଫାଉଣ୍ଡେଶନ ଅଧ୍ୟକ୍ଷ ଜାଭେଦ ମଲିକ କହିଛନ୍ତି। ଏହାସହ କୃଷକ ଆନ୍ଦୋଳନ ନେଇ ରିହାନାଙ୍କ ଟୁଇଟ୍‌କୁ ସେ ଦେଶ ବିରୋଧୀ କାର୍ଯ୍ୟ ବୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ଝାଡ଼ଖଣ୍ଡ ବାଲ୍ ସ୍ୱେଚ୍ଛିକ ମଞ୍ଚର ସଞ୍ଜୟ ମିଶ୍ର କହିଛନ୍ତି, ଏଭଳି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଝାଡ଼ଖଣ୍ଡ ଶିଶୁମାନଙ୍କ ଶୈଶବକୁ ଛଡ଼ାଇନେଉଛନ୍ତି। ପ୍ରକାଶ ଯେ, ଏହା ପୂର୍ବରୁ ଲିଗାଲ୍ ରାଇଟ୍ସ ଅବ୍‌ଜର୍ଭେଟୋରି (ଏଲ୍ଆର୍‌ଓ) ନାମକ ଏକ ଏନ୍‌ଜିଓ ମଧ୍ୟ ରିହାନାଙ୍କ ଫେଣ୍ଟି ବ୍ୟୁଟି ବିରୋଧରେ ଏନ୍‌ସିପିସିଆର୍‌ରେ ଅଭିଯୋଗ କରିଥିଲା।

# କେନ୍ଦ୍ର, ଟୁଇଟରକୁ ନୋଟିସ

**ବିଶିଷ୍ଟ ବ୍ୟକ୍ତିଙ୍କ ନାଁରେ ଫେକ୍ ଆକାଉଣ୍ଟ**

**ନୂଆଦିଲ୍ଲୀ, ୧୨।୨(ପି.ଟି.)**

ମିଛ ଖବର ଓ ଉତ୍ତେଜନାପୂର୍ଣ୍ଣ ବାର୍ତ୍ତା ସମାଜରେ ଘୃଣାର ପ୍ରସାର କରାଉଛି। ଏଭଳି ବିଷୟବସ୍ତୁ ଓ ବିଜ୍ଞାପନକୁ ରୋକିବା ଲାଗି କ'ଣ ବ୍ୟବସ୍ଥା ଗ୍ରହଣ କରାଯାଇଛି ଜବାବ ଦେବାକୁ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାର ଏବଂ ଟୁଇଟର୍ ଇଣ୍ଡିଆକୁ ନୋଟିସ ଜାରି କରିଛନ୍ତି। ଜାଲ୍ ଆକାଉଣ୍ଟ ଜରିଆରେ ଏଭଳି ମିଛ ଓ ଉତ୍ତେଜନାପୂର୍ଣ୍ଣ ବାର୍ତ୍ତାର ପ୍ରସାର ହେଉଥିବା ବେଳେ ଏହାର ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପର୍କରେ ଜାଣିବାକୁ ବିନୀତ ଗୋଏଙ୍କା ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଥିଲେ। ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ନାଁରେ ଶହ ଶହ ଜାଲ୍ ଟୁଇଟର ହ୍ୟାଣ୍ଡଲ୍ ଏବଂ ବୋଗସ୍ ଫେସ୍‌ବୁକ୍ ଆକାଉଣ୍ଟ ଚାଲିଥିବା ସେ ପିଟିଶନରେ ଦର୍ଶାଇଥିଲେ। ସାମ୍ବିଧାନିକ କର୍ତ୍ତୃପକ୍ଷ ଓ ବିଶିଷ୍ଟ ନାଗରିକମାନଙ୍କ ଫଟୋକୁ ଜାଲ୍ ଟୁଇଟର ଓ ଫେସ୍‌ବୁକ୍ ଆକାଉଣ୍ଟରେ ଲଗାଯାଉଛି। ଫଳରେ ସାଧାରଣ ଲୋକେ ଏଭଳି ଆକାଉଣ୍ଟରେ ପ୍ରକାଶିତ ବାର୍ତ୍ତାକୁ ବିଶ୍ୱାସ କରିନେଉଛନ୍ତି। ଅଧିକାଂଶ ଦଙ୍ଗାର ମୂଳ କାରଣ ସୋସିଆଲ ମିଡିଆରେ ଘୂରିବୁଲୁଥିବା ମିଛ ଖବର। ଜାଲ୍ ଆକାଉଣ୍ଟ ବ୍ୟବହାର କରାଯାଇ ଜାତିବାଦ ଓ ସାମ୍ପ୍ରଦାୟିକତାବାଦର ପ୍ରସାର କରାଯାଉଛି, ଯାହା ଦେଶର ଏକତା ଓ ଭ୍ରାତୃଭାବ ପ୍ରତି ବିପଦ ସୃଷ୍ଟି କରିଥିବା ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ କୁହାଯାଇଛି।

ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ଟୁଇଟର କମ୍ୟୁନିକେଶନ ଇଣ୍ଡିଆ ପ୍ରା.ଲିଃକୁ ନୋଟିସ ଜାରି କରିଛନ୍ତି। ଏଭଳି ଜାଲ୍ ଆକାଉଣ୍ଟ ଓ ମିଛ ତଥା ଉତ୍ତେଜନାପୂର୍ଣ୍ଣ ବାର୍ତ୍ତା ବନ୍ଦ କରିବା ଲାଗି ସୋସିଆଲ୍ ନେଟ୍‌ୱର୍କ ସାଇଟ୍‌ଗୁଡ଼ିକ ଉପଯୁକ୍ତ ମେକାନିଜମ୍ ସ୍ଥାପନ ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନକାରୀଙ୍କ ଓକିଲ ଅଶ୍ୱିନୀ ଦୁବେ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଖଣ୍ଡପୀଠ ନୋଟିସ ଜାରି କରିବା ସହ ଏ ସମ୍ପର୍କିତ ଅନ୍ୟ ଆବେଦନଗୁଡ଼ିକର ଏକତ୍ର ବିଚାର ଲାଗି ରଖିଛନ୍ତି।

### ସୁପ୍ରିମକୋର୍ଟରେ ପିଆଇଏଲ୍

ସୁପ୍ରିମକୋର୍ଟରେ ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଅନୁଯାୟୀ ଭାରତରେ ୩.୫ କୋଟି ଟୁଇଟର ହ୍ୟାଣ୍ଡଲ ଏବଂ ୩୫ କୋଟି ଫେସ୍‌ବୁକ୍ ଆକାଉଣ୍ଟ ରହିଛି। ଏହାର ପ୍ରାୟ ୧୦ ପ୍ରତିଶତ ଜାଲ୍। ନିର୍ବାଚନ ବେଳେ ଦଳଗୁଡ଼ିକ ଆତ୍ମପ୍ରଚାର, ଭାବମୂର୍ତ୍ତି ସୃଷ୍ଟି ଓ ବିରୋଧୀଙ୍କ ଛବି ମଳିନ କରିବା ପାଇଁ ଜାଲ୍ ସୋସିଆଲ ମିଡିଆ ଆକାଉଣ୍ଟର ସାହାରା ନେଉଛନ୍ତି। ଦେଶ ବିରୋଧୀ ଟୁଇଟ୍‌ର ପ୍ରସାର ଏବଂ ଜାଣିଶୁଣି ଖରାପ କାମ ପାଇଁ ଉସୁକାଇବା ଭଳି କାର୍ଯ୍ୟକୁ ରୋକିବା ଲାଗି ଆଇନ ଆଣିବାକୁ ଏଥିରେ ନିବେଦନ କରାଯାଇଛି, ଯାହା ଫଳରେ ଟୁଇଟର ଏବଂ ଭାରତରେ ଏହାର ପ୍ରତିନିଧିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

# ହିମସ୍ଖଳନରୁ ବିପଜ୍ଜନକ ହ୍ରଦ



**ଡେରାଡୁନ୍, ୧୨।୨**

ଉତ୍ତରାଖଣ୍ଡର ଋଷିଗଙ୍ଗାରେ ଗ୍ଲେସିୟରର ଏକ ଅଂଶ ଭାଙ୍ଗିପଡ଼ି ଯେଉଁ ସ୍ଥାନରେ ମାଡ଼ ହୋଇଥିଲା ସେଠାରେ ଭୟଙ୍କର ହ୍ରଦ ସୃଷ୍ଟି ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଦେଖିବାକୁ ମିଳିଛି। ଏହି ହ୍ରଦର ଆକାର ଫୁଟ୍‌ବଲ ଫିଲ୍ଡର ତିନିଗୁଣ ବୋଲି ଚିତ୍ରରୁ ଜଣାପଡ଼ିଛି। ଗତ ରବିବାର ହିମବାହ ଖସିବା ବେଳେ ପ୍ରଚୁର ପରିମାଣର ପଥର, ମାଟି,କାଦୁଅ ଋଷିଗଙ୍ଗା ନଦୀ ମଧ୍ୟକୁ ନେଇଆସିଥିଲା। ଉକ୍ତ ନଦୀରେ ଥିବା ଦୁଇଟି ଜଳବିଦ୍ୟୁତ୍ ପ୍ରକଳ୍ପ ଭାସିଯାଇଛି। ହିମସ୍ଖଳନ ଜନିତ ବନ୍ୟା ମୃତ୍ୟୁସଂଖ୍ୟା ଶୁକ୍ରବାର ସୁଦ୍ଧା ୩୬ରେ ପହଞ୍ଚିଥିବାବେଳେ ଏବେ ବି ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପତ୍ତା ମିଳିନାହିଁ। ତପୋବନ ଟନେଲରେ ୩୦ରୁ ଅଧିକ ଲୋକ ଫସିଥିବାବେଳେ ସେମାନଙ୍କୁ ବାହାର କରିବା ଲାଗି ଉଦ୍ୟମ ଜାରି ରହିଛି। ଭବିଷ୍ୟତରେ ଏଭଳି ବିପତ୍ତିରୁ ରକ୍ଷା ପାଇବା ପାଇଁ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର ବୈଜ୍ଞାନିକ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆର୍‌ଏଫ୍) ଏବଂ ଅନ୍ୟ ସଂସ୍ଥା ଯୋଜନା କରୁଛନ୍ତି। ସେମାନେ ନୂତନ ଭାବେ ସୃଷ୍ଟ ହ୍ରଦ ନିକଟକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ହେଲିକପ୍ଟର ଏବଂ ଡ୍ରୋନ୍ ସହାୟତାରେ ପ୍ରକୃତ ସ୍ଥିତି ଅନୁଧ୍ୟାନ କରାଯାଉଥିବା ଏନ୍‌ଡିଆର୍‌ଏଫ୍ ମହାନିର୍ଦ୍ଦେଶକ ଏସ୍.ଏନ୍. ପ୍ରଧାନ କହିଛନ୍ତି।

# ଭେଦଭାବ ବନ୍ଦ କର




କାଠମାଣ୍ଡୁରେ ଯାତ୍ରା କଟକଣା ଆଇନ ପ୍ରତିବାଦରେ ମହିଳା ଅଧିକାର କର୍ମୀଙ୍କ ବିକ୍ଷୋଭ।

**କାଠମାଣ୍ଡୁ,୧୨।୨**

ମାନବ ଚାଲାଣ ରୋକିବା ପାଇଁ ନେପାଳ ଏକ ନୂଆ ଆଇନ ଆଣିବାକୁ ଯାଉଛି। ପ୍ରସ୍ତାବିତ ଆଇନ ଅନୁସାରେ ୪୦ ବର୍ଷରୁ କମ୍ ବୟସର କୌଣସି ମହିଳା ମଧ୍ୟପ୍ରାଚ୍ୟ କିମ୍ବା ଆଫ୍ରିକାକୁ ଯାତ୍ରା କରିବା ପୂର୍ବରୁ ତାଙ୍କୁ ପରିବାର ଓ ସ୍ଥାନୀୟ ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ଉକ୍ତ ଆଇନକୁ ବିରୋଧ କରି ଏବଂ ଦେଶରେ ମହିଳା ଓ ଶିଶୁକନ୍ୟାଙ୍କ ବିରୋଧରେ ଯୌନ ଅପରାଧ ତଥା ଭେଦଭାବ ପ୍ରତିବାଦରେ ଶୁକ୍ରବାର ରାଜଧାନୀ କାଠମାଣ୍ଡୁରେ ହଜାର ହଜାର ମହିଳା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମହିଳା ଅଧିକାର କର୍ମୀ ଓ ସେମାନଙ୍କ ସମର୍ଥକମାନେ ସମାନତା ଦାବି କରି ସ୍ଲୋଗାନ ଦେଇଛନ୍ତି।

# ରାଜ୍ୟ ସଭାରୁ ଦିନେଶଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୧୨।୨**

**ଟିଏମ୍‌ସି ଛାଡ଼ି ଭାଜପାରେ ମିଶିବା ନେଇ ଚର୍ଚ୍ଚା**



ଦିନେଶ ତ୍ରିବେଦୀ

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଦିନେଶ ତ୍ରିବେଦୀ ଶୁକ୍ରବାର ରାଜ୍ୟ ସଭାରୁ ଇସ୍ତଫା ଦେଇଛନ୍ତି। ଫଳରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ପଶ୍ଚିମବଙ୍ଗରେ ଶାସକ ଦଳକୁ ଆଉ ଏକ ଧକ୍କା ଲାଗିଛି। ତାଙ୍କୁ ପାର୍ଲାମେଣ୍ଟକୁ ପଠାଇଥିବା ଟିଏମ୍‌ସିକୁ ଦିନେଶ କୃତଜ୍ଞତା ଜଣାଇଛନ୍ତି। ତେବେ ରାଜ୍ୟରେ ହିଂସା ଯୋଗୁ ସେ କିଛି କରିବାକୁ ସମର୍ଥ ନ ଥିଲେ ଏବଂ ଶ୍ୱାସରୁଦ୍ଧ ହେଲା ଭଳି ଅନୁଭବ କରୁଥିଲେ ବୋଲି କହିଛନ୍ତି। ପାର୍ଲାମେଣ୍ଟରେ ବସି ଯଦି କିଛି କରି ନ ପାରିଲେ ଇସ୍ତଫା ଦେଇଦେବା ଆବଶ୍ୟକ ବୋଲି ଅନ୍ତରାତ୍ମା ତାଙ୍କୁ କହିଥିଲା। ତେବେ ସେ ପଶ୍ଚିମବଙ୍ଗ ଲୋକଙ୍କ ପାଇଁ କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି। ଦଳ ଭିତରେ ଅନେକେ ତାଙ୍କ ଭଳି ଅନୁଭବ କରୁଛନ୍ତି। ଟିଏମ୍‌ସି ଆଉ ମମତା ବାନାର୍ଜୀଙ୍କ ପାର୍ଟି ହୋଇ ରହିନାହିଁ ବୋଲି ଦିନେଶ କହିଥିଲେ। ଲିଖିତ ଇସ୍ତଫାପତ୍ର ଦାଖଲ କରିବା ପାଇଁ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ତାଙ୍କୁ ପରାମର୍ଶ ଦେଇଥିଲେ।

ଦିନେଶ ରାଜ୍ୟ ସଭାରୁ ଇସ୍ତଫା ଘୋଷଣା କରିବାର କିଛି ସମୟ ପରେ ଭାଜପା ତାଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ବୋଲି କହିଛି। ଦିନେଶ ଭାଜପା ନେତାଙ୍କ ସହ ସମ୍ପର୍କରେ ଥିବା ଦଳର ସାଧାରଣ ସମ୍ପାଦକ କୈଳାସ ବିଜୟବର୍ଗୀୟ କହିଛନ୍ତି। ତାଙ୍କ ଭଳି ବରିଷ୍ଠ ନେତା ଦଳ ଛାଡୁଥିବାରୁ ଟିଏମ୍‌ସିରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନ ଥିବା ସ୍ପଷ୍ଟ ହୋଇଛି ବୋଲି ବିଜୟବର୍ଗୀୟ ମତ ଦେଇଛନ୍ତି।

# ଟିକାଏତ୍‌ଙ୍କୁ ମହାପଞ୍ଚାୟତ ଭରସା

**ଗାଜିଆବାଦ, ୧୨।୨(ପି.ଟି.)**

ନୂଆ କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଗତବର୍ଷ ନଭେମ୍ବରରୁ ହଜାର ହଜାର ଚାଷୀ ଆନ୍ଦୋଳନ ଚଳାଇଥିବାବେଳେ ବିଭିନ୍ନ ରାଜ୍ୟରେ ମହାପଞ୍ଚାୟତର ଆୟୋଜନ କରାଯାଉଛି। ଆସନ୍ତା ରବିବାରଠାରୁ ହରିୟାଣା, ମହାରାଷ୍ଟ୍ର ଏବଂ ରାଜସ୍ଥାନରେ ୭ଟି କୃଷକ ମହାପଞ୍ଚାୟତର ଆୟୋଜନ କରାଯିବ। ଏଥିରେ ଭାରତୀୟ କିଷାନ ୟୁନିୟନ ନେତା ରାକେଶ ଟିକାଏତ୍ ଯୋଗଦେଇ ଚାଷୀ ଆନ୍ଦୋଳନ ସପକ୍ଷରେ ସମର୍ଥନ ସଂଗ୍ରହ କରିବେ। ୨୩ ତାରିଖ ପର୍ଯ୍ୟନ୍ତ ଏଭଳି ମହାପଞ୍ଚାୟତ ଚାଲିବ ବୋଲି ବିକେୟୁର ଗଣମାଧ୍ୟମ ଦାୟିତ୍ୱରେ ଥିବା ଧର୍ମେନ୍ଦ୍ର ମଲିକ୍ କହିଛନ୍ତି।

ହରିୟାଣାର କର୍ନଲ, ରୋହତକ୍, ସିର୍ସା ଏବଂ ହିସାର ଜିଲା ସମେତ ମହାରାଷ୍ଟ୍ରର ଆକୋଲା ଏବଂ ରାଜସ୍ଥାନରେ ସିକାର ଜିଲାରେ ମହାପଞ୍ଚାୟତ ଅନୁଷ୍ଠିତ ହେବ। ନୂଆ କୃଷି ଆଇନ ପ୍ରତ୍ୟାହାର କରିବା ସହ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ପାଇଁ ଚାଷୀ ସଂଗଠନଗୁଡ଼ିକ ଦାବି କରୁଛନ୍ତି। ସରକାର ଓ କୃଷକ ନେତାଙ୍କ ମଧ୍ୟରେ ୧୧ ପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ ସମାଧାନର ସୂତ୍ର ବାହାରିପାରିନାହିଁ।



ଝଜ୍ଜାରର ବାହାଦୁରଗଡ଼ରେ ଆୟୋଜିତ କିଷାନ ମହାପଞ୍ଚାୟତରେ ବିକେୟୁ ନେତା ରାକେଶ ଟିକାଏତ୍‌ଙ୍କ ସହ ସମର୍ଥକମାନେ।

# ଉତ୍ତେଜନା କମାଇପାରିବ ଆନ୍ତଃଜାତି ବିବାହ

**ନୂଆଦିଲ୍ଲୀ, ୧୨।୨(ଆଇଏଏନ୍‌ଏସ୍)**



**ବିବାହ ପାଇଁ ପୁଅଝିଅ ରାଜି ଥିଲେ ପରିବାର ଅନୁମତି ଅନାବଶ୍ୟକ: ସୁପ୍ରିମକୋର୍ଟ**

ଭିନ୍ନ ଜାତିରେ ବିବାହ ସମାଜରୁ ଜାତିପ୍ରଥା ଜନିତ ପ୍ରତିବନ୍ଧକ ଦୂର କରିବାର ଏକ ଉପାୟ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜୀବନସାଥୀ ଚୟନ କରୁଥିବା ପୁଅଝିଅ ଶ୍ରେଣୀ ସମ୍ମାନ (କ୍ଲାସ୍ ଅନର) କିମ୍ବା ଗୋଷ୍ଠୀ ବିଚାର (ଗ୍ରୁପ୍ ଥିଙ୍କିଂ)ର ଅବଧାରଣାର ଅଧୀନ ହୋଇପାରିବେ ନାହିଁ ବୋଲି ଜଷ୍ଟିସ୍ ସଞ୍ଜୟ କିଷନ କୌଲ ଏବଂ ହୃଷୀକେଶ ରାୟଙ୍କ ଖଣ୍ଡପୀଠ ମତ ଦେଇଛନ୍ତି। ଶିକ୍ଷିତ ଯୁବକ ଯୁବତୀ ସେମାନଙ୍କ ଜୀବନସାଥୀ ଚୟନ କରିବା ଫଳରେ ସମାଜର ପୂର୍ବ ନୀତି ନିୟମଠାରୁ ଦୂରେଇ ଯାଉଛନ୍ତି, ଯେଉଁଠି ଜାତି ପ୍ରଥା ଓ ସମ୍ପ୍ରଦାୟ ବିବାହରେ ମୁଖ୍ୟ ଭୂମିକା ନେଉଥିଲା। ଜୀବନସାଥୀ ଚୟନ ଏକ ପ୍ରଗତିଶୀଳ ଦୃଷ୍ଟିକୋଣ ଯାହା ଆନ୍ତଃଜାତି ବିବାହ ମାଧ୍ୟମରେ ସମାଜରେ ଜାତି ଓ ସାମ୍ପ୍ରଦାୟିକ ଉତ୍ତେଜନା ହ୍ରାସ କରିପାରିବ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରାପ୍ତବୟସ୍କ ପୁଅଝିଅ ପରସ୍ପରକୁ ବିବାହ ପାଇଁ ରାଜି ହେଲେ ପରିବାର, ସମ୍ପ୍ରଦାୟ କିମ୍ବା ବଂଶର ଅନୁମତି ଆବଶ୍ୟକତା ନାହିଁ। ପୂର୍ବରୁ ଅଦାଲତ ଅନେକ ଥର ଏଭଳି ରାୟ ଦେଇଛନ୍ତି। ବିବାହର ଅନ୍ତରଙ୍ଗତା ଗୋପନୀୟତାର ମୂଳ ଜୋନ୍ ମଧ୍ୟରେ ଅବସ୍ଥିତ, ଯାହା ପବିତ୍ର ଏବଂ ବିଶ୍ୱାସର ପ୍ରସଙ୍ଗ। ନିଜ ଇଚ୍ଛାରେ ବିବାହ କରିବା ଅଧିକାର ସମ୍ବିଧାନର ଅନୁଚ୍ଛେଦ ୨୧ରେ ସନ୍ନିବେଶିତ ହୋଇଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି।

କର୍ନାଟକର ଜଣେ ଯୁବତୀ ଘରେ ନ ଜଣାଇ ନିଜ ପସନ୍ଦର ପୁଅକୁ ବିବାହ କରିଥିଲେ। ଝିଅ ନିଖୋଜ ଥିବା ନେଇ ବାପା ଥାନାରେ ଏତଲା ଦେଇଥିଲେ। ଝିଅ ଥାନାରେ ଆସି ବୟାନ ନ ଦେଲେ ତାଙ୍କ ସ୍ୱାମୀଙ୍କ ବିରୋଧରେ ଅପହରଣ ମାମଲା ରୁଜୁ ହେବ ବୋଲି ପୋଲିସ କହିବାରୁ ସେମାନେ ସୁପ୍ରିମକୋର୍ଟ ଯାଇଥିଲେ। ପୋଲିସ ଅଫିସରଙ୍କ ଧମକପୂର୍ଣ୍ଣ କାର୍ଯ୍ୟକୁ ସର୍ବୋଚ୍ଚ ଅଦାଲତ ସମାଲୋଚନା କରିଛନ୍ତି। ଝିଅଙ୍କ ବାପା ଦାଏର କରିଥିବା ଏତଲାକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଆନ୍ତଃଜାତି ବିବାହକୁ ନେଇ ସୃଷ୍ଟ ସମ୍ବେଦନଶୀଳ ମାମଲାଗୁଡ଼ିକର ପରିଚାଳନା ପାଇଁ ପୋଲିସ ଅଧିକାରୀମାନଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବା ଆବଶ୍ୟକ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। ଏଥିପାଇଁ ପୋଲିସ କର୍ତ୍ତୃପକ୍ଷ ଆଗାମୀ ୮ ସପ୍ତାହ ମଧ୍ୟରେ ଗାଇଡ୍‌ଲାଇନ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବ୍ୟବସ୍ଥା କରିବାକୁ ଅଦାଲତ ଆଶାବ୍ୟକ୍ତ କରିଛନ୍ତି।

**ପୁଅର କାଠଫାଳିଆ ମାଡ଼ରେ ବାପାଙ୍କ ମୃତ୍ୟୁ**

**ସମ୍ବଲପୁର, (ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଟିପୁପଡାରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅ ବାଲେଶ୍ୱର ଖଡ଼ିଆ (୨୩)ଙ୍କ କାଠଫାଳିଆ ମାଡ଼ରେ ବାପା ଭଗବାନ ଖଡିଆ (୫୫)ଙ୍କ ମୃତ୍ୟୁ ଘଟିଛି। ଅଇଁଠାପାଲି ପୋଲିସ ଏକ ମାମଲା (ନଂ.୭୦/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ ବୁଧବାର ସନ୍ଧ୍ୟାରେ ବାଲେଶ୍ୱର ତାଙ୍କ ଭଉଣୀଙ୍କ ସହ କୌଣସି କାରଣରୁ ପାଟିତୁଣ୍ଡ କରୁଥିଲେ। ଏହି ସମୟରେ ଭଗବାନ ସମାଧାନ ପାଇଁ ସେଠାରେ ପହଞ୍ଚିଥିଲେ। ପାଟିତୁଣ୍ଡ ନ କରିବାକୁ ପୁଅକୁ ବୁଝାଇଥିଲେ। ଏଥିରେ ଉତ୍ୟକ୍ତ ହୋଇ ବାଲେଶ୍ୱର ନିକଟରେ ଥିବା କାଠଫାଳିଆରେ ଆକ୍ରମଣ କରିଥିଲେ।

## ସଂକ୍ଷେପରେ

### ଲାଞ୍ଜିଗଡ଼ରେ ମାଓବାଦୀ ପୋଷ୍ଟର

**ଭବାନୀପାଟଣା, ୧୨।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରେ ମାଓବାଦୀଙ୍କ ଦ୍ୱାରା ପ୍ରଜାକୋର୍ଟରେ ଦଣ୍ଡ ଚେତାବନୀ ଲେଖାଥିବା ଏକ ଲାଞ୍ଜିଗଡ ଥାନା ବସନ୍ତପଡ଼ାର ବସୁଧା ପାଣିଟାଙ୍କି ନିକଟ ଏକ ଆମ୍ବଗଛ ଓ ବେଦାନ୍ତ ମୁଖ୍ୟ ଗେଟ ଫାଟକର ବୁଣ୍ଡେଲ ଗାଁ ରାସ୍ତାର ଏକ ସୂଚନା ଫଳକରେ ପୋଷ୍ଟର ମରାଯାଇଛି। ଏଥିରେ ୪ଜଣଙ୍କୁ ମାଓବାଦୀ ଚେତାବନୀ ଦେଇଛନ୍ତି। ମାଓବାଦୀ ନେତା ଉମାକାନ୍ତଙ୍କ ନାଁ ଉଲ୍ଲେଖ ଥିବାବେଳେ ବାଘୁନା ଡିଭିଜନ ବୋଲି ଲେଖାଯାଇଛି। ପୋଷ୍ଟରରେ ଆଦିବାସୀଙ୍କୁ ଶୋଷଣ ପ୍ରତିବାଦରେ ଚେତାବନୀ ଦିଆଯାଇଛି। ଏହି ପୋଷ୍ଟରରେ ୪ଜଣ ସ୍ଥାନୀୟ ବାସିନ୍ଦା ଚାଟେର ମାଝି, ରାଜେନ୍ଦ୍ର ମାଳୀ, ଶ୍ରୀଧର ପେସନିଆ ଓ ସୁବାସ ନାଏକଙ୍କୁ ପ୍ରଜାକୋର୍ଟରେ ଦଣ୍ଡ ବିଧାନ ଚେତାବନୀ ଦିଆଯାଇଛି।

# କଳାହାଣ୍ଡିର ଐତିହ୍ୟ, ସଂସ୍କୃତି ନିଆରା

**କୁନାଗଡ, ୧୨।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ପଡିଆଠାରେ ଶୁକ୍ରବାର ସନ୍ଧ୍ୟାରେ ଜାତୀୟସ୍ତରୀୟ ଆଦିବାସୀ ଲୋକନୃତ୍ୟ ଓ ଲୋକ ସଙ୍ଗୀତ ଉତ୍ସବ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ କଳାହାଣ୍ଡିର ଐତିହ୍ୟ, ସଂସ୍କୃତି, ପରମ୍ପରା ନିଆରା। ଏଠାକାର ଆଦିବାସୀଙ୍କ ଲୋକନୃତ୍ୟ, ଲୋକ ସଙ୍ଗୀତ ଆଜି ଦେଶ ବିଦେଶରେ ପହଞ୍ଚିଛି ବୋଲି କହିଥିଲେ। ପୁନଶ୍ଚ କଳାହାଣ୍ଡିକୁ ବାହାରର ଲୋକମାନେ ଇଂଲିଶରେ କାଲାହାଣ୍ଡି କହୁଥିବାରୁ ଏହାକୁ କଳାହାଣ୍ଡି ବୋଲି କୁହାଯାଉ ବୋଲି ମନ୍ତ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବରିଷ୍ଠ ଖବରଦାତା ଉମାଶଙ୍କର କର ଯୋଗଦେଇଥିଲେ। ପ୍ରଫେସର ସୁଶାନ୍ତ କୁମାର ପାଢୀ ସଭା ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆସାମର ଭୋର୍‌ତାଲ୍‌-କାକଳି ହିଜାରିକା ଓ ସାଥୀ, ଝାଡ଼ଖଣ୍ଡର ଛଉନୃତ୍ୟ ଖରସୁଆଁ-ଦିଲଦାର ଅନସାରୀ, ପଶ୍ଚିମବଙ୍ଗର ରେବେନ୍ସ- ବୋଲପୁର ଚତୁରଙ୍ଗ ଓ ସାଥି, ଓଡ଼ିଶାର ମୋଗଲତମାସ-ବଂଶୀବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ ଭଦ୍ରକ ଓ ଦୁରୁଆ ନାଚ କୁଳମଣି ଜେନା ଓ ସାଥୀ କୋରାପୁଟ ନୃତ୍ୟ ପରିବେଷଣ ହୋଇଥିଲା। ଏହା ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା। ଓଡ଼ିଶାରେ ପ୍ରଥମ ଥର ପାଇଁ ଶୁକ୍ରବାରଠାରୁ ପର୍ଯ୍ୟନ୍ତ ୩ ଦିନ ଧରି ଏହି ଉତ୍ସବ ଜୁନାଗଡ ହାଇସ୍କୁଲ ଖେଳ ପଡିଆଠାରେ ଅନୁଷ୍ଠିତ ହେଉଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଭାରତ ସରକାରଙ୍କ ଇଷ୍ଟର୍ନ ଜୋନାଲ୍ କଲ୍‌ଚରାଲ ସେଣ୍ଟର କୋଲକାତା, ଓଡିଶା ସରକାରଙ୍କ ଭାଷା, ସଂସ୍କୃତି ବିଭାଗ, କଳାହାଣ୍ଡି ଜିଲା ପ୍ରଶାସନ ଓ ଜିଲା ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଏହାକୁ ଆୟୋଜନ କରାଯାଉଛି। କୋଭିଡ୍ ନିୟମକୁ ଦୃଷ୍ଟିରେ ରଖି ମାସ୍କ ପିନ୍ଧି, ସାମାଜିକ ଦୂରତା ରକ୍ଷା କରି ଉତ୍ସବରେ ଯୋଗଦେବା ପାଇଁ ସ୍ଥାନୀୟ ସଂଯୋଜକ ତଥା ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, ଧ୍ୟାନାନନ୍ଦ ପଣ୍ଡା ପ୍ରକାଶ କରିଛନ୍ତି।

**ଜାତୀୟସ୍ତରୀୟ ଆଦିବାସୀ ଲୋକନୃତ୍ୟ, ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ**



ସାଂସ୍କୃତିକ କାର୍ଯ୍ୟକ୍ରମ ଆସାମର ଭୋରତାଲ ନୃତ୍ୟ।

# ୩ସି ମାନ୍ୟତା ମିଳିଲେ ଜୟପୁରରୁ ଉଡ଼ିବ ବିମାନ

**ଜୟପୁର ୧୨।୨(ନି.ପ୍ର.):** ଚଳିତ ବର୍ଷ ଶେଷ ସୁଦ୍ଧା ଜୟପୁରରୁ ବ୍ୟବସାୟିକ ବିମାନ ଉଡ଼ିବା ନେଇ ପ୍ରିନ୍ସିପାଲ ସେକ୍ରେଟାରି ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି। ଜୟପୁର ଏୟାରଷ୍ଟ୍ରିପ୍‌ର ସମୀକ୍ଷାକରି ସେ ଏହା କହିଛନ୍ତି। ଜୟପୁରର ଏୟାରଷ୍ଟ୍ରିପ୍‌ର କାର୍ଯ୍ୟ ତଦାରଖ ଲାଗି ଶୁକ୍ରବାର ୩ଜଣିଆ ଟିମ୍ ଆସିଥିଲେ। ପ୍ରିନ୍ସିପାଲ ସେକ୍ରେଟାରି ପାଢ଼ୀଙ୍କ ନେତୃତ୍ୱରେ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ମନୋରଞ୍ଜନ ମିଶ୍ର,ଏୟାର ଟ୍ରାଫିକ ଏଜିଏମ୍ ସରୋଜ କୁମାର ସାହୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଜୟପୁର ଏୟାରଷ୍ଟ୍ରିପ୍‌ରେ ପହଞ୍ଚି ଉଡାନ ଯୋଜନାର ସମୀକ୍ଷା ଅବସରରେ ଚଳିତ ବର୍ଷ ଶେଷ ସୁଦ୍ଧା ଜୟପୁରରୁ ବ୍ୟବସାୟିକ ବିମାନ ଉଡ଼ିବ ବୋଲି କହିଥିଲେ। ଉଡାନ ଯୋଜନାରେ ଏୟାରଷ୍ଟ୍ରିପ୍‌ର ସମସ୍ତ ପ୍ରକାର ବିକାଶମୂଳକ କାର୍ଯ୍ୟ ଏହି ଟିମ୍ ତଦାରଖ କରିଥିଲେ। ମାର୍ଚ୍ଚ ୨୦୨୧ରେ ବିମାନ ଉଡ଼ାଣ ଲାଗି ଲାଇସେନ୍ସ ପାଇଁ ଆବେଦନ କରାଯିବ। ଏଠାରେ ବିମାନ ଉଡ଼ିବା ନେଇ ସମସ୍ତ ଭିତ୍ତିଭୂମି ରହିଛି। ଆଉ ଯାହା ଭିତ୍ତିଭୂମିର ଆବଶ୍ୟକ ରହିଛି ତାହା ଶୀଘ୍ର କରାଯିବ ବୋଲି ପାଢ଼ୀ କହିଥିଲେ। ଚଳିତବର୍ଷ ଶେଷ ସୁଦ୍ଧା ଏଠାରୁ ୧୯ ସିଟ୍ ବିଶିଷ୍ଟ ବିମାନ ଚଳାଚଳ ନେଇ ବ୍ୟବସ୍ଥା ହେବ ବୋଲି ସେ କହିଥିଲେ। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଜିଲାପାଳ ଅବଦୁଲ ଅକ୍ତାର ପ୍ରମୁଖ ଉପସ୍ଥିତ ଥିଲେ। ଉଚିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ ପାଇଁ ପ୍ରଶାସନ ଦୃଷ୍ଟି ଦେବ ବୋଲି ଜିଲାପାଳ କହିଛନ୍ତି। ବର୍ତ୍ତମାନ ଏଠାରେ ୨ସି ପାଇଁ ସମସ୍ତ ଭିତ୍ତିଭୂମି ରହିଛି। ୩ସି ପାଇଁ ଜମି ଆବଶ୍ୟକ। ଯଦି ଉତ୍ତର ପଟେ ଜମି ଅଧିଗ୍ରହଣ କରାଯିବ ତା'ହେଲେ ଆଦିବାସୀଙ୍କ ଜମି ରହିଛି। ଜମି ଅଧିଗ୍ରହଣ ବିଳମ୍ବ ହୋଇପାରେ। ଏ କ୍ଷେତ୍ରରେ ସରକାର ଯାହା ନିଷ୍ପତ୍ତି ନେବେ ବୋଲି ଟିମ୍ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୧୯କୁ ଘୁଞ୍ଚିଲା ...

ଥିବା ଅଞ୍ଚଳରେ ଆନ୍ଧ୍ର ସରକାର ଶନିବାର ପଞ୍ଚାୟତ ନିର୍ବାଚନ କରାଉଛନ୍ତି, ଯାହାକି ଅଦାଲତ ଅବମାନନା ବୋଲି ସେ ଯୁକ୍ତି ବାଢ଼ିଥିଲେ। ଅନ୍ୟପକ୍ଷେ ଆନ୍ଧ୍ରର ଓକିଲ ମହଫୁଜ୍ ଏ. ନାଜ୍‌କି ପିଟିଶନର ନକଲ ପାଇ ନ ଥିବା କହିଥିଲେ। ସମ୍ପୃକ୍ତ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ନିର୍ବାଚନ କରାଯାଉଥିବା ସେ ଅଦାଲତଙ୍କୁ ଅବଗତ କରାଇଥିଲେ। ଖଣ୍ଡପୀଠ କହିଥିଲେ, ବର୍ତ୍ତମାନ କୌଣସି ନିର୍ଦ୍ଦେଶ ଦିଆଯିବ ନାହିଁ। ଆନ୍ଧ୍ର ପକ୍ଷରୁ ମାମଲା ଲଢୁଥିବା ଓକିଲଙ୍କୁ ଓଡ଼ିଶା ପିଟିଶନର ଅଗ୍ରିମ କପି ଦିଆଯାଉ। ଆନ୍ଧ୍ରର ଜବାବ ଆସିବା ପରେ ଆସନ୍ତା ଶୁକ୍ରବାର ତାକୁ ଅନୁଧ୍ୟାନ କରି ଶୁଣାଣି କରାଯିବ। ଅନ୍ୟପକ୍ଷରେ କୋରାପୁଟ ଜିଲାପାଳ ଅବ୍‌ଦଲ ମହମ୍ମଦ ଅଖତାର ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲାପାଳ ଏମ୍ ହରି ଜବାହାରଲାଲଙ୍କୁ ପତ୍ର ଲେଖି କୋଟିଆ ନିର୍ବାଚନ ବେଆଇନ ବୋଲି ଉଲ୍ଲେଖ କରିଛନ୍ତି। ଏହି ମାମଲା ଏବେ ସୁପ୍ରିମ୍‌କୋର୍ଟରେ ଥିବାରୁ ନିର୍ବାଚନ ନ କରିବା ପାଇଁ ପରାମର୍ଶ ଦେଇଛନ୍ତି।

### ଆଜି ଫାଟୁସିନେରିରେ ...

ଜାନୁୟାରୀ ୩୧ରୁ ବିଜ୍ଞପ୍ତି ଜାରି କରିଥିଲେ। କୋରାପୁଟ ଜିଲା ପ୍ରଶାସନ ଏହା କିପରି ଜାଣିପାରିଲେ ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ କୋଟିଆ ପଞ୍ଚାୟତର ଏହି ତିନି ଗ୍ରାମ ମଧ୍ୟରୁ ତଳ ଗଞ୍ଜେଇପଦର ଏବଂ ଫଗୁଣସିନେରି ଦୁଇ ପଞ୍ଚାୟତରେ ସରପଞ୍ଚ ଓ ୱାର୍ଡସଭ୍ୟମାନେ ଅପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି। ବର୍ତ୍ତମାନ ଫାଟୁସିନେରି ଗ୍ରାମରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରୁଛନ୍ତି। ଶନିବାର ଏନେଇ ମତଦାନ ହେବ। ଦୁଇ ସରପଞ୍ଚ ପ୍ରାର୍ଥୀ ସେଦା ରାପୋକାମି ଓ କୋଣ୍ଡାପେଲି ପାଇଡି ତାଲିଆମାଁଙ୍କ ସହ ମୁକାବିଲା ହେବ। ସେହିପରି ୱାର୍ଡସଭ୍ୟ ପଦପାଇଁ କୋଣ୍ଡାପେଲି ଲଛମି, ଚୋଡପେଲି ଡିପାଇ, ତାଡିଙ୍ଗି ଜୁଲମେ, କୁନେଟି ଦେଉଡୁ ଆମ୍ମା, ତାଡିଙ୍ଗି ମୁକୁ, ହନ୍ତାଳ ମଇନା, ମେଲିକା ବିମା, ସେଦାରାପୋ ଏନଙ୍ଗାନା, ସୋଡାପେଲିସିଡ୍ରୋ, ସେଦାରାପୁସିମି, ସେଦାରାପୁ ମୋତାଇ, କୁନେଟି ଦାଶାଇ, ସେଦାରାପୁ ସାମି, ତାଡିଙ୍ଗି ସିଙ୍ଗାରି, ସେଦାରାପୁ ଟୁକା, କୁନେଟି କୋମାଟି ପ୍ରମୁଖଙ୍କ ମଧ୍ୟରେ ମୁକାବିଲା ହେବ। ତେବେ ଗ୍ରାମବାସୀଙ୍କୁ ଆକୃଷ୍ଟ କରିବା ଲାଗି ଓଡ଼ିଶା ସରକାରଙ୍କ କୋରାପୁଟ ଜିଲା ପ୍ରଶାସନ ଫାଟୁସିନେରି ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ କରି ସଚେତନ କରୁଛି। ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ୧୭୦ କୋଟି ଟଙ୍କା ପ୍ୟାକେଜ ଘୋଷଣାକରି ଅନୁଦାନ ଦେଇଥିଲେ। ଏବେ ଏହି ନିର୍ବାଚନକୁ ଦେଖିଲେ ସରକାରଙ୍କ ପ୍ୟାକେଜ୍‌ର କୌଣସି ପ୍ରଭାବ ଅଞ୍ଚଳବାସୀଙ୍କ ଉପରେ ପଡି ନ ଥିବା ମନେ ହେଉଛି।

### ବାଣ କାରଖାନାରେ...

ମୃତଦେହଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଥିବାରୁ ମୃତକମାନଙ୍କ ପରିଚୟ ସ୍ପଷ୍ଟ ହୋଇପାରି ନାହିଁ। ବିସ୍ଫୋରଣରେ ବାଣ କାରଖାନାର ୫ଟି କୋଠରି ସମ୍ପୂର୍ଣ୍ଣ ରୂପେ ଭସ୍ମୀଭୂତ ହୋଇଯାଇଛି। ବିସ୍ଫୋରଣର କାରଣ ସ୍ପଷ୍ଟ ହୋଇନାହିଁ। ତେବେ ବେଆଇନ ଭାବେ ଉକ୍ତ ବାଣ ଫ୍ୟାକ୍ଟ୍ରି ଚାଲୁଥିଲା ବୋଲି ଜଣାପଡ଼ିଛି। ବିରୁଧୁନଗର ଜିଲାପାଳ ଆର୍. କନ୍ନାନ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଏଲାୟିରାମ୍ପାନାଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଇତିମଧ୍ୟରେ ସଙ୍କଟାପନ୍ନ ଅବସ୍ଥାରେ ଥିବା ଶ୍ରମିକମାନଙ୍କୁ ମଦୁରାଇସ୍ଥିତ ସରକାରୀ ରାଜାଜୀ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଛି।

### ବାଇ-ଲ'କୁ ତୁରନ୍ତ ...

ଦଳ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଭାଜପା ଏମ୍‌ପିମାନେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲଙ୍କୁ ସାକ୍ଷାତ୍ କରିବା ପରେ ପୁରୀ ଶ୍ରୀମନ୍ଦିର ନିମନ୍ତେ ଟିଠା ବାଇ-ଲ'କୁ ଉଚ୍ଛେଦ କରାଯାଇଥିଲା। ସେହିପରି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୀତିନୀତି ସହ ଜଡ଼ିତ ଏକାମ୍ର କ୍ଷେତ୍ରର ଅନନ୍ତ ବାସୁଦେବ ଏବଂ ବ୍ରହ୍ମେଶ୍ୱର ମନ୍ଦିର ନିମନ୍ତେ ଜାରି ହୋଇଥିବା ଟିଠା ବାଇ-ଲ'କୁ ତୁରନ୍ତ ଉଚ୍ଛେଦ କରିବାକୁ ନବୀନ ଦାବି କରିଛନ୍ତି। ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ସମ୍ବେଦନଶୀଳ ଧାର୍ମିକ ପ୍ରସଙ୍ଗରେ କେନ୍ଦ୍ରୀୟ ସଂସ୍ଥା ରାଜ୍ୟକୁ ବିଶ୍ୱାସକୁ ନେବା ଦରକାର। ରାଜ୍ୟର ସମସ୍ତ ଏମ୍‌ପି ଏହି ଧାର୍ମିକ ପ୍ରସଙ୍ଗକୁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ ନିକଟରେ ଜୋରଦାର ଉଠାଇବାକୁ ନବୀନ ଆହ୍ୱାନ କରିଛନ୍ତି। ଏହା ଲକ୍ଷ ଲକ୍ଷ ଭକ୍ତଙ୍କ ଭାବାବେଗ ଏବଂ ସେବାୟତଙ୍କ ଜୀବନ ଜୀବିକାଙ୍କୁ ପ୍ରଭାବିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

# ବିଜେଡି ଜିତିଲା ଜିଲା ପରିଷଦ ଉପ ନିର୍ବାଚନ

**ବାରିପଦା ଅଫିସ/ ସାରସକଣା,୧୨।୨:** ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ୫୬ନଂ. ଜୋନ ଜିଲାପରିଷଦ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ତୁଷାରେନ୍ଦୁ ମହାନ୍ତ ବାଜିମାତ କରିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବଂଶୀଧର ବେରାଙ୍କଠାରୁ ୧୦ହଜାର ୪୨୮ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ତୁଷାରେନ୍ଦୁ ମୋଟ ୧୫୩୫୧ ଭୋଟ ପାଇଥିବା ବେଳେ ବଂଶୀଧରଙ୍କୁ ୪୯୨୩ ଖଣ୍ଡ ଭୋଟ ମିଳିଛି। ସେହିପରି ସ୍ୱାଧୀନ ପ୍ରାର୍ଥୀ ବିଶ୍ୱନାଥ ମହାନ୍ତ ୨୪୩୦, ଜେଏମ୍‌ଏମ୍‌ର ପ୍ରଦୀପ୍ତ କୁମାର ମହାନ୍ତ ୧୧୬୩, କଂଗ୍ରେସର ଚିତ୍ତ ବିକାଶ ମହାପାତ୍ର ୬୧୮ ଭୋଟ ପାଇଥିବା ବେଳେ ୯୨୯ ଟି ଭୋଟ ନାକଚ ହୋଇଥିବା ବ୍ଲକ ପ୍ରଶାସନ ସୂଚନା ଦେଇଛି। ପୂର୍ବାହ୍ନରେ ଭୋଟ ବାକ୍ସ ଗୁଡ଼ିକ ଷ୍ଟ୍ରଙ୍ଗ ରୁମରୁ ଅଣାଯାଇ କୋଭିଡ୍ ନିୟମ ଅନୁଯାୟୀ ଗଣତି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଇଭିଏମ୍ ପରିବର୍ତ୍ତେ ବାଲଟ ପେପରରେ ଭୋଟ ଗ୍ରହଣ ହୋଇଥିବାରୁ ଗଣତି ବିଳମ୍ବ ହୋଇଥିଲା। ଗଣତି ସରିବା ପରେ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକମାନେ ଆନନ୍ଦ ଉତ୍ସବ ମନାଇଥିବା ଦେଖିବାକୁ ମିଳିଥିଲା।

**ସାରସକଣା ବ୍ଲକ ୫୬ନଂ. ଜୋନ**

# ୫ ଜିଲା ପୌରାଞ୍ଚଳ କାର୍ଯ୍ୟ ସମୀକ୍ଷା

**ଭୁବନେଶ୍ୱର,୧୨।୨(ବ୍ୟୁରୋ)**

'ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା' ଗଠନ ଲାଗି ମିଶନ ମୋଡ୍‌ରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସହରାଞ୍ଚଳରେ ସ୍ୱଚ୍ଛତା ଲାଗି ଚଳିତ ବର୍ଷରୁ ମୁଖ୍ୟମନ୍ତ୍ରୀ ସ୍ୱଚ୍ଛ ସହର ପୁରସ୍କାର ଯୋଜନା କାର୍ଯ୍ୟକାରୀ ହେଉଛି। ସମସ୍ତ ପୌରସଂସ୍ଥା ଯେଭଳି ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ସହର ପୁରସ୍କାର ଯୋଜନା ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଯୋଗ୍ୟ ବିବେଚିତ ହୋଇପାରିବେ ସେହି ଅନୁଯାୟୀ କାର୍ଯ୍ୟ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି.ମାଥିଭାଥନନ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନର ନୂତନ ସମ୍ମିଳନୀ କକ୍ଷରେ ମାଥିଭାଥନନଙ୍କ ଅଧ୍ୟକ୍ଷତାରେ ୫ ଜିଲା ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର ଓ ବୌଦ୍ଧର ସମସ୍ତ ପୌରସଂସ୍ଥାର ସମୀକ୍ଷା କରାଯାଇଛି। ନିର୍ମାଣ ବର୍ଜ୍ୟ ପରିଚାଳନା, ମାଇକ୍ରୋ କମ୍ପୋଷ୍ଟିଂ କ୍ଷେତ୍ରକୁ କାର୍ଯ୍ୟକାରୀ କରାଯିବା, ସାମଗ୍ରୀ ଅସୁଲି ସୁବିଧା ଉପଲବ୍ଧ କରାଯିବା, ପାନୀୟ ଜଳ ଯୋଗାଣ, ସ୍ମାର୍ଟ ଷ୍ଟ୍ରିଟ୍ ଲାଇଟ୍ ଏବଂ ଜୀବିକା ମିଶନ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଛି। ବୈଠକରେ ଆର୍ଥିକ ପରିଚାଳନା ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ପୌର ପରିଷଦଗୁଡ଼ିକ ନିଜର ରାଜସ୍ୱ ବୃଦ୍ଧି ପାଇଁ ଉଦ୍ୟମ କରିବା ସାଙ୍ଗକୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଅର୍ଥର ଉପଯୁକ୍ତ ବିନିଯୋଗ ସହ ବିନିଯୋଗ ପ୍ରମାଣପତ୍ର (ୟୁସି) ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ, ଅତିରିକ୍ତ ସଚିବ କଲ୍ୟାଣ କୁମାର ରଥ, ଯୁଗ୍ମ ସଚିବ ପ୍ରଭାତ କୁମାର ମହାପାତ୍ର ଏବଂ ଉପଶାସନ ସଚିବ ତଥା ସୁଡାର ଅତିରିକ୍ତ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ପ୍ରମୁଖ ସହରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ସମ୍ପୃକ୍ତ ୫ ଜିଲାର ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ବିଏମ୍‌ସି କମିଶନର, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଜିଲା ପ୍ରଶାସନ ଓ ପୌର ପରିଷଦର ପଦାଧିକାରୀମାନେ ଯୋଗ ଦେଇଥିଲେ।

# ସ୍ଥାନ ଚିହ୍ନଟ ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୨।୨(ବ୍ୟୁରୋ)**

■ ଚଳିତ ବର୍ଷ ୪୦ ସ୍ଥାନରେ ନେଚର କ୍ୟାମ୍ପ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ

ରାଜ୍ୟରେ ପ୍ରକୃତିଭିତ୍ତିକ ପର୍ଯ୍ୟଟନ(ନେଚର ଟୁରିଜମ୍) ପ୍ରତି ପର୍ଯ୍ୟଟକମାନଙ୍କର ଆଗ୍ରହ ବଢୁଛି। ରାଜ୍ୟରେ ଅଧିକ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳ ଚିହ୍ନଟ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପର୍ଯ୍ୟଟନ, ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟକଙ୍କ ବର୍ଦ୍ଧିତ ଚାହିଦାକୁ ଦେଖି ବର୍ଷତମାମ ଇକୋ ରିଟ୍ରିଟ୍, ନେଚର କ୍ୟାମ୍ପ, ଡେ ଡେଷ୍ଟିନେଶନ, ରିଭର କ୍ରୁଜ, ବୋଟିଂ, ଜଙ୍ଗଲ ସଫାରି, ୱାଇଲ୍ଡ ଲାଇଫ ସାଇଟ୍ ସିଙ୍ଗ୍ ଟାୱାର ଇତ୍ୟାଦି ଚିହ୍ନଟ କରିବାକୁ ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରାକୃତିକ ପର୍ଯ୍ୟଟନ ବିଷୟରେ ସମୀକ୍ଷା କରାଯାଇଛି। ଏଥିସହିତ ୪୦ ସ୍ଥାନରେ ନେଚର କ୍ୟାମ୍ପ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ ଦେଇଛନ୍ତି। ଯେଉଁ ସ୍ଥାନ ଚିହ୍ନଟ ହୋଇଛି ସେଗୁଡିକୁ ଯାଞ୍ଚ କରି ବର୍ଷତମାମ ପର୍ଯ୍ୟଟନ ପାଇଁ ଉପଯୁକ୍ତ ହେବ କି ନାହିଁ ସେ ନେଇ ଯାଞ୍ଚ କରିବାକୁ ପର୍ଯ୍ୟଟନ ସଚିବ ବିଶାଳ ଦେବ ଏବଂ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


**BHUBANESWAR MUNICIPAL CORPORATION**
*Progress through Partnership for better Bhubaneswar*
**Notice No. 11009** **Date: 12.02.2021**
**Request for Proposal (RFP) for selection of an Agency for Providing Veterinary Doctors and Veterinary Health Workers for ABC Unit and Animal Help Line in Bhubaneswar**
No. C-459: Sealed proposals are invited for "Selection of an Agency for Providing Veterinary Doctors and Veterinary Health Workers for ABC Unit and Animal Help Line in Bhubaneswar" in conformity with the Terms & Conditions laiddown in the document. The RFP can be downloaded from BMC website i.e. **bmc.gov.in**. The last date of submission of proposals is 26.02.2021 till 3.00 P.M. Pre-bid meeting will be held on 18.02.2021 at 4.00 P.M.
**By Order**
**Sd./- Deputy Commissioner (ABC)**
**Bhubaneswar Municipal Corporation**
**OIPR-13002/11/0098/2021**

**OFFICE OF THE CDM & PHO-cum-DMD, CUTTACK**
Adv.No.2471 Date: 12.02.2021
**TENDER CALL NOTICE**
Sealed tenders are invited from registered printing agencies having adequate experience in taking up the works installation of hoarding. Details regarding the items as per need and terms & conditions may be downloaded from the website www.cuttack.nic.in. Pre-bid meeting on 17.02.2021. The tender should reach the office of the undersigned by 22.02.2021 (till 4.00 P.M.). The tender will be opened at 12.30 P.M. on 23.02.2021. The undersigned reserves the right to reject any or all the tenders without assigning any reason thereof.
**Sd./- CDM&PHO cum DMD, Cuttack**

**OFFICE OF THE CHEIF DISTRICT MEDICAL & PHO-cum-DMD, CUTTACK**
**Department of Health & Family Welfare**
**Government of Odisha**
Adv. No.2474 Date: 12.02.2021
**TENDER CALL NOTICE FOR SUPPLY OF OPEN GYM EQUIPMENT**
Sealed tenders are invited from Authorized Distributors/Manufacturer for supply of OPEN GYM EQUIPMENT under CDM&PHO, Cuttack. The details of terms and conditions of tender are available at the official website www.cuttack.nic.in. The bidders have to download the tender paper from website to participate in the tender. The undersigned reserves the right to reject any or all the tenders without assigning any reason. Availability of tender paper 12.02.2021 to 22.02.2021, Last date of submission of paper 22.02.2021, Time: 2.00 P.M., Opening of tender (Technical bid) 23.02.2021, 3.30 P.M. The tender paper should be submitted through Speed Post/ Registered Post/Courier only.
**Sd./- Chief District Medical & PHO cum DMD, Cuttack**

**ODISHA PUBLIC SERVICE COMMISSION**
**NOTICE**
**No. 1133/P.S.C.** **Dt.12.2.21**
**(1E-17-2020-21) (DR - II)**
**Website: http://www.opsc.gov.in**
No. D-169: In continuation to this office notice No. 588/PSC, Dt.22.01.2021, it is for information of all concerned that the written examination for recruitment to the Post of **Assistant Executive Engineer (Electrical)** under Department of Energy, pursuant to Advertisement No. 10 of 2019-20 will be held on **28.02.2021 (Sunday)** at 16 examination centres of 03 zones of the State, i.e. 10 exam. centres of Bhubaneswar, 04 exam. centres of Cuttack & 02 exam. centres of Sambalpur zone, as per the programme mentioned below.
**PROGRAMME OF EXAMINATION**

| Date | Session | Paper | Time |
|---|---|---|---|
| 28.02.2021 (Sunday) | 1st Session | Paper - I | 9.00 A.M. to 12.00 Noon (1.00 P.M. for PWD Candidates) |
| | 2nd Session | Paper - II | 2.00 P.M. to 5.00 P.M. (6.00 P.M. for PWD Candidates) |

2. The candidates are required to download the "Admission Certificate" & "Instruction to Candidates" from website of the Commission **(www.opsc.gov.in) from 18.02.2021 to 26.02.2021**.
The list of candidates admitted to the examination along with their Roll Numbers and centre allocation will be available in the website of the Commission **(www.opsc.gov.in)** from 18.02.2021.
**Sd./- Secretary**
**OIPR-12002/11/0075/2021**

**DISTRICT RURAL DEVELOPMENT AGENCY: SAMBALPUR**
**Expression of Interest for District Ombudsman under MGNREGS**
Applications are invited in the prescribed format from the intending persons for engagement as Ombudsman in Sambalpur District for redressal of grievance and disposal of complaints relating to implementation of the MGNREG Act for a tenure of 2 years extendable by one year based on performance appraisal or till attaining the age of 68 years whichever is earlier. On unsatisfactory performance the Ombudsman will be removed from the engagement. The Ombudsman will get compensation @ Rs.1000/- per sitting with maximum upper limit of Rs.20,000/-(Twenty Thousand) only per month. Sitting means per day functioning, irrespective of number of cases handled and its duration in terms of working hours. The advertisement along with the application form is available in the Sambalpur District website (www.sambalpur.nic.in).
**Eligibility Criteria :** **I.** Minimum 10 years of experience in academics (teaching) or civil service or civil society organization. **II.** Person with eminent standing and impeccable integrity. **III.** Not a member of recognized political party, currently banned organization & each person shall be required to file a declaration to this effect along with the application. **IV.** Physically active, capable of and willing to conduct field visits to remote rural areas in the District. **V.** Below 66 years of age at the time of appointment. **VI.** Those who have completed at least 1 year as MGNREGA Ombudsman will be given preference. **VII.** The Ombudsman will have a tenure of 02 (two) years extendable not more than twice by one year each based on a performance appraisal process or till the incumbent attains the age of 68 (Sixty eight) years, whichever is earlier. There will be no reappointment. **VIII.** Must be a resident of Sambalpur District or neighbouring District.
The last date of receipt of application is **dt.01.03.2021 by 5.00 PM** and the application fulfilling the eligibility criteria should be applied in the prescribed proforma along with the copy of the required documents to the **Collector-cum-DPC, MGNREGA, Sambalpur, O/o. Project Director, District Rural Development Agency, Sambalpur, At/PO. Sambalpur, Odisha, Pin-768001** by the date fixed through Registered Post/Speed Post/Courier Service. The application received after the due date shall not be considered.
The committee reserves the right to accept or reject any application for Expression of Interest without assigning any reason thereof.
By order of Collector
**Sd/- PD, DRDA-cum-Addl.DPC, MGNREGS, Sambalpur**

See Career Appointment on every Wednesday & Saturday

**BERHAMPUR UNIVERSITY**
**BHANJA BIHAR, BERHAMPUR - 760007 (ODISHA)**
**No. 1280/SEC(CA)** **Date: 12.02.2021**
**TENDER CALL NOTICE**
Sealed tenders are invited for deployment of Housekeeping Personnel inside Berhampur University Campus. Details along with Proforma for Technical and Financial bids are available in the University website **www.bamu.nic.in**.
Tenders marked as **"TENDER FOR THE SUPPLY OF HOUSEKEEPING PERSONNEL INSIDE BERHAMPUR UNIVERSITY CAMPUS"**, on top of the envelope should reach the **Registrar, Berhampur University, Berhampur** on or before **23.02.2021 by 1.00 P.M.**
**Sd./- Registrar**

**GOVERNMENT OF ODISHA**
**GOPABANDHU ACADEMY OF ADMINISTRATION**
**CHANDRASEKHARPUR, BHUBANESWAR - 751023**
**NOTICE INVITING TENDER**
**No. 407/GAA** **Dated: 10.02.2021**
No. T-93: e-Tenders are invited from intending service providers for providing Cleaning & Sanitation Services to Gopabandhu Academy of Administration, Bhubaneswar during the F.Y. 2021-22. For details please log on to the website **tenderodisha.gov.in**.
**By order of Director General, TC**
**Sd./- Addl. Commissioner**
**Date: 10.02.2021**
**OIPR-09004/11/0001/2021**

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**
**No. Exam. 233/2021, S.J.S.V., Puri** **Date: 9.2.21**
**NOTIFICATION**
ଏତଦ୍ୱାରା ଓଡ଼ିଶାର ସମସ୍ତ ସଂସ୍କୃତ ଅନୁଷ୍ଠାନର ଅଧ୍ୟକ୍ଷମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯେଉଁ ସଂସ୍କୃତ ଅନୁଷ୍ଠାନଗୁଡ଼ିକ ୨୦୨୦-୨୦୨୧ ଶିକ୍ଷାବର୍ଷରେ e-admission ମାଧ୍ୟମରେ ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ପ୍ରଥମ ବର୍ଷରେ ଛାତ୍ରଛାତ୍ରୀମାନଙ୍କ ନାମ ଲେଖାଇଛନ୍ତି, ସେମାନେ ଆବଶ୍ୟକ Registration fee @ Rs.40/- ଏବଂ Examination Infrastructure Development Fund ବାବଦକୁ @ Rs.100/- (per candidate) ହିସାବରେ ପୃଥକ୍ ପୃଥକ୍ ଭାବେ ବ୍ୟାଙ୍କ ଚାଲାଣ (SBI, SJSVV Branch, Shri Vihar, Puri) ସହିତ ଜିଲ୍ଲାୱାରୀ ଦାଖଲ ତାରିଖ ତଥା ତା୧୯।୦୨।୨୦୨୧ରିଖ ସୁଦ୍ଧା ପ୍ରସ୍ତୁତ କରି ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ତାରିଖରେ ଦାଖଲ କରିବେ। ଏହା ସହିତ SAMSର ନିର୍ଦ୍ଧାରିତ portal (ROM/ROI)ରେ ଆବଶ୍ୟକୀୟ ତଥ୍ୟ upload କରିବେ। ଉପଶାସ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ପାଇଁ Return of Matriculates (ROM)ର ଦୁଇଗୋଟି କପି ଓ ଶାସ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ପାଇଁ Return of Intermediates (ROI)ର ଦୁଇଗୋଟି କପି ସହିତ ବ୍ୟାଙ୍କ ଚାଲାଣ ଦାଖଲ କରିବା ଅନିବାର୍ଯ୍ୟ ଅଟେ। ଦାଖଲ କରିଥିବା Registration fees ଫେରିପାଇବା ପାଇଁ ଦାବି କରିପାରିବେ ନାହିଁ। ଏହା ଦାଖଲ ନ କଲେ ୨୦୨୨ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଉପଶାସ୍ତ୍ରୀ ପରୀକ୍ଷା/୨୦୨୧ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଶାସ୍ତ୍ରୀ ପ୍ରଥମ ବର୍ଷ ପରୀକ୍ଷାରେ ଛାତ୍ରଛାତ୍ରୀ ଉପସ୍ଥାପନ କରିପାରିବେ ନାହିଁ ଓ ଏଥି ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।
ଜିଲ୍ଲାୱାରୀ ROM/ROI ଦାଖଲ କରିବାର ନିର୍ଦ୍ଧାରିତ ତାରିଖ ଓ ଏହି ବିଷୟକ ସବିଶେଷ ବିବରଣୀ ବିଶ୍ୱବିଦ୍ୟାଳୟ website: **www.sjsv.nic.in**ରେ ଉପଲବ୍ଧ।
**ସ୍ୱା./- ପରୀକ୍ଷା ନିୟନ୍ତ୍ରକ**



ସାଉଥ ଷ୍ଟାର ପ୍ରଭାସଙ୍କ ଲାଗି ଭାଲେଣ୍ଟାଇନ ଡେ' ସ୍ପେଶାଲ ହେବାକୁ ଯାଉଛି । ତାଙ୍କର ବହୁ ପ୍ରତୀକ୍ଷିତ ବହୁଭାଷୀ ଫିଲ୍ମ 'ରାଧେଶ୍ୟାମ'ର ଟିଜର ଭାଲେଣ୍ଟାଇନ ଡେ'ରେ ରିଲିଜ ହେବ । ନିଜେ ପ୍ରଭାସ ସୋସିଆଲ ମିଡିଆରେ ଫିଲ୍ମର ପୋଷ୍ଟର ଶେୟାର କରି ଏହି ସୂଚନା ଦେଇଛନ୍ତି । ଏଥିରେ ସେ ଏକ ଲଭର ବୟ ଭୂମିକାରେ ନଜର ଆସିବେ ଓ ପୂଜା ହେଗ୍‌ଡେଙ୍କ ସହ ରୋମାନ୍ସ କରିବେ । ପ୍ରଭାସ ଲେଖିଛନ୍ତି, ରାଧେଶ୍ୟାମର ଝଲକ ସହ ଭାଲେଣ୍ଟାଇନ ଡେ'ରେ ଦେଖାହେବ । ରାଧେଶ୍ୟାମ ଫିଲ୍ମରେ ରାଧା କୃଷ୍ଣ କୁମାର ନିର୍ଦ୍ଦେଶନା ଦେଇଛନ୍ତି । ଫିଲ୍ମରେ ପ୍ରଭାସ ଓ ପୂଜା ହେଗଡେଙ୍କ ବ୍ୟତୀତ ସଚିନ ଖେଡକର, ପ୍ରିୟଦର୍ଶୀ ଭାଗ୍ୟଶ୍ରୀ, ମୁରଲି ଶର୍ମାଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ ।



# କଙ୍କିଠୁ ଉନ୍ନତ ବିମାନ ଉଡ଼ାଣ କୌଶଳ

**ପରିବେଶ ସନ୍ତୁଳନରେ କଙ୍କି ବା ଡ୍ରାଗନଫ୍ଲାଇସ୍‌ର ଭୂମିକାକୁ ଅଣଦେଖା କରାଯାଇ ନ ପାରେ। ଏହି କୀଟ ଉପରେ ଚାଲିଥିବା ଗବେଷଣାରୁ ବିମାନ ସୁରକ୍ଷା ଦିଗରେ ନୂଆ କୌଶଳ ମିଳିଛି। ଉଡୁଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇଲେ କଙ୍କି ସନ୍ତୁଳନ ବଜାୟ ରଖିପାରେ। ଏଥିଲାଗି ତା' ନିକଟରେ ରହିଛି ପ୍ରକୃତିଦତ୍ତ ଦକ୍ଷତା। ଏହି କୌଶଳ ଉପଯୋଗ କରି ଆକାଶମାର୍ଗରେ ଉଡୁଥିବାବେଳେ ବିମାନ ଦୁର୍ଘଟଣା ଘଟିଲେ ସୁରକ୍ଷା ଦିଆଯାଇପାରିବ ବୋଲି ଆଶା ସଞ୍ଚାର ହୋଇଛି।**



**ନୂଆଦିଲ୍ଲୀ:** ପ୍ରକୃତି ମଣିଷର ପ୍ରଥମ ଗୁରୁ। ପ୍ରକୃତି, ପରିବେଶ, ଜୀବଜନ୍ତୁଙ୍କଠାରୁ ମଣିଷ ଅନେକ ଉଦ୍ଭାବନ କରିଛି। ବିମାନ, ହେଲିକପ୍ଟର, ଡ୍ରୋନ୍ ଡିଜାଇନ ଲାଗି କୀଟପତଙ୍ଗ ଉଡ଼ିବା କୌଶଳ ଉପରେ ଆଜି ବି ଅଧ୍ୟୟନ କରାଯାଉଛି। ଏ କ୍ଷେତ୍ରରେ ଆଗରେ ରହିଛି କଙ୍କି। ଏହି କୀଟ ଶୂନ୍ୟରେ ସ୍ଥିତି ବଜାୟ ରଖିବା ଏବଂ ହଠାତ୍ ଦିଗ ପରିବର୍ତ୍ତନ କରିବାରେ ସବୁଠାରୁ ସକ୍ଷମ ପ୍ରାଣୀ।

'ପ୍ରୋସିଡିଂ ଅଫ୍ ଦି ରୟାଲ ସୋସାଇଟି ବି'ରେ ପ୍ରକାଶିତ ତଥ୍ୟରେ ଇମ୍ପେରିଆଲ କଲେଜ ଲଣ୍ଡନର ବିଶେଷଜ୍ଞ କହିଛନ୍ତି, ଅନେକ ଜୀବଜନ୍ତୁ, କୀଟପତଙ୍ଗ ଶୂନ୍ୟରେ ପଲଟି ମାରିପାରନ୍ତି। ପରବର୍ତ୍ତୀ ସମୟରେ ସେମାନେ ନିଜର ସନ୍ତୁଳନ ରକ୍ଷା କରି ପୂର୍ବାବସ୍ଥାକୁ ଫେରିପାରିଥାନ୍ତି। ଶୂନ୍ୟରେ ନିଜକୁ ନିଷ୍କ୍ରିୟ କରି ରଖିପାରନ୍ତି। ଏହି କୌଶଳ ବିମାନ ଉଡ଼ାଣରେ ସହାୟକ ହୋଇପାରିବ। କଙ୍କିର ଆକାର, ଶରୀର ସହିତ ଯୋଡ଼ି ହୋଇଥିବା ପର ଏହାକୁ ନିଷ୍କ୍ରିୟ ସ୍ଥାୟିତ୍ୱ ପ୍ରଦାନ କରିଥାଏ। ଏହାକୁ ଉପଯୋଗ କରି ଛୋଟ ଡ୍ରୋନ୍ ଡିଜାଇନ କରାଯାଇପାରିବ। ଡ୍ରୋନ୍ ସିଧା ରହିବା ଲାଗି ଫାଷ୍ଟ ଫିଡ୍‌ବ୍ୟାକ୍ ସିଷ୍ଟମ ଉପରେ ନିର୍ଭର କରିଥାଏ। ଗବେଷଣାର ପ୍ରମୁଖ ଲେଖକ ହୁଆଇ ତି ଲିନ୍ କହିଛନ୍ତି, କଙ୍କିଙ୍କ ଶାରୀରିକ ସଂରଚନାରୁ ଇଞ୍ଜିନିୟରଙ୍କୁ ଏରିଏଲ୍ ସିଷ୍ଟମକୁ ବିକଶିତ କରିବାରେ ପ୍ରେରଣା ମିଳିଛି। ଏହାକୁ ଜାଣିବା ଲାଗି ୨୦ଟି କଙ୍କିଙ୍କ ଉପରେ ପ୍ରୟୋଗ କରାଯାଇଥିଲା। ସେମାନଙ୍କ ଗତି, ଉଡ଼ିବା କୌଶଳ ଜାଣିବା ଲାଗି ଟ୍ରାକିଂ ଉପକରଣ ସହ ଥ୍ରୀଡି କ୍ୟାମେରା ଟେକ୍‌ନିକ ବ୍ୟବହାର କରାଯାଇଥିଲା। ଶୂନ୍ୟରେ ପଲଟି ଖାଇଥିବା କଙ୍କିଗୁଡ଼ିକ ପୁନର୍ବାର ସନ୍ତୁଳନ ରକ୍ଷା କରି ପୂର୍ବାବସ୍ଥାକୁ କ୍ଷଣିକ ଭିତରେ ଚାଲି ଆସିବାରେ ସକ୍ଷମ ହୋଇଥିଲେ।

ଏହି ଅଧ୍ୟୟନ ଟିମ୍‌ରେ ସାମିଲ ହୋଇଥିବା ଅନ୍ୟତମ ଲେଖକ ଡା. ସାମ୍ ଫେବିୟନ କୁହନ୍ତି, ବିମାନର ଡିଜାଇନ୍‌ଗୁଡ଼ିକ ଡ୍ରାଗନ୍‌ଫ୍ଲାଇର ଉଡ଼ିବା କୌଶଳ ଭଳି ହେବା ଜରୁରୀ। ଫଳରେ କୌଣସି ସମୟ ଇଞ୍ଜିନ ନିଷ୍କ୍ରିୟ ହେଲେ ବିମାନ ଘୂରିଘୂରି ପଲଟିଖାଇବା ବଦଳରେ ସାଧାରଣ ଭାବେ ଧୀରେ ଧୀରେ ତଳକୁ ଖସିବ। ଏହାଦ୍ୱାରା ଧନଜୀବନ ହାନିକୁ ଅନେକାଂଶରେ ରୋକାଯାଇପାରିବ।

# ଇ-ରିକ୍ସା ଚଲାଇଲେ ଜାହ୍ନବୀ କପୁର



**ମୁମ୍ବାଇ:** କ୍ୟୁଟନେସ୍ ପାଇଁ ସମସ୍ତଙ୍କ ଦିଲ୍ ଜିତିଥିବା ବଲିଉଡ ନାୟିକା ଜାହ୍ନବୀ କପୁର ଏବେ ପୁଣିଥରେ ଆସିଛନ୍ତି ଚର୍ଚ୍ଚାକୁ। ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ ଜାହ୍ନବି ଏବେ କିଛି ଭିଡିଓ ଓ ଫଟୋ ଶେୟାର କରି ସମସ୍ତଙ୍କ ମନ ଜିତିଛନ୍ତି । ଏବେ ନର୍ଥ ଇଣ୍ଡିଆରେ ସେ ଫିଲ୍ମ 'ଗୁଡ୍ ଲକ୍ ଜେରି'ର ଶୁଟିଂରେ ବ୍ୟସ୍ତ ଅଛନ୍ତି । ଆନନ୍ଦ ଏଲ୍ ରୟଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଶୁଟିଂ ସେଟ୍‌ରେ ମଜା କରୁଥିବା ବେଳେ ଏବେ ଜାହ୍ନବୀ ଯେଉଁ ଭିଡିଓ ଶେୟାର କରିଛନ୍ତି ସେଥିରେ ସେ ଇ-ରିକ୍ସା ଚଳାଉଥିବା ଦେଖାଯାଇଛି । ଏହି ରିକ୍ସାର ପଛ ସିଟ୍‌ରେ କେତେଜଣ ଟିମ୍ ମେମ୍ବର ବସିଛନ୍ତି । ଜାହ୍ନବୀ କହୁଛନ୍ତି ଆଗକୁ ଯିବାକୁ ପଡିବ ଆଉ ଅଟୋରେ ଥିବା ସମସ୍ତ ଲୋକ କହୁଛନ୍ତି ଆମକୁ ବଞ୍ଚାନ୍ତୁ । ଏହାକୁ ଶେୟାର କରି ଜାହ୍ନବୀ ଲେଖିଛନ୍ତି ଫିଲ୍ମ ଶୁଟିଂ କରି ମଜା ଲାଗୁଛି । ଜାହ୍ନବୀଙ୍କ ଏହି ମଜାଦାର ଭିଡିଓ ତାଙ୍କ ପ୍ରଶଂସକଙ୍କୁ ବେଶ ପସନ୍ଦ ଆସିଛି । କେହି କେହି ଏଥିରେ ତାଙ୍କ ରୂପର



ପ୍ରଶଂସା କରିଛନ୍ତି ତ ପୁଣି କିଏ ତାଙ୍କ ମଜାଳିଆ ଓ ପିଲାଳିଆମି ଅନ୍ଦାଜକୁ ପସନ୍ଦ କରିଛନ୍ତି ।

# କଙ୍କାଳରେ ତିଆରି ଗିଟାର



**ୱାଶିଂଟନ୍:** ଆମେରିକାର ସଙ୍ଗୀତକାର ପ୍ରିନ୍ସ ମିଡନାଇଟ୍‌ଙ୍କର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଲୋକେ ତାଙ୍କୁ ଏବଂ ତାଙ୍କ ଗିଟାରକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ପ୍ରିନ୍ସଙ୍କ ଗିଟାର ପଛର କାହାଣୀକୁ ଅନେକ ଲୋକ ବିଶ୍ୱାସ କରିପାରୁ ନାହାନ୍ତି। ତାଙ୍କର ଲୋକପ୍ରିୟତାର ଶ୍ରେୟ ତାଙ୍କ ମାମୁଙ୍କୁ ଦିଆଯାଉଛି। ମାମୁଙ୍କ ମୃତ୍ୟୁରେ ଭାଙ୍ଗିପଡ଼ିଥିବା ପ୍ରିନ୍ସ ତାଙ୍କୁ ଭିନ୍ନ ଶୈଳୀରେ ଶ୍ରଦ୍ଧାଞ୍ଜଳି ଦେବାକୁ ଚାହୁଁଥିଲେ। ତେଣୁ ପ୍ରିନ୍ସ ମାମୁଙ୍କ କଙ୍କାଳକୁ ଇଲେକ୍ଟ୍ରିକ ଗିଟାରରେ ପରିଣତ କଲେ। ଏଥିସହ ସେ ୟୁଟ୍ୟୁବ୍‌ରେ ଏକ ଭିଡିଓ ମଧ୍ୟ ଶେୟାର କରିଛନ୍ତି। ଏହି ଭିଡିଓରେ ପ୍ରିନ୍ସ ଉକ୍ତ ଗିଟାରକୁ ଅତି ସହଜରେ ବଜାଉଥିବାର ଦେଖିବାକୁ ମିଳୁଛି।

# କାର୍‌ରେ ଲଗାଇଲେ ୪୦ହଜାର ମୁଦ୍ରା



**ନୂଆଦିଲ୍ଲୀ:** ଦୀର୍ଘଦିନ ଧରି ପଡ଼ିରହିଥିବା ଏକ ପୁରୁଣା କାର୍‌କୁ ଦୁଇ ସାଙ୍ଗ ବିକ୍ରି କରିବାକୁ ଚାହୁଁଥିଲେ। ହେଲେ କେହି କିଣିବାକୁ ପସନ୍ଦ କରୁ ନ ଥିଲେ। ଏହାପରେ ଦୁହେଁ ଏକ ନିଆରା ଉପାୟ ଆପଣାଇଛନ୍ତି। ପୁରୁଣା କାର୍‌ଟିକୁ ନୂଆ ରୂପ ଦେଇ ତାହାର ମୂଲ୍ୟ ବଢ଼ାଇବାକୁ କାର୍‌ର ବଡି(ସମ୍ପୂର୍ଣ୍ଣ ବାହାର ଅଂଶ)ରେ ୪୦ହଜାର ମୁଦ୍ରା ଲଗାଇଛନ୍ତି। ମୁଦ୍ରାରେ ଖଚିତ କାର୍‌ର ସୁନ୍ଦରତା ଅଧିକ ବଢ଼ିଯାଇଥିବା ନଜର ଆସିଛି। ଏହାକୁ ଦେଖୁଥିବା ଲୋକେ ମଧ୍ୟ ଆଶ୍ଚର୍ଯ୍ୟ ହେଉଛନ୍ତି। ଅଷ୍ଟ୍ରେଲିଆର ଏହି ଭିଡିଓଟି ଏବେ ଭାଇରାଲ ହେବାରେ ଲାଗିଛି। କାର୍‌କୁ ଏକ ସୁନ୍ଦର ରୂପ ଦେବାପରେ ମାଇକେଲ ଏବଂ ମାର୍ଟି ବ୍ରିସ୍‌ବେନ୍ ରାସ୍ତାରେ କାର୍ ସହ ମଉଜ କରୁଥିବା ଭିଡିଓଟିରେ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ମୁଦ୍ରା ଖଚିତ ପୁରୁଣା କାର୍‌ଟିର ମୂଲ୍ୟ ୫ଶହ ଡଲାରରୁ ବଢ଼ି ଏବେ ୩ହଜାର ଡଲାର ହୋଇଥିବା ଜଣାପଡ଼ିଛି। ଦୁଇ ବ୍ୟକ୍ତିଙ୍କ ଏଭଳି ଉପାୟକୁ ଅନେକେ ପସନ୍ଦ କରିଛନ୍ତି। ଇତିମଧ୍ୟରେ ଭିଡିଓଟିକୁ ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଖିସାରିଛନ୍ତି।

# ଭିନ୍ନ ଏକ ପ୍ରେମ କାହାଣୀ



**ଲଣ୍ଡନ:** ୭୦ ବର୍ଷ ପର୍ଯ୍ୟନ୍ତ ସାଥୀ ହୋଇ ବାଟ ଚାଲିବା ପରେ ଏକାସାଥିରେ ପରପାରିକୁ ଚାଲିଗଲେ ବୃଦ୍ଧ ଦମ୍ପତି। ଏପରି ଏକ ନିରାଟ ସତ ଘଟଣା ଦେଖିବାକୁ ମିଳିଛି ବ୍ରିଟେନରେ। ପାର୍ଟିଗାନ୍‌ରେ ରହୁଥିବା ମାର୍ଗେଟ ଫର୍ଥ ଏବଂ ଡେରେକ କରୋନା ଯୋଗୁ ଡାକ୍ତରଖାନାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଏହି ଦମ୍ପତିଙ୍କ ବୟସ ୯୧ ବର୍ଷ। ଗତ ସପ୍ତାହରେ ଟ୍ରାଫୋର୍ଡ ଜେନେରାଲ ହସ୍ପିଟାଲରେ ସେମାନଙ୍କ ମୃତ୍ୟୁ ଘଟିଛି। ୧୪ ବର୍ଷ ବୟସରେ ଦୁହେଁ ପ୍ରେମରେ ପଡ଼ି ପରସ୍ପରକୁ ବିବାହ କରିଥିଲେ। ସେମାନଙ୍କ ସମ୍ପର୍କ ଦେଖି ହସ୍ପିଟାଲର କର୍ମଚାରୀମାନେ ଦମ୍ପତିଙ୍କୁ ଏକତ୍ର କରିଥିଲେ, ଯାହା ଦ୍ୱାରା ସେମାନେ ମୃତ୍ୟୁ ପୂର୍ବରୁ ଶେଷ ଥର ପାଇଁ ପରସ୍ପରକୁ ଦେଖିପାରିବେ। ସେମାନଙ୍କ ମଧ୍ୟରେ ଥିବା ଅପାର ପ୍ରେମ ଦେଖି ଲୋକମାନେ ସୋସିଆଲ ମିଡିଆ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ଡେରେକ ଏବଂ ମାର୍ଗେଟଙ୍କ ବଡ଼ ଝିଅ ବାରବରା ସ୍ମିଥ କହିଛନ୍ତି ଯେ, ପିତା ପ୍ରଥମେ ଅସୁସ୍ଥ ଥିଲେ, ପରେ ମା' ଅସୁସ୍ଥ ହୋଇପଡ଼ିଲେ। ପିତା ଶେଷ ନିଃଶ୍ୱାସ ନେବାର ୩ ଦିନ ପରେ ମା' ଚାଲିଗଲେ। ସେମାନଙ୍କର ପାଞ୍ଚଟି ସନ୍ତାନ, ୧୧ ନାତି ଏବଂ ୪ ନାତୁଣୀ ଅଛନ୍ତି। ଅନ୍ତିମ ସଂସ୍କାରର ତାରିଖ ପରିବାର ଏପର୍ଯ୍ୟନ୍ତ ସ୍ଥିର କରିନାହାନ୍ତି, କିନ୍ତୁ ଦୁଇଜଣଙ୍କୁ ଗୋଟିଏ ଜୁଇରେ ଦିଆଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି।

# ୫୦ ବର୍ଷରେ ପାଠପଢ଼ା



**ଥିରୁଭାନନ୍ତପୁରମ୍:** ପାଠ ପଢ଼ିବା ପାଇଁ କିଛି ଲୋକଙ୍କର ଜିଦ୍ ରହିଥାଏ। ସେଥିପାଇଁ ସେମାନେ ବୟସକୁ ବି ଖାତିର କରନ୍ତି ନାହିଁ। ବୟସର ଅପରାହ୍ନରେ ବି କିଛି ଲୋକ ଉଚ୍ଚ ଶିକ୍ଷା ହାସଲ କରି ନିଜ ଇଚ୍ଛା ପୂରଣ କରିଥାନ୍ତି। ଠିକ୍ ଏମିତି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ବି. ଜୟଶ୍ରୀ। କେରଳର କୋଚି ଅଞ୍ଚଳର ଏହି ମହିଳା ଜଣକ ଏବେ ୫୦ ବର୍ଷ ବୟସରେ ଓକିଲାତି ଶିକ୍ଷା ହାସଲ କରିଛନ୍ତି। ଜୟଶ୍ରୀ ଛୋଟବେଳରୁ ଓକିଲ ହେବା ପାଇଁ ସ୍ୱପ୍ନ ଦେଖିଥିଲେ। କିନ୍ତୁ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ଅଧିକ ପାଠ ପଢ଼ିବାର ସୁଯୋଗ ପାଇ ନ ଥିଲେ। ଏହାପରେ ବିବାହ କରି ସେ ଘର ସଂସାର ଚଳାଇବାରେ ବ୍ୟସ୍ତ ହୋଇପଡିଥିଲେ। ତେବେ ଜୟଶ୍ରୀଙ୍କ ସ୍ୱାମୀ ଚାହୁଁଥିଲେ କି ସେ ପାଠ ପଢ଼ନ୍ତୁ। କିନ୍ତୁ ଶାଶୁ ଘରେ ପରିବାରର ଦାୟିତ୍ୱ ଏବଂ ପିଲାମାନଙ୍କର କାମ ଭିତରେ ଜୟଶ୍ରୀ ପାଠ ପଢ଼ିବା ପାଇଁ ସୁଯୋଗ ପାଇ ନ ଥିଲେ। ଘର କାମ ପରେ ଜୟଶ୍ରୀ ଏକ କମ୍ପାନୀରେ କାମ ବି କରୁଥିଲେ। ତେଣୁ ଏଲଏଲବି କରିବାର ଇଚ୍ଛା ତାଙ୍କର ପୂରା ହୋଇପାରୁ ନ ଥିଲା। ତେବେ କିଛିବର୍ଷ ପରେ ଜୟଶ୍ରୀଙ୍କୁ ତାଙ୍କ ସ୍ୱାମୀ ଓ ପିଲାମାନଙ୍କ ସହଯୋଗ ମିଳିବା ଫଳରେ ସେ ଅଫିସ କାମ ସହିତ ପାଠପଢ଼ା ଆରମ୍ଭ କରିଥିଲେ। ଜୟଶ୍ରୀଙ୍କୁ ତାଙ୍କ ସ୍ୱାମୀ ପ୍ରତିଦିନ ପାଠ ପଢ଼ିବା ପାଇଁ କଲେଜ ନେଇ ଯାଉଥିଲେ। ଏପଟେ ଜୟଶ୍ରୀଙ୍କର ପାଠ ପଢ଼ିବା ପାଇଁ ପ୍ରବଳ ଆଗ୍ରହ ଯୋଗୁ ସେ ଖୁବ୍‌ଶୀଘ୍ର ସଫଳତା ବି ହାସଲ କରିବାକୁ ସକ୍ଷମ ହୋଇଥିଲେ। ଶେଷରେ ସେ ଅଫିସ କାମ ସହ କଲେଜ ଯିବା ଓ କ୍ଲାସରେ ଯୋଗଦେବା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରି ଏଲଏଲବି ଡିଗ୍ରୀ ପୂରା କରିପାରିଛନ୍ତି। କେରଳର ବିଶ୍ୱବିଦ୍ୟାଳୟରୁ ଏବେ ସେ ଏହି ପରୀକ୍ଷାରେ ତୃତୀୟ ର୍‍ୟାଙ୍କ ହାସଲ କରିପାରିଛନ୍ତି। ଖୁବ୍‌ଶୀଘ୍ର ସେ ଓକିଲ ହୋଇପାରିବେ ବୋଲି ଏବେ ତାଙ୍କର ବିଶ୍ୱାସ ଦୃଢ଼ ହୋଇପାରିଛି। ତେବେ ପରିବାରର ସହଯୋଗ ମିଳିଲେ ସବୁକିଛି ସମ୍ଭବ ବୋଲି ସେ କହିଛନ୍ତି।

## ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ବାଇଧର ସାହୁ
ଆବିର୍ଭାବ: ୨୨।୦୪।୧୯୩୬
ତିରୋଧାନ: ୧୩।୦୨।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୬୯୪୮୭

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ପ୍ରଶାନ୍ତ କୁମାର ଚୌଧୁରୀ
ଆବିର୍ଭାବ: ୧୫।୦୩।୧୯୩୭
ତିରୋଧାନ: ୦୩।୦୨।୨୦୨୧
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁଅ: ପ୍ରିୟଦର୍ଶୀ ଚୌଧୁରୀ, ବଧୂ: ଶର୍ମିମ୍, ଧର୍ମପତ୍ନୀ: ସାନ୍ତ୍ୱନା ଚୌଧୁରୀ, କନ୍ୟା: ସ୍ୱାଗତିକା, ମନିଷା ଓ ଜ୍ୱାଇଁ: ଦୀପକ ଏବଂ ଜ୍ୟୋତି ଏବଂ ନାତି ଓ ନାତୁଣୀମାନେ ।
ଧ-୧୯୯୩୪

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଇ. ସୁରେନ୍ଦ୍ରନାଥ ତ୍ରିପାଠୀ
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ, ଜଳସେଚନ ବିଭାଗ
ଘର ନଂ.-୧୬, ରତ୍ନାକରବାଗ-୧, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ଜନ୍ମସ୍ଥାନ- ବଡ଼ଲହଙ୍ଗା, ଜଗତସିଂହପୁର
ଆବିର୍ଭାବ: ୨୬।୧୧।୧୯୩୮
ତିରୋଧାନ: ୦୩।୦୨।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ: ବାସନ୍ତୀ, ପରିବାରବର୍ଗ ଏବଂ ବନ୍ଧୁବର୍ଗ ।
ଧ-୬୯୪୮୪

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସନ୍ତୋଷ ପ୍ରସାଦ ପାଣିଗ୍ରାହୀ
ଆବିର୍ଭାବ: ୦୯।୦୯।୧୯୮୩
ତିରୋଧାନ: ୦୧।୦୨।୨୦୧୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ ପରିବାରବର୍ଗ:
ପିତା, ମାତା ଓ ଭାଇମାନେ ।
ଧ-୧୯୯୨୮

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NATIONAL FINANCE
ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କ ଭରସାର ପ୍ରତୀକ
FINANCE LOAN
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା ଓ କର୍ମଚାରୀ ମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9473753634

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
96253-73491
79826-37439

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore , Karnataka-400021.
9485687401
8901064681

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Hindusthan Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 2 ଜଣଙ୍କୁ ଠିକା ଦିଅନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
75896-04782

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଦୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବନ୍ଦେ ମା' ସରସ୍ୱତୀ

ଡ. ଗଙ୍ଗୋତ୍ରୀ ଦେବୀ

"ମାଆ ହେଲେ ବାଗଦେବୀ। ବାଗ୍ ଅର୍ଥ ବାକ୍ୟ ବା ଶବ୍ଦ। ସେ ତ ଧ୍ୱନିର ଦେବୀ। ତାଙ୍କ ଚତୁର୍ଭୁଜରେ ବୀଣା, ପୁସ୍ତକ ଓ ମାଳ ଧାରଣ କରିଛନ୍ତି। ଜପ, ଧ୍ୟାନ ଓ ଶବ୍ଦ, ସାଧନା ମଧ୍ୟ ଦେଇ ମାଆଙ୍କୁ ଆରାଧନା କରାଯାଏ। ପୁସ୍ତକ ମସ୍ତିଷ୍କର ଜ୍ଞାନର ପରିପ୍ରକାଶ କରିଥାଏ ଓ ମାଳା ଏକାଗ୍ରତା ବଢ଼ାଇଥାଏ।"



ପିଲାଏ, ଆଉ ଦିନ କେଇଟା ପରେ ସରସ୍ୱତୀ ପୂଜା। ତୁମେମାନେ ମା'ଙ୍କୁ ପୂଜା କରି ତାଙ୍କର ଆଶିଷ ଭିକ୍ଷା କରିବ। ଦିନେ ସୋନୁର ଜେଜେ ବାରଣ୍ଡାରେ ବସି ପେପର ପଢୁଥାଆନ୍ତି। ସେତିକିବେଳକୁ ସୋନୁ ଆସି କହିଲା, ଜେଜେ, ତୁମେ ତ ପେପର ପଢୁଛ। ଅନେକ କଥା ଜାଣୁଛ। ମୋତେ ସରସ୍ୱତୀଙ୍କ ବିଷୟରେ ଟିକେ କୁହନ୍ତ ନାହିଁ ? ଜେଜେ କହିଲେ, ଆରେ, ମୁଁ କ'ଣ ମନା କରୁଛି ? ଆ, ଏଇଠି ମୋ ପାଖରେ ବସ। ମୁଁ ତୋତେ ସରସ୍ୱତୀଙ୍କ ବିଷୟରେ ବୁଝାଇ ଦେବି। ତା'ପରେ ଜେଜେ ଆରମ୍ଭ କଲେ- ଆମ୍ଭେମାନେ ସମସ୍ତେ ଜାଣୁ ଯେ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ବିଦ୍ୟାଦାତ୍ରୀ ବୀଣାପାଣି ମାଆ ସରସ୍ୱତୀଙ୍କର ପୂଜନୋତ୍ସବ ମହାସମାରୋହରେ କରାଯାଇଥାଏ। ବିଶେଷତଃ ପ୍ରତି ଶିକ୍ଷାୟତନ, କଳା ପ୍ରତିଷ୍ଠାନ ଏବଂ ବିଭିନ୍ନ ଅନୁଷ୍ଠାନ ମାଆ ବାଗ୍‌ଦେବୀଙ୍କ ପୂଜା ଉତ୍ସବ କରିଥାଆନ୍ତି। ମାତା ସରସ୍ୱତୀ ବୈଦିକ ଯୁଗରୁ ଆମ ଦେଶରେ ପୂଜିତା। ମାଆଙ୍କ ସରସ୍ୱତୀ ନାମର ଯଥାର୍ଥ ଅର୍ଥ ହେଉଛି 'ଗତି' ବା 'ପ୍ରଗତି'। ଅର୍ଥାତ୍, ଏହି ନାମ ହିଁ ଉନ୍ନତି ପ୍ରଗତିର ପରିଚାୟକ। ମାତାଙ୍କର ପୂଜନରେ ଜୀବନର ଗତିପଥ ସୁଗମ ହୋଇଥାଏ। ମାତାଙ୍କର ଆଉ ଏକ ନାମ ହେଉଛି 'ସାରଦା'। ସେ ଜ୍ଞାନଦାୟିନୀ। ସାର ଅର୍ଥାତ୍ ଜ୍ଞାନକୁ ସେ ଦାନ କରନ୍ତି। ସେହି ମାଆଙ୍କ ଚରଣରେ ଶତ ଶତ ପ୍ରଣାମ। ମାଆ ହେଲେ ବାଗ୍‌ଦେବୀ। ବାଗ୍ ଅର୍ଥ ବାକ୍ୟ ବା ଶବ୍ଦ। ସେ ତ ଧ୍ୱନିର ଦେବୀ। ତାଙ୍କ ଚତୁର୍ଭୁଜରେ ବୀଣା, ପୁସ୍ତକ ଓ ମାଳ ଧାରଣ କରିଛନ୍ତି। ଜପ, ଧ୍ୟାନ ଓ ଶବ୍ଦ ସାଧନା ମଧ୍ୟ ଦେଇ ମାଆଙ୍କୁ ଆରାଧନା କରାଯାଏ। ପୁସ୍ତକ ମସ୍ତିଷ୍କର ଜ୍ଞାନର ପରିପ୍ରକାଶ କରିଥାଏ ଓ ମାଳା ଏକାଗ୍ରତା ବଢ଼ାଇଥାଏ। ବୀଣା ବାଦନ ମନ ମଧ୍ୟରେ ଭକ୍ତି-କରୁଣା-ଦିବ୍ୟ ଭାବର ଉନ୍ମେଷ ବୃଦ୍ଧି କରାଇଥାଏ। ମାତା ସରସ୍ୱତୀ ଷଡ଼ ଐଶ୍ୱର୍ଯ୍ୟାଶାଳିନୀ। ସେ ଭଗବତୀ। ସାଧାରଣତଃ ହୃଦୟର ଭାବନା ସହିତ ମସ୍ତିଷ୍କର ବିଚାରଧାରା ମଧ୍ୟରେ ସମନ୍ୱୟ ସ୍ଥାପନ ହେଲେ ବିଦ୍ୟାରୂପକ ଜ୍ଞାନ ରତ୍ନ ଲାଭ ହୋଇଥାଏ। ଏଣୁ ମାତାଙ୍କର ହସ୍ତରେ ଥିବା ଆୟୁଧ ଆମ୍ଭମାନଙ୍କୁ ଏହା ହିଁ ସୂଚାଇଥାଏ। ଶୁକ୍ଳ ବସନ ପରିହିତା ମାତ। ଶୁକ୍ଳ ବର୍ଣ୍ଣ ଶୁଦ୍ଧତାର ପ୍ରତୀକ। ଶୁକ୍ଳ ଅର୍ଥାତ୍ ଶୁଦ୍ଧତା ହିଁ ହୃଦୟରେ ସ୍ନିଗ୍ଧତା ଭରିଦେଇଥାଏ। ମାଆଙ୍କର ବାହନ ହଂସ। ଯେପରି ଜଳରେ ପହଁରିଲେ ହଂସ ଓଦା ହୁଏ ଓ ସେହି ଜଳରୁ ନିଜର ଆହାର ସଂଗ୍ରହ କରିଥାଏ, ଠିକ୍ ସେହିଭଳି ଆମ୍ଭମାନଙ୍କର ମନରେ ଏହି ଭାବନା ରଖିବା। ସଂସାର ସାଗର ମଧ୍ୟରେ ଛନ୍ଦ, କପଟ, ଅସୂୟା ଆଦିର ସ୍ତର ମଧ୍ୟରେ ଜ୍ଞାନ ରୂପକ ଆହାରକୁ ଗ୍ରହଣ କରି ସାତ୍ତ୍ୱିକ ଦୃଷ୍ଟିରେ ନିଜ କର୍ମପଥରେ ଅଗ୍ରସର ହେବା। ଆମ୍ଭମାନଙ୍କର ପୂର୍ଣ୍ଣ ବିଶ୍ୱାସ ରହିଛି- ମାତା ବାଗ୍‌ଦେବୀଙ୍କର କରୁଣା ବଳରେ ମୂର୍ଖ ମଧ୍ୟ ମହାଜ୍ଞାନୀ, ମହାପଣ୍ଡିତ ହୋଇପାରିବ। ଉଦାହରଣସ୍ୱରୂପ ମହାକବି କାଳିଦାସ। ଭାରତୀୟ ସଂସ୍କୃତି ଓ ଲୋକଧର୍ମରେ ସରସ୍ୱତୀ ପୂଜା ଏକ ବିଶେଷ ସ୍ଥାନ ଅଧିକାର କରିଅଛି।

ମାଆ ସରସ୍ୱତୀଙ୍କୁ 'ଜଳ ପ୍ରତିମା' ବୋଲି କୁହାଯାଇଥାଏ। ଆମ୍ଭେମାନେ ବିଦ୍ୟାଳୟରେ, ଆମ ବୀଣା ଉପାସନା କ୍ଷେତ୍ରରେ ମାଆଙ୍କୁ ପୂଜା କରି ଭୋଗ ଅର୍ପଣ କରି ଶୁଦ୍ଧ ଚିତ୍ତରେ ଗାନ କରିବା-

"ସରସ୍ୱତୀ ମହାମାୟୀ ବିଦ୍ୟେ କମଳଲୋଚନେ
ବିଶ୍ୱରୂପେ ବିଶାଳାକ୍ଷୀ ବିଦ୍ୟାଂ ଦେବୀ ନମଃସ୍ତୁତେ।।"

*-ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ, ଭୁବନେଶ୍ୱର*

## ଆ ଇ ନା



ସିୟନ
୭ ବର୍ଷ

## କ ବି ତା

### ଆମେ ପାଠ ପଢ଼ିବା

କହିଲା କୁନା ଶୁଣଲୋ କୁନୀ
ସ୍କୁଲ ତ ଖୋଲିଗଲା,
କରୋନା ରୋଗ ହାର ମାନିଲା
ଟିକା ତିଆରି ହେଲା।
ମା' ସରସ୍ୱତୀ ଆଶିଷ ପାଇ
ପାଠ ପଢ଼ିବା ଆମେ,
ବିଦ୍ୟାଳୟରେ ଆବାହନ କରି
ପୂଜିବା ଖୁସି ମନେ।
ସରସ୍ୱତୀଙ୍କ ବନ୍ଦନା ଗାଇ
ଲଗାଇ ଧୂପ ଦୀପ,
ପ୍ରଣତି ଢାଳି ଚରଣେ ଦେବା
ଫୁଲ ଆଞ୍ଜୁଳି ଆଗ।
ଗୁରୁ ଗୁରୁମା' ଦେବତା ଆମ
କରନ୍ତି ଶିକ୍ଷାଦାନ,
ତାଙ୍କ ଆଶିଷ ପାଇଲେ ଆମେ
ଜୀବନ ହେବ ଧନ୍ୟ।
ଭାଇ ଭଉଣୀ ହାତ ମିଳାଇ
ସ୍ୱଚ୍ଛ ମନରେ କହିବା,
ପାଠ ପଢ଼ିଲେ ବଢ଼ିବ ଜ୍ଞାନ
ସବୁଠି ଆଗୁଆ ହୋଇବା।

*-କବିତା ମିଶ୍ର*
*ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ନୀଳାଦ୍ରି ବିହାର, ଭୁବନେଶ୍ୱର*



### ବୀଣାପାଣି

ବାଗ୍‌ଦେବୀ ବୀଣାପାଣି ବ୍ରହ୍ମାଙ୍କ ନନ୍ଦିନୀ,
ବିଷ୍ଣୁଙ୍କ ଘରଣୀ ମା'ଗୋ ମରାଳବାହିନୀ।
ମାଘ ମାସ ଶୁକ୍ଳ ପକ୍ଷ ଶ୍ରୀପଞ୍ଚମୀ ତିଥି,
ଧରାଧାମେ ବିଜେ ହୁଅ ମାତା ସରସ୍ୱତୀ।
ତୁମ୍ଭରି ପ୍ରସାଦେ ମୂର୍ଖ ହୁଅଇ ପଣ୍ଡିତ,
ମୂକ ବାଚାଳ ହେଲେ ହେଁ ଜିଣଇ ଜଗତ।
ତୁମ୍ଭରି କରୁଣା ଲଭି ମୂର୍ଖ କାଳିଦାସ,
ସର୍ବଜ୍ଞ ପଣ୍ଡିତ ହେଲେ ରହିଅଛି ଯଶ।
ସାରଦା ବରଦା ମା'ଗୋ ଝଙ୍କଡ଼ବାସିନୀ,
ସାରଳା ଦାସଙ୍କ କଣ୍ଠେ ବିଜେ ହେଲ ପୁଣି।
ଶ୍ରୀମହାଭାରତ ଲେଖି ଅରଜିଲେ ଯଶ,
ଆଦି କବି ବୋଲାଇଲେ ସେ ସାରଳା ଦାସ।
ଅଜ୍ଞକୁ ବିଜ୍ଞ କରାଅ ମାଗୋ ପଦ୍ମାସନୀ,
ତୁମ୍ଭ ଶ୍ରୀଚରଣେ ସର୍ବେ କରୁଛୁ ଦୟିନୀ।
ଆମ୍ଭେ ଶିଶୁଗଣ ତୁମ୍ଭ ଅଧମ ସନ୍ତାନ,
କୃପା କରି ଆମ୍ଭକୁ ମା' ଦିଅ ବିଦ୍ୟା ଦାନ।
ତୁମ୍ଭରି ଆଶିଷେ ଜଡ଼ ଲଭଇ ଚେତନା,
ଜ୍ଞାନର ଭଣ୍ଡାର ତୁମ୍ଭେ ଶ୍ୱେତ ପଦ୍ମାସନା।
ହର୍ଷ ଚିତ୍ତେ ଘେନା କର ସନ୍ତାନଙ୍କ ଅଳି,
ତବ ପଦେ ଅରପିଲୁ କୁସୁମ ଅଞ୍ଜଳି।

*-ମାଧବୀଲତା ଦେଈ*
*ପ୍ରଧାନ ଶିକ୍ଷୟିତ୍ରୀ, କନପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟ, ନିମାପଡ଼ା, ପୁରୀ*

### ମା' ସରସ୍ୱତୀ

ମା' ସରସ୍ୱତୀ ବିଜେ କର ଏବେ
ଉତ୍ସବ ଆରମ୍ଭ ହେଲାଣି
କରୋନାର ଭୟ ସଚେତନ ହେଲେ
ରୋଗଟା ପାଖକୁ ଆସେନି।
ମାଘ ଶୁକ୍ଳ ପକ୍ଷ ତିଥି ତୁମ ଅବସ୍ଥିତ
ଚୋରା ବସନ୍ତକୁ ନେଇ
ଶ୍ୱେତ ବସ୍ତ୍ରଧାରୀ ଆହେ ମାହେଶ୍ୱରୀ
ଆସ ଜ୍ଞାନ ଦେବା ପାଇଁ।
ଜଗତ ଜନନୀ କରୁଣା ଦାୟିନୀ
ଭିନ୍ନ ଭିନ୍ନ ନାମ ଧରି
ମର୍ତ୍ତ୍ୟ ମଣ୍ଡଳରେ ଲୀଳାଖେଳା କରି
ଢାଳି ଦିଅ ଜ୍ଞାନ ବାରି।
ଛାତ୍ରୀଛାତ୍ରମାନେ ବିକଳ ନୟନେ
ପୂଜା ଉପଚାର ନେଇ
ପଞ୍ଚମୀ ତିଥିରେ ନୂତନ ବସ୍ତ୍ରରେ
ଅପେକ୍ଷା ସ୍ୱାଗତ ପାଇଁ।
ଅଜ୍ଞାନ ରୂପକ ଅନ୍ଧାର ହଟାଇ
ଢାଳ ଶୁଭ୍ରାଲୋକ ଜ୍ଞାନ
ଶୁଭାଶିଷ ଦିଅ ମାଆ ସରସ୍ୱତୀ
ଶତ ପ୍ରଣିପାତ ଘେନ।

**-ସୁଧୀର କୁମାର ଦାସ,**
ଡରାବୋଇ, ଜଟଣୀ, ଖୋର୍ଦ୍ଧା

ଗିନିଜ୍ ୱାର୍ଲ୍ଡ ରେକର୍ଡ

## ବିଶାଳ କଖାରୁ



ପିଲାମାନେ ତୁମେ ତ କଖାରୁ ଦେଖିଥିବ। ସାଧାରଣତଃ କଖାରୁ ଆକାର ଗୋଲ, ପୁଣି କେତେକ କଖାରୁ ଦେଖିବାକୁ ଅଣ୍ଡାକାର ଆକୃତିର। କିନ୍ତୁ ଗୋଟିଏ କଖାରୁ ଆକାର କ'ଣ କାର୍ ପରି ହୋଇପାରେ ? ଏକଥା ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ହେଲେ ତାହା ପଛରେ ସତ୍ୟତା ରହିଛି। ଜର୍ମାନୀର ମେଥିୟାସ ବିଲେମିଜନ୍ସ ଏପରି ଏକ କଖାରୁ ପାଇଁ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ତାଙ୍କ କ୍ଷେତରୁ ଏପରି ଏକ କଖାରୁ ଦେଖିବାକୁ ମିଳିଥିଲା ଯାହାର ଆକାର କାର୍ ଭଳି। ଏପରି ବିଶାଳ କଖାରୁଟିକୁ 'ବୃହତ୍ କଖାରୁ' ଭାବରେ ଗ୍ରହଣ କରାଯିବା ସହ ତାକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ ଅନ୍ତର୍ଭୁକ୍ତ କରାଯାଇଛି। ଏହି କଖାରୁର ଓଜନ ହେଉଛି ୧,୧୯୦.୪୯ କିଲୋଗ୍ରାମ୍। ଏତେ ବଡ଼ କଖାରୁକୁ ଜର୍ମାନୀର କହ୍ନୁ କମନୱେଲ୍‌ଥ ଦ୍ୱାରା ପରୀକ୍ଷା କରାଯାଇ ଏହାକୁ ସବୁଠୁ ବୃହତ୍ତମ କଖାରୁର ମାନ୍ୟତା ଦିଆଯାଇଛି। କଖାରୁଟି ଅବିକଳ ଦେଖିବାକୁ କାର୍ ଭଳି, ଆଗପଟରୁ ଗୋଜିଆ ହୋଇ ପଛପଟକୁ ମୋଟା ହୋଇଛି। ଏହି କଖାରୁଟି ଗିନିଜ୍ ବୁକରେ ସ୍ଥାନ ପାଇବା ପୂର୍ବରୁ ସୁଇଜରଲାଣ୍ଡର ଜଣେ କୃଷକଙ୍କ ନାଁରେ ଏହି ରେକର୍ଡ ରହିଥିଲା। ତାଙ୍କର କଖାରୁଟି ୧,୦୫୪ କିଲୋଗ୍ରାମ୍ ଓଜନର ଥିଲା। ତେଣୁ ମେଥିୟାସ୍ ଏବେ ଏହି ରେକର୍ଡ ଭାଙ୍ଗି ଗିନିଜ୍ ବୁକରେ ସ୍ଥାନ ପାଇଛନ୍ତି।

## କହିଲ ଦେଖି

୧.ପୃଥିବୀର ସିଏ ନକଲି ଛବି
ତାକୁ ଦେଖୁଥାନ୍ତି ପାଠକ କବି
ପିଲା ଖୁସି ହୁଅନ୍ତି ତାହାକୁ ଦେଖି
ତାକୁ ଦେଖି ଜ୍ଞାନ ଯାଆନ୍ତି ଶିଖି
ସବୁ ଦେଶ ରାଜ୍ୟ ତା' ଦେହେ ଥାଏ
ତାକୁ ଦେଖି କୁନି ଭାତକୁ ଖାଏ
ବଣ ପରବତ କାନନ ନଈ
ଜଳ ସ୍ଥଳ ସିଏ ଦିଏ ବତାଇ
ରାଜ୍ୟ ରାଜପଥ କଥାକୁ କହେ
କିଏ କେଉଁଠାରୁ ସଂଲଗ୍ନ ହୁଏ
ସବୁ କଥା ସିଏ କହଇ ଭଲେ




କିଏ ବା ହୋଇବ ତାହାର ତୁଲେ
କାନ୍ଥରେ ରହିଛି ସେ ଝୁଲି ହୋଇ
କିଏ ସେ ପାରିବ ତା' ନାମ କହି।
**ଉତ୍ତର : ମାନଚିତ୍ର**

୨.ଶରୀରଟା ମୋର ଅଟଇ କଳା
ଅଶୁଭ ନୁହେଁ ମୁଁ ମୋ ମନ ଧଳା
ମୋ ଶରୀରେ କେତେ ହୁଅଇ ଲେଖା
ପିଲାଙ୍କ ହିତରେ ମୋ ଭାଗ୍ୟରେଖା
ନିଜ ଦେହ ମୁହିଁ ଅସନା କରେ
ପିଲାଙ୍କୁ ନିଇତି ଜ୍ଞାନ ବିତରେ
ସବୁରି ହିତରେ ଲାଗଇ ମୁହିଁ
ତେଣୁ ମନେ ମୋର ଦୁଃଖ ହିଁ ନାହିଁ
ଜଗତ ହିତରେ ସମୟ ଦେଇ
ଅସରନ୍ତି ସୁଖ ପାଉଛି ମୁହିଁ
କଳା ବୋଲି କେବେ କରେନି ଦୁଃଖ
ସେବା କରି ସଦା ପାଏ ମୁଁ ସୁଖ
କିଏ ସେ କହିବ ମୋହରି ନାମ



କହିଲେ କରିବି ତାହାରି କାମ।
**ଉତ୍ତର : କଳାପଟା**

୩.କାଠ ପ୍ଲାଷ୍ଟିକରେ ମୋ ଦେହ ଗଢା
ମୋ ମୁହଁରେ ଥାଏ ସାଦା କପଡ଼ା
କଳାପଟା ମୁହିଁ କରଇ ସଫା
ସଫା କରି କେବେ ହୁଏନି ଖପା
ଯେତେ ବଡ଼ ଦାଗ ଲିଭାଇ ଦିଏ
ସବୁ ମଇଳାକୁ ମୋ ପାଖେ ନିଏ
ମଇଳା ଝାଡ଼ିବା ମୋହର କାମ
କେ କହି ପାରିବ ମୋହରି ନାମ।
**ଉତ୍ତର : ଡଷ୍ଟର**



*-ଅଶୋକ କୁମାର ପ୍ରଧାନ*
*ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ରୋହିଗାଁ, ଗଞ୍ଜାମ*

## ତୁମ ତୂଳୀରୁ





ଅନନ୍ୟା ରୂପାଲି ତ୍ରିପାଠୀ, କ୍ଲାସ-୬, ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲୀ, ମାଲକାନଗିରି





**ସ୍ୱୟମ ଶୁଭଦର୍ଶନ,** କ୍ଲାସ-୭, ସେଣ୍ଟ ଜାଭିୟର୍ସ ହାଇ ସ୍କୁଲ, ସତ୍ୟନଗର, ଭୁବନେଶ୍ୱର





**ସୋନିସ୍ମିତା ମିଶ୍ର,** କ୍ଲାସ-୭, ଗୋପାଳଜୀଉ ୟୁପି ସ୍କୁଲ, ଆଲିସିଶାସନ, କେନ୍ଦ୍ରାପଡା

## ଖିଲିଖିଲି ହସ

**୧**

ଶକ୍ତି- ଶିକ୍ଷକ ଓ ଅମ୍ପାୟରଙ୍କ ଭିତରେ ସମାନତା କ'ଣ ଅଛି କହିଲୁ ?
ରାଜୁ- ମୁଁ ଜାଣିନି।
ଶକ୍ତି- ଆରେ ଏତିକି ଜାଣିନୁ, ଦୁହେଁ କିଛି କରନ୍ତି ନାହିଁ ଖାଲି ଠିଆ ହୋଇ ଅଙ୍ଗୁଳି ଦେଖାନ୍ତି।

**୨**

ଶିକ୍ଷକ- ରାଜୁ ତୁ ଆଜି କାହିଁକି ମୁଣ୍ଡ କୁଣ୍ଡାଇକି ଆସିନାହୁଁ।
ରାଜୁ- ସାର୍, ମୋ ପାନିଆଟା ହଜି ଯାଇଥିଲା।
ଶିକ୍ଷକ- ତା'ହେଲେ ତୋ ବାପାଙ୍କ ପାନିଆରେ ମୁଣ୍ଡ କୁଣ୍ଡେଇଲୁନି...
ରାଜୁ- ବାପାଙ୍କ ମୁଣ୍ଡରେ ତ ଆଦୌ ଚୁଟି ନାହିଁ, ଆଉ ତାଙ୍କର ପାନିଆ ଦରକାର ହୋଇ ନ ଥାଏ।

**୩**

ବାପା- ଆରେ ରାମୁ, ତୋର କାଲି ତୋର ଇତିହାସ ପରୀକ୍ଷା ଥିଲା। କେମିତି ହୋଇଛି ?
ରାମୁ- ବହୁତ ଖରାପ।
ବାପା- କାହିଁକି ?
ରାମୁ- ବଦ୍‌ମାସଗୁଡ଼ାକ ମୋ ଜନ୍ମର ବହୁ ପୂର୍ବରୁ ହୋଇଥିବା ଘଟଣା ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ। ମୁଁ କୋଉ ସେ ବିଷୟରେ ଜାଣିଛି ଯେ ସେ ସମ୍ପର୍କରେ ଲେଖିବି। ତେଣୁ ପରୀକ୍ଷା ହଲ୍‌ରେ କେବଳ ପ୍ରଶ୍ନ ପଢ଼ି ବସି ବସି ଆସିଲି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ଫେବୃୟାରୀ ୧୩/୨୦୨୧ Dhenkanal, Saturday, February 13/ 2021

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ

ଚେନ୍ନାଇ,୧୨ା୨(ପି.ଟି.)

ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଶନିବାରଠାରୁ ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟରେ ପରସ୍ପରକୁ ଭେଟିବେ। ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡଠାରୁ ୨୨୭ ରନରେ ପରାସ୍ତ ହେବା ପରେ ଭାରତର ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ହାସଲ କରିଥିବା ଐତିହାସିକ ବିଜୟର ଖୁସି ଶେଷ ହୋଇଥିଲା। ଫିଲ୍ଡିଂ, ବ୍ୟାଟିଂ ଓ ବୋଲିଂ ଦୁର୍ବଳତା ପଦାରେ ପଡିଥିଲା। ଏଥର କିନ୍ତୁ ତ୍ରୁଟି ସୁଧାରି ଭାରତ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ସ୍ଥାନ ହାସଲ କରିବାକୁ ହେଲେ ଉଭୟ ଭାରତ ଓ ଇଂଲଣ୍ଡ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱ ବହନ କରୁଛି। ପ୍ରଥମ ଟେଷ୍ଟରେ ବୃହତ୍ ବ୍ୟବଧାନରେ ବିଜୟୀ ହୋଇଥିବାରୁ ଇଂଲଣ୍ଡ ଆତ୍ମବିଶ୍ୱାସ

## ଆଜିଠାରୁ ଦ୍ୱିତୀୟ ଟେଷ୍ଟ

ଉଚ୍ଚରେ ରହିଛି। ଅନ୍ୟପଟେ ଭାରତ ନିଶ୍ଚିତ ଭାବେ ସାମାନ୍ୟ ଚାପରେ ରହିବ। ଅଧିନାୟକ କୋହଲି ଓ ତାଙ୍କ ଦଳ ଏଥର ଶ୍ରେଷ୍ଠ ଖେଳି ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛନ୍ତି। ସିରିଜରେ ଆଉ ୩ଟି ମ୍ୟାଚ୍ ବାକି ରହିଛି। ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଏହି ୩ଟି ମ୍ୟାଚ୍‌ରେ ଅତିକମ୍‌ରେ ୨ଟି ଜିତିବାକୁ ହେବ ଓ କୌଣସି ମ୍ୟାଚ୍ ପରାଜୟ ବରଣ ନ କରିବା ଅପରିହାର୍ଯ୍ୟ ହୋଇପଡିଛି।

ଇଂଲଣ୍ଡ ଦଳରେ ଏକାଧିକ ପରିବର୍ତ୍ତନ ହେବ। ଦଳରେ ନୂଆ ଉଇକେଟକିପର ବେନ୍ ଫୋକ୍ସ ସାମିଲ ହୋଇଛନ୍ତି। ପୁଣି ଅଭିଜ୍ଞ ଜେମ୍ସ ଆଣ୍ଡରସନଙ୍କ ବଦଳରେ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ୍‌ଙ୍କୁ ଦଳରେ



ଶୁକ୍ରବାର ନେଟ୍ସରେ ବିରାଟ କୋହଲିଙ୍କ କ୍ୟାଚ୍ ପ୍ରାକ୍ଟିସ୍।

ନିଆଯାଇଛି। ଗତ ମ୍ୟାଚ୍‌ର ସଫଳତମ ବୋଲର ଡୋମ ବେସଙ୍କ ସ୍ଥାନରେ ମୋଇନ ଅଲିଙ୍କୁ ସାମିଲ କରାଯାଇଛି। ତାରକା ଦ୍ରୁତ ବୋଲର ଜୋଫ୍ରା ଆର୍ଚର କହୁଣୀରେ ଆଘାତ ପାଇଛନ୍ତି। ତେଣୁ ତାଙ୍କ ସ୍ଥାନରେ ବୋଲିଂ ଅଲରାଉଣ୍ଡର କ୍ରିସ୍ ୱୋକ୍ସଙ୍କୁ ସୁଯୋଗ ମିଳିବା ନିଶ୍ଚିତ ହୋଇଛି। ୱୋକ୍ସ ଉଚ୍ଚକୋଟୀର ପେସ୍ ବୋଲିଂ କରିବା ସହ ଭଲ ବ୍ୟାଟିଂ କରିବାର କ୍ଷମତା ରଖିଛନ୍ତି। ଆର୍ଚର ତୃତୀୟ ଟେଷ୍ଟ ବେଳକୁ ଫିଟ୍ ହୋଇଯାଇଥିବେ ବୋଲି ଅଧିନାୟକ ଜୋ ରୁଟ୍ କହିଛନ୍ତି।

ପ୍ରଥମ ଟେଷ୍ଟ ତୁଳନାରେ ଦ୍ୱିତୀୟ ମ୍ୟାଚ୍ ପାଇଁ ପ୍ରସ୍ତୁତ ହୋଇଥିବା ପିଚ୍ ସମ୍ପୂର୍ଣ୍ଣ ଭାବେ ଭିନ୍ନ ବୋଲି ଚର୍ଚ୍ଚା ହେଉଛି। ଆଶାଠାରୁ ଆହୁରି ଶୀଘ୍ର ବଲ୍ ଟର୍ନ କରିବ। ପ୍ରଥମ ଦିବସରୁ ହିଁ ବଲ୍ ଟର୍ନ କରିବ ବୋଲି ଆଶା କରାଯାଉଛି। ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅନ୍ୟ ବୋଲରଙ୍କଠାରୁ ସମର୍ଥନ ପାଇବେ ବୋଲି ଆଶା କରାଯାଉଛି। ଆହତ ରବୀନ୍ଦ୍ର ଜାଡେଜାଙ୍କ ବଦଳରେ ଫିଟ୍ ହୋଇଥିବା ଅକ୍ଷର ପଟେଲଙ୍କୁ ସୁଯୋଗ ଦିଆଯିବ ଓ ସେ ଟେଷ୍ଟରେ ପଦାର୍ପଣ କରିବେ। ରିଷ୍ଟ ସ୍ପିନର କୁଳଦୀପ ଯାଦବଙ୍କ ପାଇଁ ମଧ୍ୟ ସମ୍ଭାବନା ରହିଛି। ୱାଶିଂଟନ ସୁନ୍ଦରଙ୍କଠାରୁ ସେ ଅଧିକ ଆକ୍ରମଣାତ୍ମକ ବୋଲିଂ କରିଥାନ୍ତି। ତେବେ ଏହି ଟର୍ନ ପିଚ୍‌ରେ ବ୍ୟାଟିଂର ଗୁରୁତ୍ୱକୁ ଉପଲବ୍ଧି କରି ତାରକା ଅଲରାଉଣ୍ଡ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଖେଳା ଯିବାର ସମ୍ଭାବନା ସୃଷ୍ଟି ହୋଇଛି। ପ୍ରଥମ ମ୍ୟାଚ୍‌ରେ ଭାରତୀୟ ବୋଲରମାନେ ପ୍ରଥମ ଦୁଇଦିନରେ ବେଶ୍ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବଲ ତୃତୀୟ ଦିନରେ ଟର୍ନ କରିବା ଆରମ୍ଭ କରିଥିଲା। ପିଚ୍‌ରେ ମଧ୍ୟ ସେତେଟା ଘାସ ନ ଥିଲା। ତେଣୁ ଦ୍ୱିତୀୟ ଟେଷ୍ଟ ପାଇଁ ଭାରତ ପାଖରେ ଦୁଇଟି ବିକଳ୍ପ ରହିଛି।

ପ୍ରଥମ ବିକଳ୍ପ ହେଲା ପିଚ୍‌ରେ ବହୁ ପରିମାଣରେ ଘାସ ରଖିବା। ଏହା ହେଲେ ବ୍ରଡ୍ ବେଶ୍ ଘାତକ ସାବ୍ୟସ୍ତ ହେବେ। ଅନ୍ୟଟି ହେଲା ଘାସ କାଟିବା ସହିତ ପିଚ୍‌ରେ କିଛି ପାଣି ଦେବା ସହ ଖରା ପାଇଁ ଖୋଲା ରଖିବା। ଏହାହେଲେ ବଲ୍ ବାଉନ୍ସ ହେବା ସହ ଟର୍ନ ହେବ। ପୁଣି ଆଗୁଆ ପିଚ୍‌ରେ ଥିବା ଫାଟ ଭଙ୍ଗୁର ହେବ। ଏହା ହେଲେ ଭାରତ ପାଇଁ ବୁମେରାଂ ସାବ୍ୟସ୍ତ ହେବ। ଅର୍ଥାତ ପୂର୍ବରୁ ଏଭଳି ପିଚ୍ ଭାରତ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିଥିବାର ଉଦାହରଣ ରହିଛି। ୨୦୧୭ରେ ପୁଣେ ଟେଷ୍ଟରେ ଭାରତ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଷ୍ଟିଭ ସ୍ମିଥ୍ ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ ଓ ଘରୋଇ ବୋଲରଙ୍କ ପାଖରେ ଏହାର କୌଣସି ଉପଚାର ନ ଥିଲା। ସେହିପରି ୨୦୧୨ରେ ମୁମ୍ବାଇ ଟେଷ୍ଟରେ କେଭିନ ପିଟରସନ ୧୮୬ ରନର ପାଳି ଖେଳି ଭାରତକୁ ସମସ୍ୟାରେ ପକାଇଥିଲେ। ଜଣେ ପେସର ଜାହିର ଖାନ ଖେଳିଥିଲେ। ଦୁଇ ସ୍ପିନର ଅଶ୍ୱିନ ଓ ପ୍ରଜ୍ଞାନ ବୋଲିଂ ଓପନ କରିଥିଲେ। ଏହି ଦୁଇଟି ଟେଷ୍ଟରେ ଭ୍ରମଣକାରୀ ଦଳର ସ୍ପିନରମାନେ ଫାଇଦା ଉଠାଇଥିଲେ ଓ ଭାରତ ନିଜ ଜାଲରେ ଫସିଥିଲା।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଅଜିଙ୍କ୍ୟ ରାହାନେ (ଉପଅଧିନାୟକ), ରୋହିତ ଶର୍ମା, ଶୁବମନ ଗିଲ, ଚେତେଶ୍ୱର ପୂଜାରା, ରିଷଭ ପନ୍ତ (ଉଇକେଟକିପର), ରବିଚନ୍ଦ୍ରନ ଅଶ୍ୱିନ, ଯଶପ୍ରୀତ ବୁମରା, ଈଶାନ୍ତ ଶର୍ମା, ମହମ୍ମଦ ସିରାଜ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅକ୍ଷର ପଟେଲ, ହାର୍ଦ୍ଦିକ ପାଣ୍ଡ୍ୟା, ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ, ରିଦ୍ଧିମାନ ଶାହା ଓ ଶାର୍ଦ୍ଦୁଳ ଠାକୁର।
**ଇଂଲଣ୍ଡ ଦଳ:** ଜୋ ରୁଟ (ଅଧିନାୟକ), ଡୋମିନିକ ସିବ୍‌ଲି, ରୋରି ବର୍ନ୍ସ, ଓଲି ପୋପ୍, ଡାନ ଲରେନ୍ସ, ବେନ୍ ଷ୍ଟୋକ୍ସ, ବେନ୍ ଫୋକ୍ସ (ଉଇକେଟକିପର), ମୋଇନ ଅଲି, କ୍ରିସ୍ ୱୋକ୍ସ, ଷ୍ଟୁଆର୍ଟ ବ୍ରଡ୍, ଜ୍ୟାକ ଲିଚ୍ ଓ ଓଲି ଷ୍ଟୋନ୍।
**ଟସ୍: ସକାଳ ୯.୦୦**
**ମ୍ୟାଚ୍ ଆରମ୍ଭ: ୯.୩୦**
**ଭେନ୍ୟୁ: ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ, ଚେନ୍ନାଇ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

# ଫାଇନାଲରେ ସୁନ୍ଦରଗଡ଼, କଟକ

## ସାହାଣୀ କପ୍ ଫୁଟ୍‌ବଲ

**ସୁନ୍ଦରଗଡ଼, ୧୨ା୨ (ଡି.ଏନ୍.ଏ.):** ସୁନ୍ଦରଗଡ଼ଠାରେ ଚାଲିଥିବା ସାହାଣୀ କପ୍ ଫୁଟବଲ୍‌ର ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ବିଜୟୀ ହୋଇ ସୁନ୍ଦରଗଡ଼ ଓ କଟକ ଦଳ ଫାଇନାଲରେ ପ୍ରବେଶ କରିଛନ୍ତି। ତସଲାଡିହି ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାୟକ, ଆର୍‌ଏସ୍‌ଏସ୍ ପଦାଧିକାରୀ ରଞ୍ଜନ ପଟେଲ, ଜିଲା କ୍ରୀଡା ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ଆନନ୍ଦ ଚନ୍ଦ୍ର ନାଏକ, ସୁନ୍ଦରଗଡ଼ ବରିଷ୍ଠ ନାଗରିକ ସଂଘର ସଭାପତି ଡା. ହିମାଂଶୁ ଶେଖର ଗୁରୁ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ତଳସରା ବିଧାୟକ ଭବାନୀ ଭୋଇ, ଉପାଧ୍ୟାୟ ପାଣିଗ୍ରାହୀ, ଜିଲା କ୍ରୀଡା ସଂସଦର ସମ୍ପାଦକ ପ୍ରଭାତ ଭୋଳ, ଫାଓ ରେଫରି ମୁଖ୍ୟ ଦୁର୍ଗାମାଧବ ନାଏକ, ଜିଲା ଫୁଟବଲ ସମ୍ପାଦକ ନିତ୍ୟାନନ୍ଦ ବଳ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସୁନ୍ଦରଗଡ଼ ଦଳ ସମ୍ବଲପୁରକୁ ୨–୦ ଗୋଲରେ ପରାସ୍ତ କରିଛି। ଏହି ମ୍ୟାଚରେ ସମ୍ବଲପୁରର ମହେଶ ପ୍ରଧାନ ମ୍ୟାନ ଅଫ୍ ଦି ମ୍ୟାଚ ଓ ଅମିତ କୁମାର ତନ୍ତୀ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଛନ୍ତି। ସେହିପରି କିଞ୍ଜିର୍ମା ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ, ଉପେନ୍ଦ୍ର ଭୋଇ ଓ ବୀରେନ୍ଦ୍ର ପଟେଲ ଅତିଥିଭାବେ ଯୋଗ ଦେଇଥିଲେ। ଏଠାରେ ଅନୁଷ୍ଠିତ ମ୍ୟାଚରେ କଟକ ଦଳ ବଲାଙ୍ଗୀରକୁ ୬–୦ ଗୋଲରେ ହରାଇ ଦେଇଛି। କଟକର ବିକାଶ କୁମାର ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଛନ୍ତି। ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହେବ।



ବିଧାୟିକା କୁସୁମ ଟେଟେ ସମ୍ବଲପୁର ଦଳର ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।




# ଚତୁର୍ଥ ରାଉଣ୍ଡରେ ଜୋକୋଭିଚ୍, ଥିମ୍

## ଅଷ୍ଟ୍ରେଲିଆନ ଓପନ୍

ମେଲବୋର୍ନ,୧୨ା୨

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ ଶୁକ୍ରବାର ପଞ୍ଚମ ଦିବସରେ ପ୍ରବେଶ କରିଛି। ଉଭୟ ପୁରୁଷ ଓ ସିଙ୍ଗଲ୍ସ ଇଭେଣ୍ଟରେ ସିଡେଡ ଖେଳାଳିମାନେ ଅଗ୍ରଗତି କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଟପ୍ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍, ୧୪ତମ ସିଡ୍ କାନାଡ଼ାର ମିଲୋସ ରାଓନିକ, ଷଷ୍ଠ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜେଭେରେଭ, ତୃତୀୟ ସିଡ୍ ଅଷ୍ଟ୍ରିଆର ଡୋମିନିକ ଥିମ୍, ୧୮ତମ ସିଡ୍ ବୁଲଗେରିଆର ଗ୍ରିଗର ଡିମିଟ୍ରୋଭ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଶୁକ୍ରବାର ଅନୁଷ୍ଠିତ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଜୋକୋଭିଚ୍ ୭–୬, ୬–୪, ୩–୬, ୪–୬, ୬–୨ ସେଟ୍‌ରେ ୨୭ତମ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ହରାଇ ପ୍ରି– କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ ସେଟ୍‌ରେ ସାମାନ୍ୟ ଆହତ ହୋଇଥିଲେ ମଧ୍ୟ ଜୋକୋଭିଚ୍‌ବିଜୟୀ ହୋଇଥିଲେ। ସେ ଏବେ ପରବର୍ତ୍ତୀ ରାଉଣ୍ଡରେ ରାଓନିକ୍‌ଙ୍କୁ ଭେଟିବେ। ରାଓନିକ ୭–୬, ୫–୭, ୬–୨, ୬–୨ ସେଟ୍‌ରେ ହଙ୍ଗେରୀର ମାର୍ଟନ ଫୁକ୍‌ସୋଭିକ୍ସଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଜେଭେରେଭ ୬–୩, ୬–୩, ୬–୨ ସେଟ୍‌ରେ ୩୨ତମ ସିଡ୍ ଫ୍ରାନ୍ସର ଆଡ୍ରିଆନା ମାନ୍ନାରିନୋଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ଏବେ ୨୩ତମ ସିଡ୍ ସର୍ବିଆର ଡୁସାନ ଲାଜୋଭିକଙ୍କୁ ଭେଟିବେ। ଲାଜୋଭିକ୍ ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସ୍ପେନ୍‌ର ପେଡ୍ରୋ ମାର୍ଟିନେଜଙ୍କୁ ୬–୭, ୭–୫, ୬–୧, ୬–୪ ସେଟ୍‌ରେ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଥିମ୍ ୪–୬, ୪–୬, ୬–୩, ୬–୪, ୬–୪ ସେଟ୍‌ରେ ଅଷ୍ଟ୍ରେଲିଆର ନିକ୍ କିର୍ଗିୟସଙ୍କୁ ହରାଇ ଅଗ୍ରଗତି କରିଛନ୍ତି।



ନାଓମି ଓସାକା



ଗାବ୍ରିଏଲ୍ ମୁଗୁରୁଜା

### ପ୍ରି-କ୍ୱାର୍ଟରରେ ହାଲେପ, ସେରେନା, ଓସାକା

ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ଅର୍ଥାତ ପ୍ରି– କ୍ୱାର୍ଟର ଫାଇନାଲରେ ସିଡେଡ୍ ଖେଳାଳିମାନେ ପ୍ରବେଶ କରିଛନ୍ତି। ତୃତୀୟ ସିଡ୍ ଜାପାନର ନାଓମି ଓସାକା, ୧୦ମ ସିଡ୍ ଆମେରିକାର ସେରେନା ୱିଲିୟମ୍ସ, ଦ୍ୱିତୀୟ ସିଡ୍ ରୋମାନିଆର ସିମୋନା ହାଲେପ ଅଗ୍ରଗତି କରିଛନ୍ତି। ତୃତୀୟ ରାଉଣ୍ଡରେ ହାଲେପ ୬–୧, ୬–୩ ସେଟ୍‌ରେ ୩୨ତମ ସିଡ୍ ରୁଷିଆର ଭେରୋନିକା କୁଡେରମେଟୋଭାଙ୍କୁ ହରାଇଛନ୍ତି। ସେ ଏବେ ୧୫ତମ ସିଡ୍ ପୋଲାଣ୍ଡର ଆଇଗା ସ୍ୱିଟେକଙ୍କୁ ଭେଟିବେ। ସ୍ୱିଟେକ ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬–୪, ୬–୩ ସେଟ୍‌ରେ ଫ୍ରାନ୍ସର ଫିଏନ ଫେରୋଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ସେରେନା ୭–୬, ୬–୨ ସେଟ୍‌ରେ ରୁଷିଆର ଆନାଷ୍ଟାସିଆ ପୋଟାପୋଭାଙ୍କୁ ହରାଇଛନ୍ତି। ସେ ଚତୁର୍ଥ ରାଉଣ୍ଡରେ ସପ୍ତମ ସିଡ୍ ବେଲାରୁଷର ଅରିନା ସାବାଲେଙ୍କାଙ୍କୁ ଭେଟିବେ। ସାବାଲେଙ୍କା ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬–୩, ୬–୧ ସେଟ୍‌ରେ ଆମେରିକାର ଅନ ଲିଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଓସାକା ୬–୩, ୬–୨ ସେଟ୍‌ରେ ୨୭ତମ ସିଡ୍ ଟ୍ୟୁନିସିଆର ଓନ୍ସ ଜାବେଉରଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେ ଏବେ ୧୪ତମ ସିଡ୍ ସ୍ପେନର ଗର୍ବାଇନ ମୁଗୁରୁଜାଙ୍କୁ ଭେଟିବେ। ମୁଗୁରୁଜା ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬–୧, ୬–୧ ସେଟ୍‌ରେ କାଜାଖସ୍ତାନର ଜରିନା ଡିଆସଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ୧୯ତମ ସିଡ୍ ଚେକ୍ ଗଣରାଜ୍ୟର ମାର୍କେଟା ଭୋଣ୍ଡରୌଶୋଭା ଓ ଚାଇନିଜ ତାଇପେଇର ସୁ– ୱେଇ ସିଏ ମୁହାଁମୁହିଁ ହେବା ସ୍ପଷ୍ଟ ହୋଇଛି।

# ହରିୟାଣାକୁ ହରାଇଲା ଓଡ଼ିଶା

## ଜାତୀୟ ଦୃଷ୍ଟିହୀନ କ୍ରିକେଟ

ଭୁବନେଶ୍ୱର, ୧୨ା୨(କ୍ରୀଡ଼ା ପ୍ରତିନିଧି)

ବେଙ୍ଗାଲୁରୁରେ ଚାଲିଥିବା ନାଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଅନ୍ତିମ ଲିଗ୍ ମ୍ୟାଚରେ ବିଜୟୀ ହେବା ସହ ଓଡ଼ିଶା ପୁଲ୍ 'ଏ'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୪୭ ରନରେ ହରିୟାଣାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ସୁଖରାମ ମାଝିଙ୍କ ୬୮, ଲାଲ ପ୍ରସାଦ ସୋରେନଙ୍କ ୫୧ ଓ ଅଧିନାୟକ ଜାଫର ଇକବାଲଙ୍କ ୨୬ ରନ ସହାୟତାରେ ୨୦ ଓଭରରେ ୧୯୨ ରନକରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ହରିୟାଣା ୨୦ ଓଭରରେ ୯ ଉଇକେଟ ହରାଇ ୧୪୫ ରନ କରି ପାରିଥିଲା। ଓଡ଼ିଶା ବୋଲରଙ୍କ ମଧ୍ୟରେ ନକୁଳ ସାହୁ ୪ଟି, ସୁଖରାମ ୩ଟି ଓ ଜାଫର ଗୋଟିଏ ଉଇକେଟ ନେଇଥିଲେ। ସୁଖରାମ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚଳିତ ଟୁର୍ନାମେଣ୍ଟରେ ତୃତୀୟଥର ପାଇଁ ସୁଖରାମ ଏହି ପୁରସ୍କାର ପାଇଥିଲେ। ଆଗାମୀ ୧୪ ତାରିଖରେ ଦଳ ତୃତୀୟ କ୍ୱାର୍ଟର ଫାଇନାଲରେ ଝାଡ଼ଖଣ୍ଡକୁ ଭେଟିବ।



ହରିୟାଣାକୁ ହରାଇବା ପରେ ଉଲ୍ଲସିତ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ଦଳର ଖେଳାଳିମାନେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ